# ଏମ୍. ଏ.

# ଓଡ଼ିଆ ପାଠ୍ୟକ୍ରମ

## ସପ୍ତମ ପତ୍ର

ୟୁନିଟ୍ -୧, ୨, ୩

ପ୍ରଫେସର ସଂଘମିତ୍ରା ମିଶ୍ର

ଡ. ଦେବାଶିଷ ପାତ୍ର

D D C E
Education for All

ଦୂର-ନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟ

ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

ଭୁବନେଶ୍ୱର

**ଏମ୍.ଏ. ଓଡ଼ିଆ ପାଠ୍ୟକ୍ରମ**

ସପ୍ତମ ପତ୍ର

***Published by :***
**Directorate of Distance & Continuing Education**
**Utkal University, Vani Vihar, Bhubaneswar**

**First Edition : 2014**

© Directorate, DDCE, Utkal University

***No. of Copies*** : 300 Copies

View expressed are those of the authors and DDCE takes no responsibility for the same.

***Printed at :***
*inte*CAD
442, Saheed Nagar, Bhubaneswar-751007
Ph. : 0674-2544631, Mob.- 9437044631

This SIM has been prepared exclusively by Directorate of Distance & Continuing Education (DDCE), Utkal University, It conforms to the syllabi and contents as approved by the Utkal University.

# ପାଠ୍ୟସୂଚୀ

ୟୁନିଟ୍ –୧

ସୌନ୍ଦର୍ଯ୍ୟ ଓ ପ୍ରେମ – ଶଶୀଭୂଷଣ ରାୟ ୪

କଳା ଓ ଧଳା – ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ

ଅନୁତାପ – ରତ୍ନାକର ପତି

ଶୁଶ୍ରୁଷା – ଚନ୍ଦ୍ରଶେଖର ରଥ

ୟୁନିଟ୍–୨

ହେ ସାଥି ! ହେ ସାରଥି ! ୨୭

ୟୁନିଟ୍–୩

ଗାନ୍ଧି ମଣିଷ ୪୦

# ଏମ୍.ଏ. ଓଡ଼ିଆ ପାଠ୍ୟକ୍ରମ

## ସପ୍ତମ ପତ୍ର

## ପ୍ରଥମ ୟୁନିଟ୍

## ପ୍ରବନ୍ଧ

**ଡା. ଦେବାଶୀସ ପାତ୍ର**

ପ୍ରବନ୍ଧ ହେଉଛି ଆତ୍ମଚେନା ଅଭିବ୍ୟକ୍ତିର ସର୍ବଶ୍ରେଷ୍ଠ କଳାତ୍ମକ ମାଧ୍ୟମ । ଅନୁଭବର ନୂତନ ଭୂମିକୁ ଆବିଷ୍କାର କରିବା ଯାହାର ଲକ୍ଷ୍ୟ ଏବଂ ପ୍ରଜ୍ଞାର ବ୍ୟାପ୍ତିକୁ ରୂପାୟିତ କରିବା ଯାହାର ଉଦ୍ଦେଶ୍ୟ । କୁହାଯାଇପାରେ ପ୍ରବନ୍ଧ ହେଉଛି ଗଦ୍ୟ କଳାର ଉଚ୍ଚାଙ୍ଗ ଫସଲ । ଯେଉଁଥିରେ ଥାଏ ସତ୍ୟର ଆଲୋକ ଶିବର ସାଧନା ଓ ସୁନ୍ଦରର ମନୋହାରିଣ । ପାଶ୍ଚାତ୍ୟ ସାହିତ୍ୟ ପାଇଁ 'ପ୍ରବନ୍ଧ' ଗଦ୍ୟ ସାହିତ୍ୟର ନବୀନ ଆଗନ୍ତୁକ ହୋଇଥିଲାବେଳେ ଭାରତୀୟ ସାହିତ୍ୟପାଇଁ ଏହା ପୁରାତନ । ଏପରିକି ଆମ ଓଡ଼ିଆ ସାହିତ୍ୟରେ ଭାଗବତକାରା ଜଗନ୍ନାଥ ଦାସ ଅଭିମନ୍ୟୁ ସାମନ୍ତ ସିଂହାର, ଉପେନ୍ଦ୍ରଭଂଜ ଏବଂ କବି ଯଦୁମଣି ପ୍ରଭୃତି କବିଗଣ କାବ୍ୟ କ୍ଷେତ୍ରରେ 'ପ୍ରବନ୍ଧ' ଶବ୍ଦର ବ୍ୟବହାର କରି ତାହାର ବ୍ୟାପକତାକୁ ସିଦ୍ଧ କରିଛନ୍ତି । ଯାହାର ଉଦ୍ଦେଶ୍ୟ ସୌନ୍ଦର୍ଯ୍ୟସୃଷ୍ଟି ଓ ଆନନ୍ଦଦାନ । ତେବେ ପରବର୍ତ୍ତୀ ସମୟରେ ଗଦ୍ୟ ସାହିତ୍ୟର ସଫଳତମ ଅଙ୍ଗ ଭାବରେ ବିବେଚିତ ହୋଇଛି ପ୍ରବନ୍ଧ, ଯାହା ତନ୍ମୟ ଓ ମନ୍ମୟ ଦ୍ୱିଧା ବିଭକ୍ତ ହୋଇ ପ୍ରବନ୍ଧର ସନ୍ନିବିଷ୍ଟଭାବ-ନିଗୟକୁ ପ୍ରତିଷ୍ଠା ଦେଇପାରିଛି । ପାଠ୍ୟକ୍ରମରେ ପ୍ରବନ୍ଧ ସାହିତ୍ୟ ସନ୍ନିବିଷ୍ଟ ହେବାର ଉଦ୍ଦେଶ୍ୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୁଚିନ୍ତିତ ଓ ସୁସଂହତ ଭାବ ସୃଷ୍ଟିକରିବ ।

**୧.୦. ପ୍ରବନ୍ଧ : ସୌନ୍ଦର୍ଯ୍ୟ ଓ ପ୍ରେମ**

**ପ୍ରାବନ୍ଧକ : ଶଶିଭୂଷଣ ରାୟ**

**୧.୧ ପ୍ରାବନ୍ଧିକ ଶଶିଭୂଷଣ ରାୟ ସାରସ୍ୱତ ପରିଚିତି**

ପ୍ରାବନ୍ଧିକ ଶଶିଭୂଷଣ ରାୟ ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ମଧ୍ୟ ପର୍ବର ଏକ ବିଶିଷ୍ଟ ପ୍ରତିଭା । ପ୍ରବନ୍ଧକୁ କାବ୍ୟ ଧର୍ମୀ ଭାଷାରେ ବର୍ଣ୍ଣନା କରି ପ୍ରବନ୍ଧ ସାହିତ୍ୟକୁ ମଞ୍ଜୁଳ କରିବା ସହିତ ନୂତନ ସ୍ଥାପତ୍ୟ ପ୍ରଦାନ କରିବାରେ ତାଙ୍କ ଭୂମିକା ଅନନ୍ୟ । ଭାବୁକତା ଓ ରସବୋଧ ପ୍ରଜ୍ଞା ଓ ବହୁଶାସ୍ତ୍ର ଦର୍ଶିତା ତାଙ୍କ ପ୍ରବନ୍ଧର ମାର୍ମିକ ଆବେଦନ । ପ୍ରକୃତିକୁ ଅତି ନିକଟରୁ ଦେଖିବାର ଅନୁଭୂତି ଶ୍ରୀଯୁକ୍ତ ରାୟଙ୍କୁ ଭାବୁକ କରି ଗଢ଼ି ତୋଳିଛି । ଯାହା ଫଳରେ ବହୁମୁଖୀ ଚିନ୍ତାଧାରାର ପ୍ରବନ୍ଧ ସୃଷ୍ଟି ହେବା ସହିତ ଓଡ଼ିଆ ପ୍ରବନ୍ଧ ସାହିତ୍ୟ ବହୁବିଧ ପ୍ରବନ୍ଧରେ ଅଳଙ୍କୃତ ହୋଇ ପାରିଛି । ଭାଷାର ଗୁରୁତା, ଗାମ୍ଭୀର୍ଯ୍ୟ ଓ କାବ୍ୟିକ ଆବେଗ ପାଇଁ ଶଶିଭୂଷଣଙ୍କ ପ୍ରବନ୍ଧ ଅତ୍ୟନ୍ତ ପ୍ରଭାବଶାଳୀ ।

**ସମୟ** : ଆବିର୍ଭାବ – ୧୮୭୬

ତିରୋଭାବ – ୧୯୫୩

ସାଧନାକାଳ – ୧୮୯୬–୧୯୪୭

**ସାରସ୍ୱତ ସମ୍ଭାର** : ଦାକ୍ଷିଣାତ୍ୟ ଭ୍ରମଣ, ଉତ୍କଳର ଋତୁଚିତ୍ର, ଉତ୍କଳ ପ୍ରକୃତି, ପ୍ରବନ୍ଧ ସଂଗ୍ରହ, ଚେତନଚିନ୍ତା, ପିତୃସ୍ମୃତି, ପ୍ରବନ୍ଧ ପ୍ରବାହ ଇତ୍ୟାଦି 'ପଲ୍ଲୀ', 'ଶିକ୍ଷା' ଓ 'ସମାଜବ୍ୟଥା' ଶୀର୍ଷକ ପ୍ରବନ୍ଧ ଗୁଡିକ ଧାରାବାହିକ ଭାବରେ ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶିତ ।

**ସମକାଳୀନ ପ୍ରାବନ୍ଧିକ** – ମୋହିନୀ ମୋହନ ସେନାପତି, ଗୋପାଳଚନ୍ଦ୍ର ପ୍ରହରାଜ, ଜଗବନ୍ଧୁ ସିଂହ, ପଣ୍ଡିତ ନୀଳକଣ୍ଠ ଦାସ, କୃଷ୍ଣ ପ୍ରସାଦ ଚୌଧୁରୀ ।

## ୧.୨ ସୌନ୍ଦର୍ଯ୍ୟ ଓ ପ୍ରେମ'ର ଭାବାଦର୍ଶ

'ସୌନ୍ଦର୍ଯ୍ୟ ଓ ପ୍ରେମ' ମାନବୀୟ ବୃତ୍ତିର ଅପୂର୍ବ ଅନୁଭବ । ବିଶ୍ୱ ବ୍ରହ୍ମାଣ୍ଡର ସାର୍ବଭୌମିକ ଧର୍ମ ଏହି ସୌନ୍ଦର୍ଯ୍ୟ ଓ ପ୍ରେମ ଉପରେ ଆସ୍ଥା ସ୍ଥାପନ କରି ଛିଡା ହୋଇଛି । ଅନ୍ତର୍ଦୃଷ୍ଟି ହିଁ ସୌନ୍ଦର୍ଯ୍ୟର ପ୍ରକୃତ ଅନୁଭବ ଦେଉଥିଲାବେଳେ ହୃଦୟର ପୁଲକ ଭିତରୁ ଶୁଭିଯାଏ ଛଳନାହୀନ ପ୍ରେମର ସଂଗୀତ । ଯାହାର ପରିଣତିରେ ଅଦୃଶ୍ୟ ସତ୍ତା ସବୁ ଦୃଶ୍ୟମାନ ହୁଏ । ପୁଣି ଯେଉଁଠି ସୌନ୍ଦର୍ଯ୍ୟ ଓ ପ୍ରେମର ମହାମିଳନ ଘଟେ ସେଇଠି ମାନବୀୟ ଚିତ୍ତବୃତ୍ତି ଅପୂର୍ବ ଆଲୋକରେ ଉଦ୍‌ଭାସିତ ହେବା ସହିତ ମାନବିକ ମହତ୍ତ୍ୱସବୁ ବାହୁ ପ୍ରସାରିତ କରେ । ଅନୁଭବ ହୁଏ ଜୀବନରେ ସୌନ୍ଦର୍ଯ୍ୟ ଓ ପ୍ରେମର ଅନ୍ତଦା ହିଁ – ତାହା ଅନନ୍ତ ଓ ଅକ୍ଷୟ ।

## ୧.୩. 'ସୌନ୍ଦର୍ଯ୍ୟ ଓ ପ୍ରେମ'ର ସାରାଂଶ

ସୁନ୍ଦର ବସ୍ତୁଟି ସମସ୍ତଙ୍କ ଆଖିକୁ ସୁନ୍ଦର ଦେଖାଯାଏ । ମାତ୍ର ଆଖିକୁ ଭଲ ଦେଖା ଯାଉଥିବା ସୌନ୍ଦର୍ଯ୍ୟ ଅତି ସଂକୀର୍ଣ୍ଣ ଓ କ୍ଷଣସ୍ଥାୟୀ । ଲେଖକଙ୍କ ଭକ୍ତିରେ ତାହା 'ରୂପଜ ମୋହ' । ନାରୀ – ପୁରୁଷ କ୍ଷେତ୍ରରେ ରୂପ ଓ ଆକର୍ଷଣର ଗୁରୁତ୍ୱ ଅଧିକ, ମାତ୍ର  ସେହି ଆକର୍ଷଣର ମୂଳ ବିନ୍ଦୁ ସୌନ୍ଦର୍ଯ୍ୟର ସାର୍ବ ଭୌମିକତା କିଛି ନାହିଁ । କାରଣ ଜଣଙ୍କ ଆଖିରେ ଅନ୍ୟ ଜଣଙ୍କର ଯେଉଁ ସୌନ୍ଦର୍ଯ୍ୟ ଦୃଷ୍ଟି ହୁଏ ତା' ମୂଳରେ ଥାଏ ସ୍ୱାର୍ଥର ଛାୟା । ସମୟକ୍ରମେ ଅନ୍ତରାୟ ଆସିଲେ ସେହି ସୌନ୍ଦର୍ଯ୍ୟରୁ ମୋହଭଙ୍ଗ ହୋଇଥାଏ । ଯେଉଁ ସୌନ୍ଦର୍ଯ୍ୟର ଲକ୍ଷ୍ୟ ଅନନ୍ତ ତାହାର ସ୍ଥାୟିତ୍ୱ ମଧ୍ୟ ଚିର । ତାହା ଆଦର୍ଶ ସ୍ଥାନୀୟ, ଭାବମୂଳକ ଓ ଅନିର୍ବଚନୀୟ ବୋଧହୁଏ । ତେବେ ଏହି ସୌନ୍ଦର୍ଯ୍ୟ ବହିଶ୍ଚକ୍ଷୁରେ ଦିଶେନାହିଁ ଭାବ ଚକ୍ଷୁରେ ଦେଖିବାକୁ ପଡ଼େ ।

ଭାବଚକ୍ଷୁ ଲାଭ କରିବାକୁ ହେଲେ ପ୍ରେମ ସାଧନ ଆବଶ୍ୟକ । ପ୍ରେମ ଲାଭ କରି ନ ପାରିଲେ ଆଦର୍ଶ ସୌନ୍ଦର୍ଯ୍ୟ ସମ୍ୟକ୍ ରୂପେ ଦୃଷ୍ଟ ହୁଏ ନାହିଁ । କାରଣ, ଯେଉଁ ଠାରେ ପ୍ରେମ, ସେଠାରେ ସୌନ୍ଦର୍ଯ୍ୟ । ଗୋଟିଏ ଅଭାବ ହେଲେ ଅନ୍ୟଟି ମଳିନ ପଡ଼ିଯାଏ । ଅତଏବ ସୌନ୍ଦର୍ଯ୍ୟ ଦେଖିବାକୁ ହେଲେ ପ୍ରେମ ଆବଶ୍ୟକ, ପ୍ରେମ ଲାଭ କରିବାକୁ ହେଲେ ସୌନ୍ଦର୍ଯ୍ୟବୋଧ ଶିକ୍ଷା ମଧ୍ୟ ଆବଶ୍ୟକ । ସୌନ୍ଦର୍ଯ୍ୟ ପ୍ରେମର ସାହାଯ୍ୟ କରେ – ପ୍ରେମ ସୌନ୍ଦର୍ଯ୍ୟର ସ୍ଥାନ ଅଧିକାର କରିଥାଏ । ଦୁହିଁଙ୍କ ମିଳନରେ ମହାଯୋଗ ସୃଷ୍ଟିହୁଏ ।

ଜଡ଼ ରାଜ୍ୟରେ ଯେପରି ସୌନ୍ଦର୍ଯ୍ୟ ରହିଛି ମନୋରାଜ୍ୟରେ ମଧ ସୌନ୍ଦର୍ଯ୍ୟ ରହିଛି । ଜଡ଼ଜଗତ ଓ ମନୋଜଗତର ସୌନ୍ଦର୍ଯ୍ୟ ଦେଖିବା ପାଇଁ ପ୍ରେମ ଆବଶ୍ୟକ । ଗୋଟିକରେ ସାକାର ସଗୁଣ, ସକାମ ଭାବ ବିଦ୍ୟମାନ – ଅନ୍ୟଟିରେ ନିରାକାରା ନିଗୁଣ, ନିଷ୍କାମ ଭାବ ନିହିତ ।  ତେବେ ସୌନ୍ଦର୍ଯ୍ୟର କ୍ଷେତ୍ର ବ୍ୟାପକ । ତାହାର ମୂଳଉତ୍ସ ପ୍ରକୃତି । ଫଳ, ଫୁଲ, ଜଳ, ସ୍ଥଳ, ଚନ୍ଦ୍ର, ସୂର୍ଯ୍ୟ, ଗ୍ରହ, ଉପଗ୍ରହ ପ୍ରଭୃତି ଅନନ୍ତ ସୌନ୍ଦର୍ଯ୍ୟର ଭଣ୍ଡାର । ପ୍ରେମର ମନ୍ଦାକିନୀ ଧାରା ଏହି

ସୌନ୍ଦର୍ଯ୍ୟ ସହିତ ମିଶି ଏକ ହିଁ ଉଦ୍ଦେଶ୍ୟରେ ଚରମ ଲକ୍ଷ୍ୟ ପଥରେ ପ୍ରବାହିତ । ପ୍ରକୃତିର ସନ୍ତାନ ସେହି ସୁଧା-ପାନରେ ଅମର ହେଉଅଛି ।

ସକାଳର ସୁନୀଳ ଆକାଶ ଜ୍ୟୋତିର୍ମୟ ହେବାର ମୁହୂର୍ତ୍ତ, ବିହଙ୍ଗମ ସମୂହର ସୁଲଳିତ ବନ୍ଦନା, ମୃଦୁମନ୍ଦ ପବନ, ପ୍ରମତ୍ତ ଭ୍ରମରକୁଳର କୁସୁମରୁ ମଧୁପାନ ଚତୁର୍ଦ୍ଦିଗକୁ କୋଳାହଳ ପୂର୍ଣ୍ଣ କରିଦିଏ । ମଧ୍ୟାହ୍ନରେ ସମସ୍ତେ ଅବସନ୍ନ ହୋଇ ଭକ୍ତି ଆଉ ପ୍ରଭାତର ଭାବର ହେବନାହିଁ। ଦେଖୁ ଦେଖୁ ଗୋଧୂଳି ନଇଁଆସେ । ଆକାଶର ଚତୁର୍ଦ୍ଦିଗ ପୀତ, ନୀଳ, ଶ୍ୱେତ, ଲୋହିତ, କୃଷ୍ଣ, ଧୂସର ପ୍ରଭୃତି ନାନା ବର୍ଣ୍ଣରେ ରଞ୍ଜିତ ହୋଇଉଠେ । ପକ୍ଷୀମାନେ ନୀଡ଼କୁ ଫେରନ୍ତି । ପୁଣି ସନ୍ଧ୍ୟା ନଇଁ ଆସେ, ଆକାଶରେ ନକ୍ଷତ୍ରରାଜି ଫୁଟି ଅପୂର୍ବ ଶୋଭା ଧାରଣକରେ । ଭାବର ପରିବର୍ତ୍ତନ ଘଟେ ନିଦ୍ରାର କୋମଳ କ୍ରୋଡ଼ରେ ସମସ୍ତେ ସୁପ୍ତ ହେଇଯାଆନ୍ତି, ପୁଣି ଉଷା ଦେବୀଙ୍କ ଆବିର୍ଭାବ ହୁଏ । ଦୈନନ୍ଦିନ ଜୀବନ ଚର୍ଯ୍ୟା ଭିତରୁ ଋତୁଚକ୍ରର ପର୍ଯ୍ୟାୟକ୍ରମିକ ଆବିର୍ଭାବ ଓ ଅନ୍ତର୍ଦ୍ଧାନ ନିତ୍ୟନୂତନ ଶୋଭା ଜୀବଜଗତକୁ ଉପହାର ଦିଏ । ସୌନ୍ଦର୍ଯ୍ୟର ଭାବରେ ହୃଦୟରେ ଆନନ୍ଦ ବର୍ଦ୍ଧନ କରେ । ଏହି ସୌନ୍ଦର୍ଯ୍ୟ ମୂଳରେ ସୁଦ୍ଧା ପ୍ରେମନିହିତ । ହୃଦୟର ତାର ତମ୍ୟାନୁସାରେ ଏ ସୁଖ ସମସ୍ତଙ୍କର ଉପଭୋଗ୍ୟ ।

ଅନ୍ତଜଗତର ସୌନ୍ଦର୍ଯ୍ୟ ଦୟା, ଶ୍ରଦ୍ଧା, ଭକ୍ତି, ଶାନ୍ତି, ପ୍ରେମ, ସ୍ନେହପରି କମନୀୟ ଗୁଣ ସମଷ୍ଟିରୁ ଉତ୍ପତ୍ତି । ଯେଉଁଥିରେ ପ୍ରେମ ହେଉଛି ମୂଳାଧାରା ଏବଂ ସ୍ନେହ ହିଁ ପ୍ରାଣ । ସୌନ୍ଦର୍ଯ୍ୟ ହୃଦୟରେ ଉପଲବ୍‌ଧି କରିପାରିଲେ ମନୁଷ୍ୟର ଦେବତ୍ୱ ଲାଭ ନିଶ୍ଚିତ । ବହିର୍ଜଗତ ଭଳି ଏହାର ଜଡ଼ରୂପ ନାହିଁ – ଏହାର ରୂପ ବାସନାରେ । ବାସନାର ମୂର୍ତ୍ତିଗଠନ କରି ଏ ଜଗତ୍ ସୃଷ୍ଟି କରିବାକୁ ସକ୍ଷମ ହୋଇଥାଏ । ସୌନ୍ଦର୍ଯ୍ୟ ଓ ପ୍ରେମର ପ୍ରତିଭାରେ ଧରାରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠିତ କରିବାକୁ ସମର୍ଥ ହୋଇଥାଏ ।

ପ୍ରେମବିନା ଜଡ଼ ଜଗତର ସୌନ୍ଦର୍ଯ୍ୟ ଉପଲବ୍‌ଧି ଅସମ୍ଭବ । ଆକାଶ, ପୃଥିବୀ, ସମୁଦ୍ର, ନଦୀ, ଅରଣ୍ୟ ସାଧାରଣ ଚକ୍ଷୁରେ ଯେମିତି ଦୃଶ୍ୟ ହେବ, ସାଧକ, କବି, ପ୍ରେମିକର ଚକ୍ଷୁରେ ଭିନ୍ନ ଭାବେ ଉଭାହେବ । ବ୍ୟକ୍ତି ସହଜ ଦୃଷ୍ଟିରେ ଯାହା ଦେଖିବ ସାଧକର ଅନ୍ତର୍ଦୃଷ୍ଟି ଭବତର ଭାବରେ ତାହା ଦେଖିବ । ଏଥିରୁ ବୁଝାଯାଏ ବ୍ୟକ୍ତିର ଉଦାର ଅନୁଦାର ଭାବ ଅନୁସାରେ ସୌନ୍ଦର୍ଯ୍ୟ ଉପଭୋଗ୍ୟ । ମାତ୍ର ନିରାଶ ହେବାର କୌଣସି କାରଣନାହିଁ, ଯେହେତୁ ସମସ୍ତଙ୍କ ନିକଟରେ ଅଳ୍ପ କିମ୍ବା ଅଧିକ ସାଧନା ରହିଛି ତେଣୁ ପ୍ରକୃତିକୁ ସମସ୍ତେ ଅଳ୍ପ ବେଶି ଉପଭୋଗ କରନ୍ତି । ଯଦି କୌଣସି ଚିତ୍ର ଶିଳ୍ପୀର ଚିତ୍ର ଆମେ ଦେଖୁ ତେବେ ତାହାର ସୌନ୍ଦର୍ଯ୍ୟ ରେ ମୁଗ୍ଧ ହୋଇ ଆମେ ପ୍ରଶଂସା କରୁ । ତାହାର ବାହ୍ୟ ସୌନ୍ଦର୍ଯ୍ୟ ରେ ମୁଗ୍ଧ ହେଲାବେଳେ ଦୋଷଗୁଣ ବିଚାର କରିବାକୁ ଅସମର୍ଥ ହେଉ । ମାତ୍ର ଚିତ୍ରକରର ସମକକ୍ଷ ଚିତ୍ର ସମାଲୋଚକ ଯେବେ ସେହି ଚିତ୍ରପଟ ଦର୍ଶନ କରନ୍ତି ତେବେ ସେ ତନ୍ନ ତନ୍ନ କରି ତାହାର ବିଚାର କରନ୍ତି । ସଙ୍ଗୀତ ଶ୍ରବଣ ଓ ଗ୍ରନ୍ଥପଠନ କ୍ଷେତ୍ରରେ ମଧ ତାହା । ଏ ସମସ୍ତ ବିଷୟର ସୌନ୍ଦର୍ଯ୍ୟ ଉପଲବ୍‌ଧି କରିବାକୁ ହେଲେ ସତ୍‌ଶିକ୍ଷା ଆବଶ୍ୟକ ଏବଂ ରୁଚି ମଧ ମାର୍ଜିତ ହେବାର ପ୍ରୟୋଜନ ।

ସାହିତ୍ୟ ଓ କାବ୍ୟ ଜଗତର ସୌନ୍ଦର୍ଯ୍ୟ ମଧ୍ୟ ଗୋଟିଏ ସହଜ ବ୍ୟାପାର ନୁହେଁ । ସ୍ଥୂଳ ଜଗତ ଛାଡ଼ି ଅନ୍ତର୍ଜଗତ ସୃଷ୍ଟି କରିବା ପ୍ରକୃତ ପ୍ରତିଭାବାନ ବ୍ୟକ୍ତିର କାର୍ଯ୍ୟ, ଯେପରି ବାଲ୍ମିକୀ, ବ୍ୟାସଦେବ, କାଳିଦାସ ଏବଂ ଭବଭୂତି । ସେମାନଙ୍କ ସାହିତ୍ୟ ରସର ସମୁଦ୍ର । ସେଥିରେ ମାନବ ଚରିତ୍ରର ବିଶ୍ଳେଷଣ ଏବଂ ଘଟନା-ପରମ୍ପରାର କୌଶଳର ଅପୂର୍ବ ସଂଯୋଗ ଦେଖିବାକୁ ମିଳେ । ସେହିଭଳି ପାଶ୍ଚାତ୍ୟ ସାହିତ୍ୟର ମ୍ୟାକ୍‌ବେଥ, ଓଥେଲୋ ଓ କିଙ୍ଗ୍‌ଲିୟର ପ୍ରଭୃତି ସଫଳ ସୃଷ୍ଟି । ତେବେ କାବ୍ୟ ଜଗତର ସୌନ୍ଦର୍ଯ୍ୟ ବୁଝିବାକୁ ଆମ ଭିତରୁ କେତେ ଜଣ ସମର୍ଥ ? କାବ୍ୟ ଜଗତର ସୌନ୍ଦର୍ଯ୍ୟ ସହଜ

ଦ୍ରବ୍ୟ ନୁହେଁ । ପ୍ରବୃତ୍ତି ନ ଥିଲେ ଅବିଶ୍ରାନ୍ତ ପରିଶ୍ରମ କରି ଜଣେ ସୌନ୍ଦର୍ଯ୍ୟ ଖୋଜେ ନାହିଁ । ସେହି ପ୍ରବୃତ୍ତି ହିଁ ପ୍ରେମ ଏବଂ ପ୍ରେମରେ ପ୍ରତିଭାର ସ୍ଫୁର୍ତ୍ତି ।

ଆଦର୍ଶ ଚରିତ୍ରର ପୂର୍ଣ୍ଣ ସୌନ୍ଦର୍ଯ୍ୟ ବିକଶିତ କରିନାହିଁ ପ୍ରତିଭା ସମ୍ପନ୍ନ ବ୍ୟକ୍ତିର କାର୍ଯ୍ୟ । ବାସ୍ତବ ଓ ଆଦର୍ଶର ଚିତ୍ର ଅଙ୍କନ କରିବାକୁ ପ୍ରେମର ଆୟୋଜନ କରିବାକୁ ପଡ଼ିଥାଏ । ତେବେ ଯାହା 'ବାସ୍ତବ' ସେଥିରେ ସେ ସୌନ୍ଦର୍ଯ୍ୟ ନାହିଁ ତାହା ନୁହେଁ । ଯାହା ସାଧାରଣ ତାହାର ସୌନ୍ଦର୍ଯ୍ୟ ବିଶ୍ଳେଷଣ ପାଇଁ ଅଧିକ ଶକ୍ତି ଆବଶ୍ୟକ ଏବଂ ତାହାର ସ୍ଥାୟିତ୍ୱକାଳ ଅତ୍ୟଳ୍ପ । ତେଣୁ ସ୍ଥୂଳ ଅପେକ୍ଷା ସୂକ୍ଷ୍ମର ପ୍ରାଧାନ୍ୟ ଅଧିକ । ପକ୍ଷାନ୍ତରରେ ମଣିଷର ସ୍ୱାଭାବ ଅନୁସାରେ ସୌନ୍ଦର୍ଯ୍ୟ ଦର୍ଶନର ତାରତମ୍ୟ ହୋଇଥାଏ । ସୁତରାଂ ଆଦର୍ଶ ସୌନ୍ଦର୍ଯ୍ୟ ହିଁ ପ୍ରକୃତ ସୌନ୍ଦର୍ଯ୍ୟ । ପ୍ରେମରେ ତାହାର ସୃଷ୍ଟି, ପ୍ରେମରେ ତାହାର ଅନୁଭାବନା ।

ଜଣେ ବାରଙ୍ଗନାକୁ ଦେଖି ପାଞ୍ଚଜଣଙ୍କ ମନରେ ପାଞ୍ଚ ପ୍ରକାର ଭାବ ଉଦ୍ରେକ ହୁଏ । କିଏ ତାକୁ କଳୁଷିତ କହୁଥିଲା ବେଳେ, ଆଉ କିଏ କହେ – ଆହା କି ସୁନ୍ଦର । ଏଥିରୁ ଜଣାପଡ଼େ ରୂପଜ ମୋହର ସୌନ୍ଦର୍ଯ୍ୟ ଓ ପ୍ରେମ ଦୃଷ୍ଟିର କେତେ ପ୍ରଭେଦ । ବୁଝାପଡ଼େ ପ୍ରକୃତ ସୌନ୍ଦର୍ଯ୍ୟ ଓ ପ୍ରେମ କ'ଣ ? ପ୍ରକୃତରେ ଯାହା ସୁନ୍ଦର ତାହା ସମସ୍ତଙ୍କ ଚକ୍ଷୁରେ ସୁନ୍ଦର । ଯେଉଁମାନେ ରୂପରେ ମଜ୍ଜିଯାଇ ସୌନ୍ଦର୍ଯ୍ୟ କଳ୍ପନା କରନ୍ତି, ସେମାନେ ପ୍ରକୃତ ସୌନ୍ଦର୍ଯ୍ୟ ଦେଖିପାରନ୍ତି ନାହିଁ। ପ୍ରେମର ପୂଜା ନ କଲେ ପ୍ରକୃତ ସୌନ୍ଦର୍ଯ୍ୟ ଦେଖାଦିଏ ନାହିଁ । ମନର କାଳିକା ଧୌତ ନକଲେ ଜ୍ଞାନ ପ୍ରସ୍ଫୁଟିତ ହେବନାହିଁ । ସତ୍ୟ, ନ୍ୟାୟ ଓ ଧର୍ମର ମହିମା ହୃଦୟରେ ଉପଲବ୍ଧି ନକଲେ ପ୍ରକୃତ ସୌନ୍ଦର୍ଯ୍ୟ ବହୁ ଦୂରରେ ଅବସ୍ଥାନ କରିଥାଏ । ସୌନ୍ଦର୍ଯ୍ୟର ପୂର୍ଣ୍ଣ ବିକାଶ ପ୍ରେମରେ ଏବଂ ପ୍ରେମର ପୂର୍ଣ୍ଣ ସ୍ଫୁର୍ତ୍ତି ସେହି ସୌନ୍ଦର୍ଯ୍ୟ ବୋଦରେ । ଅତଏବ ସତ୍ୟ ହିଁ ସୌନ୍ଦର୍ଯ୍ୟ ଓ ସତ୍ୟର ଧାରଣା ହିଁ ପ୍ରେମ । ଧର୍ମ ଅପେକ୍ଷା ସତ୍ୟ ଆଉ କିଛିନାହିଁ, ସୁତରାଂ ଧର୍ମ ହିଁ ସୌନ୍ଦର୍ଯ୍ୟ ଓ ଧର୍ମର ଧାରଣା ହିଁ ପ୍ରେମ ।

ରୂପଜ ମୋହ ମନୁଷ୍ୟକୁ ଆଦର୍ଶ ପଥକୁ ନିଏ ନାହିଁ ବରଂ ଅଧଃ ପତିତ କରିଦିଏ । ସାଧ୍ୱୀ–ସତୀ–ସୁନ୍ଦରୀ ରମଣୀକୁ ଯେବେ କୌଣସି ଦୁର୍ବୃତ୍ତ ଆକ୍ରମଣ କରିବାକୁ ଅଗ୍ରସର ହୁଏ ତେବେ ସତୀର ସୌନ୍ଦର୍ଯ୍ୟ ଓ ପ୍ରେମର ମହିମାରେ ସେ ଇହଲୋକରୁ ଅପସୃତ ହୁଏ । ଇତିହାସରେ ଏହିପରି ଅନେକ ଘଟଣା ତାହାର ସାକ୍ଷ୍ୟ ଭାବେ ଉଭାହୋଇଛି । ସତୀର ବିକ୍ରମ କାରଣରୁ ପରାକ୍ରମଶାଳୀ ଦଶାନନ ନିଧନ ହୋଇଥିଲା, କରୁକୁଳ ନିର୍ମୂଳ ହୋଇଥିଲା, ମହାକାଳ ସତ୍ୟବାନର ଦେହସ୍ପର୍ଶ କରିବାର ସାହସ କରି ନ ଥିଲା । ଏହିସବୁ ଘଟଣା କେବଳ ପ୍ରେମର ମହିମା ଓ ସତୀତ୍ୱର ସୌନ୍ଦର୍ଯ୍ୟ । କିନ୍ତୁ ସୌନ୍ଦର୍ଯ୍ୟ ଏବଂ ପ୍ରେମର ଏହିପରି ଚରମ ଅବସ୍ଥା ସଂସାରରେ ଅତି ବିରଳ । ଈଶ୍ୱରଙ୍କ କୃପାବିନା ଏହି ସୌଭାଗ୍ୟ କେହି ଲାଭ କରିବାକୁ ଅସମର୍ଥ, ସୌନ୍ଦର୍ଯ୍ୟ ଓ ପ୍ରେମର ପୂର୍ଣ୍ଣ ଅଧିକାରୀ ହେଲେ ମନୁଷ୍ୟର ଦେବତ୍ୱ ଲାଭ ସୁନିଶ୍ଚିତ ।

ଚର୍ମଚକ୍ଷୁରେ ବଦଳରେ ଯେତେବେଳେ ମନୁଷ୍ୟର ମନଶ୍ଚକ୍ଷୁ ପ୍ରସ୍ଫୁଟିତ ହୁଏ, ସେତେବେଳେ ସୌନ୍ଦର୍ଯ୍ୟ ଓ ପ୍ରେମର ଗଭୀର ଉଦାର ଭାବ ଦୃଷ୍ଟିଗୋଚର ହୁଏ । ସର୍ବତ୍ର ଈଶ୍ୱରଙ୍କ ସାକାର ମୂର୍ତ୍ତି ପରିଲକ୍ଷିତ ହୁଏ । ଚରାଚର ଅନନ୍ତ ବିଶ୍ୱ ସେତେବେଳେ ଅନାବିଳ ଆନନ୍ଦର ପୂର୍ଣ୍ଣ ବିକାଶରେ ଆନନ୍ଦମୟ ହୋଇଉଠେ । ବିଶାଳ ବ୍ରହ୍ମାଣ୍ଡ ସେତେବେଳେ ସୌନ୍ଦର୍ଯ୍ୟ ଓ ପ୍ରେମର ଭଣ୍ଡାର ପରି ପ୍ରତୀୟମାନ ହୋଇଥାଏ, କାରଣ ସୌନ୍ଦର୍ଯ୍ୟ ଓ ପ୍ରେମର ଅନ୍ତନାହିଁ – ତାହା ଅନନ୍ତ ଓ ଅକ୍ଷୟ ।

ପ୍ରେମର ସୌନ୍ଦର୍ଯ୍ୟରେ ବିମୋହିତ ହୋଇ ଦିନେ ଗୌରାଙ୍ଗ ଭାରତକୁ ମତ୍ତ କରି ଦେଇଥିଲେ । ମହାମତି ଶାକ୍ୟସିଂହ, ପରମଜ୍ଞାନୀ ଶଙ୍କରାଚାର୍ଯ୍ୟ ଦିନେ ପ୍ରେମରେ ପ୍ରମତ୍ତ ହୋଇ ହିମାଳୟ ଠାରୁ କୁମାରିକା ଯାଏଁ ଜୀବର ମୁକ୍ତିର ଗାଥା ଗାଇଥିଲେ । ଧ୍ରୁବ, ପ୍ରହ୍ଲାଦ ଏହି ଆଲୋକରେ ହୃଦୟ ଆଲୋକିତ କରି ମରଣଭୟ ତୁଚ୍ଛକରି ନିଜ ନିଜ ଗନ୍ତବ୍ୟ ପଥରେ

ଧାବିତ ହୋଇଥିଲେ । ଏହି ସୌନ୍ଦର୍ଯ୍ୟ ଓ ପ୍ରେମର ଅପୂର୍ବ ମହିମାରେ ଅନୁପ୍ରାଣିତ ହୋଇ ଶ୍ରୀଷ୍ଟ କ୍ଷମାଗୁଣର ଅସାଧାରଣ ମହତ୍ତ୍ୱ ଦେଖାଇଥିଲେ ସକ୍ରେଟିସ୍ ମଧ ସତ୍ୟର ମହିମାରେ ବିଷପାନ କରିବାକୁ କୁଣ୍ଠିତ ହୋଇନଥିଲେ । ମିବାରର ରାଜା ମହାରାଣା ପ୍ରତାପ ଏହି ପ୍ରେମରେ ବିମୋହିତ ହୋଇ ସ୍ୱଦେଶ ସେବା ବ୍ରତରେ ଶୀର୍ଷ ସ୍ଥାନକୁ ଉଠିଥିଲେ । ଏହାହିଁ ପ୍ରକୃତି ସୌନ୍ଦର୍ଯ୍ୟ, ପ୍ରକୃତ ପ୍ରେମ । ପ୍ରକୃତରେ ଏହି ପରଣାମ ହିଁ ଜଡ଼ ଜଗତର ପ୍ରାଣ, ଏହାହିଁ ଚରାଚର ବିଶ୍ୱ ବ୍ରହ୍ମାଣ୍ଡର ସାର୍ବଭୌମିକ ଧର୍ମ ।

### ୧.୪. କଠିନ ଶବ୍ଦାର୍ଥ :

ରୂପଜ – ରୂପଜନିତ, ସୌନ୍ଦର୍ଯ୍ୟର ଆକର୍ଷଣରୁ ଜାତ

ଜଡ଼ଜଗତ – ଭୌତିକ ଜଗତ

ମାର୍ତ୍ତଣ୍ଡ – ସୂର୍ଯ୍ୟ

ହିଲ୍ଲୋଳ – ତରଙ୍ଗ, ଦୋଳନ

ପ୍ରତିନିୟତ – ଅବିରାମ, ସର୍ବଦା

ଚଣ୍ଡତେଜା–ନିଷ୍ଠୁର, କ୍ରୋଧ ପ୍ରବଣ

ନୀହାର – ଶିଶିର, କାକର

ଇତିବୃତ୍ତ – ବୃତ୍ତାନ୍ତ, ପ୍ରାଚୀନ କଥା

ସଚ୍ଚିଦାନନ୍ଦ – (ସତ୍–ଚିତ୍–ଆନନ୍ଦ) ନିତ୍ୟ ଓ ଜ୍ଞାନ – ଆନନ୍ଦ ସ୍ୱରୂପ ବ୍ରହ୍ମ, ପରମେଶ୍ୱର

ବିଚାରତନ୍ତ୍ର–ଉପଯୁକ୍ତ ବିଚାର ଦ୍ୱାରା ଶାସନ କରିବାର ପ୍ରଣାଳୀ

### ୧.୫. ନମୁନା ପ୍ରଶ୍ନୋତ୍ତର

‘ଧର୍ମ ହିଁ ସୌନ୍ଦର୍ଯ୍ୟ ଓ ଧର୍ମର ଧାରଣା ହିଁ ପ୍ରେମ’ – ପଠିତ ପ୍ରବଂଧ ଅନୁସରଣରେ ବ୍ୟାଖ୍ୟା ।କର ।

ପ୍ୟତି ଓ ଜୀବନ ଦର୍ଶନର ଅପୂର୍ବ ସମନ୍ୱୟକାରୀ ଭାବରେ ପ୍ରାବନ୍ଧିକ ଶଶିଭୂଷର ରାୟ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରିଛନ୍ତି ପାଠକର ମନୋଭୂମିରେ । ଯେଉଁଥିରେ ରହିଛି ଆଗକୁ ବଢ଼ିବାର ପ୍ରେରଣା ଓ ଜଗତକୁ ସଜାଡ଼ିବାର ଭାବନା । ଗଦ୍ୟ ସାହିତ୍ୟରେ କଳାତ୍ମକ ଅଭିରୁଚିର ମିଶ୍ରଣ ହିଁ ପ୍ରାବନ୍ଧିକ ଶ୍ରୀଯୁକ୍ତ ରାୟଙ୍କ ଗଦ୍ୟକୁ କରିଛି ଅତ୍ୟନ୍ତ ଆକର୍ଷଣୀୟ । ତାଙ୍କ ସୃଷ୍ଟି ସମ୍ଭାର ଦାକ୍ଷିଣାତ ୍ୟ ଭ୍ରମଣ’, ‘ଉତ୍କଳର ରତ୍ନଚିତ୍ର’, ‘ପ୍ରବନ୍ଧ ସଂଗ୍ରହ’ ପ୍ରଭୃତି ବୁଦ୍ଧିଦୀପ୍ତତାର ଅପୂର୍ବ ସ୍ଥାପତ୍ୟ । ‘ସୌନ୍ଦର୍ଯ୍ୟ ଓ ପ୍ରେମ’ ପ୍ରବଂଧଟି ମାନବୀୟ ବୃତ୍ତି ଓ ପୁଲକ ବୋଧାଶ୍ରିତ ପ୍ରବନ୍ଧ ଯେଉଁଥିରେ ଜୀବନର ସତ୍ୟଟି ଉଦ୍‌ଭାସିତ ହୋଇ ଉଠିଛି । ‘ଧର୍ମ ହିଁ ସୌନ୍ଦର୍ଯ୍ୟ ଓ ଧର୍ମର ଧାରଣା ହିଁ ପ୍ରେମ’ ଏହି ଉପଲବ୍‌ଧି ଲେଖକୀୟ ଅନୁଭବକୁ ପ୍ରକାରାନ୍ତରେ ପ୍ରତିଷ୍ଠା ଦେଇପାରିଛି ।

ଆମ ଦୃଷ୍ଟିରେ ଯାହା ସୌନ୍ଦର୍ଯ୍ୟ ବୋଲି ଆମେ ବିବେଚନା କରୁ ତାହା ଅତି ସଂକୀର୍ଣ୍ଣ, ଅନୁଦାର ଓ କ୍ଷଣସ୍ଥାୟୀ । ଉଦ୍ଦେଶ୍ୟ ସାଧିତ ହେଲେ ସେହି ସୌନ୍ଦର୍ଯ୍ୟ ମନକୁ ମନ ଅନ୍ତର୍ହିତ ହୋଇଯାଏ । ମାତ୍ର ଭାବଚକ୍ଷୁ ଦ୍ୱାରା ଯେଉଁ ସୌନ୍ଦର୍ଯ୍ୟ

ଦେଖାଯାଇଥାଏ ତାହା ଅନିର୍ବଚନୀୟ । ତେବେ ଭାବଚକ୍ଷୁ ଲାଭ କରିବାକୁ ହେଲେ ପ୍ରେମ ସାଧନ ଆବଶ୍ୟକ । ପ୍ରେମର ଅନୁଭବ ନଥିଲେ ସୌନ୍ଦର୍ଯ୍ୟର ପୂର୍ଣ୍ଣତା ଆସେ ନାହିଁ । ଅତଏବ ସୌନ୍ଦର୍ଯ୍ୟ ଓ ପ୍ରେମ ଦୁଇଟିର ସଂଯୋଗ ବ୍ୟକ୍ତି ଜୀବନରେ ଆବଶ୍ୟକ ।

ସୌନ୍ଦର୍ଯ୍ୟ ଉଭୟ ଜଡ଼ ଜଗତ ଓ ଅନ୍ତର୍ଜଗତରେ ବିରାଜିତ । ପ୍ରକୃତିର ସୁଷମାରାଜି ସହିତ ଈଶ୍ୱର ସୃଷ୍ଟ ପ୍ରତିଟି ସତ୍ତା ବ୍ୟକ୍ତି ମଧ୍ୟରେ ଆନନ୍ଦ ବର୍ଦ୍ଧନ କରେ । ପୁଣି ଈଶ୍ୱରୀୟ ଗୁଣ ଦୟା, ଶ୍ରଦ୍ଧା, ଭକ୍ତି, ଶାନ୍ତି, ପ୍ରୀତି, ସ୍ନେହ ପ୍ରଭୃତି ଅନ୍ତର୍ଜଗତର ସୌନ୍ଦର୍ଯ୍ୟ । ଯାହାଦ୍ୱାରା ବ୍ୟକ୍ତି ଦେବତ୍ୱ ଲାଭ କରିପାରେ । ତେବେ ଏହା ସମ୍ଭବ ହୁଏ ପ୍ରେମ ଓ ସ୍ନେହ ମାଧ୍ୟମରେ । ଅନ୍ତର୍ଜଗତ ସୃଷ୍ଟିର କ୍ଷମତା ଜନ୍ମିଲେ ମନୁଷ୍ୟ ଅସାଧ୍ୟ ସାଧନ କରିପାରେ । ଅନ୍ୟ ଭାବରେ ସୌନ୍ଦର୍ଯ୍ୟ ଓ ପ୍ରେମର ପ୍ରତିଭାରେ ଧରାରେ ସ୍ୱର୍ଗରାଜ୍ୟ ପ୍ରତିଷ୍ଠା କରିବାକୁ ବ୍ୟକ୍ତି ସମର୍ଥ ହୋଇପାରେ ।

ସାହିତ୍ୟ ଜଗତରେ ଯେଉଁ କବିଗଣ ସୌନ୍ଦର୍ଯ୍ୟ ଓ ପ୍ରେମର କଥା କହିଛନ୍ତି, ସେମାନେ ବାସ୍ତବତାକୁ ଧର୍ମ ଭାବରେ ଗ୍ରହଣ କରିଛନ୍ତି । ତେବେ ଯେଉଁ ମନୁଷ୍ୟର ଭକ୍ତିଭାବ ନ ଥାଏ ଶ୍ରଦ୍ଧା ନ ଥାଏ, ସୌନ୍ଦର୍ଯ୍ୟ  ଦର୍ଶନରେ ସେ ସ୍ଥୂଳ ଭାବକୁ ଗୁରୁତ୍ୱ ଦେଇଥାଏ । ସାହିତ୍ୟର ଚରିତ୍ରମାନେ ସଦ୍‌ଗୁଣ ଆଧାରିତ ଯେଉଁଥିରେ ସୌନ୍ଦର୍ଯ୍ୟ ଓ ପ୍ରେମ ଆଦର୍ଶ ସ୍ଥାନୀୟ । ରାମଚନ୍ଦ୍ର, ଯୁଧିଷ୍ଠିର, ସୀତା, ସାବିତ୍ରୀ ପରି ଆଦର୍ଶ ଚରିତ୍ର ଉଭୟ ସୌନ୍ଦର୍ଯ୍ୟ ଓ ପ୍ରେମର ରୂପକାର ।

ରୂପଜ ମୋହର ସୌନ୍ଦର୍ଯ୍ୟ ଓ ପ୍ରେମ ଦୃଷ୍ଟିର ଥାଏ ଅନେକ ପ୍ରଭେଦ । ଗୋଟିଏ ଅସାମାନ୍ୟା ସୁନ୍ଦରୀକୁ ଦେଖି ପାଞ୍ଚ ଜଣଙ୍କ ମନରେ ପାଞ୍ଚ ପ୍ରକାର ଭାବ ଉଦ୍ରେକ ହୁଏ । କିଏ ତାହାର ରୂପ ବର୍ଣ୍ଣନା କରେତ' କିଏ ବିଧାତାଙ୍କର ଅପୂର୍ବ ସୃଷ୍ଟିପାଇଁ ତାଙ୍କୁ ବିହ୍ୱଳ ଭାବରେ ତାଙ୍କର ସ୍ମରଣ କରେ । ଏଥିରୁ ବୁଝାଯାଏ ଯାହା ପ୍ରକୃତ ସୁନ୍ଦର ତାହା ସମସ୍ତଙ୍କ ଚକ୍ଷୁରେ ସୁନ୍ଦର । ଯେଉଁମାନେ ରୂପରେ ମଜ୍ଜିଯାଇ ସୌନ୍ଦର୍ଯ୍ୟ କଳ୍ପନା କରନ୍ତି, ସେମାନେ ପ୍ରକୃତ ସୌନ୍ଦର୍ଯ୍ୟ  ଦେଖିପାରନ୍ତି ନାହିଁ । ପ୍ରେମର ପୂଜା ନକଲେ ପ୍ରକୃତ ସୌନ୍ଦର୍ଯ୍ୟ  ଦେଖାଦିଏ ନାହିଁ। ମନର କାଳିମା ଧୌତ ନ କଲେ ଜ୍ଞାନ ପ୍ରସ୍ଫୁଟିତ ହୁଏନାହିଁ । ସତ୍ୟ, ନ୍ୟାୟ ଓ ଧର୍ମର ମହିମା ହୃଦୟରେ ଉପଲବ୍ଧି ନକଲେ ପ୍ରକୃତ ସୌନ୍ଦର୍ଯ୍ୟ  ବହୁ ଦୂରରେ ଥାଏ । ଏହି ଉପଲବ୍ଧି ସେମାନଙ୍କୁ ମିଳିଥାଏ ଯେଉଁମାନେ ଜଗଦୀଶ୍ୱରଙ୍କ କୃପା ଲାଭ କରିଥାନ୍ତି ।

ଈଶ୍ୱରଙ୍କ କୃପାରୁ ଚର୍ମଚକ୍ଷୁ ବିନଷ୍ଟ ହୋଇ ମନୁଷ୍ୟର ମନଶ୍ଚକ୍ଷୁ ପ୍ରସ୍ଫୁଟିତ ହେଲେ ଭେଦାଭେଦ ଜ୍ଞାନର ଊର୍ଦ୍ଧ୍ୱକୁ ସେ ଆସେ । ସେତେବେଳେ ସୌନ୍ଦର୍ଯ୍ୟ ଓ ପ୍ରେମର ମିଳିତରୂପକୁ ଭଗବାନଙ୍କ ରୂପରେ ଦେଖେ । ଚରାଚର ବିଶ୍ୱ ଆନନ୍ଦମୟ ହୋଇଉଠେ । ସର୍ବତ୍ର ସକଳ ସ୍ଥାନରେ ଈଶ୍ୱରଙ୍କ ମୂର୍ତ୍ତି ଦେଖିହୁଏ । ଯାହା ଅନନ୍ତ ଓ ଅକ୍ଷୟ, ସୌନ୍ଦର୍ଯ୍ୟ  ଓ ପ୍ରେମର ଭଣ୍ଡାର ରୂପେ ପ୍ରତୀୟମାନ ହୋଇଥାଏ । ଏହିପ୍ରେମର ସୌନ୍ଦର୍ଯ୍ୟରେ ବିମୋହିତ ହୋଇ ଦିନେ ଗୌରାଙ୍ଗ ଭାରତକୁ ମତ୍ତକରି ଦେଇଥିଲେ । ମହାମତି ଶାକ୍ୟ ସିଂହ ଜୀବମୁକ୍ତିର ଉଦ୍ଦେଶ୍ୟରେ ପ୍ରଚାର କରିଥିଲେ, ଅହିଂସା ପରମୋଧର୍ମ । ଶଙ୍କରାଚାର୍ଯ୍ୟ ପରମଜ୍ଞାନୀ ଭାବରେ ହିମାଳୟଠାରୁ କୁମାରିକା ପର୍ଯ୍ୟନ୍ତ ସଚ୍ଚିଦାନନ୍ଦ ରୂପର ପ୍ରଚାର କରିଥିଲେ । ସୌନ୍ଦର୍ଯ୍ୟ ଓ ପ୍ରେମର ଅପୂର୍ବ ମହିମାରେ ଅନୁପ୍ରାଣିତ ଖ୍ରୀଷ୍ଟ କ୍ଷମାଗୁଣର ଅସାଧାରଣ ମହତ୍ତ୍ୱ ଦେଖାଇଥିଲେ । ମହାତ୍ମା ସକ୍ରେଟିସ୍ ସତ୍ୟର ମହିମାରେ ବିପୋନ କରିବାକୁ କୁଣ୍ଠା କରି ନ ଥିଲେ । କାରଣ ସବୁରି ଭିତରେ ସତ୍ୟ ଜଗତର ସାର ଓ ବିଶ୍ୱବ୍ରହ୍ମାଣ୍ଡର ସାର୍ବଭୌମିକ ଧର୍ମ ଭାବରେ ଉଭା ହୋଇଥିଲା । ଏଥିରୁ ହୃଦ୍‌ବୋଧ ହୁଏ ସତ୍ୟ ଅପେକ୍ଷା ସୌନ୍ଦର୍ଯ୍ୟମୟ ଏବଂ ପ୍ରେମମୟ ବସ୍ତୁ ଆଉ କିଛି ନାହିଁ । ଯେଉଁଥିରୁ ପ୍ରତୀୟମାନ ହୁଏ ସତ୍ୟ ହିଁ ସୌନ୍ଦର୍ଯ୍ୟ ଓ ସତ୍ୟର ଧାରଣା ହିଁ ପ୍ରେମ । କିନ୍ତୁ ସମଗ୍ର ଜଗତରେ ଧର୍ମ ଅପେକ୍ଷା ସତ୍ୟ ଆଉ କିଛି ନାହିଁ, ସୁତରାଂ ଧର୍ମ ହିଁ ସୌନ୍ଦର୍ଯ୍ୟ ଓ ଧର୍ମର ଧାରଣା ହିଁ ପ୍ରେମ ।

ସୌନ୍ଦର୍ଯ୍ୟ ଓ ପ୍ରେମ ସହିତ ଧର୍ମର ସଂପର୍କ ପ୍ରମାଣ ଅବକାଶରେ ପ୍ରାବନ୍ଧିକଙ୍କ ସ୍ୱୀକାରୋକ୍ତି ସୌନ୍ଦର୍ଯ୍ୟ ଓ ପ୍ରେମ ଜଗତର ସାର ଏବଂ ତାହାହିଁ ଚରାଚର ବିଶ୍ୱ ବ୍ରହ୍ମାଣ୍ଡର ସାର୍ବଭୌମିକ ଧର୍ମ । ତେବେ ସାଂପ୍ରତିକ କାଳରେ ସୌନ୍ଦର୍ଯ୍ୟ ଓ ପ୍ରେମକୁ ନେଇ ଯେଉଁ ଋଣାତ୍ମକ ମାନସିକତା ଆମ ସମାଜରେ ବଢ଼ିବାରେ ଲାଗିଛି ତାହାର ମୂଳୋତ୍ପାଟନ ସହିତ ଜଗତ କଲ୍ୟାଣ ପ୍ରତିଷ୍ଠା ପାଇଁ ଶଶିଭୂଷଣଙ୍କ ଏହି ପ୍ରବନ୍ଧ ଯେ ଏକ ବୃହତ୍ତର ଉଦ୍ଦେଶ୍ୟରେ ଅଗ୍ରସର ତାହା ଆମକୁ ଗ୍ରହଣ କରିବାକୁ ପଡ଼ିବ ।

### ୧.୬. ସମ୍ଭାବ୍ୟ ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ

(କ) ସୌନ୍ଦର୍ଯ୍ୟ ଓ ପ୍ରେମ ହେଉଛି ଜଗତର ସାର – ପଠିତ ପ୍ରବନ୍ଧ ଅନୁସରଣରେ ବ୍ୟାଖ୍ୟାକର ।

(ଖ) 'ରୂପଜ ମୋହ' ସମ୍ପର୍କରେ ଲେଖକଙ୍କ ବକ୍ତବ୍ୟ କଣ ?

(ଗ) 'ସୌନ୍ଦର୍ଯ୍ୟ ହୃଦୟରେ ଉପଲବ୍ଧି କରିପାରିଲେ ମନୁଷ୍ୟର ଦେବତ୍ୱ ଲାଭ ନିଶ୍ଚିତ' – ଏହି ଉକ୍ତିର ଯଥାର୍ଥତା ଦର୍ଶାଅ ।

(ଘ) ସାହିତ୍ୟ ଓ କାବ୍ୟ – ଜଗତ ସହିତ ସୌନ୍ଦର୍ଯ୍ୟ ଓ ପ୍ରେମର ସଂପର୍କ କିପରି – ଉଲ୍ଲେଖ କର ।

(ଙ) ମନୁଷ୍ୟର ସ୍ୱଭାବ, ଶିକ୍ଷା ଓ ରୁଚି ଅନୁସାରେ ସୌନ୍ଦର୍ଯ୍ୟ ଦର୍ଶନର ତାରତମ୍ୟ ହୋଇଥାଏ – ଲେଖକ ଏପରି କହିବାର ଯଥାର୍ଥତା କେତେ ?

### ୨.୦. ପ୍ରବନ୍ଧ : ଅନୁତାପ

**ପ୍ରାବନ୍ଧିକ : ରତ୍ନାକର ପତି**

### ୨.୧. ପ୍ରାବନ୍ଧିକ ରତ୍ନାକର ପତିଙ୍କ ସାରସ୍ୱତ ପରିଚିତି

ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଆଧୁନିକ ପର୍ବର ପ୍ରଥମ ପର୍ଯ୍ୟାୟରେ ରତ୍ନାକର ପତି ଏକ ବଳିଷ୍ଠ ଓ ସ୍ମରଣୀୟ ପ୍ରତିଭା । ଓଡ଼ିଆ ପ୍ରବନ୍ଧ ପୁସ୍ତକର ଅଳ୍ପତା ଲକ୍ଷ୍ୟକରି ସାହିତ୍ୟର ଏହି ବିଭାଗକୁ ସମୃଦ୍ଧ କରିବା ଲକ୍ଷ୍ୟରେ ସେ ପ୍ରବନ୍ଧ ରଚନାରେ ବ୍ରତୀ ହୋଇଥିଲେ । କେଉଁଠାରେ ତାଙ୍କ ପ୍ରବନ୍ଧର ବିଷୟବସ୍ତୁ ହୋଇଛି ମଣିଷ ଜୀବନର ଜଟିଳ ସମସ୍ୟା ତ' କେଉଁଠି ମଣିଷ ଜୀବନର ଉତ୍କଣ୍ଠାବଦ୍ଧ ମୂଳ ଧାରଣା ଓ ଅଭିଳାଷ ଆଦିର ଯଥାଯଥ ବିଶ୍ଳେଷଣ । ତାଙ୍କ ପ୍ରବନ୍ଧ ଗୁଡିକର ଆଲୋଚନା ଆମଚିନ୍ତା ଅୟନକୁ ସଂପ୍ରସାରିତ କରିବା ସହିତ ଭାବୋଦ୍ଦୀପକ ଯୁକ୍ତି ଆମ ମନରେ ଗଭୀର ରେଖାପାତ କରେ । ବହୁ ଶାସ୍ତ୍ର ଅଧ୍ୟୟନ ଜନିତ ଜ୍ଞାନ, ନିଜର ପୁରୋଦୃଷ୍ଟି ଓ ପ୍ରତୀତିରେ ଯେଉଁ ସକଳ ସତ୍ୟର ସନ୍ଧାନ ସେ ପାଇଛନ୍ତି ତାହାକୁ ପ୍ରବନ୍ଧ ରୂପକ ମନୋଜ୍ଞ ମଧୁଭଣ୍ଡାରରେ ଭରି ସମଗ୍ର ମାନବ ସମାଜ ପାଇଁ ଶିକ୍ଷକତା କରି ଯାଇଛନ୍ତି ।

**ସମୟ :** ଆବିର୍ଭାବ : ୧୮୮୯

ତିରୋଭାବ : ୧୯୬୯

ସାଧନା କାଳ : ୧୯୨୦–୧୯୬୫

**ସାରସ୍ୱତ ସମ୍ଭାର** : ପ୍ରବନ୍ଧ ପ୍ରକାଶ (ପ୍ରଥମ ଭାଗ), ପ୍ରବନ୍ଧ ପ୍ରକାଶ (ଦ୍ୱିତୀୟ ଭାଗ), ବିବର୍ତ୍ତନବାଦ, ସ୍ୱପ୍ନତତ୍ତ୍ୱ । 'ପ୍ରବନ୍ଧ ପ୍ରକାଶ'ର ସନ୍ନିବିଷ୍ଟ ପ୍ରବନ୍ଧଗୁଡିକ ସତ୍ୟବାଦୀ, ନବଭାରତ ପ୍ରଭୃତି ପତ୍ରିକାରେ ପୂର୍ବରୁ ପ୍ରକାଶିତ ହୋଇ ପାଠକୀୟ ଦୃଷ୍ଟି ଆକର୍ଷଣ କରିଥିଲା ।

**ସମକାଳୀନ ପ୍ରାବନ୍ଧିକ** : ବି.ଭି.ରାୟ, ବ୍ରଜବିହାରୀ ମହାନ୍ତି, କାଳିନ୍ଦୀ ଚରଣ ପାଣିଗ୍ରାହୀ, ମାୟାଧର ମାନସିଂହ, ବିରୁପାକ୍ଷ କର ।

## ୨.୨. 'ଅନୁତାପ' ପ୍ରବନ୍ଧର ଭାବାଦର୍ଶ

'ପ୍ରବନ୍ଧ ପ୍ରକାଶ' ପ୍ରଥମ ଭାଗରେ ସନ୍ନିବିଷ୍ଟ ପ୍ରବନ୍ଧ 'ଅନୁତାପ' ଏକ ଚିନ୍ତାମୂଳକା ପ୍ରବନ୍ଧ । ଯେଉଁଥିରେ ମାନବ ଜୀବନର ବିଭିନ୍ନ ଘଟଣା ଭିତରୁ ଅନୁତାପକୁ ନେଇ ଯୁକ୍ତି ସମର୍ଥିତ ତଥ୍ୟ ଉପସ୍ଥାପନ କରାଯାଇଛି । ବ୍ୟକ୍ତି ଜୀବନରେ ଘଟୁଥିବା ସ୍ଖଳନ ଓ ତ୍ରୁଟି ଗୁଡିକ ଅନୁତାପର ନିଆଁରେ ଜଳି କିଭଳି ନିଷ୍ଠା ଓ ଉତ୍କର୍ଷ ବିଧାନ ଦିଗରେ ଗତି କରିବାର ପ୍ରେରଣା ଦିଏ ତାହା ଲେଖକ ପ୍ରକାଶ କରିଛନ୍ତି । ଅନୁତାପ ଯେ ଶାନ୍ତି ଓ ପବିତ୍ରତା ସୃଷ୍ଟିକରିବା ସହିତ ଧର୍ମ ଭାବର ବିକାଶରେ ସହାୟକ ହୋଇଥାଏ ତାହା ଲେଖକଙ୍କ ଯୁକ୍ତି । ନାନା ପ୍ରବୃତ୍ତିର ଅଧୀନ ହୋଇ ବ୍ୟକ୍ତି ବିପଥରେ ଅଭ୍ୟସ୍ତ ହୋଇପଡ଼େ ଅନୁତାପ ନ ଥିଲେ ସେହି ଜୀବନ ଅନେକ କଳଙ୍କ ସୃଷ୍ଟି କରିଥାଏ । ମାତ୍ର ଅନୁତାପ ପରିପୂରିତ ଜୀବନ ଅନ୍ୟାନ୍ୟ ଜୀବନ ଅପେକ୍ଷା ବହୁ ପରିମାଣରେ ଉନ୍ନତ ଓ ଦୃଢ଼ୀଭୂତ ।

ପ୍ରାବନ୍ଧିକ ଶ୍ରୀଯୁକ୍ତ ପତି ବ୍ୟକ୍ତି ଜୀବନର ଏହି ଚରମ ସତ୍ୟକୁ ଅତ୍ୟନ୍ତ ତର୍କଣାଧର୍ମୀ ବିଚାର ଦ୍ୱାରା ପ୍ରକାଶ କରି ପ୍ରବନ୍ଧର ଭବ ମୂଲ୍ୟବୋଧକୁ ପ୍ରତିଷ୍ଠା ଦେଇ ପାରିଛନ୍ତି ।

## ୨.୩. 'ଅନୁତାପ' ପ୍ରବନ୍ଧର ସାରାଂଶ

ମାନବର କର୍ମମୟ ଜୀବନରେ ଅନେକ ପ୍ରକାରର ସ୍ଖଳନ ପରିଲକ୍ଷିତ ହୁଏ । ସାଧାରଣ କର୍ମଠାରୁ ଆରମ୍ଭ କରି ଗୁରୁତ୍ୱପୂର୍ଣ୍ଣ କର୍ମ ପର୍ଯ୍ୟନ୍ତ ଅଳ୍ପ ବହୁତ ଏହି ସ୍ଖଳନର ସମ୍ଭବପରତା ବିଦ୍ୟମାନ । ଯେତେବେଳେ ପର୍ଯ୍ୟନ୍ତ ପ୍ରାଣୀ ନିଜ ପ୍ରଜ୍ଞା ଓ କର୍ମବଳରେ ନିଜ ଦୁଷ୍ପ୍ରବୃତ୍ତିରେ ପ୍ରଭାବିତ ନହୋଇ ସତ୍ ପଥରେ ଚାଲିଥାଏ, ସେତେବେଳ ଯାଏସେ ଜୀବନର ସାର୍ଥକତା ଉପଲବ୍ଧି କରୁଥାଏ । ମାତ୍ର ଦୁଃଖର କଥା, ତାହାର ଚିନ୍ତାଶକ୍ତି ସମୟ ସମୟରେ ଦୁଷ୍ପ୍ରବୃତ୍ତି ଦ୍ୱାରା ହୀନପ୍ରଭ ହୋଇ ତାହ୍ମାଟକୁ ଅନ୍ଧୀଭୂତ କରିପକାଏ । ତେଣୁ ସେ ଠିକ୍ ମାର୍ଗରେ ନଯାଇ ଭୁଲ୍ ଦିଗରେ ଚାଳିତ ହୁଏ । କାମ, କ୍ରୋଧ ପ୍ରଭୃତି ଦୁଷ୍ପ୍ରବୃତ୍ତିଗଣ ମାନବର ତେଜ ଓ ହିତାହିତ ଜ୍ଞାନକୁ ନିଷ୍ପ୍ରଭ କରିଦିଅନ୍ତି । ତେଣୁ ମାନବ ଜୀବନରେ ଅନେକ ସମୟରେ ସ୍ଖଳନ ଦୃଷ୍ଟିଗୋଚର ହୁଏ ଏବଂ ତାହା ଜୀବନର ସରସତାକୁ ନଷ୍ଟ କରିଦିଏ ।

ପିତାମାତାମାନେ ସନ୍ତାନର ଉନ୍ନତିକଳ୍ପେ ନାନା ଉପାୟ ଅବଲମ୍ବନ କଲେ ମଧ୍ୟ ଆଳସ୍ୟ, ବିଳାସ ପ୍ରଲୋଭନରେ ପଡ଼ି ଛାତ୍ରମାନେ ଅକୃତକାର୍ଯ୍ୟ ହୁଅନ୍ତି । ସେହିପରି ଯୁଦ୍ଧକ୍ଷେତ୍ରରେ ସେନାପତି, ରୋଗୀ ଚିକିତ୍ସାବେଳେ ଡାକ୍ତର ନିଜର ସ୍ୱଚ୍ଛଦର୍ଶିତା ପାଇଁ ପଥଭ୍ରଷ୍ଟ ହେଉଛନ୍ତି । ଅନେକ ସମୟରେ  ସେମାନେ ଅନ୍ୟପ୍ରତି କୁବ୍ୟବହାର ମଧ ପ୍ରଦର୍ଶନ କରିଥାନ୍ତି । ଏହି ସ୍ଖଳନରୁ ରକ୍ଷା ପାଇବା ନିମିତ୍ତ ମାନବ ସ୍ୱଭାବତଃ ନାନା ପ୍ରକାର ଚେଷ୍ଟା କରୁଥିବାର ଦେଖାଯାଏ । ଏହି ଉଦ୍ଦେଶ୍ୟରେ ଶାରୀରିକ, ମାନସିକ ଓ ଆର୍ଥିକ ଦଣ୍ଡମାନ ସହଜରେ ପ୍ରବର୍ତ୍ତିତ ହେଉଅଛି ଏବଂ ସମୟ ସମୟରେ ନିର୍ବାସନ ବା ପ୍ରାଣବିନାଶ ପର୍ଯ୍ୟନ୍ତ ଉପାୟମାନ ମଧ ପ୍ରାୟୋଜିତ ହେଉଛି । ଏହା ଅବଶ୍ୟ କରଣୀୟ । ମାତ୍ର ମନେ ରଖିବାକୁ ହେବ ଏହି ସ୍ଖଳନର ନିରାକରଣ ଉପରୋକ୍ତ ଉପାୟ ମାନଙ୍କରେ ନାହିଁ, ଅଛି କେବଳ ଆତ୍ମଚିନ୍ତା ଓ ଆତ୍ମୋନ୍ନତିରେ । ସୁତରାଂ ଦଣ୍ଡବିଧାନଗୁଡିକ

ସ୍ୱାଧୀନ ପ୍ରାଣ ମାନବର ସ୍ଖଳନ ପ୍ରବୃତ୍ତିରେ ପୂର୍ଣ୍ଣ ସଂସ୍କାର ଆଣିପାରିବେ ନାହିଁ । ଚୌର୍ଯ୍ୟବୃତ୍ତି ପାଇଁ ଦିଆଯାଉଥିବା ଦଣ୍ଡ ପୁଣି ଦୁର୍ଦ୍ଧର୍ଷ ଛାତ୍ରର ଦୁର୍ଦ୍ଧର୍ଷତ ଦୂର ପାଇଁ ଦିଆଯାଉଥିବା ଦଣ୍ଡ ସେମାନଙ୍କ ପ୍ରବୃତ୍ତିକୁ ସମୂଳେ ଉତ୍ପାଟନ କରିପାରନ୍ତି ନାହିଁ । କାରଣ, ଦଣ୍ଡ ପାଇଥିବା ଛାତ୍ର ପ୍ରକାଶ୍ୟରେ ସେହି ପ୍ରବୃତ୍ତି ପ୍ରଦର୍ଶନ ନକଲେ ସୁଦ୍ଧା ଅନ୍ତରରେ ଭୁଲ ଦିଗରେ ଚାଳିତ ହେବାକୁ ସଚେଷ୍ଟ ଥାଏ । ସେହିପରି ଚୋରଟିଏ ପୁଲିସ ଭୟରେ ଚୌର୍ଯ୍ୟ ବୃତ୍ତି ଅବଲମ୍ବନ କରିବାକୁ ବାହ୍ୟ ଅନିଚ୍ଛା ପ୍ରଦଶନ କରୁଥିଲେ ହେଁ ଗୁପ୍ତ ଭାବରେ ସର୍ବଦା ଉପାୟ ଅନ୍ୱେଷଣରେ ଥାଏ । ସେହିପରି କେତେକ ବ୍ୟକ୍ତି ସାମାଜିକ ଓ ବ୍ୟକ୍ତିଗତ ନିନ୍ଦାରୁ ରକ୍ଷା ପାଇବା ଲାଗି ବାହାରେ ଧର୍ମ ଭାବ ଦେଖେଇ ହେଉଥିଲାବେଳେ ଅନେକ କୁକାର୍ଯ୍ୟରେ ଲିପ୍ତ ଥାଆନ୍ତି । ଅନେକ ଲୋକ ଲୋକାନିନ୍ଦାରୁ ରକ୍ଷା ପାଇବା ପାଇଁ ଲୁକ୍‌କାୟିତ ଭାବେ ସ୍ୱାର୍ଥ ସିଦ୍ଧିରେ ନିବିଷ୍ଟ ରହିଥାନ୍ତି । ସେଥିପାଇଁ ଏପରି ଉପାୟ ଅବଲମ୍ବନ କରିବା ଉଚିତ, ଯହିଁରେ ଏହି ପ୍ରବୃତ୍ତି ଗୁଡିକ ସମୂଳେ ଧ୍ୱଂସ ପ୍ରାପ୍ତ ହୋଇ ମାନବ ପ୍ରାଣରେ ନବୀନ ବଳା ଓ ପୂର୍ଣ୍ଣ ସଂସ୍କାର ସମହିତ ହେବ । ଅବଶ୍ୟ ବାହ୍ୟ ଦଣ୍ଡ-ବିଧାନା ଜୀବନ ସଂସ୍କାର ଗୃହୀତ ନହେଲେ ଜୀବନ କ୍ଷେତ୍ରରେ ତାହାର କାର୍ଯ୍ୟକାରିତା ଅସମ୍ଭବ ହୋଇଥାଏ । ପ୍ରକୃତରେ ମଣିଷ ନିଜର ଅବଧେୟ କାର୍ଯ୍ୟ ସକାଶେ ଅନୁତପ୍ତ ନ ହେଲେ, ବାହାରର କୌଣସି ଦଣ୍ଡ ତାହାକୁ ସର୍ବଦା ସତ୍‌ପଥରେ ନେଇପାରେ ନାହିଁ ।

ଅନୁତାପ କେବଳ ବିବେକ ସାହାଯ୍ୟରେ ଅବୈଧ କାର୍ଯ୍ୟମାନଙ୍କର ସମାଲୋଚନା ଓ ତଜ୍ଜନିତ ଦୁଃଖ ଏବଂ ସଂସ୍କାର ଲିପ୍‌ସାର ପ୍ରଲୋଭନରେ ଆକୃଷ୍ଟ ହୋଇ ଯେତେବେଳେ ମାନବ କର୍ମର ପ୍ରକୃତ ପଥରୁ ବିଚଳିତ ହୁଏ, ସେତେବେଳେ ତାହାର ପ୍ରଜ୍ଞା ହୀନପ୍ରଭ ହୋଇଥାଏ । ଯେତେବେଳେ ବିବେକଶକ୍ତି ପୁନର୍ବାର ପ୍ରଭାର ସହିତ ଦେଦୀପ୍ୟମାନ ହୁଏ, ସେତେବେଳେ ନିଜର ତ୍ରୁଟିକୁ ବୁଝିପାରି ସେ ଦୁଃଖାଭିଭୂତ ହୋଇପଡ଼େ ଏବଂ ପ୍ରକୃତ ମାର୍ଗରେ ଯିବାକୁ ସଂକଳ୍ପ କରେ । ଏହାହିଁ ହେଉଛି ପ୍ରକୃତ ଅନୁତାପ, ଯାହା ଜୀବନ କ୍ଷେତ୍ରରେ କାର୍ଯ୍ୟକାରୀ ହେବା ବିଧେୟ । ଏହି ଅନୁତାପ ମଣିଷ ଜୀବନରେ ଅଶାନ୍ତି ନୁହେଁ ବରଂ ପ୍ରକୃତ ସୁଖ-ଶାନ୍ତି ନେଇଆସେ । ଅତଏବ ଆମେ ମନେକରିବା ଉଚିତ ଯେ ଅନୁତାପ ହେଉଛି ଏକ ଗଠନ ଶକ୍ତି ।

ଅନୁତାପର ଏହି ଗଠନ ଶକ୍ତି ଜୀବନ ଉନ୍ନତିର ମୂଳ ନିଦାନ । ଜୀବନର ସକଳ ଦିଗରେ ଏହି ଅନୁତାପ ଜନିତ ଦୁଃଖ ଓ କ୍ରନ୍ଦନର ଉପାଦେୟତା ଅଛି । ମାନବ ପ୍ରକୃତରେ ଯଦି ଧର୍ମ ପରାୟଣ ଓ ଈଶ୍ୱର ବିଶ୍ୱାସୀ ହେବାକୁ ଚାହେଁ ତେବେ ତାକୁ ଅନୁତାପାନଳରେ ଦଗ୍‌ଧିଭୂତ ହେବାକୁ ହେବ । ଯେତେବେଳେ ମାନବ ହୃଦୟ କର୍ମକ୍ଷେତ୍ରରେ ସ୍ଖଳନା ନିମନ୍ତେ ଲଜ୍ଜିତ ହୋଇ ସେଥିରୁ ନିଷ୍କୃତି ଲାଭ କରିବାକୁ ଚେଷ୍ଟାକରେ ଏବଂ ପରିଣତିରେ ନିତ୍ୟ ପବିତ୍ରତା ଆଡ଼କୁ ଅଗ୍ରସର ହୁଏ ସେତେବେଳେ ଜାଣିହେବା ତାହାର ପ୍ରାଣରେ ଧର୍ମଭାବ ବିକଶିତ ହୋଇଛି । ଅନେକ କହିପାରନ୍ତି, ଅନୁତାପ ସବୁ ସମୟରେ ଧର୍ମ ମୂଳରେ ନିହିତ ହୋଇ ନ ଥାଏ, କାରଣ ବ୍ୟକ୍ତି ବ୍ରହ୍ମାଣ୍ଡର ସମସ୍ତବସ୍ତୁ ବିଷୟରେ କିଛି କିଛି ଜ୍ଞାନ ଲାଭ କରି ସେହି ଜ୍ଞାନ ଜନ୍ମିତ ବିସ୍ମୟରେ ନିମଗ୍ନ ହୋଇ। ପବିତ୍ର ଆନନ୍ଦ ଉପଭୋଗ କରିପାରେ । ଏହି ଅବସ୍ଥାରେ ହିଁ ମଣିଷ କୌଣସି ସ୍ଖଳନରେ ନ ପଡ଼ି ସ୍ୱାଧୀନ ଭାବରେ ଧର୍ମଭାବର ବିକାଶରେ ସାହାଯ୍ୟ କରିଥାଏ। କେବଳ ସେତିକି ନୁହେଁ ବରଂ ଅନୁତାପ ଜନିତ ପ୍ରେରଣା ବଳରେ ଧର୍ମଭାବ ମାନବ ହୃଦୟରେ ବିଶେଷ ଭାବରେ ଦୃଢ଼ୀଭୂତ ହୋଇ ତାହାର ଭବିଷ୍ୟତକୁ କ୍ରମଶଃ ପ୍ରମାଦଶୂନ୍ୟ କରିଦେଇଥାଏ ।

ବାସ୍ତବିକ ନିଜର ତ୍ରୁଟି ନିମିତ୍ତ ଆଶ୍ରୁ ବିସର୍ଜନ କରି ମାନବ ଯେତେବେଳେ ତାହାର କଳୁଷିତ ପ୍ରାଣର ଶୁଦ୍ଧି ସଂପାଦନ କରେ ସେତେବେଳେ ତାହାର ପ୍ରାଣରେ ଯେଉଁ ଶାନ୍ତି ଓ ପବିତ୍ରତା ଆସେ ତାହାର ତୁଳନା ଜଗତରେ ବିରଳ । ସେଥିପାଇଁ କୁହାଯାଏ ଅନୁତାପ ସନ୍ତପ୍ତ ଜୀବନ ଅନ୍ୟାନ୍ୟ ଜୀବନ ଅପେକ୍ଷା ବହୁପରିମାଣରେ ଉନ୍ନତ ଓ ଦୃଢ଼ୀଭୂତ । ନାନା ପ୍ରବୃତ୍ତିର

ଅଧୀନ ହୋଇ ଆମେ ଅବୈଧ କାର୍ଯ୍ୟମାନ କରୁ, ସେଥିପ୍ରତି ଅନୁତାପ ନ କରି କାର୍ଯ୍ୟକ୍ଷେତ୍ରରେ ଅଗ୍ରସର ହେଲେ ଜୀବନ ବିପଥରେ ପଡ଼େ ଓ କଳଙ୍କିତ ହୋଇଯାଏ । ଯଦି ଆମ୍ଭେମାନେ ଜୀବନର ସ୍ଖଳନ ନିମନ୍ତେ ହୃଦୟରେ ବେଦନା ଅନୁଭବ କରୁ ତାହେଲେ ଭବିଷ୍ୟତରେ ସ୍ଖଳନର କୌଣସି ସମ୍ଭାବନା ରହେନାହିଁ । ଫଳତଃ ଜୀବନ ନିଷ୍କଣ୍ଟକ ଓ ଧର୍ମାତ୍ମକ ହୋଇପଡ଼େ । ସୁତରାଂ, ଅନୁତାପ ଜୀବନର ଉତ୍କର୍ଷ ବିଧାନରେ ଗୋଟିଏ ପ୍ରଧାନ ସହାୟ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ସେହିପରି ମଣିଷର ଜ୍ଞାନର୍ଜନ ଓ ସୁଖ ସାଧନରେ ମଧ୍ୟ ଅନୁତାପ ତାହାର ଶୋଧନ ଶକ୍ତି ପ୍ରକାଶ କରିଥାଏ ।

ବ୍ୟକ୍ତି ତାହାର ଜ୍ଞାନପିପାସୁ ପ୍ରାଣରେ ନିଜ କର୍ତ୍ତବ୍ୟର ମହତ୍ତ୍ୱ ଓ ଦାୟିତ୍ୱର ଉପଲବ୍‌ଧି ପ୍ରାଣର ବ୍ୟାକୁଳତାରୁ ଉତ୍‌ଥିତ ନ ହେଲେଜ୍ଞାନ ରାଜ୍ୟର ସମସ୍ତ ଚେଷ୍ଟା ପଣ୍ଡ ହୋଇଯିବ । ଯଦି ନିଜର ଅଜ୍ଞାନତା ଉପଲବ୍‌ଧି କଲାପରେ ହୃଦୟରେ ଯେଉଁ ଶୋଚନାର ଉତ୍ପତ୍ତି ହୁଏ, ତାହା ଦ୍ୱାରା ପରିଚାଳିତ ହୋଇ କାର୍ଯ୍ୟକଲେ ପବିତ୍ର ସିଦ୍ଧି ଓ ଆନନ୍ଦ ମିଳିଥାଏ । ପ୍ରକୃତ ସୁଖ ସମ୍ଭୋଗ ସହଜ ଜୀବନ ଧାରୀ ମାନବ ପ୍ରାଣରେ କେବେ ଉପଲବ୍‌ଧ ହୋଇନାହିଁ କି ହେବ ନାହିଁ । ନିଜର ଦୁଃଖର କାରଣ ସମସ୍ତ ଅବୈଧତା ଦୂରକରି ପ୍ରକୃତ ପଥରେ ପରିଚାଳିତ ହେବାରେ ମାନବର ପ୍ରକୃତ ସୁଖ ନିହିତ ଅଛି । ଯେତେବେଳ ପର୍ଯ୍ୟନ୍ତ ମାନବ ନିଜର ଅବୈଧତାରେ ଦୁଃଖିତ ଓ ଅନୁତପ୍ତ ହୋଇନାହିଁ ଏବଂ ସେହି ଦୁଃଖ ଓ ଅନୁତାପରୁ ଉତ୍ପନ୍ନ ନିଷ୍ଠାରେ ଚାଳିତ ହୋଇ ନିଜ ଜୀବନର ଉତ୍କର୍ଷ ବିଧାନ କରିନାହିଁ, ସେ ପର୍ଯ୍ୟନ୍ତ ତାହାର ପ୍ରକୃତ ସୁଖଲାଭ କରିବାର କୌଣସି ଅଧିକାର ଆସିନାହିଁ ବୋଲି ଭାବିବାକୁ ହେବ ।

### ୨.୪. କଠିନ ଶବ୍ଦାର୍ଥ :

ଅନ୍ଧୀଭୂତ - ଅନ୍ଧତାପ୍ରାପ୍ତ

ଅବିଧେୟ - ଅନୁଚିତ

ଅନ୍ତଃପୂତି ବିଧାୟକ - ମନର ପବିତ୍ରତା ପ୍ରଦାନକାରୀ

ନିଦାନ-ମୂଳ କାରଣ

ନିଷ୍କୃତି -ମୁକ୍ତି, ନିସ୍ତାର

ପରିପୂରିତ - ଯାହା ସଂପୂର୍ଣ୍ଣ କରାଯାଇଛି

ବିଗର୍ହିତତା-ନିନ୍ଦା

### ୨.୫. ନମୁନା ପ୍ରଶ୍ନୋତ୍ତର

**ପ୍ରଶ୍ନ** :- ଅନୁତାପକୁ ଗୋଟିଏ ଗଠନ ଶକ୍ତି ବୋଲି ଲେଖକ କାହିଁକି ମନେ କରିଛନ୍ତି ?

ବହୁଶାସ୍ତ୍ର ଅଧ୍ୟୟନ ଜନିତ ଜ୍ଞାନ, ପୁରୋଦୃଷ୍ଟି ଓ ପ୍ରତୀତିରେ ସତ୍ୟର ସନ୍ଧାନ ଓ ସମାଜ କଲ୍ୟାଣକାରୀ ଚିନ୍ତନରେ ପୁଷ୍କଳ ହୋଇ ପ୍ରାବନ୍ଧିକ ରତ୍ନାକର ପ୍ରତିଙ୍କ ପ୍ରବନ୍ଧ ସମୂହ । ଯେଉଁସବୁ ପ୍ରବନ୍ଧରେ ଜଣେ ସମାଜ ସଂସ୍କାରକର ପ୍ରାଣସ୍ପନ୍ଦନ ଅନୁଭୂତ ହୁଏ । 'ପ୍ରବନ୍ଧ ପ୍ରକାଶ' ପ୍ରଥମ ଭାଗରେ ସନ୍ନିବିଷ୍ଟ 'ଅନୁତାପ' ପ୍ରବନ୍ଧଟି ତାଙ୍କ ବିଚାରବନ୍ତ ଦୃଷ୍ଟିକୋଣର ପରିଚୟ ପ୍ରଦାନ କରେ । ଜୀବନରେ ସର୍ବଦା ପ୍ରବୃତ୍ତିର ଅଧୀନ ହୋଇ ଅବନତି ଆଡ଼କୁ ଧାବିତ ହେଉଥିବା ମାନବ

ସମାଜ ପାଇଁ ଅନୁତାପ ଯେ କେତେ କଲ୍ୟାଣକାରୀ ତାହା ପ୍ରକାଶ କରିବାକୁ ଯାଇ ଅନୁତାପକୁ ଗଠନଶକ୍ତି ବୋଲି ବିବେଚନା କରିଛନ୍ତି ।

ସାମାଜିକ ଜୀବନରେ କର୍ମର ବିକାଶ ସହିତ ମାନବର ନାନା ପ୍ରକାରର ସ୍ଖଳନା ପରିଲକ୍ଷିତ ହୁଏ । ତେବେ ଯେଉଁମାନେ ଦୁଷ୍ପ୍ରବୃତ୍ତି ଦ୍ୱାରା ପ୍ରଭାବିତ ନହୋଇ ଧୀରସ୍ଥିର ଭାବରେ ନିଜର କର୍ମ ସମାପନ କରିଥାନ୍ତି ସେମାନେ ଜୀବନରେ ସାର୍ଥକତା ଲଭିଥାନ୍ତି । ଅନେକ ସମୟରେ ମାନବ କାମ, କ୍ରୋଧ, ଲୋଭ, ମୋହ ଦ୍ୱାରା ପରିଚାଳିତ ହୋଇ ଭଲ-ମନ୍ଦର ବିଚାର ନ କରି କାର୍ଯ୍ୟକ୍ଷେତ୍ରରେ ଅଗ୍ରସର ହୁଅନ୍ତି । ଯେଉଁଥିପାଇଁ ଜୀବନରେ ସ୍ଖଳନ ଆସେ ଆଉ ଜୀବନର ସରସତା ନଷ୍ଟ ହେଇଯାଏ । କେବଳ ସେତିକି ନୁହେଁ ସ୍ଖଳିତ ବ୍ୟକ୍ତି ଅନେକ ସମୟରେ ଅନ୍ୟ ପ୍ରତି କୁବ୍ୟବହାର ପ୍ରଦର୍ଶନ କରେ ।

ସ୍ଖଳନରୁବି ରକ୍ଷା ପାଇବା ପାଇଁ ମଣିଷ ବିଭିନ୍ନ ପ୍ରଚେଷ୍ଟା କରେ । ସାମାଜିକ ବ୍ୟବସ୍ଥାରେ ସେଥିପାଇଁ ଶାରୀରିକ, ମାନସିକ ଓ ଆର୍ଥିକ ଦଣ୍ଡର ପ୍ରବର୍ତ୍ତନ ରହିଛି । ମାତ୍ର ଏହିସବୁ ଦଣ୍ଡ ଦ୍ୱାରା ସ୍ଖଳନର ନିରାକରଣ ଉପାୟ ନାହିଁ ଅଛି କେବଳ ଆତ୍ମଚିନ୍ତା ଓ ଆତ୍ମୋନ୍ନତିରେ । ବାହ୍ୟ ଉପାୟରେ ମାନବର ଦୁଷ୍ପ୍ରବୃତ୍ତି ସଂପୂର୍ଣ୍ଣ ରୂପେ ଦୂରୀଭୂତ ହୋଇ ନ ଥାଏ, ଏପରି ଉପାୟ ଅବଲମ୍ବନ କରିବା ଉଚିତ ଯହିଁରେ ଏହି ପ୍ରବୃତ୍ତି ସମୂଳେ ଧ୍ୱଂସ ପ୍ରାପ୍ତ ହୋଇ ମାନବ ପ୍ରାଣରେ ନବୀନ ବଳ ଓ ପୂର୍ଣ୍ଣ ସଂସ୍କାର ସମାହିତହେବ । ତେବେ ହୃଦୟ ନିଃସୃତ ଏହି ଅବସ୍ଥା କେବଳ ସୃଷ୍ଟି କରିପାରେ ଅନୁତାପ । ଅନୁତାପ ହେଉଛି ହୃଦୟର ପବିତ୍ର ବିଧାନକାରୀ ଯିଏ କି ବ୍ୟକ୍ତିକୁ ସର୍ବଦା ସତ୍ ପଥରେ ନେବା ପାଇଁ ପ୍ରେରଣା ଦିଏ । ଅନୁତାପ ବିବେକ ସାହାଯ୍ୟରେ ଅବୈଧ କାର୍ଯ୍ୟମାନଙ୍କର ସମାଲୋଚନା ଓ ତଜ୍ଜନିତ ଦୁଃଖାନୁଭୂତିରେ ବିଚଳିତ ମାନବର ମନକୁ ପ୍ରଜ୍ଞା ପ୍ରଦାନ କରେ । ପୁନର୍ବାର ବିବେକଶକ୍ତି ଦେଦୀପ୍ୟମାନ ହୁଏ । ଏହାହିଁ ଅନୁତାପର ଜୀବନ କ୍ଷେତ୍ରରେ କାର୍ଯ୍ୟ କାରିତା ଅନୁତାପ ବ୍ୟକ୍ତିକୁ ନବୀନ ଉଦ୍ୟମରେ କାର୍ଯ୍ୟର ପ୍ରକୃତ ପଥରେ ଅଗ୍ରସର ହେବାକୁ ପ୍ରେରଣାଦିଏ । ଏହାର ପରିଣାମ ମାନବ-ଜୀବନର ଅଶାନ୍ତିବର୍ଦ୍ଧକ ନୁହେଁ – ବରଂ ତାହାର ସୁଖ ଶାନ୍ତି ସମ୍ପାଦକ ।

ପୁଣି ଅନୁତାପର ଶକ୍ତି ଜୀବନର ପୂର୍ବ ଦିଗର ଉନ୍ନତିର ମୂଳ ନିଦାନ । ଧର୍ମ, ଜ୍ଞାନ, ସୁଖ ସବୁରି ଦିଗରେ ଅନୁତାପ ଜନିତ କ୍ରନ୍ଦନର ପ୍ରମୁଖ ମୂମିକା କ୍ରନ୍ଦନର ପ୍ରମୁଖ ଭୂମିକା ରହିଛି । କହିବାକୁ ଗଲେ ବ୍ୟକ୍ତିକୁ ଧର୍ମ ପରାୟଣ କରିବା ସହିତ ତାହାର ଆତ୍ମାକୁ ଈଶ୍ୱରଙ୍କ ସହିତ ଅନୁତାପ ହିଁ ଯୋଡ଼ିଦିଏ । ଅନୁତାପ ବ୍ୟକ୍ତିକୁ ପ୍ରେରଣାଦିଏ ନିତ୍ୟ ପବିତ୍ରତା ଆଡ଼କୁ ଯିବା ପାଇଁ । ଯଦିଓ ଅନୁତାପ ସବୁ ସମୟରେ ଧର୍ମ ମୂଳରେ ନିହିତ ହୋଇନ ଥାଏ ତଥାପି ବ୍ୟକ୍ତିକୁ ତାହା ବିଶ୍ୱ ସହିତ ଏକୀଭୂତ ହେବାର ପ୍ରେରଣାଦିଏ ଏବଂ ଧର୍ମ ଭାବର ବିକାଶରେ ସାହାଯ୍ୟ କରିଥାଏ । ଅନୁତାପ ଜନିତ ପ୍ରେରଣା ବଳରେ ଧର୍ମଭାବ ମାନବ ହୃଦୟରେ ଦୃଢ଼ୀଭୂତ ହୁଏ ଓ ତାହାର ଭବିଷ୍ୟତକୁ ପ୍ରମାଦଶୂନ୍ୟ କରିଦେଇଥାଏ । ଅନୁତାପ ବେଳେ ବ୍ୟକ୍ତି ପ୍ରାଣରେ ଯେଉଁ ଶାନ୍ତି ଓ ପବିତ୍ରତା ଉପଲବ୍‌ଧି ହୁଏ ତାହାର ତୁଳନା ବିଶ୍ୱଜଗତରେ ଅତି ବିରଳ । ତେଣୁ କୁହାଯାଇ ପାରେ ଅନୁତାପ ପରିପୂରିତ ଜୀବନ ଅନ୍ୟାନ୍ୟ ଜୀବନ ଅପେକ୍ଷା ବହୁ ପରିମାଣରେ ଉନ୍ନତ ଓ ଦୃଢ଼ୀଭୂତ । ନାନା ପ୍ରବୃତ୍ତିର ଅଧୀନ ହୋଇ ଆମ୍ଭେମାନେ ଯେଉଁ ଅବୈଧ କାର୍ଯ୍ୟ ସବୁ ସମ୍ପାଦନ କରୁ, ସେଥିପାଇଁ ଗଭୀର ଅନୁତାପ ଅନୁଭବ ନ କରି କାର୍ଯ୍ୟ କ୍ଷେତ୍ରରେ ଅଗ୍ରସର ହେଲେ ଜୀବନ କ୍ରମଶଃ ସେହି ବିପଥରେ ଅଭ୍ୟସ୍ତ ହୋଇପଡ଼େ ଏବଂ ଗୋଟିଏ କଳଙ୍କିତ ଜୀବନ ମିଳିଥାଏ । ମାତ୍ର ଅନୁତାପ ଦ୍ୱାରା ଜୀବନ ନିଷ୍କଣ୍ଟକ ଓ ଧର୍ମାତ୍ମକ ହୋଇପଡ଼େ ଏପରିକି ତାହା ଜୀବନର ପ୍ରଧାନ ସହାୟକ ଭାବରେ ଛିଡାହୁଏ । ସେହିପରି ମାନବର ଜ୍ଞାନର୍ଜନ ଓ ସୁଖ ସାଧନରେ ମଧ୍ୟ ଅନୁତାପ ତାହାର ଶୋଧନ ଶକ୍ତି ପ୍ରକାଶ କରିଥାଏ ।

ଜ୍ଞାନ ପିପାସୁ ପ୍ରାଣରେ କର୍ତ୍ତବ୍ୟର ମହତ୍ତ୍ୱ ଓ ଦାୟିତ୍ୱ ପ୍ରତି ବ୍ୟାକୁଳତା ପ୍ରଦାନ କରିଥାଏ ଅନୁତାପ । ତାହା ଦ୍ୱାରା ହୃଦୟ ମଧ୍ୟରେ ଯେଉଁ ଶୋଚନାର ଉତ୍ପତ୍ତି ହୁଏ, ତାହାର ଉତ୍ତାପରେ ପ୍ରଣୋଦିତ ହୋଇ କାର୍ଯ୍ୟକରିବା ଦ୍ୱାରା ମାନବ ଯେଉଁ ପବିତ୍ର ସିଦ୍ଧି ଓ ଆନନ୍ଦ ପାଏ, ତାହା ଅନ୍ୟ ଉପାୟରେ ଅର୍ଜିତ ହୋଇପାରିବ ନାହିଁ । ସୁଖ ସମ୍ବନ୍ଧରେ ମଧ ସେଇକଥା । କାରଣ ଅନୁତାପ ହିଁ ଅଫୁରନ୍ତ ସୁଖ ପ୍ରଦାନ କରିଥାଏ । ଯେତେବେଳେ ସ୍ଖଳିତ ବ୍ୟକ୍ତିଟିଏ ନିଜ ଅବୈଧତାରେ ଦୁଃଖିତ ଓ ଅନୁତପ୍ତ ହୁଏ ଏବଂସେହି ଦୁଃଖ ଓ ଅନୁତାପରୁ ଉତ୍ପନ୍ନ ନିଷ୍ଠାରେ ଚାଳିତ ହେଲେ ନିଜ ଜୀବନର ଉତ୍କର୍ଷ ଅନୁଭବ କରିହୁଏ । ତେବେ ଅନୁତାପ ଯାହା ଭିତରେ ଆସି ନାହିଁ ପ୍ରକୃତ ସୁଖ ଲାଭ କରିବାର କୌଣସି ଅଧିକାର ମଧ ତାହାର ଆସିନାହିଁ ବୋଲି ଭାବିବାକୁ ହେବ । କାରଣ ଅନୁତାପ ଜୀବନକୁ ନିଷ୍କଣ୍ଟକ ଓ ଧର୍ମାତ୍ମକ କରେ ପୁଣି ଉନ୍ନତିର ଚରମ ଶକ୍ତି ଓ ସୁଖ ପ୍ରଦାନ କରେ । ତେଣୁ କୁହାଯାଇପାରେ ଅନୁତାପ କେବଳ ଗୋଟିଏ ଶକ୍ତି କେବଳ ନୁହେଁ ଏହା ଗୋଟିଏ ଗଠନ ଶକ୍ତି । ଯାହା ଭିତରେ ରେହିଛି ନୂଆପରି ଗଢ଼ିବାର ପ୍ରେରଣା ଓ ବାସ୍ତବତା । ସେହି ଗଠନ ବ୍ୟକ୍ତିକୁ ଅମୃତତ୍ତ୍ୱର ସନ୍ଧାନ ଦେବ ଏବଂ ଦୁର୍ବଳ ଓ ସ୍ଖଳିତ ମାନବକୁ ଶକ୍ତିମୟ କରି ସମାଜ ଗଠନରେ ଅଗ୍ରସର ହେବାକୁ ପ୍ରେରଣା ଦେବ ।

ଅନୁତାପକୁ ଏକ ଗଠନ ଶକ୍ତି ବୋଲି ଯୁକ୍ତି ବାଢ଼ିବା ପଛରେ ପ୍ରାବନ୍ଧିକଙ୍କର ରହିଛି ସମାଜ ସଂସ୍କାରକ ଓ ସମାଜ ଶିକ୍ଷକର ଭାବ । ଯିଏକି ସ୍ଖଳିତ ମାନବ ସମାଜ ଭିତରେ ଆଉଥରେ ନିଃସ୍ୱାର୍ଥପରତା, ଦେଶହିତୈଷୀତା ଓ ଧର୍ମଭାବକୁ ପ୍ରତିଷ୍ଠା କରିବାକୁ ଚାହିଁଛନ୍ତି । ତେବେ ଯେତେଦିନ ଯାଏ ଅନୁତାପ ରୂପକ ଗଠନ ଶକ୍ତି ଧ୍ୱାରା ମାନବ ସମାଜ ପ୍ରଭାବିତ ହୋଇନାହିଁ ସେତେଦିନ ଯାଏ ମାନବ ଅଶାନ୍ତି ଓ ପ୍ରମାଦଭରା ଜୀବନ ଜୀଇଁବ । ତେବେ ଅନୁତାପକୁ ଗଠନ ଶକ୍ତି ବୋଲି କହିବା ପଛରେ ପ୍ରାବନ୍ଧିକ ରତ୍ନାକର ପତିଙ୍କ ଯେଉଁ ସମାଜ କଲ୍ୟାଣକାରୀ ବୃହତ୍ତର ଉଦ୍ଦେଶ୍ୟ ରହିଛି ତାହା ଆମକୁ ଗ୍ରହଣ କରିବାକୁ ପଡ଼ିବ ।

**୨୨.୬. ସମ୍ଭାବ୍ୟ ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ :**

(କ) ସ୍ଖଳନର ନିରାକରଣ ପାଇଁ ଅନୁତାପ ଏକମାତ୍ର ପନ୍ଥା – ପଠିତ ପ୍ରବନ୍ଧରୁ ଆଲୋଚନା କର ।

(ଖ) ଅବିଧେୟ କାର୍ଯ୍ୟ ସକାଶେ ଅନୁତପ୍ତ ନ ହେଲେ ବ୍ୟକ୍ତି ସତ୍‌ପଥରେ ଯାଇପାରେ ନାହିଁ – ଏହି ଉକ୍ତିର ତାତ୍ପର୍ଯ୍ୟ ବିଚାର କର ।

(ଗ) ଅନୁତାପ ଜୀବନର ଉତ୍କର୍ଷ ବିଧାନରେ ଗୋଟିଏ ପ୍ରଧାନ ସହାୟ ବୋଲି ପ୍ରାବନ୍ଧିକ କାହିଁକି କହିଛନ୍ତି ?

(ଘ) ପ୍ରକୃତ ସୁଖଲାଭ କରିବାର ଅଧିକାର କେତେବେଳେ ଆସେ, ପଠିତ ପ୍ରବନ୍ଧ ଆଧାରରେ ଉଲ୍ଲେଖ କର ।

(ଙ) ଅନୁତାପର ଗଠନ ଶକ୍ତି ଜୀବନର ପୂର୍ବ ଦିଗର ଉନ୍ନତିର ମୂଳ ନିଦାନ – ଏହି ଉକ୍ତିର ଯଥାର୍ଥତା ପ୍ରଦାନ କର ।

## ୩.୦. ପ୍ରବନ୍ଧ : କଳାଧଳା

### ପ୍ରାବନ୍ଧିକ : ଗୋବିନ୍ଦ ତ୍ରିପାଠୀ

## ୩.୧. ପ୍ରାବନ୍ଧିକ ଗୋବିନ୍ଦ ତ୍ରିପାଠୀ ସାରସ୍ୱତ ପରିଚିତି

ପ୍ରାବନ୍ଧିକ ଗୋବିନ୍ଦ ତ୍ରିପାଠୀ ଓଡ଼ିଆ ପ୍ରବନ୍ଧ ସାହିତ୍ୟର ଆଧୁନିକ ପର୍ବରେ ଏକ ଚର୍ଚ୍ଚିତ ନାମ । ହାସ୍ୟରସର ସ୍ପର୍ଶ ଭିତରେ ହିଁ କଳାତ୍ମକତାର ସାର୍ଥକ୍ୟ ରୂପରେଖ ହେଉଛି ତାଙ୍କ ପ୍ରବନ୍ଧ ସମୂହ । ଅନୁକରଣ ସର୍ବସ୍ୱ ମନୋଭାବ ଓ ରୀତିନୀତିର କଠୋର ସମାଲୋଚନା ଭିତରେ ସଂସ୍କାର ଲିପ୍ସାର ପରିଚୟ ଦେଇଛନ୍ତି ଗୋବିନ୍ଦ ତ୍ରିପାଠୀ । ଅତ୍ୟନ୍ତ ସ୍ୱାଧୀନ ଚେତା ଶ୍ରୀଯୁକ୍ତ ତ୍ରିପାଠୀ ପ୍ରବନ୍ଧ ମାଧ୍ୟମରେ ପାଠକ ପ୍ରାଣରେ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତ ଗ୍ରହଣ କରିବାର ଅବକାଶ ସୃଷ୍ଟି କରିଥାନ୍ତି । ସୂକ୍ଷ୍ମ ଅବବୋଧ ସହିତ ବ୍ୟକ୍ତି ଓ ସମାଜ ପ୍ରତି ଅନୁରାଗ ପୂର୍ଣ୍ଣ ଦୃଷ୍ଟି ତାଙ୍କ ପ୍ରବନ୍ଧର ମୂଳଭିତ୍ତି । କେତେକାଂଶରେ ଶାସ୍ତ୍ରର ମୂଳତତ୍ତ୍ୱକୁ ବୈଜ୍ଞାନିକ ରୀତିରେ ବ୍ୟାଖ୍ୟା କରିବା ତାଙ୍କ ତତ୍ତ୍ୱାନ୍ୱେଷୀ ଦୃଷ୍ଟିଭଙ୍ଗୀର ପରିଚୟ । ଫକୀର ମୋହନ ଓ ଗୋପାଳ ପ୍ରହରାଜଙ୍କ ପ୍ରଭାବ ସ୍ୱାଧୀନତା ପରବର୍ତ୍ତୀ ପ୍ରବନ୍ଧ ସାହିତ୍ୟରେ ମଧ୍ୟ ସେ ଅତିକ୍ରାନ୍ତ ହୋଇପାରି ନାହିଁ, ଗୋବିନ୍ଦ ତ୍ରିପାଠୀଙ୍କ ପ୍ରବନ୍ଧ ତାର ପ୍ରମାଣ ।

**ସମୟ** : ଆବିର୍ଭାବ – ୧୮୯୯

ତିରୋଭାବ – ୧୯୬୨

ସାଧନାକାଳ – ୧୯୨୨ରୁ ୧୯୬୨

**ସାରସ୍ୱତ ସମ୍ଭାର** : 'ବଟୁଆ', 'କଖାରୁ ଫୁଲ', 'ଦାଢ଼ି', 'କଂସାରି ଘର ପାରା', 'ନୈତିକତା ବ୍ୟାପାର', 'ଆକାଶ କଇଁଆଁ,' 'ଶିବ ପାର୍ବତୀ', ଅଧିଆପକା, ମଣିଷ ଦେବତା, ଗୋପବନ୍ଧୁଙ୍କ ଶ୍ରାଦ୍ଧ

**ସମକାଳୀନ ପ୍ରାବନ୍ଧିକ** – ବିରୁପାକ୍ଷ କର, କାଳିଆ ପାଣିଗ୍ରାହୀ, ହରେକୃଷ୍ଣ ମହତାବ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ।

## ୩.୨. 'କଳାଧଳା'ର ଭାବାଦର୍ଶ

'କଳାଧଳା' ପ୍ରବନ୍ଧଟି ଏକ ମନନଶୀଳ ପ୍ରବନ୍ଧ । ବ୍ୟଙ୍ଗାତ୍ମକ ଶୈଳୀରେ ରଚିତ ଏହି ପ୍ରବନ୍ଧରେ 'କଳା'ର ମୂଲ୍ୟାଙ୍କନ କରିବାକୁ ଯାଇ ଆସରନ୍ତି ଜୀବନ ପ୍ରକ୍ରିୟା ଭିତରେ ତାହାର ସ୍ଥାନ ନିରୂପଣ କରିଛନ୍ତି । ସେହିପରି ଛଳନାର ଧବଳତ୍ୱ ଭିତରେ କଳାର ଅସ୍ତିତ୍ୱ କିପରି ବଳିପଡୁଛି ତାହା ଅନେକ ପ୍ରସଙ୍ଗକୁ ଗ୍ରହଣ କରି ବୁଝାଇବାର ପ୍ରୟାସରେ ବ୍ରତୀ ହୋଇଛନ୍ତି । ତେବେ କଳାକାର ଭିତରେ ଥିବା ତାହାର ଅନନ୍ତ ସାଧନା ଓ ବିଭୂବୋଧ ସହଜରେ ମରେ ନାହିଁ । ଯେଉଁଦିନ କଳାକାର ବର୍ତ୍ତମାନ ସର୍ବସ୍ୱ ହୋଇଯିବ । ଅତଏବ ଏହି ପ୍ରବନ୍ଧ ମାଧ୍ୟମରେ ଜୀବନର ମହତ୍ତ୍ୱର ଦିଗପ୍ରତି ଧ୍ୟାନ ଦେବାକୁ ପ୍ରାବନ୍ଧିକ ସୁଚିନ୍ତିତ ପରାମର୍ଶ ଦେଇଛନ୍ତି ଯାହାଦ୍ୱାରା ଜଗତର କଲ୍ୟାଣ ସମ୍ଭବ ।

## ୩.୩. 'କଳାଧଳା'ର ସାରାଂଶ

ସମସ୍ତେ ଜାଣନ୍ତି କଳାକଳା, ଧଳାଧଳା । ଏ ଦୁହିଁଙ୍କର ଭେଟ ଏବେ ଅସମ୍ଭବ ପିନ୍ଧୁଛୁ । ଚଷା ଭୂଷାର ଦେଶ କଳ କାରଖାନାର ଦେଶ ପାଲଟିଛି । ମରୁଭୂମିରେ ଶ୍ୟାମଳ ଗହମକ୍ଷେତ ସମ୍ଭବ ହୋଇଛି । ଏ ସବୁ ସତ୍ତ୍ୱେ ପରଳ ମାଡି ଯାଇଛି

ଆମ ଆଖିରେ । ଲେଖକଟିଏ କଳାକାରଟିଏ କିନ୍ତୁ ଦେଖୁଛି ସେଇ ପୁରୁଣା ଭୂଇଁଟାର ହସ ଓ କାନ୍ଦ, ଶୁଷ୍କତା ଓ ସରସତା, କଳାକାରଖାନାର ସାଇରନ୍ ଭିତରେ ଶୁଣିଛି ପୂରବୀର ତାନ ଓ ମୂର୍ଚ୍ଛନା ।

କିଛି ବଦଳିନି । ସେଇ ରାଧାଅଛି, ତାରସ୍ୱର, ତା'ରି ଆକୃତି । ମୁହଁର ମୁଖାବି ଗୋଟିଏ । ରାମଙ୍କର ବା ରାବଣଙ୍କର । କଳା ଉପରେ ଧଳା ବୋଳି ତାକୁ ଧଳା କରିବାର ଯେତେ ବି ଚେଷ୍ଟାଅଛି କଳା କେବେ ଧଳା ହେଇପାରିବନି । ପୁଣି ଧଳା ଉପରେ କଳାପୁଟ ବୋଳିଦେଲେ ସେଥିରେ ଯାଦୁ ଫୁଟିଯିବ ସିନା, କଳା ହୋଇପାରିବନି ।

ଅନେକ ଅଛନ୍ତି ଯେଉଁମାନେ ଅର୍ଥ ବଳରେ ଗରିବ କଳାକାରଠାରୁ ସାହିତ୍ୟ, ଇତିହାସ, ନାଟକ ଇତ୍ୟାଦି ଲେଖେଇ ନେଇ କଳାକାର ବୋଲେଇ ହୁଅନ୍ତି । ମାତ୍ର ଲୋକେ ତାହାର ଧଳାକାରକୁ ଦେଖନ୍ତି । ଯେପରି ଆଠଗଡର ରାଜାଙ୍କ ନାଁରେ ଭଣିତା ହେଲା, ତଥାପି ସେ କଳାକାର ହୋଇପାରିଲେନି । କବିସୂର୍ଯ୍ୟଙ୍କୁ କଳାକାର ବୋଲି ସମସ୍ତେ କହିଲେ, ତାଙ୍କ ଦେହକୁ ଧଳା ଛୁଇଁ ପାରିଲାନି । ବିଶ୍ୱର ପ୍ରସିଦ୍ଧ ନେତାଗଣ କ୍ରୁଶ୍ଚେଭ, ଆଇନଜନହୋର୍, ମାକ୍ମିଲାନ, କେନେଡ଼ି ଇତ୍ୟାଦି ଖୁବ୍ ପ୍ରସିଦ୍ଧ ଭାଷଣ ସବୁ ଦେଉଛନ୍ତି । ଆମେ ତାଙ୍କୁ ବାହାବା ଦେଉଛୁ, ତାଙ୍କ ପାଣ୍ଡିତ୍ୟ ଦେଖି । ମାତ୍ର ଏହି ନେତାଙ୍କ ଭାଷଣ ପଛରେ ଥାଆନ୍ତି ଦଳେ ପୋଷା କଳାକାର । ଯେଉଁମାନେ ଭାଷଣ ଲେଖନ୍ତି, ଅଥଚ ତାଙ୍କ ନାଁ କେହି ଜାଣନ୍ତିନି । ପାଶ୍ଚାତ୍ୟ ଦେଶରେ ଯାହା ହେଉଛି ଆମ ଦେଶରେ ମଧ୍ୟ ତାହା ହେଉଛି । ମାତ୍ର ସେ ଦେଶର ଲୋକଙ୍କୁ ଭଣ୍ଡାଇବା କଷ୍ଟକର । ଏ ଦେଶରେ ସରଗକୁ ନିଶୁଣି ନାହିଁ କି ବଡ ଲୋକଙ୍କୁ ଉତ୍ତର ନାହିଁ । ଏଠି ବଡ ଲୋକଙ୍କ ଭାଷଣକୁ ଲୋକେ ଆଁ କରି ଶୁଣନ୍ତି ଓ ତାଳି ମାରନ୍ତି । ସେ ଦେଶର କଳାକାରଙ୍କ ଅଣ୍ଟାକୁ କିଛି ଧଳାମାଲ୍ ଆସେ, ଏ ଦେଶରେ ତା ମଧ୍ୟ ହୁଏନି । ତେବେ କଳାକାରା ଚାହିଁଲେ ଧଳାକାର ହେଇପାରିବେ ସେଥିପାଇଁ ତାଙ୍କୁ ଧଳାକାରପଛରେ ଗୋଡ଼ାଇବା ସ୍ୱଭାବଟି ଛାଡ଼ିବାକୁ ପଡ଼ିବ । ଭିକ୍ଷା ମାଗି ପରର ଅନୁସରଣ କରି କେହି କେବେ ବଡ଼ ଲୋକ ହେଇନି । ଖାଲି ଧଳା କମେଇବାରେ ମଧ୍ୟ ମଣିଷ ବଡ଼ ହୋଇପାରେନି । ଯେ ପ୍ରକୃତ କଳାକାର ସେ କେବଳ ନିଜ ଗାଁ କି ସହର ଭିତରେ ନିଜର ପରିଚୟ ପାଇଁ ଚେଷ୍ଟା କରେନି । ବରଂ ସେ ଦୃଷ୍ଟିଦିଏ ଅନନ୍ତ କାଳର ବିଶେଷ ବାଟକୁ ।

କାଳିଦାସି ଗରିବ ଥିଲେ, ଉଜ୍ଜୟିନୀ ମହାରାଜାଙ୍କ ତୁଳନାରେ ଅତି ଗରିବ । କିନ୍ତୁ ସେ ପ୍ରକୃତ କଳାକାର ଥିଲେ ବୋଲି ଅନନ୍ତ କାଳର ଅଶେଷ ପଥରେ ତାଙ୍କ ଦୃଷ୍ଟି ବାନ୍ଧି ହୋଇ ରହିଥିଲା ବୋଲି ସେ ଆଜି ବି ଅମର ରହିଛନ୍ତି । ତାଙ୍କର ଅମରତ୍ୱର ସାଥି ବିକ୍ରମାଦିତ୍ୟକୁ କରି ପାରିଛନ୍ତି । ଏ ଦେଶରେ ରବୀନ୍ଦ୍ରନାଥଙ୍କ ସମକାଳର ବିରଳା ଗୋଏଙ୍କା ଆଦି ସମୟ ସ୍ରୋତରେ ଲୁଚି ଯାଇଛନ୍ତି । ମାତ୍ର ରବୀନ୍ଦ୍ର ନାଥ ଅନନ୍ତ କାଳ ପଥରେ ଦୃଷ୍ଟି ନିବଦ୍ଧ କରି ଚାହିଥିଲେ ବୋଲି ସେ ବିଶ୍ୱକବି, ବିଶ୍ୱବରେଣ୍ୟ । ରବୀନ୍ଦ୍ର ଇଚ୍ଛା କରିଥିଲେ ଚର୍ଚ୍ଚିଲଙ୍କର ଧଳାମୁଣା ଭିତରେ ପଶିରହି ପାରିଥାନ୍ତେ । କିନ୍ତୁ ସେ ଇଚ୍ଛାକଲେ ଲଙ୍ଗଳା ଫକୀର ଗାନ୍ଧିଙ୍କର କଳାମୁଣାଟିକୁ ନେଇ ଟୋପି କରିବାକୁ । କାରଣ ସେ ଗାନ୍ଧିଙ୍କର ସତ୍ୟ ଅହିଂସା ନୀତିରେ ଅନନ୍ତକାଳର ସନ୍ଧାନ ପାଇଥିଲେ ।

ବିଶ୍ୱଅନନ୍ତ, କାଳ ଅସୀମ, ବିଶ୍ୱର ପ୍ରବାହ ଅଶେଷ । କିନ୍ତୁ ପ୍ରତିସୃଷ୍ଟି ପୂର୍ବସୃଷ୍ଟିର ପୁତ୍ର, ପରସୃଷ୍ଟିର ଜନକ । ଆତ୍ମାଭିମାନୀ ମଣିଷ ଏକଥା ବୁଝେନାହିଁ । କାରଣ ସେମାନଙ୍କ ଆଖିରେ ଏଇ ଯୁଗ ସମ୍ପୂର୍ଣ୍ଣ ନୂଆ । ସେମାନେ ବୁଝନ୍ତି ନାହିଁ ପୁରୁଣା ସହିତ ନୂଆର ନିବିଡ଼ ସଂପର୍କ ରହିଛି । ହାମ୍‌ଲେଟ୍ ଏବଂ ମ୍ୟାନ୍ ଆଣ୍ଡ ସୁପରମ୍ୟାନ, ମେଘଦୂତ ଓ ଗୀତାଞ୍ଜଳି– ସମସ୍ତେ ଏକା ସୂତାରେ ଗୁନ୍ଥା । ଯେ ଫୁଲଟି ପରେ ସେ ଫୁଲଟି ଯେପରି ଅବଶ୍ୟମ୍ଭାବୀ, ଗୀତାର ଆତ୍ମବାଦ ପରେ ବର୍ତ୍ତମାନର ଅଟୋମିକ ମଧ୍ୟ ସେହିପରି ଅବଶ୍ୟମ୍ଭାବୀ । ମଣିଷ ଏକଥା ବୁଝିବାକୁ ନାରାଜ । କାରଣ ତାହାର କ୍ଷୁଦ୍ର ସ୍ୱାର୍ଥ ଆଉ ଅହଙ୍କାର ଛଡ଼ା ତାକୁ ଆଉ କିଛି ଦିଶେନାହିଁ । ପାଞ୍ଚଜଣଙ୍କ ଭିତରେ ଜଣେ ହୋଇ ରହିଲେ ଆତ୍ମବଡ଼ିମା ପ୍ରକାଶ

ହୋଇ ପାରିବନି । ଏଇଠି ମନେ ରଖିବା ଉଚିତ ଏକୁଟିଆ ହେଲେ ହଜିଯିବା ସହଜ କିନ୍ତୁ ରୁଦ୍ରାକ୍ଷ ମାଳାର ରୁଦ୍ରାକ୍ଷଟିଏ ପରି ହେଲେ ଅହଙ୍କାର ଅବଲୁପ୍ତ ହେବ ।

କଳାକାର ଅସରନ୍ତି ରୁଦ୍ରାକ୍ଷମାଳାଟି ଧରି ଅନନ୍ତର ଅଶେଷ ଜପ କରିଥାଏ । ସେହି ହେତୁରୁ ସେ ବଞ୍ଚିରହେ ଅନନ୍ତକାଳ ଲାଗି । ତଥାପି ମଣିଷମାନେ ବୁଝନ୍ତିନି ଅନନ୍ତ କ'ଣ ? ଏ ବିଶ୍ୱରେ ଗୋଟିଏ ମାତ୍ର କଥା ଅନନ୍ତ । ସେ ହେଉଛି ସୃଷ୍ଟି, ସୃଷ୍ଟି ବନ୍ଦ ହୋଇ ପାରେନି । ତାହା ଅନନ୍ତ, ଅସୀମ ଓ ଅଶେଷ । ବିଶ୍ୱାମିତ୍ର, ଋଷ୍ୟଶୃଙ୍ଗ, ବିଶ୍ୱଶ୍ରବା ଯେଉଁ କରଣୀରେ ସୃଷ୍ଟି କ୍ରିୟାରେ ସାହାଯ୍ୟ କରିଥିଲେ ଚର୍ଚ୍ଚିଲ, ଆଇଜେନ୍‌ହୋର, ମାକ-ମିଲାନ, କେନେଡି ଠିକ୍ ସେହି ପ୍ରକ୍ରିୟାରେ ସୃଷ୍ଟି କାରଣରେ ସାହାଯ୍ୟ କରିଛନ୍ତି । ଯେ ଅନନ୍ତ ବ୍ରହ୍ମାଣ୍ଡରେ ଜୀବାଣୁର ଜୀବନଠାରୁ କ୍ରୁଶ୍ଚେଭଙ୍କ ଜୀବନ କିଛି ଅଲଗାନୁହେଁ । ତେବେ ବୈଜ୍ଞାନିକ ପ୍ରକ୍ରିୟାରେ ବୈଜ୍ଞାନିକଗଣ ବହୁତ ବଡ଼ ବଡ଼ କଥା କରିଛନ୍ତି ମାତ୍ର ଅନନ୍ତଧାରାର କିଛି ମାତ୍ର ଆଞ୍ଚ ଆଣିପାରି ନାହାନ୍ତି, ଆଣିପାରିବେନି ମଧ୍ୟ ।

ଏହି ଅନନ୍ତ ଅସୀମ ଅଶେଷ ଅସରନ୍ତି କଥା ହିଁ କଳାକାରର ଏକମାତ୍ର ଧ୍ୟେୟ, ଶ୍ରେୟ ଓ କ୍ରିୟା । ଇଂରେଜ କବି ଲ୍ୟାଣ୍ଡର କହିଥିଲେ, ମୁଁ ପ୍ରକୃତିକୁ ଭଲପାଏ, ତାପରେ କଳାକୁ । କାରଣ, ପ୍ରକୃତି ହିଁ ଏହି ଅସରନ୍ତି ଜୀବନ ପ୍ରକ୍ରିୟାର ବିକାଶ ଆଉ କଳା ମଧ୍ୟ କଳ୍ପନାର ତୂଳିରେ ଏହି ଜୀବନ ପ୍ରକ୍ରିୟା ପ୍ରକାଶ । ଯେଉଁଦିନ କଳାକାର ବର୍ତ୍ତମାନ ସର୍ବସ୍ୱ ଓ ଆତମସର୍ବସ୍ୱ ହୋଇବସିବ ସେଇଦିନ କଳାକାର ଧଳାକାରର ଗୋଲାମ ହୋଇଯିବ । ଧଳାଗୋଲକର ଛାଇତଳେ ତା'ର ଅସ୍ତିତ୍ୱ ଲିଭିଯିବ । ତେଣୁ ହେ କଳାକାରମାନେ ଧଳାଗୋଲକର କ୍ଷଣିକ ଅପ୍‌ସରା ସଂଗୀତରେ ଭୁଲିନଯାଇ ଅନନ୍ତ, ଅସୀମ ଅଶେଷର ପୂଜାକରି କ୍ଷଣିକତ୍ୱକୁ ଡ଼େଇଁଯାଅ । ତା'ପରେ ତୁମେ କଳାକାର ବୋଲି ଗର୍ବ କରିବାରେ କିଛି କ୍ଷୋଭ ନାହିଁ ।

### ୩.୪. କଠିନ ଶବ୍ଦାର୍ଥ

ପୂରବୀ–ରାଗିଣୀ ବିଶେଷ

ଆତ୍ମମ୍ଭରି – ସ୍ୱାର୍ଥପର/ଅହଂସର୍ବସ୍ୱ

ଗୁଆଁର – ନିର୍ବୋଧ, ମୂର୍ଖ

ଅଷ୍ଟଦୁର୍ଗ ନୃପ–ଆଠଗଡ଼ର ରାଜା (ଅଷ୍ଟଦୁର୍ଗାଧି ପତି)

### ୩.୫. ନମୁନା ପ୍ରଶ୍ନୋତ୍ତର

**ପ୍ରଶ୍ନ** : କଳାକାରର ସୃଷ୍ଟିକ୍ରିୟା ଅନନ୍ତ, ଅସୀମ ଓ ଅଶେଷ, ପଠିତ ପ୍ରବନ୍ଧ ଅନୁସରଣରେ ବ୍ୟାଖ୍ୟାକର ।

ପ୍ରାବନ୍ଧିକ ଗୋବିନ୍ଦ ତ୍ରିପାଠୀଙ୍କ 'କଳାଧଳା' ପ୍ରବନ୍ଧଟି ରମ୍ୟରଚନା ଶୈଳୀରେ ରଚିତ ଏକ ମନନଧର୍ମୀ ପ୍ରବନ୍ଧ । ଯେଉଁଥିରେ ପ୍ରାବନ୍ଧିକ ଆତ୍ମାଭିମାନୀ ବ୍ୟକ୍ତିଙ୍କୁ ତିରସ୍କାର କରି କଳାକାରଟିକୁ ଉପଯୁକ୍ତ ମର୍ଯ୍ୟାଦା ପ୍ରଦାନ କରିବାର ଚେଷ୍ଟା କରିଛନ୍ତି । ଯେଉଁଠି ପ୍ରାବନ୍ଧିକ ଘୋଷଣା କରିଛନ୍ତି ଯେ କଳା ଉପରେ ଧଳାର ବିଜୟ କସ୍ମିନ୍ କାଳେ ସମ୍ଭବ ନୁହେଁ ।

କଳାକାରର ସୃଷ୍ଟିକ୍ରିୟା ଅନନ୍ତ, ଅସୀମ ଓ ଅଶେଷ । ଅନେକ ଧୁରନ୍ଧର ବ୍ୟକ୍ତିମାନେ ଅର୍ଥ ଓ ପ୍ରତିପତ୍ତି ବଳରେ କଳାର କଳାତ୍ୱ ଉପରେ ଧଳାତ୍ୱର ପ୍ରଲେପ ଦେଇ ନିଜେ ଜଣେ ଶ୍ରେଷ୍ଠ କଳାକାର ଓ କଳାର ପୂଜାରୀ ବୋଲି ଆତ୍ମପ୍ରଚାର

କରିଚାଲିଥାନ୍ତି । ଯେମିତି ଆଠଗଡ଼ର ଦୁର୍ଗପତି କବିସୂର୍ଯ୍ୟଙ୍କ କବିତାରେ ଛାଇ ହେଇଗଲେ । ଅନେକ ଭଣିତା ଲେଖାଗଲା ତାଙ୍କ ନାଁରେ । ମାତ୍ର ଦୁର୍ଗାଧିପତି କଳାକାର ହେଇ ପାରିଲେନି । ସେଇ କବିସୂର୍ଯ୍ୟଙ୍କୁ କଳାକାର ବୋଲି ସମସ୍ତେ କହିଲେ ତାଙ୍କ ଦେହକୁ ଧଳା ଛୁଇଁ ପାରିଲାନି ।

ପ୍ରତିପତ୍ତିଶାଳୀ ଲୋକେ କଳାକାରର ଗରୀବ ପଣିଆ ଉପରେ ଚଢ଼ି ତାଙ୍କ ଠାରୁ ସାହିତ୍ୟ, ଇତିହାସ, ନାଟକ ଲେଖାଇ ନିଅନ୍ତି । ବଡ଼ ବଡ଼ ନେତା ଏବଂ ବିଶ୍ୱ ଚାଳକମାନେ ପ୍ରସିଦ୍ଧ ଭାଷଣ ସବୁ ଅନ୍ୟଠୁ ଲେଖାଇ ପ୍ରସିଦ୍ଧି ପାଇଯାଆନ୍ତି । ମାତ୍ର ଲୋକେ ଜାଣନ୍ତି ଏହି ଧଳାକାରଙ୍କ କଳା ପଛରେ କଳାକାରର ଭୂମିକା ରହିଛି । ଅନେକ ସମୟରେ ଅର୍ଥ ପାଇଁ ସେମାନେ ଅନ୍ୟର ଅନୁସରଣିଆ ହୋଇ ଥାଆନ୍ତି ।

ପ୍ରକୃତ କଳାକାର ସିଏ ଯେ ଦୃଷ୍ଟିଦିଏ ଅନନ୍ତକାଳର ବିଶେଷ ମାର୍ଗକୁ । କାଳିଦାସ ଉଜ୍ଜୟିନୀ ମହାରାଜାଙ୍କ ତୁଳନାରେ ଅତି ଗରିବ ଥିଲେ । କାଶୀ ମହାରାଜାଙ୍କ ଗହଣରେ ଜଣେ ସାମାନ୍ୟ ସଭାସଦ୍ ମାତ୍ର। କିନ୍ତୁ ସେ ପ୍ରକୃତ କଳାକାର ଥିଲେ ବୋଲି ଅନନ୍ତକାଳର ଅଶେଷ ପଥରେ ତାଙ୍କ ଦୃଷ୍ଟି ବାନ୍ଧି ହୋଇ ରହିଥିଲା ବୋଲି ସେ ଆଜିବି ଅମର ରହିଛନ୍ତି । ତାଙ୍କ ଅମରତ୍ୱର ସାଥି ବିକ୍ରମାଦିତ୍ୟଙ୍କୁ କରିପାରିଛନ୍ତି। ସେହିପରି ଆଧୁନିକ ଭାରତର ବିରଳା, ଗୋଏଙ୍କା ପରି ଧନିକଙ୍କ ସହିତ ଥିଲେ କଳାକାର ରବୀନ୍ଦ୍ରନାଥ । ସମୟ ସୁଅରେ ବିରଳା-ଗୋଏଙ୍କା ଅଦୃଶ୍ୟ ହେଇଯାଉଥିବାବେଳେ ରବୀନ୍ଦ୍ରନାଥ ବିଶ୍ୱବରେଣ୍ୟ । ରବୀନ୍ଦ୍ର ଅନନ୍ତ କାଳର ଅଶେଷ ପଥରେ ଦୃଷ୍ଟି ନିବଦ୍ଧ କରି ଚାଲିଥିଲେ ବୋଲି ସେ ବିଶ୍ୱକବି । ରବୀନ୍ଦ୍ର ଇଚ୍ଛା କରିଥିଲେ ଚର୍ଚ୍ଚିଲଙ୍କ ଧଳାମୁଣା ଭିତରେ ପେଶି ରହିପାରିଥାନ୍ତେ । ମାତ୍ର ତାଙ୍କ କଳାକାର ମନ ଗାନ୍ଧିଙ୍କ ଅହିଂସା ନୀତିରେ ଅନନ୍ତ କାଳର ସନ୍ଧାନ ପାଇଥିଲେ । ବିଶ୍ୱ ଅନନ୍ତ, କାଳ ଅସୀମ, ବିଶ୍ୱର ପ୍ରବାହ ଅଶେଷ ଏକଥା କେବଳ କଳାକାର ବୁଝିଛି । ସାଧାରଣ ଲୋକଙ୍କୁ ଏହା ବୁଝାଇବା କଷ୍ଟ । କାରଣ ପ୍ରତିଟି ସୃଷ୍ଟି ପୂର୍ବସୃ୍ଷ୍ଟିର ପୁତ୍ର, ପରସୃଷ୍ଟିର ଜନକ । ସେଇଥିପାଇଁ ସ୍ରଷ୍ଟା ଓ ସୃଷ୍ଟିର ସଂପର୍କ ନିବିଡ଼ । ବିଶ୍ୱର ପ୍ରତିଟି ଅମର କୃତୀ ମଧ୍ୟ ପରସ୍ପର ସଂପର୍କୀତ । ଯେମିତି ହାମଲେଟ ଏବଂ ମ୍ୟାନ ଆଣ୍ଡ ସୁପରମ୍ୟାନ, ମେଘଦୂତ ଓ ଗୀତାଞ୍ଜଳି ସମସ୍ତେ ଗୋଟିଏ ସୂତାରେ ଗୁନ୍ଥା । ଯେଉଁମାନେ କଳାକାର ନୁହନ୍ତି ସେମାନେ ବୁଝିପାରନ୍ତି ନାହିଁ ଅହଙ୍କାର ବ୍ୟକ୍ତିକୁ ଗିଳିଦିଏ ତା' ଭିତରର ଏକୁଟିଆ ପଣକୁ ସ୍ୱାର୍ଥ ସର୍ବସ୍ୱ ଓ ଆତ୍ମସର୍ବସ୍ୱ କରିଦିଏ । ପାଞ୍ଚ ଜଣଙ୍କ ଭିତରେ ଜଣେ ହେବାକୁ ଯାଇ ସେ ହଜିଯାଏ ।

କଳାକାରଟିଏ ଅସରନ୍ତି ରୁଦ୍ରାକ୍ଷମାଟି ଧରି ଅନନ୍ତର ଅଶେଷ ଜପ କରିଥାଏ । ସେହି ହେତୁରୁ ସେ ବଞ୍ଚିରହେ ଅନନ୍ତ କାଳ ଲାଗି । ଏହି ଅନନ୍ତକାଳ କ'ଣ ତାହା ଅନେକେ ବୁଝି ପାରନ୍ତିନାହିଁ। ଏହି ବିଶ୍ୱରେ ଗୋଟିଏ ମାତ୍ର କଥା ଅନନ୍ତ ସେ ହଉଚି ସୃଷ୍ଟି ଜୀବନ। ସୃଷ୍ଟି କ୍ରିୟା ଅନନ୍ତ, ଅସୀମ ଓ ଅଶେଷ । ଏ ସୃଷ୍ଟି କ୍ରିୟାର କରଣୀ ସବୁ ମଧ୍ୟ ଅନନ୍ତ, ଅସୀମ ଓ ଅଶେଷ। ସ୍ରଷ୍ଟାଟିଏ ସୃଷ୍ଟି କ୍ରିୟାରେ ସାହାଯ୍ୟକରେ । ଅନନ୍ତ ପ୍ରବାହର ବାଟ ବଦଳାଇ ପରେନି ବିଜ୍ଞାନୀ ମାତ୍ର କଳାକାରଟିଏ ତା' ଭିତରେ ଢ଼ାଳି ହେଇଯାଏ । ଅସୀମ ଭିତରର ଅନୁଭବକୁ ସାଉଁଟେ । ସେଇଥିରୁ ମନେହୁଏ ଏହି ଅନନ୍ତ ଅସୀମ ଅଶେଷ ଅସରନ୍ତି କଥାହିଁ କଳାକାରରର ଏକମାତ୍ର ଧେୟ, ଶ୍ରେୟ ଓ କ୍ରିୟା ।

ଜଣେ ଇଂରେଜ କବି Landor କହିଥିଲେ, "Nature I love and next to nature art ". ମୁଁ ପ୍ରକୃତିକୁ ଭଲପାଏଁ, ତାପରେ କଳାକୁ । କାରଣ ପ୍ରକୃତି ହିଁ ଅସରନ୍ତି ଜୀବନ ପ୍ରକ୍ରିୟାର ବିକାଶ ଆଉ କଳା ମଧ୍ୟ କଳ୍ପନାର ତୂଳିରେ ଏହି ଜୀବନ ପ୍ରକ୍ରିୟାର ଅର୍ଥାତ୍ ପ୍ରକୃତିର ପ୍ରକାଶ । ଯେଉଁଦିନ କଳାକାର ବର୍ତ୍ତମାନ ସର୍ବସ୍ୱ ଓ ଆତ୍ମସର୍ବସ୍ୱ ହୋଇ ବସିବ ସେହିଦିନ କଳାକାର ଧଳାକାରର ଗୋଲାମ ହୋଇଯିବ । ନଚେତ୍ ଜୀବନ ପ୍ରକିୟାର ଦୃଷ୍ଟିଭଙ୍ଗୀ ଥିଲେ ଶୁଖିଲା ଗଛରେ

ପତ୍ର କଅଁଳିବ, ମରୁଭୂମିରେ ଶ୍ୟାମଳତା ଉଚ୍ଛୁଳିଳ ପଡ଼ିବ, କାରଖାନା ସାଇରେନ୍ ଭିତରୁ ପୂରବୀର ତାନ ଓ ମୂର୍ଚ୍ଛନା ଶୁଭିବ । ଏହା କେବଳ ସମ୍ଭବ କଳାକାରର ଅସୀମ ଦୃଷ୍ଟିପାଇଁ ।

ଯେଉଁ କଳାକାର ଗଣ ଧଳାକାରର ଗୋଲାମ ହେଇଯିବେ ସେମାନଙ୍କ ଅସ୍ତିତ୍ୱ ଦିନେ ଲିଭିଯିବ । ଯଦିଓ ବର୍ତ୍ତମାନଟା ସେମାନଙ୍କ ପାଇଁ ସୁଖକର ତଥାପି ଭବିଷ୍ୟତଟି ଅନ୍ଧକାର। କାରଣ କ୍ଷଣିକତ୍ୱ ଚିରଦିନ ତିଷ୍ଟି ରହିପାରେ ନାହିଁ। ତେଣୁ ଯେଉଁ କଳାକାର କ୍ଷଣିକତାକୁ ଭୁଲି ନିଜକୁ କଳାକାର ବୋଲି ବିବେଚନା କରିବାକୁ ଚାହେଁ, ଅନନ୍ତ ବକ୍ଷରେ ନିଜର ସ୍ମୃତି ଛାଡ଼ିଯିବାକୁ ଚାହେଁ ସେ ଅନନ୍ତ, ଅସୀମ ଓ ଅଶେଷର ପୂଜା କରିବା ଉଚିତ । ଯାହାଦ୍ୱାରା କଳାକାରର ସୃଷ୍ଟିକ୍ରିୟାରେ ଅନନ୍ତ, ଅସୀମ ଓ ଅଶେଷର ପୂଜା କରିବା ଉଚିତ। ଯାହାଦ୍ୱାରା  କଳାକାରର ସୃଷ୍ଟି କ୍ରିୟାରେ ଅନନ୍ତ, ଅସୀମ ଓ ଅଶେଷର ଅନୁଭବ କରାଯାଇ ପାରିବ । ସେତେବେଳେ କଳାକାରର ହୃଦ୍‌ବୋଧ ହେବ ମୋର କ୍ଷୁଦ୍ର ଜୀବନଟି ଅନନ୍ତ ଯାତ୍ରାରେ ସ୍ଥାନ ପାଇବାକୁ ହକ୍‌ଦାର।

କଳାକାରର ସୃଷ୍ଟିକ୍ରିୟା ସଂପର୍କରେ ପ୍ରାବନ୍ଧିକଙ୍କ ଦୃଷ୍ଟିଭଙ୍ଗୀ କଳାକାର ଓ କଳାକାର ଭାବରାଜ ପ୍ରତି ତାଙ୍କ ପ୍ରତିବଦ୍ଧତା 'କଳାଧଳା' ପ୍ରବନ୍ଧକୁ ସଫଳ କରିଛି । ଯାହାଦ୍ୱାରା ଛଦ୍ମବେଶୀମାନେ କଳାକାରମାନଙ୍କୁ ଗିଳିବାରୁ କ୍ଷାନ୍ତ ରହିବେ ଏବଂ କଳାକାରଟିଏ ସୃଷ୍ଟିକ୍ରିୟା ଭିତରେ ତଲ୍ଲୀନ ହୋଇ ଅନନ୍ତ, ଅସୀମ ଓ ଅଶେଷର ଜୟଗାନ କରିପାରିବ ।

**୩.୬. ସମ୍ଭାବ୍ୟ ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ**

(କ) ପ୍ରକୃତି ହିଁ ଅସରନ୍ତି ଜୀବନ ପ୍ରକ୍ରିୟାର ବିକାଶ, ପଠିତ ପ୍ରବନ୍ଧ ଅନୁସରଣରେ ବ୍ୟାଖ୍ୟାକର।

(ଖ) ଧଳାଗୋଲକର ଛାଇତଳେ କଳାକାରର ଅସ୍ତିତ୍ୱ ଲିଭିଯିବ ବୋଲି ଲେଖକ କାହିଁକି ଶଙ୍କା କରିଛନ୍ତି ?

(ଗ) 'କଳାଧଳା' ପ୍ରବନ୍ଧର ନାମ କରଣର ସାର୍ଥକତା ପ୍ରତିପାଦନ କର।

(ଘ) 'କଳାଧଳା' ପ୍ରବନ୍ଧରୁ ଲେଖକଙ୍କ ବର୍ଣ୍ଣନା ଶୈଳୀ ସଂପର୍କରେ ଉଲ୍ଲେଖ କର ।

(ଙ) କଳାକାରମାନଙ୍କୁ ବର୍ତ୍ତମାନ ସର୍ବସ୍ୱ ନହୋଇ ମହତ୍ତରର ସନ୍ଧାନ କରିବାକୁ ପ୍ରାବନ୍ଧିକ କାହିଁକି କହିଛନ୍ତି ?

**୪.୦. ପ୍ରବନ୍ଧ : ଶୁଣନ୍ତୁ**

**ପ୍ରାବନ୍ଧିକ : ଚନ୍ଦ୍ରଶେଖର ରଥ**

**୪.୧. ପ୍ରାବନ୍ଧିକ ଚନ୍ଦ୍ରଶେଖର ରଥ ସାରସ୍ୱତ ପରିଚିତି**

ଆଧୁନିକ ମଣିଷ ଜୀବନର ବାସ୍ତବ ଅନୁଶୀଳନ କରିବା ଓ ଅବକ୍ଷୟୀ ସମାଜର ଚିତ୍ର ଆଙ୍କିବାରେ ପ୍ରାବନ୍ଧିକ ଚନ୍ଦ୍ରଶେଖର ରଥ ଜଣେ ଯଶସ୍ୱୀ ସ୍ରଷ୍ଟା । ବୁଦ୍ଧି ଓ ବୋଧିର ମଧୁର ସମନ୍ୱୟ ତାଙ୍କ ଗଦ୍ୟରୀତିର ସ୍ୱତଂତ୍ରତା । ଇଂରାଜୀ ସାହିତ୍ୟରେ ଉଚ୍ଚତର ଶିକ୍ଷା ଲାଭକରି ଅଧ୍ୟାପନା ବୃତ୍ତିକୁ ଆପଣେଇଥିବା ଶ୍ରୀଯୁକ୍ତ ରଥ ଜଣେ ସଫଳ କଥାକାର ଭାବରେ ପାଠକ ହୃଦୟର ଅତ୍ୟନ୍ତ ନିକଟତର । ସାବଲୀଳ ସୁବୋଧ ଭାଷା, ଉପସ୍ଥାପନାରେ ରମ୍ୟକଥନ ରୀତି ଏବଂ ଚିତ୍ରଧର୍ମୀ ଶବ୍ଦ ସଂଯୋଜନା ତାଙ୍କ ଗଦ୍ୟକଳାର ବିଶେଷତ୍ୱ । ସ୍ୱାଧୀନୋତ୍ତର କାଳରେ ଯେତେବେଳେ ବୁନିଆଦି ଓ ପରଂପରା ଭୁଷୁଡ଼ି ଯିବାର ଚିତ୍ର ଆମେ ଦେଖୁ ସେତେବେଳେ ଶ୍ରୀଯୁକ୍ତ ରଥଙ୍କ ପ୍ରବନ୍ଧ ଆମକୁ ଉଦାର ଜୀବନବୋଧ ଓ ସଂସ୍କୃତି ପ୍ରତି

ଆବେଗ ସୃଷ୍ଟି ହେବାର ଭାବ ଶିକ୍ଷା ଦେଇଥାଏ । ପ୍ରକୃତରେ ଶ୍ରୀଯୁକ୍ତ ରଥଙ୍କ ସୃଷ୍ଟି ସମୂହ ସାହିତ୍ୟ ପ୍ରତି ତାଙ୍କର ପ୍ରଗାଢ଼ ନିଷ୍ଠାକୁ ଦର୍ଶାଇଥାଏ ଯାହା ଅନୁଭବ ଯୋଗ୍ୟ ।

**ସମୟ** : ଆବିର୍ଭାବ ୧୯୨୯, ମାଲପଡ଼ା, ବଲାଙ୍ଗିର

ସାଧନାକାଳ – ୧୯୬୫ରୁ ଏଯାବତ୍

**ସାରସ୍ୱତ ସମ୍ଭାର** : ଗଳ୍ପ ସଂକଳନ – 'ଅନେକ ବନ୍ୟାପରେ', 'ଅନ୍ୟଏକ ସକାଳ', 'ସମ୍ରାଟ ଓ ଅନ୍ୟମାନେ', 'କ୍ରମଶଃ ଗଭୀର ନଈ', 'ସବୁଠାରୁ ଦୀର୍ଘରାତି' ।

**ଉପନ୍ୟାସ** – 'ଯନ୍ତ୍ରାରୂଢ଼', 'ଅସୂର୍ଯ୍ୟ ଉପନିବେଶ'

**ପ୍ରବନ୍ଧ/ଲଳିତ ନିବନ୍ଧ** – 'ଦୃଷ୍ଟି ଓ ଦର୍ଶନ', 'ଏ ଯେଉଁ ପୃଥିବୀ', 'ମୁଁ ସତ୍ୟଧର୍ମା କହୁଛି', 'ଅଶ୍ରୁତସ୍ୱର', 'ମନଅରଣ୍ୟ', 'ରଥସପ୍ତକ' ।

**ସମ୍ମାନ ଓ ପୁରସ୍କାର** : 'ସବୁଠାରୁ ଦୀର୍ଘରାତି' – କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର

**ଅତିବଡ଼ୀ ପୁରସ୍କାର** – ଓଡ଼ିଶା ସାହିତ୍ୟ ଏକାଡେମୀ

**ସମକାଳୀନ ପ୍ରାବନ୍ଧିକ** : ଡକ୍ଟର ବାସୁଦେବ ସାହୁ, ଧନେଶ୍ୱର ମହାପାତ୍ର, ଦାଶରଥି ଦାସ କୃଷ୍ଣଚରଣ ବେହେରା ।

### ୪.୨. 'ଶୁଣନ୍ତୁ'ର ଭାବାଦର୍ଶ :

'ଶୁଣନ୍ତୁ' ଚନ୍ଦ୍ରଶେଖର ରଥଙ୍କ ଦ୍ୱାରା ରଚିତ ଏକ ଦାର୍ଶନିକ ଓ ଚିନ୍ତାନ୍ୱେଷୀ ଭାବଧାରାର ପ୍ରବନ୍ଧ । ଯେଉଁ ପ୍ରବନ୍ଧରେ ଲେଖକ ଭୌତିକ ଜଗତର କୋଳାହଳର ଆବର୍ଜନା ଭିତରେ ନହଜି ଆଧ୍ୟାତ୍ମିକ ଓ ମାନବିକ ଅନୁଭବର ଶବ୍ଦକୁ ଶୁଣିବା ପାଇଁ ନିବେଦନ କରିଛନ୍ତି । ଜୀବନର ସର୍ବକାଳିକ ସତ୍ୟକୁ ପ୍ରତିଷ୍ଠା କରିବା ପାଇଁ ଲେଖକ ତପସ୍ୱୀର ଭାବନେଇ କାବ୍ୟିକତା ମାଧ୍ୟମରେ ଯେଉଁଭଳି ଭାବରେ ବ୍ୟକ୍ତି ପ୍ରବୃତ୍ତିକୁ ବଦଳାଇବାକୁ ଚାହିଁଛନ୍ତି ତାହା ସର୍ବବାଦୀ ସମ୍ମତ । ଆଧୁନିକ ମଣିଷ ଜୀଉଁଥିବା ଜୀବନ ଯାହା ଅତ୍ୟନ୍ତ ସ୍ୱାଭାବିକ ମନେହୁଏ ପ୍ରକୃତରେ ତାହା ନୁହେଁ । ତେଣୁ ସମସ୍ତଙ୍କୁ ଶୁଣିବା ପାଇଁ ଲେଖକଙ୍କର ଏହି ଆହ୍ୱାନ ଯେ ଅବକ୍ଷୟମାଣ ଚିନ୍ତାଧାରାକୁ ସଜାଡ଼ିଦେବ ତାହା ଅନୁଭବ କରିହୁଏ ।

### ୪.୩. 'ଶୁଣନ୍ତୁ'ର ସାରାଂଶ :

ଶୁଣିବାକୁ ଆପତ୍ତି ନାହିଁ, ନଶୁଣି ଉପାୟ ମଧ୍ୟ ନାହିଁ । ଦେଖିବା, ଚାହିଁବା ନିଜ ଆୟତ୍ତରେ ଥିଲାବେଳେ ଶୁଣିବା ନିଜ ଆୟତ୍ତରେ ନଥାଏ, କାରଣ କାନରେ କବାଟ ନାହିଁ । ଅତଏବ ଶବ୍ଦରୂପୀ ସୈନ୍ୟ ମାଡ଼ିଆସେ ଆଉ ମନ ଭିତରକୁ ପଶି ସବୁକିଛି ଓଲଟ ପାଲଟ କରିଦିଏ । ଯେମିତି ଧ୍ୟାନସ୍ଥ ମୁନିର ତପୋଭଙ୍ଗ ପାଇଁ କୋଇଲିରା ସ୍ୱରଟିଏ ଯଥେଷ୍ଟ । ଏମିତି ଅନେକ ଶବ୍ଦ ମଣିରେକର୍ଣ୍ଣ ଗହ୍ୱରରେ ପଶେ ଆଉ ତା'ର ଭାବଧାରାକୁ ବଦଳେଇ ଦିଏ । ଆଧୁନିକ ମଣିଷ ମହାନଗରୀରେ ବାସ କରୁଥିଲା ବେଳେ ଅଜସ୍ର ଯାନ୍ତ୍ରିକ କୋଳାହଳ ତାକୁ ବ୍ୟତିବ୍ୟସ୍ତ କରୁଥିଲା ବେଳେ ମନ ପୁଣି ସ୍ଥିରହୁଏ । ବିକଟାଳ ରାବ ଆଉ ରାଉରାଉ ଚିତ୍କାରର କୋଳାହଳ ସତ୍ତ୍ୱେ ମଣିଷ ଅରଣ୍ୟ ସଦନଟିକୁ ଛାଡ଼ିପାରେ ନାହିଁ ।

ସହରୀ ଜୀବନରେ କୁକୁଡ଼ା ଦିନ ଆଠଟାରେ ଅଳସ ଭାଙ୍ଗେ । ଆରାଧ୍ୟ ଦେବତାଙ୍କୁ ସଂଗୀତ ମୁଗ୍ଧ ରଖିବାକୁ ମନସ୍ଥକରି ରାତିସାରା ନାଚ ଗୀତରେ ମାତିଥାନ୍ତି । ରାତି ପାହିବା ଆଗରୁ ଯନ୍ତ୍ରଦାନବ ମାନେ ଆକାଶ ଚୁଙ୍ଗାର ଡାକଛାଡନ୍ତି । ଏହି ରାବାଗୁଡିକ ନ ଶୁଣି ଉପାୟ ନାହିଁ । ସେହିଶବ୍ଦ ଆମ ସ୍ୱପ୍ନ ରାଜ୍ୟକୁ ପଶି ଅଲଗା ଆଡ଼େ ନେଇଯାଏ । ଆଖି ନ ଖୋଲି ଦିଶିଯାଏ ବିଡ଼ିଟାଣୁଥିବା ଉଦାସୀନ କଣ୍ଡକ୍ଟର । ପତ୍ନୀର ରୋଷେଇ ଘର ଭିତରର କାର୍ଯ୍ୟ, ସାଗୁଦାନର କାଗଜଠୁଙ୍ଗା ପରି ବିଭିନ୍ନ ଘଟଣା । ଜୀବନର ଅଦ୍ଭୁତ ଯୁଦ୍ଧକ୍ଷେତ୍ର ଭିତରକୁ ମଣିଷ ଯଥାଶକ୍ତି ଅସ୍ତ୍ରଟେକି ଧସେଇ ପଶେ ।

ହୁ'ହୁ' ପବନରେ ଗୁଡ଼ି ଯେମିତି ଟାଣ ହୋଇ ଉଡୁଥାଏ, ଏ ଶବ୍ଦ ପ୍ରବାହରେ ଆମେ ସେମିତି ଟୋଳି ହୋଇ ରହିଥାଉ । ଯଦି ଅକସ୍ମାତ୍ ଚାରିଆଡ଼ ନିରବ ହୋଇଯାନ୍ତା ଆମେ ବୋଧହୁଏ ଗୋଟି ଗୋଟି ହୋଇ ଖସିପଡନ୍ତୁ । ଶବ୍ଦ ଶୁଣି ଶୁଣି ପ୍ରାରମ୍ଭିକ ଭାବେ ବିଦ୍ରୋହ କରିବାକୁ ଇଚ୍ଛାହୁଏ ପରେ ଆମେ ତା' ଉପରକୁ ଆଉଜିଯାଉ । ଶବ୍ଦ ସହିତ ପରିଚିତ ହେଲାପରେ ତାହା ନ ଶୁଭିଲେ ଖାଲି ଖାଲି ଲାଗେ । ମଣିଷ ଏକ ପ୍ରକାର ଶବ୍ଦ ସହିତ ସଂପର୍କ ଗଢ଼େ । ରେଳ ଷ୍ଟେସନ ପାଖରେ ଘର କରିଥିବା ପରିବାରର କଅଁଳା ପିଲାର ନିଦ ଇଞ୍ଜିନ୍ ଶବ୍ଦରେ ଭାଙ୍ଗେ ନାହିଁ । ବରଂ ସେହି ପିଲାକୁ ଯଦି ନିରୋଳା ସ୍ଥାନରେ ଶୁଆଇ ଦିଆଯାଏ, ସେ ହୁଏତ ରାତିସାରା ଚମକିବ । ମା' କୋଡ଼ ଖୋଜିଲା ପରି ତା'ର ଚେତନା କେନ୍ଦ୍ର ଅନ୍ଧାରରେ ହୁଏତ ଦରାଣ୍ଡି ବସିବ ପରିଚିତ ଗୁଡାଏ ଶବ୍ଦ ପାଇଁ । ଏଇଠି ଗୋଟିଏ କଥା ସିଦ୍ଧହୁଏ ଯେ, ଅଭ୍ୟାସରେ ଯୋଗ ଯଦି ସମ୍ଭବ, ତେବେ କାରଖାନା ଭିତରେ ମଧ୍ୟ ସୁଖ ନିଦ୍ରା ଯିବା ସମ୍ଭବ ।

ସେଭଳି ସାଧକ ହେଲେ ଅଭ୍ୟାସ ବଳରେ ମଧ୍ୟାହ୍ନ ସୂର୍ଯ୍ୟକୁ ଚାହିଁହୁଏ । ଏଣୁ ଯେତେ ବିକଟ ଶବ୍ଦ ହେଉଥିଲେ ମଧ୍ୟ ଆସ୍ତେ ଅଭ୍ୟାସରେ ପଡ଼ିଯାଏ । ମଣିଷ ମନର ସୂକ୍ଷ୍ମ ସ୍ନାୟୁ ଗୁଡ଼ିକ ଘଷରା, ବଧିରା, କାଲୁଆ ହୋଇଯାଆନ୍ତି । ଏଣୁ ଆଉ ରକ୍ତସ୍ରାବ ହୁଏନାହିଁ । କଅଁଳା ପିଲାର ଯେଉଁ ପାଦ ଯୋଡ଼ିକୁ ଛୁଇଁ ଦେଲେ ରକ୍ତଥୋପି ପଡୁଥାଏ, ସେ ଦିନେପୁଣି ରୁଗୁଡି ପତର କଣ୍ଟା ଝଣ୍ଟା ମାଡି ଚାଲିଥାଏ – ସୂକ୍ଷ୍ମ ସ୍ନାୟୁଗୁଡିକ ସେଠାରୁ ଓହରି ଯାଆନ୍ତି । ଚମଡ଼ା ପ୍ରସ୍ତ ପ୍ରସ୍ତ ପ୍ରତିରକ୍ଷାର କବଚ ପିନ୍ଧି ମୋଟା ଟାଣୁଆ ବାନ୍ଧିଯାଏ । ସେହିଭଳି ଆମ ଶ୍ରବଣେନ୍ଦ୍ରିୟ ସହରର ଚିରନ୍ତନ ତୁମୁଳ କୋଳାହଳ ଭିତରେ ବୋମାଟାଏ ନଫୁଟିବା ପର୍ଯ୍ୟନ୍ତ କେହି ଆଉ ବିଚଳିତ ହୋଇ ପଛକୁ ଚାହେଁନାହିଁ । ତା'ର ସବୁକିଛି ଅଭ୍ୟାସରେ ପଡ଼ିଗଲାଣି । ଏସବୁ ସତ୍ତ୍ୱେ ପୁଣି କାନପାଖେ ଶୁଭେ 'ଶୁଣନ୍ତୁ' । ସତେବା ଶୁଣିବା ଯଥେଷ୍ଟ ହୋଇନାହିଁ । ସେ ହୋଇପାରନ୍ତି ସାହିର ନେତା, କହନ୍ତି କେବଳ ମୋ କଥା ଶୁଣନ୍ତୁ । 'ଅଜଗର' ଚିହ୍ନରେ ମୋତେ ବିଶ୍ୱାସ କରନ୍ତୁ ନାହିଁ, ସେ ଗିଳିଦେବ । ବରଂ 'କୁକୁଡ଼ା' ଚିହ୍ନରେ ଭୋଟଦିଅନ୍ତୁ, ସେ କିଛି ଅଣ୍ଡା ଦେଇପାରେ । ପୁଣି ଶୁଭେ 'ଶୁଣନ୍ତୁ' । ସ୍କୁଲର ବାର୍ଷିକ ଉତ୍ସବ ପାଇଁ ଚାନ୍ଦା ଦରକାର ନଚେତ୍ ମଡର୍ଣ୍ଣ ଟକିଜ୍‌ରେ କେଉଁ ସିନେମା ଚାଲିଛି, କେଉଁ ଦୋକାନରେ ଚିନି ଶସ୍ତାରେ ମିଳୁଛି । ପତ୍ନୀ ଶୁଣାନ୍ତି କ୍ଷୀରବାଲା କ୍ଷୀରଦେବା ବନ୍ଦକରିବାରୁ ଆଜିଠୁ ଚା' ମିଳିବ ନାହିଁ, ଏମିତି ଅନେକ କିଛି । କିଛି ଶବ୍ଦ, ସମସ୍ୟା, ଅସହାୟତା ପିଟାପିଟି ହୋଇ ଘରଟାରେ ଧୂଆଁ ଭରିଯାଏ । ଭିତରର ରୁନ୍ଧା ଧୂଆଁ ପାତଳ ହେଲାପରେ ଅବସ୍ଥା ସମ୍ଭାଳି ହୋଇଯାଏ ।

ଅନେକ ସମୟରେ ଭିତରେର କୋଳାହଳ ସମ୍ଭାଳିହୁଏ ନାହିଁ । ଅବିସ୍ମୃତ ଅତୀତ, ପରିଚିତ ଦୃଶ୍ୟ ସବୁକିଛି ମନ ଭିତରେ ଦିଶିଯାଏ । ପରାଜୟ ପାଇଁ କ୍ଷୋଭ ଅନୁତାପ, ବିଜୟ ପାଇଁ ଉଲ୍ଲାସ ଆନନ୍ଦ କୋଳାହଳ କରି ଉଠନ୍ତି । ଅତୀତ ଓ ଭବିଷ୍ୟତକୁ ବର୍ତ୍ତମାନ ସହିତ ଯୋଡ଼ିବା ବେଳେ ସମୁଦ୍ର ଲହଡ଼ି ଆଡ଼ିଆସେ । ଯଦି କେହି କପାଳିଆ ଅଛି ତ ସବୁ ବାଗେଇଗଲା, ପ୍ରତି ଡାଳରେ ଫୁଲା ମୁକୁଳିଗଲା । ନଚେତ୍ ସବୁ ଆବେଗ ବଙ୍କେଇ ଗଲା ଆଉ ତାକୁ ଚାହିଁତୁମୁଳ କୋଳାହଳ । ବାହାରାଟ୍ରାମ୍, ବସ୍, ରେଳଗାଡ଼ି କହନ୍ତି ଆମରି ଭାଷା, ପ୍ରକାଶ କରନ୍ତି ଆମର ଅସଂଖ୍ୟ ଅଭିଳାଷ । ମନର

ରଂଗମଞ୍ଚ କେତେବେଳେ ଖାଲି ରହେନା ଯୋଜନା ଗୁଡିକ ବିଭିନ୍ନ ସ୍ୱର ନେଇ ଶବ୍ଦାୟିତ ହୁଅନ୍ତି । ଅତୀତର ସୁରକ୍ଷିତ ଯାଦୁଘର ଭିତରେ କିଛି ବଦଳିବା ସମ୍ଭବ ନୁହେଁ, କାଣିଚାଏ ବି ନୁହେଁ । ତଥାପି ସେଇଠି ଅସଂଖ୍ୟ ଅଦଳବଦଳ କରିବାକୁ ଅତୃପ୍ତ ବାସନାର ପଟୁଆର ଚିତ୍କାର କରୁଥାଏ । ଭବିଷ୍ୟତରେ ଅସୀମ ଅନ୍ଧାର ଭିତରେ ସବୁ ବଦଳି ଯାଇପାରେ । କିଛି ସ୍ଥିର ନୁହେଁ, ନିର୍ଦ୍ଦିଷ୍ଟ ନୁହେଁ ସେଇଥିପାଇଁ ରୁକ୍ଷତାଭିତରୁ ରେଶମୀ, ପାତଳ ବଇଁଶୀର ସ୍ୱର ଶୁଭେ । 'ଶୁଣନ୍ତୁ' ଏପଟେ ନଯାଇ ସେପଟେ ଗଲେ  ହୁଏତ ଟିକିଏ କଷ୍ଟ ହୋଇପାରେ କିନ୍ତୁ ଏପଟେ ଦୁର୍ଗତି ଅବଶ୍ୟମ୍ଭାବୀ । ଏଇଟା ବିବେକର ସ୍ୱର । ସେ ନିତ୍ୟାନିତ୍ୟ ବସ୍ତୁ ଚିହ୍ନିପାରେ । ସଚ୍ଚୋଟ ଜିନିଷକୁ ଭେଜାଲ ଠାରୁ ଚିହ୍ନି ଦେଇପାରେ । କେତୋଟି ମୌଳିକ ବିଶ୍ୱାସ ଏବଂ ତା'ପ୍ରତି ସମ୍ମାନକୁ ନେଇ ଏ ବିବେକର ସ୍ୱର ବନ୍ଧା ହୋଇଥାଏ । ତାକୁ ବସି ବିଚାର ବୁଦ୍ଧି ଖିଅ ଫିଟାଏ, ସପକ୍ଷ-ବିପକ୍ଷରେ ଅନେକ ଯୁକ୍ତି ବାଢ଼େ । ଏସବୁ ଶୁଣିବା ଲୋକ ବେଶ୍ ପୋଖତ ବୁଝାବଣାର ମଣିଷ । ସାଧାରର ଲୋକଙ୍କଠାରୁ ସେମାନେ ଭିନ୍ନ । କହନ୍ତି କମ୍, ମାତ୍ର ନିଷ୍ପତ୍ତି ନେଲାଭଳି, ସେଇଟା ହିଁ ବିବେକ । ତା' ପାଖରେ ଥାଏ ଥାକ ଥାକ ପୋଥି । ସେଇ ଖୋପ ଭିତରୁ ସମୟ ସମୟରେ ସେ ସ୍ୱରତୋଳେ । ତାକୁ ମାନୁଥିବା ଲୋକୋ ନୀତିବାନ୍ ଓ କୃଚ୍ଛ୍ର ସାଧକ ।

ଅନେକ ସମୟରେ ଏହି ସ୍ୱର ଅନନ୍ତ କୋଳାହଳ ଆଡ଼କୁ ଆମନ୍ତ୍ରଣ କରେ ।  ପୁଣି ସେହି ସ୍ୱର ଘନ ଅନ୍ଧକାର ଭିତରେ ସଂପୂର୍ଣ୍ଣ ସମାହିତ ଓ ବିଲୁପ୍ତ ହୋଇଯାଏ ସେଠି ଶ୍ରୋତା ନାହିଁ କି ବକ୍ତାନାହିଁ - ଗୋଟିଏ ମାତ୍ର ଅଖଣ୍ଡୈକ ସତ୍ତା ପରିପୂର୍ଣ୍ଣ, ଅନାଦ୍ୟନ୍ତ, ଅପ୍ରମେୟ, ଅବିକ୍ରୟ । ତା'ର ଅଜ୍ଞାତ କେନ୍ଦ୍ରରେ ଆଦିକାମନାର କମ୍ପନ ହୁଏ । ସେହି କମ୍ପନ ସହସ୍ର ତରଙ୍ଗରେ ଶବ୍ଦାୟିତ ହୁଏ । ଏଣୁ କେବେ କେମିତି ଯଦି ପାରୁଛନ୍ତି ଏହି ବିବିଧ କୋଳାହଳର ଅନନ୍ତ ପଶ୍ଚାତ୍‌ରେ ଥରେ ସେ କମ୍ପନକୁ ମଧ୍ୟ ଶୁଣିବା ଦରକାର । ଯାହାଦ୍ୱାରା ଆମ ଶୁଣିବା ମଧ୍ୟ ସାର୍ଥକ ହୋଇଯିବ ।

### ୪.୪. କଠିନ ଶବ୍ଦ :

ଦୁର୍ମଦ - ଉନ୍ମତ୍ତ, ଦୁର୍ଦ୍ଧର୍ଷ

ସୁର୍ମାକଳ -

ଉଷ୍ମା - ଉତ୍ତେଜନା

ସଂଘାତ - ଦ୍ୱନ୍ଦ୍ୱ, ସଂଘର୍ଷ

ରୁଗୁଡ଼ି - କଙ୍କର/ଗୋଡ଼ି

ପଞ୍ଚାଗ୍ନି ତପ - ଚାରିପାର୍ଶ୍ୱରେ ଅଗ୍ନି ଓ ମସ୍ତକ ଉପରେ ସୂର୍ଯ୍ୟ ଏହି ଅବସ୍ଥାରେ ଯେଉଁ ତପସ୍ୟା କରାଯାଏ ।

ଭାସଭ - ଗଧ

କୃଚ୍ଛ-କଷ୍ଟସାଧ୍ୟବ୍ରତ/କଷ୍ଟକର

ଅଖଣ୍ଡୈକ-ନିଖୁଣ

### ୪.୫. ନମୁନା ପ୍ରଶ୍ନୋତ୍ତର

ଭୌତିକ ଜଗତର କୋଳାହଳ ପ୍ରତି ଧ୍ୟାନ ନଦେଇ କୋଳାହଳର ଅନନ୍ତ ପଶ୍ଚାତ୍‌ରେ ଥିବା କମ୍ପନ ଶୁଣିବା ପାଇଁ ପ୍ରାବନ୍ଧିକ କାହିଁକି କହିଛନ୍ତି ?

ପ୍ରାବନ୍ଧିକ ଚନ୍ଦ୍ରଶେଖର ରଥଙ୍କର 'ଶୁଣନ୍ତୁ' ପ୍ରବନ୍ଧଟି ସର୍ବବାଦୀ ସମ୍ମତ ଦର୍ଶନିକ ଭାବ ଧାରାର ପ୍ରବନ୍ଧ । ଯେଉଁଥିରେ ଶ୍ରୋତାର ପ୍ରବୃତ୍ତି ଓ ସୀମାବଦ୍ଧତାକୁ ପ୍ରତିପାଦନ କରିବା ସହିତ ଲେଖକ ମରିଷର ଦ୍ୱନ୍ଦ୍ୱ ଓ ଆବେଗ ପ୍ରବଣତା ସଂପର୍କରେ ବ୍ୟାଖ୍ୟା କରିଛନ୍ତି । ଭୌତିକ ଜଗତର ଅସରନ୍ତି କୋଳାହଳ ଭିତରୁ ଲେଉଟି ମାନବିକ ମୂଲ୍ୟବୋଧର ସ୍ୱର ସହିତ ଭଗବତ୍ ଦର୍ଶନ ତଥା ପ୍ରଶାନ୍ତମୟ ନୀରବ କମ୍ପନକୁ ଶୁଣିବା ପାଇଁ ଅନୁରୋଧ କରିଛନ୍ତି ଲେଖକ । ଯାହାଦ୍ୱାରା ବ୍ୟକ୍ତିର ସଂପର୍କ ଯୋଡ଼ି ହୋଇଯିବ ସକାରାତ୍ମକ ଭାବସତ୍ତା ସହିତ ଶୁଣିବା ଆମ ଆୟତ୍ତର ନଥାଏ । ଭୌତିକ ଜଗତର ପ୍ରତିଟି କୋଳାହଳ ଆମ ମାନସିକତା ଭିତରକୁ ଧସେଇ ପଶେ । ବିଶେଷ କେରି ସହରୀ ଜୀବନରେ ଏହି ଶୁଣିବା ଆହୁରି ମାରାତ୍ମକ । ସେଇଠି ଯନ୍ତ୍ର ସଭ୍ୟତାର ଜୟଯାତ୍ରା ସହିତ ଜୀବନ ଜଞ୍ଜାଳର ବ୍ୟାପ୍ତି ଏକରକମ ବାଧ୍ୟକରେ ଅନାବନା କଥା ଶୁଣିବାକୁ । ପ୍ରଥମେ  ପ୍ରଥମେ ଏହି କୋଳାହଳ ପାଇଁ ମନରେ ବେିଦ୍ରୋହ ଆସେ କିନ୍ତୁ ଅଭ୍ୟାସରେ ପଡ଼ିଗଲାପରେ ଯଦି କିଛି ନ ଶୁଭେ ତେବେ ଖାଲି ଖାଲି ଲାଗେ । ଏପରିକି ମସ୍ତିଷ୍କର ସ୍ନାୟୁଗୁଡିକ ଅଭ୍ୟସ୍ତ ଶବ୍ଦର ଚାପର ଅଭାବରେ ଭାରସାମ୍ୟ ହରାଇବସେ । ମା' କୋଡ଼ ଖୋଜିଲାପରି ବ୍ୟକ୍ତିର ଚେତନାକେନ୍ଦ୍ର ଅନ୍ଧାରରେ ଦରାଣ୍ଡି ହୁଏ ଅନେକ ପରିଚିତ ଶବ୍ଦ ପାଇଁ । ଶବ୍ଦ ନ ପାଇଲେ ସେ ନିରାଶ୍ରୟ ମନେକରେ । ଲେଖକଙ୍କ ଉକ୍ତିରେ– 'ଅନଭ୍ୟସ୍ତର ସଂଘାତ ବିଚଳିତ କରେ ପରିଚିତ ଓ ପୁରାତନର ଅଭାବ ପରି, ଖଟତଳେ ଅକସ୍ମାତ୍ ବିରାଡିର କାନ୍ଦଣା ପରି' ।

ବିଭିନ୍ନ କୋଳାହଳ ଶୁଣୁଥିବା ବ୍ୟକ୍ତିଟିଏ ସାଧକ ପାଲଟିଯାଏ ଅଭ୍ୟାସ ବଶତଃ । ସ୍ୱକ୍ଷ୍ମସ୍ନାୟୁ ସବୁ ବଧିରା, କାଲୁଆ ହୋଇ ଯାଆନ୍ତି । ଶ୍ରବଣେନ୍ଦ୍ରିୟ ସହରର ଚିରନ୍ତନ ତୁମୁଳ କୋଳାହଳ ଭିତରେ ବୋମାଟାଏ ନଫୁଟିବା ପର୍ଯ୍ୟନ୍ତ କେହି ବିଚଳିତ ହୋଇ ପଛକୁ ଚାହେଁ ନାହିଁ । ସେ ଶବ୍ଦ ସମୁଦ୍ରରେ ଅନାୟାସରେ ପହଁରୁଥାଏ । ଅଭ୍ୟାସରେ ସବୁ କିଛି ସହଜ ହୋଇଗଲା ପରେ ପୁଣି କାନ ପାଖରେ ଶୁଭେ 'ଶୁଣନ୍ତୁ' । ସେହି ଶୁଣିବା ଭିତରେ ଥାଏ ଅନେକ ଛନ୍ଦ-କପଟର ନୀଳ ଇସ୍ତାହାର । କିଏ ନିର୍ବାଚନ ଲଢୁଥିବା ପ୍ରାର୍ଥୀଙ୍କ କଥା ଶୁଣାଏ ତ' କିଏ ଚାନ୍ଦା ଭେଦା ସଂପର୍କରେ ଶୁଣାଏ । ସହରରେ କେଉଁ ସିନେମା ପଡ଼ିଛି, ତା' ନାୟକ-ନାୟିକା କିଏ, ପୁଣି ଚାନ୍ଦା ପାଇଁ କି, ଜୁଲମ୍ କଲାଣି ସେ ଶବ୍ଦ ସବୁ କାନ ଭିତରକୁ ପଶେ । ଏପଟେ ଘର ଭିତରୁ ପତ୍ନୀ ଶୁଣାନ୍ତି – କ୍ଷୀର ବାଲା ଆମକୁ କ୍ଷୀର ଦେବ ନାହିଁ । ସ୍ୱାମୀ ବି ଶୁଣାନ୍ତି, ଧୋବା ଆଜି ଆସିବ ନାହିଁ, କ'ଣ ପିନ୍ଧି ବାହାରିବି ଇତ୍ୟାଦି । ସାଂସାରିକ ଜଞ୍ଜାଳ ଭିତରୁ ଶବ୍ଦ ସବୁ ସମସ୍ୟା ଓ ଅସହାୟ ନେଇ ଆସିଛି । ଚାରିଆଡ଼େ ଧୂଆ ଭରିଯାଏ । କିଛି କ୍ଷଣ ପରେ ଗର ଭିତରର ଶବ୍ଦ ପାତଳ ପଡ଼ିଆସେ କାରଣ ଅନେକ ପରିଚିତ ବାହାରର ଶବ୍ଦ ଭିତରକୁ ଆସି ମନ ହାଲୁକା କରିଦିଏ, ଅବସ୍ଥା ସମ୍ଭାଳି ହୋଇଯାଏ ।

ଅନେକ ସମୟରେ ଭିତରର କୋଳାହଳ ସମ୍ଭାଳି ହୁଏ ନାହିଁ ଯାହା ଅଦୃଶ୍ୟ ଭାବରେ ଥାଏ ସଂଗୁପ୍ତ କାମନା ରୂପରେ । କେତେବେଳେ କ୍ଷୋଭ, ଅନୁତାପ, ଆନନ୍ଦ, ଉଲ୍ଲାସ ପରିଶବ୍ଦ ଗୁଞ୍ଜରି ଉଠନ୍ତି । ଭୁଲ୍‌ର ସଂଶୋଧନ କରୁ କରୁ ସମୟ  ହାତରୁ ଖସିଯାଏ । ଜୀବନର ଟଣା ପରମ୍ପରା ପ୍ରତି ମୁହୂର୍ତ୍ତରେ ଅତୀତରେ ଅଜାଡି ହୋଇଯାଏ । ଭାଗ୍ୟବାନ ହୋଇଥିଲେ ସବୁ ଭୁଲ ବାଗେଇ ହେଇଯାଏ, ଡାଳରେ ଫୁଲ ମୁକୁଳିତ ହୁଏ । ନଚେତ୍ ଆବେଗ ସବୁ ବଙ୍କେଇଯାଏ କପାଳର କୁଟିଳ ରେଖା ପରି । ପରିବାର, ସମାଜ ଏବଂ ବ୍ୟବସାୟର ବନ୍ଧନୀ ଭିତରେ ଗୁଡିଏ ବ୍ୟକ୍ତିଙ୍କୁ କେନ୍ଦ୍ରକରି ସହସ୍ର ଚିନ୍ତା ମୁଖର ହୁଏ ମଣିଷ । ତା' ଚାରି ପଟର  ବ୍ୟବସ୍ଥା ମଧ୍ୟ ମଣିଷର ଭାଷା ଓ ଅଭିଳାଷ ପ୍ରକାଶ କରେ । ଅତୀତର ସ୍ମୃତି ପରି, ଭବିଷ୍ୟତର ସ୍ୱପ୍ନ ଉପରେ ମଧ ରଙ୍ଗ ମଡ଼େଇ ହୋଇଯାଏ । ଅତୃପ୍ତ ବାସନାର ଗୋଟିଏ ଦୃପ୍ତ ପଟୁଆର ଚିତ୍କାର କରୁଥାଏ । କିଛି ନିର୍ଦ୍ଦିଷ୍ଟ ନୁହେଁ,  ସ୍ଥିର  ନୁହେଁ ତାହା ପରେ ବି କିଛି ବଦଳିବାର ନାଁ ନିଏ ନାହିଁ ।

ବ୍ୟକ୍ତିର ବାସନା କେନ୍ଦ୍ରରେ କୋଳାହଳ ସୃଷ୍ଟିହୁଏ । କାରଣ ବାସନାର ଓୟତ୍ତାନାହିଁ ଏବଂ ତାର କୋଳାହାର ମଧ କଳନା ନାହିଁ । ଭୌତିକତା ଓ ବାସନା ଭିତରେ ହଜିଥିଲାବେଳେ ଭିତରୁ ଶୁଭେ 'ଶୁଣନ୍ତୁ' । ଏପଟେ ନଯାଇ ସେପଟେ

ଗଲେ ହୁଏତ ଟିକିଏ କଷ୍ଟ ହୋଇପାରେ, କିନ୍ତୁ ଏପଟେ ଦୁର୍ଗତି ଅବଶ୍ୟମ୍ଭାବୀ । ଏହି ସ୍ୱର ବିବେକର ସ୍ୱର । ସେ ନିତ୍ୟାନିତ୍ୟ ବସ୍ତୁ ଚିହ୍ନିପାରେ । ସଚ୍ଚୋଟକୁ ଭେଜାଲ ଠାରୁ ଚିହ୍ନି ଦେଇପାରେ । କେତୋଟି ମୌଳିକ ବିଶ୍ୱାସ ଏବଂ ତା'ପ୍ରତି ସମ୍ମାନକୁ ନେଇ ଏହି ବିବେକର ସ୍ୱର ବନ୍ଧା ହୋଇଥାଏ । ବିଚାରବୁଦ୍ଧି ସେଥିରୁ ଖିଅ ଫିଟାଏ । ପରୀକ୍ଷା ନିରୀକ୍ଷା କରି ଅନେକ ଯୁକ୍ତିବାଢ଼େ । ପୋଖତ ବୁଝାମଣାର ମଣିଷ ଠିକ୍ କଥା ଶୁଣିଥାଏ ଓ ଠିକ୍ କଥା କହିଥାଏ । ଆଉ ସେହି କଥା ହିଁ ବିବେକର କଥା । ଯାହା ବିଚାର ପଡିର ନିଷ୍ପତ୍ତି ନେଲାଭଳି କଥା । ସେ ସ୍ୱର ଶୁଣେ ଜ୍ଞାନ ଆଉ ଆତ୍ମାର, ତାକୁ ମାନେ । ତାକୁ ମାନି ଚଳିଲା ଲୋକମାନେ ନୀତିବାନ୍ ଓ କୃଚ୍ଛ୍ର ସାଧକ ।

ଆବେଗର ସ୍ୱରକୁ କାଟି ଗଭୀର ସ୍ୱରଟି ଶୁଭେ ଅନନ୍ତ କୋଳାହଳ ଭିତରୁ । ଯିଏକି ଜୀବନର ମହାର୍ଘ ଅନୁଭବ ଭିତରକୁ ନେଇଯାଏ । ସେହି ଅନୁଭବ ଭିତରୁ ମନେହୁଏ ସମଗ୍ର ଗତି ସ୍ତମ୍ଭିତ, ଶବ୍ଦ କୋଳାହଳ ସମ୍ପୂର୍ଣ୍ଣ ସମାହିତ, ବିଲୁପ୍ତ । ସେଠି ଶ୍ରୋତା ନାହିଁ କି ବକ୍ତା ନାହିଁ – ଗୋଟିଏ ମାତ୍ର ଅଖଣ୍ଡୈକ ସତ୍ତା ପରିପୂର୍ଣ୍ଣ, ଅନାଦ୍ୟନ୍ତ ଓ ଅପ୍ରମେୟ । ଏହି ସ୍ୱର ଅନନ୍ତ କମ୍ପନର ସ୍ୱର । ବାହାରକୁ ଶୁଭୁ ନ ଥିବା ଏହି ସ୍ୱର ବ୍ୟକ୍ତିକୁ ସ୍ଥିତପ୍ରଜ୍ଞ କରିଦିଏ । ସାଂସାରିକ ଜଞ୍ଜାଳରୁ ମୁକ୍ତି ଦେବାର ବାଟ ଖୋଲିଦିଏ । ଏହି ସ୍ୱରକୁ ଯିଏ ଶୁଣିପାରେ ସେ କାମନାର କମ୍ପନକୁ ପଛରେ ପକାଇ ଆଧ୍ୟାତ୍ମିକ ଉତ୍ତରଣ ପଥରେ ଅଗ୍ରସର ହୁଏ । କୋଳାହଳର ଅନନ୍ତ ପଶ୍ଚାତ୍‌ରେ ଥିବା ଏହି କମ୍ପନ ସକାରାତ୍ମକ ଭଗବତ୍ ଚିନ୍ତନ ଏବଂ ଉଦାତ୍ତ ମାନବିକ ବିଶ୍ୱାସ ଆଡ଼କୁ ନେଇଯାଏ । ଯାହାଦ୍ୱାରା ଜଗତର କଲ୍ୟାଣ ସହିତ ମାନବ ଜାତିର କଲ୍ୟାଣ ସମ୍ଭବ ।

**୪.୬. ସମ୍ଭାବ୍ୟ ଦୀର୍ଘ ଉତ୍ତର ମୂଳକ ପ୍ରଶ୍ନ :**

(କ) 'ଶୁଣନ୍ତୁ' ପ୍ରବନ୍ଧରୁ ପ୍ରାବନ୍ଧିକଙ୍କ ଦାର୍ଶନିକ ଦୃଷ୍ଟିଭଙ୍ଗୀ ସଂପର୍କରେ ଉଲ୍ଲେଖକର ।

(ଖ) ନବ୍ୟ ସଭ୍ୟତାର କୋଳାହଳ ବ୍ୟକ୍ତିକୁ ବାସନା ଆଡ଼କୁ ନେଇଯାଏ, ପଠିତ ପ୍ରବନ୍ଧକୁ ଭିତ୍ତିକରି ଆଲୋଚନା କର ।

(ଗ) 'ଶୁଣନ୍ତୁ' ପ୍ରବନ୍ଧର ନାମକରଣର ସାର୍ଥକତା ବିଚାର କର ।

(ଘ) ଆମ ପରିପାର୍ଶ୍ୱର କୋଳାହଳ ସମୂହକୁ ପ୍ରାବନ୍ଧିକ କିପରି ଦର୍ଶାଇଛନ୍ତି, ଉଲ୍ଲେଖ କର ।

(ଙ) ବିବେକର ସ୍ୱର ବ୍ୟକ୍ତିକୁ ଉର୍ଦ୍ଧ୍ୱଗ କରିଥାଏ – ଆଲୋଚନା କର ।

–୦–

# ଦ୍ୱିତୀୟ ୟୁନିଟ୍

## ହେ ସାଥି ! ହେ ସାରଥି !

### ରଚନା ପ୍ର : ନିତ୍ୟାନନ୍ଦ ଶତପଥୀ

### ଆଲୋଚନା – ପ୍ର. ସଂଘମିତ୍ରା ମିଶ୍ର

ଜୀବନୀ ପୁସ୍ତକ ଗୋଟିଏ ସମଗ୍ରର ପୂର୍ଣ୍ଣାଙ୍ଗ ଚିତ୍ର ଆମ ଆଗରେ ପ୍ରସ୍ତୁତ କରିଥାଏ । କୁହାଯାଏ ବାତ୍ୟା ବିକ୍ଷୁବ୍ଧ ସମଗ୍ର ସାଗର ତୀରରେ ଜୀବନୀ ପୁସ୍ତକ ଆଲୋକସ୍ତମ୍ଭ ସଦୃଶ । ଏହା ସାଧାରଣ ମଣିଷକୁ ବଞ୍ଚିବାର ଧୈର୍ଯ୍ୟ ଦିଏ ଓ ତାର ଚେତନାକୁ ପ୍ରସାରିତ କରିଥାଏ । ସାଧାରଣତଃ ପ୍ରଭାବଶାଳୀ ବ୍ୟକ୍ତିତ୍ୱମାନଙ୍କର ଜୀବନୀ ଦେଖାହୁଏ । ଭାରତ ବର୍ଷର ବିଭିନ୍ନ ଭାଷାରେ ବୋଧହୁଏ ମହାତ୍ମାଗାନ୍ଧୀଙ୍କର ସର୍ବାଧିକ ସଂଖ୍ୟକ ଜୀବନୀ ରଚିତ ହୋଇଅଛି । ପ୍ରାଚୀନ କାଳରେ ମଧ୍ୟ ଜୀବନୀ ରଚିତ ହେଉଥିଲେ । 'ଦାର୍ଢ୍ୟତାଭକ୍ତି'ରେ ବହୁ ଭକ୍ତ ସାଧକଙ୍କର ଜୀବନୀ ଓ ପର୍ଯ୍ୟାବଳୀ ସଂଜଦିତ ହୋଇଛି । ସେହିଭଳି ଚୈତନା ଚରିତାମୃତ ନ ଦୀକ୍ଷଥଚରିତାମ୍ୟତ ଭଳି ଜୀବନୀ ତାଙ୍କର ଅନ୍ୟୁତ ମାନେ ରଚନା କରିଭଳି କୋଉଁଠି ଚରିତ୍ରଟି 'ଅମୃତ'ର ସମକକ୍ଷ ହୋଇ ପାରିଛି । ସେଠାରେ ଆଉ ବିଶ୍ୱାସ କି ଅବିଶ୍ୱାସ ନାହିଁ ଅଛି ନିରୁତା ଭକ୍ତିଶାଳା ଓ ଧର୍ମାନୁଭକ୍ତି । ମାତ୍ର ଆଦି ଜୀବନୀଗ୍ରନ୍ଥ ରଚନାର ଧାରା ପରିହିତ ହୋଇଛି । ରାଜନୀତିକ, ଶିଳ୍ପପତି, ଚିଡ଼ିୟବ, ପ୍ରଫେସର, କ୍ରୀଡ଼ାବିତ୍, ଧର୍ମଗୁରୁ, କଳାକାର, ସଙ୍ଗୀତଜ୍ଞ ତଥା ଅଭିନେତା ଅଭିନେତ୍ରୀମାନଙ୍କର ଜୀବନୀ ରଚିତ ହୋଇ ଲୋକପ୍ରିୟ ହେଉଛି । ତେବେ ପ୍ରଥମ କଥା ହେଉଛି ଲେଖକ ଯାହାର ଜୀବନୀ ଲେଖିବ । ସେହି ବ୍ୟକ୍ତିତ୍ୱ ଦ୍ୱାରା ସେ ଭାବରେ ଅନୁପ୍ରାଣିତ ହୋଇଥିବ । ଦ୍ୱିତୀୟ କଥା ହେଉଛ ସେହି ଜୀବନୀର ସମକାଳୀନ ପ୍ରାସଂଗିକତା ଥିବ । ଶେଷ ଏବଂ ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି ସେହି ବ୍ୟକ୍ତିତ୍ୱ ବେଶ୍ ପ୍ରଭାବଶାଳୀ ହୋଇଥିବ ।

ଜୀବନୀ ପୁସ୍ତକରୁ ଗୋଟିଏ (କ) ଗୋଟିଏ ବ୍ୟକ୍ତିତ୍ୱକୁ ଜାଣିପାରେ । (ଖ) ସମକାଳୀନ ରାଜନୀତିକ, ସାମାଜିକ ତଥା ସାଂସ୍କୃତିକ ପରିମଣ୍ଡଳ ସଂପର୍କରେ ଜ୍ଞାନ ଆହରଣ କରେ । (ଗ) ନିଜର ଜୀବନକୁ ଗଠନ କରିବାର ମାର୍ଗ ପାଏ ଓ (ଘ) ସେହି ନିର୍ଦ୍ଦିଷ୍ଟ ବ୍ୟକ୍ତିତ୍ୱର ତ୍ରୁଟିରୁ ମଧ୍ୟ ଶିକ୍ଷା ଗ୍ରହଣ କରି ପରିପୁଷ୍ଟ ହୁଏ ।

ଯେଉଁ କେତେ ଜଣ ମହାମନା ଓଡ଼ିଆ ଚିନ୍ତକ ପୂର୍ଣ୍ଣାଙ୍ଗ ଓଡ଼ିଶା ଗଠନର ସ୍ୱପ୍ନ ଦେଖୁଥିଲେ ଓ ସର୍ବଭାରତୀୟ କ୍ଷେତ୍ରରେ ଶକ୍ତିଶାଳୀ ହେଉଥିବା ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଶାର ଚିନ୍ତାଚେତନାକୁ ସାମିଲ କରିବାକୁ ହମ୍ପେ କରୁଥିଲେ ସେମାନଙ୍କ ମଧ୍ୟରେ ସତ୍ୟବାଦୀର ପଞ୍ଚସଖାଙ୍କ ନାମ ସର୍ବାଗ୍ରେ ଆସିଥାଏ ।

ଏହି ପଞ୍ଚସଖା ଗଣ ହେଲେ ଗୋପବନ୍ଧୁ ଦାସ, ନୀଳକଣ୍ଠ ଦାସ, ଗୋଦାବରୀଶ ମିଶ୍ର, କୃପାସିନ୍ଧୁ ମିଶ୍ର ଓ ଆଚାର୍ଯ୍ୟ ହରିହର । ଗୋପବନ୍ଧୁ ଥିଲେ ଏହି ପଞ୍ଚସଖାଙ୍କର ଗୁରୁ ଭାବରେ ସ୍ୱୀକାର କରିଥିଲେ । ତାଙ୍କ ପୂର୍ବରୁ କୁଳବୃଦ୍ଧ ମଧୁସୂଦନଙ୍କ ଦୂରଦର୍ଶୀ ବ୍ୟକ୍ତିତ୍ୱ ଓଡ଼ିଶା ପାଇଁ ଈଶ୍ୱରଙ୍କ ଆର୍ଶୀବାଦ ସଦୃଶ ଥିଲା । ରାଧାନାଥ ମଧୁସୂଦନ, ଫକୀର ମୋହନ, ଗଙ୍ଗାଧର ନନ୍ଦ କିଶୋର ପ୍ରସ୍ତୁତି ସାହିତ୍ୟ ଓ ସମାଜପାଇଁ ନୂତନତାର ମାର୍ମ ନିର୍ମାଣ କରିସାରିଥିଲେ । ପଞ୍ଚସଖାଙ୍କ ସହିତ ଗୋପୀନାଥ ନନ୍ଦ, ବିରୂପାକ୍ଷ କର, ବାସୁଦେବ ମହାପାତ୍ର, ଚନ୍ଦ୍ରଶେଖର ମିଶ୍ର, ସଦାଶିବ ମିଶ୍ର, ଶ୍ରୀବସ୍ସ ପଣ୍ଡା, ଶଶିଭୂଷଣ ରଥ ପ୍ରଭୃତି ଲେଖକ ଗୋଷ୍ଠୀ ନୂତନ ଭାବରେ ଓଡ଼ିଆ ସାହିତ୍ୟର ସାବଲୀଳତା ଓ ପ୍ରାଣପ୍ରାଚୁର୍ଯ୍ୟ

ଭରି ଦେଇଥିଲେ । ଏହି ସମୟରେ ଓଡ଼ିଶାର ଇତିହାସ ରଚିତ ହୋଇଥିଲା । ବ୍ୟାକରଣ ସହିତ ପ୍ରାଚୀନ ଓଡ଼ିଆ କାବ୍ୟ କବିତାର ସମାଲୋଚନା ମଧ୍ୟ ହୋଇଥିଲା ।

ପଣ୍ଡିତ ଗୋପବନ୍ଧୁଙ୍କ ବ୍ୟକ୍ତିତ୍ୱ ଥିଲା ଅନନ୍ୟସାଧାରଣ । ସେ ଏକାଧାରରେ ନମ୍ର, ସହିଷ୍ଣୁ ଉଦାର ପୁଣି କ୍ରୋଧୀ ଓ ଜିଦ୍‌ଖୋର । ତାଙ୍କୁ ନେଇ ଓଡ଼ିଶାର ଅନେକ ଜୀବନୀ ଲେଖା ହୋଇଛି । ଗୋପୀନାଥ ମହାନ୍ତିଙ୍କର 'ଉତ୍କଳମଣି', ଚନ୍ଦ୍ରଶେଖର ମିଶ୍ରଙ୍କର ସତ୍ୟବାଦୀରେ ସାତବର୍ଷ, ଚିନ୍ତାମଣି ଦାଶଙ୍କର କବି ଗୋପବନ୍ଧୁ, ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶଙ୍କର ପଣ୍ଡିତ ଗୋପବନ୍ଧୁ, ଡଃ ଶ୍ରୀ ରାମଚନ୍ଦ୍ର ଦାଶଙ୍କର ଇଂରାଜୀରେ ରଚିତ ପଣ୍ଡିତ ଗୋପବନ୍ଧୁ (ଏହା ମମତା କିଶୋରଙ୍କ ଦ୍ୱାରା ଅନୂଦିତ ଓ 'ସମାଜ' କର୍ତ୍ତବ୍ୟ ପ୍ରକାଶିତ) ପ୍ରଭୃତି ଏଦିଗରେ ଗୁରୁତ୍ୱପୂର୍ଣ୍ଣ ସୃଷ୍ଟି ଇଂରାଜୀରେ ରଚିତ 'ପଣ୍ଡିତ ଗୋପବନ୍ଧୁ' ଶୀର୍ଷକ ଗୋପବନ୍ଧୁଙ୍କ ଜୀବନୀଲେଖ୍ୟ ଓଡ଼ିଶା ଗଭାରେ ଗୋପବନ୍ଧୁଙ୍କ ବ୍ୟକ୍ତିତ୍ୱକୁ ପରିଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ନୀଳକଣ୍ଠ ଆତ୍ମଜୀବନୀ, ଗୋଦାବରୀଶ ମିଶ୍ରଙ୍କ ଆତ୍ମଜୀବନୀ ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋର ସ୍ଥାନ ତଥା ସଚ୍ଚିଦାନନ୍ଦ ମହାନ୍ତି, ଭାଗୀରଥି ମହାପାତ୍ର, ସଦାଶିବ ମିଶ୍ର, ଓ କୁଞ୍ଜବିହାରୀ ଦାସଙ୍କ ରଚନା ଭିତରେ ଗୋପବନ୍ଧୁଙ୍କ ବ୍ୟକ୍ତିତ୍ୱର ବହୁବିଧ ଦିଗ ଆଲୋଚିତ ହୋଇଛି । ସତ୍ୟବାଦୀ ସାହିତ୍ୟ ସଂପର୍କରେ ପୁଣି ପ୍ରତ୍ୟେକ ସାହିତ୍ୟ ସ୍ରଷ୍ଟା ସଂପର୍କରେ ବଂଶାଧିକ ଉଚ୍ଚତର ଗବେଷଣା କରାଯାଇଛି ଓ ବେଶ୍ କିଛି ସମାଲୋଚନା ପୁସ୍ତକ ମଧ୍ୟ ପ୍ରକାଶିତ ହୋଇଛି । ଗୋପୀନାଥ ମହାପାତ୍ରଙ୍କ ରଚିତ 'ଉତ୍କଳମଣି' ଗୋପବନ୍ଧୁଙ୍କର ଦେହଲଗା ଭୃତ୍ୟ ରାମବାରିକଙ୍କ ସ୍ମୃତିବଙ୍କର ସହଯୋଗରେ ଲିଖିତ । ତେବେ ପ୍ର. ନିତ୍ୟାନନ୍ଦ ଶତପଥୀ ଏ ଭଳି ଏକ ଜୀବନୀ ଲେଖିବା ପାଇଁ ଆଗ୍ରହୀ ହେଲେ କାହିଁକି ? ନିତ୍ୟାନନ୍ଦ ଶତପଥୀ ମହାଶୟ ଓଡ଼ିଆ ଭାଷା ସାହିତ୍ୟର ସର୍ବମାନ୍ୟ ପ୍ରଫେସର ଓ ଓଡ଼ିଆ ସ୍ୱାଭିମାନର ପ୍ରମୁଖ ଉଦ୍‌ଗାତା । ଅଧ୍ୟାପକ ଭାବେ ଯୋଗ ଦେବାର ଅବ୍ୟବହିତ ପୂର୍ବରୁ ସେ ଆଠମାସରୁ ଉର୍ଦ୍ଧ୍ୱକାଳ ନୀଳକଣ୍ଠ ଦାସଙ୍କ ଆତ୍ମଜୀବନୀ ଲେଖିଥିଲେ । ପଣ୍ଡିତ ନୀଳକଣ୍ଠ ଯାହା ଡାକୁଥିଲେ ତାକୁ ସଜାଡି ଲେଖିବା ଠାରୁ ଶତପଥୀ ମହାଶୟଙ୍କ ସାହିତ୍ୟ ପ୍ରୀତିର ମୂଳଦୁଆ ପଡ଼ିଡିଲା ବୋଲି କୁହାଯାଇପାରେ । ପୂଜାପୂଜା ସଂସଦ ଶୀର୍ଷକ ଅନୁଷ୍ଠାନ ଗଢିରେ ପ୍ରାୟ ସତୁରୀ ଜଣକରୁ ଗୋପବନ୍ଧୁ, ନୀଳକଣ୍ଠ, ଗୋଦାବରୀଶ, ଆଚାର୍ଯ୍ୟ, ଗଜପତି, ମାନସିଂହ, ବୈକୁଣ୍ଠନାଥ ଅତିବଡୀ ଓ ଗ୍ରନ୍ଥରାଜ ପରିକ୍ରମା ଭଳି ପୁସ୍ତକମାନ ସଂପାଦନା କରିଛନ୍ତି । ତେଣୁ ଗୋଟିଏ ସମୟର ପ୍ରାଣପ୍ରାଚୁର୍ଯ୍ୟ ସଂପର୍କରେ ତାଙ୍କର ସ୍ପଷ୍ଟ ତଥା ବ୍ୟାପକ ଧାରଣା ରହିବା ସ୍ୱାଭାବିକ ।

ପ୍ରଫେସର ନିତ୍ୟାନନ୍ଦ ଶତପଥୀ ୨୮/୧୦/୧୯୩୭ ଜନ୍ମ । ତାଙ୍କର ସମାଲୋଚନା ପୁସ୍ତକଗୁଡ଼ିକ ହେଉଛି କବିତା ଯୁଗେ ଯୁଗେ, ସମାଗରୁ ସାଂପ୍ରତିକ, ସତୁରୀରୁ ସହସ୍ରାବ୍ଦୀ, ଗଳ୍ପ ଓ ଗାଳ୍ପିକ, ପ୍ରମୁଖ କବି କବିତାତ୍ମ, କାବ୍ୟ ପ୍ରକରଣ, ସାରଳାରୁ ସଂପ୍ରତି, କବିତା ହେତୁ : ଆଧୁନିକ ସାହିତ୍ୟ ଚିନ୍ତା ଓ ଚେତନା, ସୃଷ୍ଟି ଓ ସ୍ରଷ୍ଟା । ସବୁଜରୁ ସାଂପ୍ରତିକ ତାଙ୍କର pl.d ଗବେଷଣା ନିବନ୍ଧ ଯାହା ଆଧୁନିକ ଓଡ଼ିଆ କବିତା ଆଲୋଚନା ପାଇଁ ନୂତନ ମାଗି ଉନ୍ମୋଚନ କରିଛି । 'ସୃଷ୍ଟି ସ ସ୍ରଷ୍ଟା' ପ୍ରବନ୍ଧ ସଂକଳନ ପାଇଁ ତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପକ୍ଷରୁ ପୁରସ୍କାର ମିଳିଥିଲା ଯାହାକୁ ସେ ପ୍ରତ୍ୟାଖ୍ୟାନ କରିଥିଲେ । ତାଙ୍କ ସଂପାଦନାରେ ବିଦ୍ୟୁତପ୍ରଭା ଗ୍ରନ୍ଥାବଳୀ (୨ ଖଣ୍ଡରେ), ସାଂପ୍ରତିକ ଓଡ଼ିଆ କବିତା (N.B.T) ଲଳିତ ନିବନ୍ଧ ଓ ମଧୁସୂଦନ ପ୍ରକାଶତ । ଏହି ବରିଷ୍ଠ ସମାଲୋଚନ ଅନେନକ ଗଳ୍ପ କବିତା ଓ ଉପନ୍ୟାସ ଯଦି ରଚନା କରିଛନ୍ତି । 'ଅନିକେତ' ତାଙ୍କର ପ୍ରକାଶିତ ଏକମାତ୍ର ଉପନ୍ୟାସ 'କାଳ ଓ କର୍ଣ୍ଣିକା ' ଏବଂ ଶ୍ରେଷ୍ଠ ଗଳ୍ପ) ତାଙ୍କର ଗଳ୍ପ ସଂକଳନ । ଅଗ୍ନିଶିଖା ଓ ସବାସାନ ପ୍ରେମିକା ଓ ଅନ୍ୟାନ୍ୟ କବିତା ତାଙ୍କର ଦୁଇଟି କବିତା ସଂକଳନ । ସୃଜନଶୀଳ ଓ ସମୀକ୍ଷା ସମୃଦ୍ଧ 'ଇସ୍ତାହାର' ପତ୍ରିକାର ସଂପାଦନା ସେ ୧୯୭୪ – ୭୫ ଠାରୁ ଆଜି ପର୍ଯ୍ୟନ୍ତ କରି ଆସୁରଳି ଯାହା

ପ୍ରାୟୋଗିକ ଆଲୋଚନାର ନୂତନ ଦିଗନ୍ତ ଉନ୍ମୋଚନ କରିଛି । ତାଙ୍କର ଆତ୍ମଜୀବନୀ ତିନିଖଣ୍ଡରେ ପ୍ରକାଶିତ । ପ୍ରେମ ଓ ପ୍ରତାରଣା, ପ୍ରେମ ଓ ପରିତାପ ଏବଂ ଶୈଶବରୁ ଅବସର । ଏହି ସ୍ରଷ୍ଟା ଓ ସମାଲୋଚକ ଉତ୍କଳ ବିଶ୍ୱବିଦ୍ୟାଳୟରେ ସତ୍ୟବାଦୀ ଚେୟାର ପ୍ରତିଷ୍ଠାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ । ସେ ୧୯୮୧ ପ୍ରଜାତନ୍ତ୍ର ବିଷୁବ ପୁରସ୍କାର, ୨୦୦୩ରେ ଗୋପୀନାଥ ନନ୍ଦ ପ୍ରବନ୍ଧ ପୁରସ୍କାର, ୨୦୦୪ ରେ କ୍ଷେତ୍ରବାସୀ ସାହିତ୍ୟ ବିଦ୍ୟା ପୁରସ୍କାର ଓ ୨୦୦୫ ରେ ଗୋଦାବରୀଶ ସମ୍ମାନ ଲାଭ କରିଛନ୍ତି । ସତ୍ୟବାଦୀର ମୂଲ୍ୟବୋଧ ପଣ୍ଡିତ ଜୀବନରନୁରାଗ ପ୍ରତି ଲେଖକଙ୍କର ଶ୍ରଦ୍ଧା ଓ ସମ୍ମାନ ତାଙ୍କୁ କିଛିଦିନ  ରାଜନୀତି ଆଡ଼କୁ ଆକର୍ଷିତ କରିଥିଲା ମାତ୍ର ତାହା ତାଙ୍କ ପାଇଁ ବିଧି ନିର୍ଦ୍ଧାରିତ  ନ ଥିଲା । ସଂପ୍ରତି ପ୍ରଫେସର ଶତପଥୀ ଭୁବନେଶ୍ୱରର ଚନ୍ଦ୍ରଶେଖରପୁରରେ ନିଜର ଅବସର ଜୀବନ ବାଣୀ ଆରାଧନା ସହିତ ପତ୍ରିକା ସଂପାଦାନରେ ମଗ୍ନ ଅଛନ୍ତି । ପଣ୍ଡିତ ଗୋପବନ୍ଧୁଙ୍କ ଜୀବନୀ ଲେଖିବାପାଇଁ ତାଙ୍କ ପାଖରେ ପର୍ଯ୍ୟାପ୍ତ ସୁଯୋଗ ଥିବା କଥା ଆମେ ଆଲୋଚନା କରିଛେ । ଗୋପବନ୍ଧୁ ସଂପର୍କରେ ଲିଖିତ ପ୍ରତ୍ୟେକ ପୁସ୍ତକ ସେ ପାଠ କରିଛନ୍ତି ଓ ଗୋପବନ୍ଧୁଙ୍କ ଜୀବନର କାରୁଣ୍ୟ ତାଙ୍କୁ ଅଭିଭୂତ କରିଛି । ଏ ପୁସ୍ତକର ନାମ ସେ ରଖିଛନ୍ତି 'ହେ ସାଥି! ହେ ସାରଥି !' ସେ ଆମ ଦୁଃଖ ବିପଦରେ ଆମ ପାଖରେ ନ ଡ଼ାକୁଣୁ ପହଞ୍ଚିଯାଏ ସେ ହିଁ ଆମର ସାଥି । ପୁଣି ଯିଏ ଆମକୁ ମାର୍ଗ ଦର୍ଶନ ଦିଏ ସେ ଆମର ସାରଥି । କୁହାଯାଏ '' ଆତ୍ମାନଂ ରଥୀନଂ ବିଦ୍ଧି ଶରୀରଂ ରଥ ମୁଚ୍ୟତେ'' ଅର୍ଥାତ୍ ଶରୀର ରଥରେ ଆତ୍ମା ସାରଥୀ । ସେମିତି ଗୋପବନ୍ଧୁ ଥିଲେ ଓଡ଼ିଶା ରଥର ସଦୃଶ । ଯେତେବେଳେ ସାଥି ସାରଥିରେ ରୂପାନ୍ତରିତ ହୋଇଯାଏ ତାର କର୍ମଦକ୍ଷତା ବହୁଗୁଣିତ ହୁଏ । ସେମିତି ଶ୍ରଦ୍ଧା, ସହାନୁଭୂତି ଓ ସନ୍ତୁବରଣ ନେଇ ଗୋପବନ୍ଧୁ ଓଡ଼ିଶା ଭୂମିପାଇଁ ଦେବଦୂତ ପାଲଟିଥିଲେ । ଓଡ଼ିଶାରେ ଗାନ୍ଧି ଆଦର୍ଶର ଅଗ୍ରଦୂତ ଗୋପବନ୍ଧୁ ନିଜେ ହିଁ ନିଜର ତୁଳନା । ଭାଗବତ ଧର୍ମରେ ପରିପୁଷ୍ଟ ତାଙ୍କର ଉଦାର ଧର୍ମୀର ବିଶ୍ୱାସ ତାଙ୍କ ବ୍ୟକ୍ତିତ୍ୱ ନିର୍ମାଣ କରିଥିଲେ । ତାଙ୍କର ଜୀବନୀ ପଠନ ପ୍ରତ୍ୟେକ ଓଡ଼ିଆର ଅବଶ୍ୟ କର୍ତ୍ତବ୍ୟ, ପାଠ୍ୟ ଖସଡ଼ାରେ ଥିବା ''ସମାଜ ଏକ କ୍ରାନ୍ତି : ଏକ ଚେତନା'' ପର୍ଯ୍ୟନ୍ତ (୧୪୭ ପୃଷ୍ଠା) ଅଂଶକୁ ନେଇ ଛାତ୍ରଛାତ୍ରୀଙ୍କ ଉପଯୋଗୀ ଏହି ଯେ ପାଠ୍ୟକ୍ରମ ରଚନାର ପ୍ରୟାସ କରାଯାଇଛି । ଗୋଟିଏ ବିଦ୍ୟାଳୟକୁ କେନ୍ଦ୍ରରେ ଧରି ଯେ ଓଡ଼ିଆ ସାହିତ୍ୟରେ ଏକ 'ଯୁଗ' ସୃଷ୍ଟି ହୋଇ ପାରିଥିଲା ଭାବିଲେ ଆଶ୍ଚର୍ଯ୍ୟ ହେବାକୁ ହୁଏ । ଅବଶ୍ୟ ପାଶ୍ଚାତ୍ୟ ଧାରାରେ Lake Poets ଭଳି ଗୋଷ୍ଠୀ ଥିବା ଜାଣୁ ମାତ୍ର ଓଡ଼ିଶାରେ ଗୋଟିଏ ବିଦ୍ୟାଳୟ ଓ ଗୋଟିଏ ପତ୍ରିକାକୁ ନେଇ ଯୁଗ ସୃଷ୍ଟି ହୋଇଥିଲା ଯାହାର ପରୀସୀମା ଖୁବ୍ କମ୍ ହୋଇଥିଲେ ହେଁ ଯାହାର ଉଦ୍ଦେଶ୍ୟଥିଲା ସ୍ୱଚ୍ଛ, ମୂଲ୍ୟବୋଧ କୈନ୍ଦ୍ରିକ  ତଥା ଜୀବନାନୁରାଗ ପିଣ୍ଡିତ ।

### ଗୋପବନ୍ଧୁଙ୍କର ଜନ୍ମ ଓ ବାଲ୍ୟକାଳ

୧୮୭୭ ମସିହା ଅକ୍ଟୋବର ନଅ ତାରିଖ, ୧୨୮୪ ଅବ୍ଦ ଆଶ୍ୱିନ ୨୬ ଦିନ ଅବଭକ୍ତ ପୁରୀ ଜିଲ୍ଲାର ସୁଆଣ୍ଡୋ ଗ୍ରାମରେ ପିତା ଦୈତାରୀ ଦାଶ ଓ  ମାତା ସ୍ୱର୍ଣ୍ଣମୟୀଙ୍କ କୋଳମଣ୍ଡନ କରି ଜନ୍ମ ହୋଇଥିଲେ ଗୋପବନ୍ଧୁ । ମାତା ସ୍ୱର୍ଣ୍ଣମୟୀ ଥିଲେ ମୁକ୍ତାର ଦୈତାରୀ ଦାଶଙ୍କର ୩ୟ ପତ୍ନୀ । ବାଲ୍ୟକାଳରୁ ସେ ମାତୃହୀନ ହୋଇଥିଲେ ଓ ବିଧବା ପିଉସୀ କମଳାନାନୀଙ୍କ ହେପାଜତ୍‌ରେ ବଢ଼ିଥିଲେ । ପିଲାଦିନରୁ ତାଙ୍କଠାରେ ସନ୍ୟାସୀସୁଲଭ ଢ଼ଙ୍ଗ ଦେଖାଯାଉଥିଲା । 'ଅବକାଶ ଚିନ୍ତା'ରେ ସେ 'ମୋନାନୀ' ଶୀର୍ଷକ ଯେଉଁ କବିତା ଲେଖିଛନ୍ତି ତାହା ଏହିପରି :–

''ସଦାଶୟା ସ୍ନେହମୟୀ ପରମ ପାବିନୀ
ଜୀବନ ମଉତ ଲକ୍ଷ୍ୟ ସାଧିଛ ଗୁପତେ
ତୁମରୀତି ଆଚରିଲେ ସକଳ କାମିନୀ
ଓହ୍ଲାଇ ଆସନ୍ତି ସ୍ୱର୍ଗ ଏ ମର୍ତ୍ତ୍ୟ ଜଗତେ ।''

ଗାଉଁଲି ପିଲାଙ୍କ ଭଳି ଗୋପବନ୍ଧୁ ପିଲାଦିନେ ଚଗଲା ଥିଲେ । ବୈଠକୀ ଭୋଜି ପାଇଁ ସେ ନଡିଆ ଓ ପଣସ ଚୋରି କରୁଥିଲେ । ଅବଧାନ ପଚାରିଲେ ସେ ସତକଥା କହି ମାଡ଼ ଖାଉଥିଲେ । ବନ୍ଧୁମାନଙ୍କର ଅପ୍ରିୟ ମଧ୍ୟ ହେଉଥିଲେ । ପଡ଼ିଶା ଘର ଦାଶରଥି ଦାଶଙ୍କ ବାଡ଼ିରୁ ପାଳଛତୁ ଚୋରି କଲାବେଳେ ବାଡ଼ ଡ଼େଇଁ ପଡ଼ିବାରୁ କିଛି ଦିନ ତାଙ୍କ ହାତ ଦୁଇଟା ଅସଜ ହୋଇଯାଇଥିଲା । ଅବଧାନ ଶୋଇ ପଡିଥିବା ସମୟରେ ସେ ତାଙ୍କ ଶେଯପାଖରୁ ସାପଟାଏ ମାରି ଦେଇଥିଲେ ।

ଗୋପବନ୍ଧୁ ଜେଜେ ଭଗବାନ ଦାଶଙ୍କର ଦୁଇପୁଅ ଥିଲେ । ଦୀନବନ୍ଧୁ ଓ ଦଇତାରୀ । ଦଇତାରୀଙ୍କର ଦୁଇପୁଅ ହେଲେ ନାରାୟଣ ଓ ଗୋପବଧୁ । ଦୀନବନ୍ଧୁ ନାରାୟଣଙ୍କୁ ପୁଅକରି ନେଇଥିଲେ । ସନ୍ୟାସ ଗ୍ରହଣ କରି ଦୀନବନ୍ଧୁ ଗୃହତ୍ୟାଗ କରିଥିଲେ । ନବଦ୍ୱୀପରେ ତାଙ୍କୁ ଜଣେ କୃଷ୍ଣଭକ୍ତ କୃଷ୍ଣମୂର୍ତ୍ତିଟିଏ ପ୍ରଦାନ କରିଥିଲେ । ଘରକୁ ଫେରି ଦୀନବନ୍ଧୁ ସେହି ମୂର୍ତ୍ତିଙ୍କ ନାମ 'ବିନୋଦ ବିହାରୀ' ରଖିଲେ ସ ପୁନର୍ବାର ଗୃହତ୍ୟାଗ କଲେ । ବିନୋଦବିହାରୀଙ୍କ ଦେଖାଶୁଣା ଦୈତାରୀଙ୍କ ଉପରେ ପଡ଼ିଲା । ଏହି ବିନୋଦ ବିହାରୀଙ୍କ ଉପରେ ଗୋପବନ୍ଧୁଙ୍କର ଗଭୀର ବିଶ୍ୱାସ ଥିଲା ଓ ସେ ଶୁଦ୍ଧପୂତ ଭାବରେ ମନ୍ଦିର ପ୍ରାଙ୍ଗଣରେ ଭାଗବତ ଗାନ କରୁଥିଲେ । ଭାଗବତର ଉଦାର ଧାର୍ମିକ ଚେତନା ଦ୍ୱାରା ତାଙ୍କ ବ୍ୟକ୍ତିତ୍ୱ ନିୟନ୍ତ୍ରିତ ହୋଇଥିଲା । ତାଳପତ୍ର ପୋଥିରେ ସଂସ୍କୃତରେ ଲିଖିତ ଭାଗବତ ପାଠକରି ଗୋପବନ୍ଧୁ ଅଭିଭୂତ ହେଇଥିଲେ ଓ ତାଙ୍କ ଚାଲିଚଳଣିରେ ଭାଗବତୀ ଔଦାର୍ଯ୍ୟ ଫୁଟି ଉଠୁଥିଲା ।

## ବିବାହ ଓ ପିତୃତ୍ୱ

ଗୋପବନ୍ଧୁ ପିଲାଦିନୁ ବାବାଜୀ ହେବେ ବୋଲି ଜିଦ୍ କରୁଥିଲେ । ବଡ଼ ହେବାପରେ ମଧ୍ୟ ସେ ସନ୍ୟାସୀ ସୁଲଭ ନିରାଡ଼ମ୍ବର ଜୀବନ ଯାପନ କରିଥିଲେ । ସନ୍ୟାସୀ ହେବାକୁ ଜିଦ୍ କରୁଥିବା ପୁଅକୁ ବାପା ଖୁବ୍ ଶୀଘ୍ର ବାହା କରାଇ ଗୃହୀ କରିବାକୁ ଚାହୁଁଥିଲେ । ଫଳରେ ବ୍ରତଘରର ଛଅମାସ ପରେ ମାତ୍ର ୧୨ ବର୍ଷରେ ତାଙ୍କର ବିବାହ ହୋଇଥିଲା । ଚାଟଶାଳୀ ପରେ ରୂପଦେଈପୁର ଭର୍ଣ୍ଣାକୁଲାର ସ୍କୁଲରେ ସେ ପଢ଼ିଲେ । ସେଠାରୁ ବୃତ୍ତିପାଇ ପୁରୀଜିଲ୍ଲା ସ୍କୁଲରେ ପାଠ ପଢ଼ିଲେ । ଇଂରାଜୀରେ ଦୁର୍ବଳ ଥିବାରୁ ତଳ ଶ୍ରେଣୀରେ ଇଂରାଜୀ ପଢ଼ିବା ପରେ ସେ ଡବଲ ପ୍ରମୋଶନ ମଧ୍ୟ ପାଇଥିଲେ । ଏଣ୍ଟ୍ରାନ୍ସ ୪ର୍ଥ ଶ୍ରେଣୀ (ବର୍ତ୍ତମାନର ୮ମ ଶ୍ରେଣୀ)ରେ ପଢ଼ିବା ବେଳକୁ ତାଙ୍କୁ ୧୮ ବର୍ଷ ହୋଇଥିଲା । ତେଣୁ ଗୋପବନ୍ଧୁ ୧୨ ବର୍ଷରେ ବିବାହ କରିବା ବେଳକୁ ୭ମ ଶ୍ରେଣୀରେ ପାଠ ପଢୁଥିଲେ । ପତ୍ନୀ ମୋତି ଦେବୀ ବାଙ୍ଗରବା ଶାସନର ଝିଅ । ସେ ଗୋପବନ୍ଧୁଙ୍କଠାରୁ ମାତ୍ର ଛଅମାସ ସାନ ଥିଲେ । ସେ ସମୟର ବାଲ୍ୟ କନ୍ୟା ବିବାହ କାଳୀନ ପ୍ରଥା ସଂପର୍କରେ ଲେଖକ କୁହନ୍ତି ଯେ ସେ ସମୟରେ କାନ୍ଦଣା ଶିଖା ହେଉଥିଲା । ସେ ସ୍ୱରଧରି କାନ୍ଦି ପାରୁଥିଲା ସେ ଧନ୍ୟବାଦର ପାତ୍ରୀ ହେଉଥିଲା । ଓଢ଼ଣା ଟାଣି ନଇଁନଇଁ ଚାଲି ବେଦୀକୁ ଯିବା ଛୋଟ ଝିଅମାନଙ୍କ ପାଇଁ ବେଶ୍ କଷ୍ଟକର ଥିଲା । କେହି ବେଦୀ ପାଖରେ କାନ୍ଦୁଥିଲେ, କେହି ବା ଉପବାସରେ ହାଲିଆ ହୋଇ ଶୋଇ ପଡୁଥିଲେ । ସେମାନଙ୍କୁ କାଖେଇ ବେଦୀକୁ ନିଆଯାଉଥିଲା । ଶାଶୁଘରେ ମଧ୍ୟ ପାଟିଖୋଲିବା ଦୋଷାବହ ଥିଲା । ଚୁଁ ମାରି, ଠାରି ବୋହୁମାନେ ନିଜର ମନୋଭାବ ପ୍ରକାଶ କରୁଥିଲେ । ବିବାହ ପରେ ସାଙ୍ଗେ ସାଙ୍ଗେ ବର କନ୍ୟା ବିଦାୟ ଦେବା ପ୍ରଥା ସେ ସମୟରେ ନ ଥିଲା । ମୋତି ଦେବୀ ୧୫ ବର୍ଷ ବୟସରେ ପହିଲି ପାଳି ଆସିଲେ । ୧୬ ବର୍ଷ ବୟସରେ ସନ୍ତାନ ସମ୍ଭବା ମୋତି ଦେବୀ ଘୋଡାଚଢ଼ା ପୋଲିସ ଜେରାରେ ଭୟଭୀତା ହେବାରୁ ତାଙ୍କର ଗର୍ଭପାତ ହେଲା । ପରବର୍ତ୍ତୀ ପୁତ୍ର ସନ୍ତାନକୁ ୬ ବର୍ଷ ହୋଇ ଥିବାବେଳେ ତାକୁ ବସନ୍ତ ହେଲା ଓ ପରେ ନାଳରକ୍ତ ଝାଡା ହେଲା । ଗୋପବନ୍ଧୁ ସେତେବେଳେ ବି.ଏ. ଶ୍ରେଣୀର ଛାତ୍ର । ପ୍ରଥମ ଥର ସେ ବି.ଏ. ଫେଲ ହୋଇ ଥାଆନ୍ତି । ଦୟା ଭାର୍ଗବୀ ବନ୍ୟାଞ୍ଚଳକୁ ଯିବା ସମୟରେ ସେ ପୁଅର ଅସୁସ୍ଥତା ଖବର ପାଇଥିଲେ ହେଁ କର୍ତ୍ତବ୍ୟକୁ ସନ୍ତାନ ସ୍ନେହଠାରୁ ବଡ଼ ମନେକରି ବନ୍ୟାଞ୍ଚଳକୁ ଯାଇଥିଲେ । ଫେରିବା ବେଳକୁ ତାଙ୍କ ସନ୍ତାନର ମୃତ୍ୟୁ

ହୋଇ ସାରିଥିଲା । ଗୋପବନ୍ଧୁଙ୍କର ଦୁଇଟି ମାତ୍ର କନ୍ୟାଥିଲେ ସାରଙ୍ଗିଣୀ ଓ କେତକୀ । ଗୋପବନ୍ଧୁଙ୍କୁ ୨୮ ବର୍ଷ ବୟସ ହୋଇଥିବାବେଳେ ତାଙ୍କର ପତ୍ନୀ ବିୟୋଗ ଘଟିଲା ଓ ସେ ପୁନର୍ବିବାହ ପାଇଁ ଅସମ୍ମତ ହେଲେ ।

ସ୍କୁଲରେ ପଢୁଥିବା ସମୟରେ ମଧ୍ୟ ଗୋପବନ୍ଧୁ ନିଜର ବ୍ୟକ୍ତିତ୍ୱର ପରାକାଷ୍ଠା ଦେଖାଇଥିଲେ । ୧୮୯୫ ବେଳକୁ ସେ ଅଷ୍ଟମ ଶ୍ରେଣୀ ଛାତ୍ର । 'ଇନ୍ଦ୍ରଧନୁ' ଓ 'ବିଜୁଳି' ନାମକ ଦୁଇଟି ପତ୍ରିକା ସେ ସମୟର ସାହିତ୍ୟିକ ବାତାବରଣକୁ ସରଗରମ କରି ରଖିଥାଏ । 'ଇନ୍ଦ୍ରଧନୁ' ରାଧାନାଥଙ୍କ ବିପକ୍ଷ ଓ ଭଂଜଙ୍କ ସପକ୍ଷରେ ଲେଖାମାନ ଛାପୁ ଥାଆନ୍ତି ଓ 'ବିଜୁଳି'ରେ ରାଧାନାଥଙ୍କ ସପକ୍ଷ ତଥା ଭଂଜ ବିଦ୍ୱେଷୀ ଲେଖାମାନ ସ୍ଥାନିତ ହେଉଥାଏ । କୌତୂହଳ ବଶତଃ ଗୋପବନ୍ଧୁ ଛଦ୍ମନାମ ଭଂଜଙ୍କ ସପକ୍ଷରେ ଏକ ଲେଖାଲେଖି ଇନ୍ଦ୍ରଧନୁରେ ଛପାଇଥିଲେ । ରାଧାନାଥ ସେତେବେଳେ ଓଡ଼ିଶା ଶିକ୍ଷାବିଭାଗର କରିତ୍କର୍ମା ଇନ୍‌ସପେକ୍ଟର । ସେ କୌଶଳରେ ସ୍କୁଲର ପ୍ରଧାନ ଶିକ୍ଷକଙ୍କ ଠାରୁ ଛାତ୍ରର ନାମଟି ଜାଣିଗଲେ । ପ୍ରଧାନ ଶିକ୍ଷକ ଆଗ୍ରହରେ ନିଜର ପ୍ରିୟ ଛାତ୍ରର ନାମ କହିଦେଲେ । ଫଳରେ ତାଙ୍କର ସ୍କଲାରସିପ୍ କଟିଗଲା ଓ ସେ ବେଞ୍ଚ ଉପରେ ଠିଆ ହେବାର ଦଣ୍ଡ ପାଇଲେ । ଯଦିଚ ପ୍ରଧାନ ଶିକ୍ଷକ ମହାଶୟ ତାଙ୍କ ଛାତ୍ରଙ୍କୁ ବେଞ୍ଚ ଉପରେ ଠିଆ କରାଇଲେ ନାହିଁ କିନ୍ତୁ ଗୋପବନ୍ଧୁ ଆଉ ସ୍କଲାରସିପ୍ ପାଇ ପାରିଲେ ନାହିଁ ।

ସେତେବେଳେ ଓଡ଼ିଶା ବଂଗଳା, ବିହାର ଓ ମଧ୍ୟପ୍ରଦେଶ ସହିତ ମିଶି ରହିଥାଏ । ମଧୁବାବୁ ଓ ବିଶ୍ୱନାଥ କରଙ୍କ ଭଳି ମୁର୍ଦ୍ଧଣ୍ୟ ବ୍ୟକ୍ତିତ୍ୱମାନେ ବଂଗ ସହିତ ଓଡ଼ିଶା ମିଶି ରାଜୁବୋଲି ମତ ଦେଉଥାଆନ୍ତି । ଗୋପବନ୍ଧୁ ଓ ବ୍ରଜସୁନ୍ଦରଙ୍କ ମତଥାଏ ଯେ ଓଡ଼ିଶା ମଧ୍ୟପ୍ରଦେଶ ସହିତ ମିଶି ରହୁ । ଏହି ମର୍ମରେ ଗୋପବନ୍ଧୁ 'ପ୍ରାର୍ଥନା' ଶୀର୍ଷକ ଏକ ଲିଫ୍‌ଲେଟ୍ ଲେଖି ଉତ୍କଳ ସମ୍ମିଳନୀ କ୍ୟାମ୍ପରେ ବାଣ୍ଟିଲେ । ବିଶ୍ୱନାଥ କର ଏହାର ପ୍ରତିବାଦରେ 'ଜ୍ଞାନାଞ୍ଜନ ଶଳାକା' ଶୀର୍ଷକରେ ଉତ୍କଳ ସାହିତ୍ୟରେ ଲେଖିଲେ, ଗୋପବଂଧୁ ନୀରବ ରହିଲେ ନାହିଁ, ସେ 'ସତ୍ୟ ମୁଦ୍‌ଗର' ନାମକ ଲିଫଲେଟ୍ ପୁନର୍ବାର ଲେଖି ବାଣ୍ଟିଲେ । ମିଷ୍ଟର ହାୱେଲସ୍ ନାମକ ପାଦ୍ରୀ ଗୋପବନ୍ଧୁଙ୍କ ମତକୁ ସମର୍ଥନ କରୁଥିଲେ । କଲିକତାରେ ପଢୁଥିବାବେଳେ ଗୋଟିଏ ବର୍ଷ ଓଡ଼ିଆ ପ୍ରବନ୍ଧ ଉଠାଇ ବଂଗଳା ଲିପିରେ ଓଡ଼ିଆ ପ୍ରଶ୍ନ ତିଆରି ହେବାରା ନିଷ୍ପତ୍ତି ହୋଇଥିଲା । ବ୍ରଜସୁନ୍ଦର ଦାସ ଓ ଲୋକନାଥ ପଟ୍ଟନାୟକ ମିଶି 'କର୍ତ୍ତବ୍ୟବୋଧିନୀ ସମିତି' ଗଢ଼ି, ତାହା ତରଫରୁ ଏକ ମେମୋରାଣ୍ଡମ କଲିକତା ବିଶ୍ୱବିଦ୍ୟାଳୟକୁ ପଠାଇଥିଲେ । ବଂଗଳାର ଛୋଟଲାଟ ଉଡ୍‌ବର୍ଣ୍ଣ ସାହେବ ତାହା ପଢ଼ିବାପରେ ଓଡ଼ିଆରେ ପ୍ରଶ୍ନପତ୍ର କରାଯିବାକୁ ନିଷ୍ପତ୍ତି ନେଇଥିଲେ । ସେହି ସମୟରେ ମୁକୁରରେ ବାହାରୁଥିଲା ଗୋପବନ୍ଧୁଙ୍କ କବିତା ପଢ଼ି ରାଧାନାଥ ତାଙ୍କୁ ଦେଖା କରିବାକୁ ଆସିଥିଲେ ଓ ଉଭୟଙ୍କ ମଧ୍ୟରେ ସଖ୍ୟ ପ୍ରତିଷ୍ଠିତ ହୋଇଥିଲା । ଜୀବନୀ ଲେଖକଙ୍କ ଭାଷାରେ ତାହାଥିଲା ସତେଯେପରି ବାର୍ଦ୍ଧକ୍ୟ ଓ ତାରୁଣ୍ୟର ମିଳନ ।

## ଗୋପବନ୍ଧୁଙ୍କ ବ୍ୟକ୍ତିତ୍ୱର ଝଲକ

ବେଶ ପୋଷାକରୁ ଜଣଙ୍କର ବ୍ୟକ୍ତିତ୍ୱ ଜଣାଯାଏ । ଗୋପବନ୍ଧୁ କିନ୍ତୁ ଓଡ଼ିଶାର ଦାରିଦ୍ର୍ୟ ଓ ପାରିବାରିକ ପରଂପରା ଉଭୟକୁ ନିଜ ପୋଷାକର ପ୍ରତିଫଳିତ କରାଇଥିଲେ । ପିଲାଦିନେ ସେ ମଥାରେ କେଶ ରଖୁଥିଲେ । ଅନ୍ୟ କଲମ ମିଳୁଥିଲେ ହେଁ ପର କଲମରେ ଲେଖିବାକୁ ପସନ୍ଦ କରୁଥିଲେ । ମୁଣ୍ଡରେ ଠେକା ଭିଡୁଥିଲେ । କଲିକତାରେ ପାଠ ପଢୁଥିବାବେଳେ ତାଙ୍କର ଜଣେ ସହପାଠୀ ଉମା ଚରଣ ଦାସ ସେ ଶୋଇଥିବା ବେଳେ ତାଙ୍କ ଚୁଟି କାଟି ଦେଇଥିଲେ । ଏପରି କି ସେ କଲିକତାରେ ହିଁ ପଞ୍ଜାବୀ ପିନ୍ଧା ଆରମ୍ଭ କରିଥିଲେ । ରେଭେନ୍‌ସାରେ ପଢ଼ିବା ପାଇଁ ସେତେବେଳେ ଉପଯୁକ୍ତ ହେବା ମଧ ସମ୍ମାନର କଥା ଥିଲା । ଗୋପବନ୍ଧୁ ରେଭେନ୍ସା ହଷ୍ଟେଲରେ ପୋଲାଙ୍ଗ ତେଲରେ ଦୀପଜାଳି ପାଠ ପଢୁଥିଲେ । ଦୁଇଟି ଇଟା ଯୋଡ଼ି ତକିଆ କରି ଚଟାଣରେ ସଉପ ପକାଇ ଶୋଉଥିଲେ, ସତେ ଯେମିତି ଓଡ଼ିଶାର ଦାରିଦ୍ର୍ୟ

ତାଙ୍କୁ ଘାରୁଥିଲା । କଲିକତା ଏମ.ଏ. ଓ ବି.ଏଲ୍. ପଢୁଥିବାବେଳେ ସେ ଏମ୍.ଏ ପଢ଼ା ଅଧାରୁ ଛାଡ଼ି ଦେଲେ କାରଣ ତାଙ୍କର ମନେ ହୋଇଥିଲା ଯେ ଦରିଦ୍ର ପ୍ରଦେଶର ଛାତ୍ର ପାଇଁ ଏମ୍.ଏ ପଢ଼ିବା ଏକ ବିଳାସ । ୧୯୦୨ରେ ସେ ବି.ଏ. ଫେଲ୍ ହେଲେ । ୧୯୦୩ରେ ପୁନର୍ବାର ପରୀକ୍ଷା ଦେବା ପର୍ଯ୍ୟନ୍ତ ରାଧାନାଥଙ୍କ ପରାମର୍ଶ କ୍ରମେ ସେ ନୟାଗଡ଼ର ତତ୍କାଳୀନ ରାଜାଙ୍କ ଭଣଜା ଗୋବିନ୍ଦ ଶୂର ଦେଓ ଓ ଦାଶରଥି ଶୂରଦେଓଙ୍କ ଗୃହ ଶିକ୍ଷକ ଭାବେ ନିଯୁକ୍ତ ହୋଇଥିଲେ । ସେବା, ଉଦ୍ୟମ ଓ ଉଦ୍‌ଯୋଗ ଥିଲା ତାଙ୍କ ବ୍ୟକ୍ତିତ୍ୱର ବିଭବ, କଲିକତାର ବଡ଼ ବଜାରର ବଂଗାଳୀ ମେସ୍‌ରେ ରହୁଥିବାବେଳେ ଓଡ଼ିଆମାନଙ୍କୁ ପୂଜାରୀ, ମାଳୀ ଓ ଭାରବାହୀ ଜାତି ଭାବେ ପରିହାସ କରାଯାଉଥିଲା, ଗୋପବନ୍ଧୁ ନିଜର ଛାତ୍ରବନ୍ଧୁମାନଙ୍କୁ ଓଡ଼ିଶାର ଐତିହ୍ୟ ସଂପର୍କରେ ବିଶେଷ ଧାରଣା ଦେଉଥିଲେ ଓ ଓଡ଼ିଆ ଛାତ୍ରମାନଙ୍କୁ ହୀନମନ୍ୟତାରୁ ରକ୍ଷା କରୁଥିଲେ । କଲିକତାରେ ସେ ବିପ୍ଳବୀ କ୍ଷୁଦିରାମ ଘୋଷ (ମେସ୍‌ନ୍‌ସ ଜଜ୍ କିଂପୋର୍ଡଙ୍କୁ ହତ୍ୟା) ଓ ଶଶିଦା (ଶଶୀଭୂଷଣ ରାୟଚୌଧୁରୀ)ଙ୍କ ଭଳି ବିପ୍ଳବୀଙ୍କ ସଂସ୍ପର୍ଶରେ ଆସିଥିଲେ । ଫଳରେ ତାଙ୍କ ଭିତରେ ଥିବା ଦେଶପ୍ରାଣତା ଉଦ୍‌ବେଳିତ ହୋଇଥିଲା ୧୯୦୫ରେ କଲିକତାରେ ଶ୍ରୀ ଅରବିନ୍ଦ ଘୋଷଙ୍କ ନେତୃତ୍ୱରେ ଜାତୀୟ ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇଥିଲା । ବଙ୍ଗଳା ବନ୍ଦେମାତରାମ୍ ପତ୍ରିକା ମଧ୍ୟ ଗୋପବନ୍ଧୁଙ୍କୁ ଦେଶପ୍ରୀତିରେ ଅନୁପ୍ରାଣୀତ କରିଥିଲା । ସତେ ଯେପରି ଓଡ଼ିଶାର ନେତୃତ୍ୱ ନେବାପାଇଁ ସେ କଲିକତାରେ ଥିବାବେଳେ ପ୍ରସ୍ତୁତି ଆରମ୍ଭ କରିଥିଲେ ।

୧୯୦୬ ରେ ପୁରୀ ବଡ଼ଦାଣ୍ଡରେ ଉତ୍କଳ ସମ୍ମିଳନୀର ସଭା ହୋଇଥିଲା । ଏହି ସମୟରେ ଗୋପବନ୍ଧୁଙ୍କ ସହିତ ଗୋଦାବରୀଶଙ୍କର ଦେଖା ହୋଇଥିଲା । ଆଚାର୍ଯ୍ୟ ହରିହରଙ୍କ ମାଧ୍ୟମରେ ସେ ନୀଳକଣ୍ଠଙ୍କ ସହିତ ପରିଚିତ ହୋଇଥିଲେ । ସତେ ଯେପରି ଏମାନେ ପରସ୍ପର ସହିତ ମିଳିତ ହେବା ବିଧିନିର୍ଦ୍ଦିଷ୍ଟ ଥିଲା ବା ଅନ୍ୟ ଭାବରେ କହିଲେ ଉତ୍କଳ ଇତିହାସର ମୋଡ଼ ବୁଲାଣି ପର୍ବରେ ଏମାନଙ୍କର ଏକତ୍ର ଚିନ୍ତା ଓ ଚେତନା ଓଡ଼ିଶାକୁ ପ୍ରଭାବିତ କରିଥିଲା । ଆଇନର ଛାତ୍ର ଗୋପବନ୍ଧୁ ଛୁଟିରେ ଜ୍ୟେଷ୍ଠ ପୂର୍ଣ୍ଣିମା ସମୟରେ ଘରକୁ ଆସିଥିଲେ । ପୂର୍ଣ୍ଣିମାର ୭ ଦିନ ଆଗରୁ ସେ ନିଷ୍ଠାପର ଭାବରେ ପ୍ରାତଃ ସ୍ନାନ କରି ମଠାପିନ୍ଧି ଭାଗବତ ପରାୟଣ କରୁଥିଲେ । ପଢ଼ା ସରିବା ପରେ ପଙ୍‌କ୍ତି ଭୋଜନ କରୁଥିଲେ । ଏହା ତତ୍କାଳୀନ ବ୍ରାହ୍ମଣ ସମାଜ ପାଇଁ ପସନ୍ଦଯୋଗ୍ୟ ଆଚରଣ ନ ଥିଲା । ଚଳୁ ନ କରି ଖାଇବା ପ୍ରଥା ଗୋପବନ୍ଧୁ ପ୍ରଥମେ ଆରମ୍ଭ କରିଥିଲେ । ନୀଳକଣ୍ଠଙ୍କ ଅନୁଭୂତିରୁ ଏକଥା ଜଣାଯାଏ ଯେ ଦେବୀ ମନ୍ଦିରକୁ ଲାଗି ଭାର୍ଗବୀ ନଦୀ ବନ୍ଧ, ସନ୍ଧ୍ୟାର ଜହ୍ନ ଆଲୁଅରେ ବିଲୁଆ କୁକୁର ଶବଟାଣି ଖାଇବାର ଝାପ୍‌ସା ଦୃଶ୍ୟ, ଗୋପବନ୍ଧୁ ସମସ୍ତଙ୍କୁ ଏକାଠି ବସାଇ କହିଥିଲେ । ''ଆମେ ପାଠପଢ଼ି ସରକାରୀ ଚାକିରୀ କରିବା ନାଇଁ, ଦେଶପାଇଁ କିଛି କରିବା । ଜନ୍ମ ବେଳେ ଦେଶକୁ ଯାହା ଦେଖିଥାଇଁ ତା'ଠୁଁ ଉନ୍ନତ ଦେଖି ମରିବା,'' ଏହି ମତରେ ପଞ୍ଚସଖା ସମଗ୍ର ଜୀବନ ଦୃଢ଼ ରହିଥିଲେ ଓ ଓଡ଼ିଶାକୁ ନୂତନ ଦିଗ୍‌ଦର୍ଶନ ଦେବାରେ ସମର୍ଥ ହୋଇଥିଲେ ।

**ଗୋପବନ୍ଧୁଙ୍କୁ ପ୍ରଭାବିତ କରିଥିବା ବ୍ୟକ୍ତିତ୍ୱ :**

ଗୋପବନ୍ଧୁଙ୍କ ବ୍ୟକ୍ତିତ୍ୱ ଅନ୍ୟକୁ ପ୍ରଭାବିତ କରିପାରୁଥିଲା ମାତ୍ର ସେ ମଧ୍ୟ ସେହିଭଳି ଉଚ୍ଚକୋଟିର ବ୍ୟକ୍ତିତ୍ୱ ଦ୍ୱାରା ପ୍ରଭାବିତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ କୁଳବୃଦ୍ଧ ମଧୁସୂଦନ ଓ ମୁକ୍ତାର ରାମଚନ୍ଦ୍ର ଦାସ ଅନ୍ୟତମ । କୁଳବୃଦ୍ଧ ମଧୁସୂଦନଙ୍କର ମତ ସହିତ ଗୋପବନ୍ଧୁଙ୍କର ମତ ନମିଳିଲେ ଗୋପବନ୍ଧୁ ତାଙ୍କୁ ସମାଲୋଚନା କରୁଥିଲେ । ସତ୍ୟବାଦୀ ବନ ବିଦ୍ୟାଳୟ ଦେଖି ମଧୁସୂଦନ ଗୋପବନ୍ଧୁଙ୍କୁ ପ୍ରଶଂସା କରିଥିଲେ ଓ ଛାତ୍ରମାନଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ''ଏ ବିଦ୍ୟାଳୟ ଧନରେ ଗଢ଼ା ହେଇନାହିଁ, ରକ୍ତମାଂସ ଓ ମସ୍ତିଷ୍କରେ ଗଢ଼ା ହେଇଛି ।'' ସେ ଜାଣିଥିଲେ ଲକ୍ଷ୍ୟ ସ୍ଥିର ଓ ଉଦ୍ଦେଶ୍ୟ ମହତ୍ ହେଲେ ଧନର ଅଭାବ କୌଣସି ସତ୍‌କାର୍ଯ୍ୟର ପ୍ରତିବନ୍ଧକ ହୋଇ ପାରିବନାହିଁ । ସତ୍ୟବାଦୀ ବନବିଦ୍ୟାଳୟରୁ ନିରବ

ଯୋଦ୍ଧାମାନେ ଅବଶ୍ୟ ବାହାରିବେ, ଯେଉଁମାନେ  ତୋପ କମାଣ ଗୁଳିଗୁଳା ଦେଇ ଯୁଦ୍ଧ କରିବେ ନାହିଁ ବରଂ ଦେଶ ମାତୃକାର ଉଦ୍ଧାର ପାଇଁ ପ୍ରାଣବଳି ଦେବେ ।

ମୁକ୍ତାର ରାମଚନ୍ଦ୍ର ଦାସ ଗୋପବନ୍ଧୁଙ୍କର ବ୍ୟକ୍ତିତ୍ୱର ରୂପରେଖ ଦେଇଥିଲେ ବୋଲି କହିବା ଯଥାର୍ଥ । ସେ ପଣ୍ଡିତ ହରିହର ଦାସଶର୍ମାଙ୍କ ପଟ୍ଟଶିଷ୍ୟ, ଯିଏକି ଓଡ଼ିଶାରେ ଶିକ୍ଷାର ପ୍ରସାର ଓ କୁସଂସ୍କାର ବିଲୋପ କରିବା ପାଇଁ ଜୀବନ ପଣ କରିଥିଲେ । ମାତ୍ର ଏକତିରିଶି ବର୍ଷ ବୟସରେ ହରିହରଙ୍କର ଦେହାନ୍ତ ହେଲା । ରାମଚନ୍ଦ୍ର ଦାସ ତାଙ୍କର ଉପଯୁକ୍ତ ଶିଷ୍ୟଥିଲେ ପୁରୀକୁ  ପାଠ ପଢ଼ିବାକୁ ଆସୁଥିବା ଉଚ୍ଚାକାଙ୍‌କ୍ଷୀ ଯୁବକମାନଙ୍କ ଉପରେ ତାଙ୍କର ଦୃଷ୍ଟିଥିଲା । ତେଣୁ ଦେଶସେବା ପାଇଁ ସେ ହୁଏତ ଗୋପବନ୍ଧୁଙ୍କୁ ଯୋଗ୍ୟ ମଣିଥିଲେ । ପଣ୍ଡିତ ବାସୁଦେବ ରଥ କାବ୍ୟତୀର୍ଥ, ରଘୁନାଥ ରାଓ ଓ ଜଗବନ୍ଧୁ ସିଂହ ମଧ ତାଙ୍କର ପ୍ରିୟଥିଲେ । ମୁକ୍ତାର ରାମଚନ୍ଦ୍ର ଦାସ ଥିଲେ ବହୁପାଠୀ ଓ ଚିନ୍ତାଶୀଳ । ତାଙ୍କ ଘରକୁ ବଂଗବାସୀ, ସଂଜୀବନୀ ଓ ବସୁମତୀ ଭଳି ବଙ୍ଗଳା ପତ୍ରିକା ଆସୁଥିଲା । ସେ ପୁରୀରେ ଅଠର ଗୁଣ୍ଠ ଜମି କିଣିଥିଲେ ହେଁ ସ୍ତ୍ରୀ ପୁତ୍ରଧରି ଆରାମରେ ରହିବାକୁ ଚାହିଁ ନ ଥିଲେ । ସେଠାରେ ସେ ଦରିଦ୍ର ଓ ମେଧାବୀ ପିଲାଙ୍କ ପାଇଁ ଛାତ୍ରାବାସ ନିର୍ମାଣ କରରିଥିଲେ । ଗୋପବନ୍ଧୁ ସେ ଛାତ୍ରାବାସର ପରିଚାଳନା କରନ୍ତୁ ଓ ନିଜେ ଚାକିରୀ ନ କରି ରାଜନୀତି କରନ୍ତୁ ବୋଲି ରାମଚନ୍ଦ୍ର ଦାସ ଚାହୁଁଥିଲେ । ୧୯୦୦ ମସିହାରେ ରାମଚନ୍ଦ୍ର ଦାସଙ୍କର ବର୍ଷକର ପୁତ୍ର ସନ୍ତାନର ମୃତ୍ୟୁରେ ସେ ପ୍ରାର୍ଥନା କରିଥିଲେ ‘‘ପ୍ରଭୁ, ମୋତେ ଆଉ ପିଲା ଦିଅନାହିଁ,  ମୁଁ ଆଉ ସଂସାରରେ ଜଡିତ ହେବି ନାହିଁ ।’’ ରାମଚନ୍ଦ୍ର ଚାହୁଁଥିଲେ ଶିକ୍ଷିତମାନେ ଅନ୍ୟମାନଙ୍କୁ ଶିକ୍ଷିତ କରାଇବାର ଭାର ନିଅନ୍ତୁ । ବି.ଏ. ପାଶ୍ କରିବାପରେ ତାଙ୍କ  ପ୍ରଚେଷ୍ଟାରେ ପୁରୀରେ ‘‘ବିଶ୍ୱବିଦ୍ୟାଳୟ’’ ଶୀର୍ଷକ ସାହିତ୍ୟ ଆଲୋଚନା ଚକ୍ର ଆରମ୍ଭ ହୋଇଥିଲା । ସେଠାରେ ପ୍ରବନ୍ଧ ଓ କବିତା ପାଠ ସହିତ ବିଭିନ୍ନ ଆଲୋଚନା ଓ ଯୁକ୍ତିତର୍କ ମଧ ହେଉଥିଲା । ରାମଚନ୍ଦ୍ର ପୁରୀ ମ୍ୟୁନିସ୍‌ପାଲ୍‌ଟି ବୋର୍ଡର ସଦସ୍ୟଥିଲେ । ଗୁଣ୍ଡିଚାବେଳେ ହଇଜାରେ ଅନେକ ଲୋକ ମୃତ୍ୟୁ ମୁଖରେ ପଡୁଥିଲେ । ରୋଗୀ ସେବାଠାରୁ ଶବସଂସ୍କାର ପର୍ଯ୍ୟନ୍ତ କାର୍ଯ୍ୟରେ ରାମଚନ୍ଦ୍ରଙ୍କୁ ଗୋପବନ୍ଧୁ ପ୍ରଭୃତି ସାହାଯ୍ୟ କରୁଥିଲେ । ମୃତକମାନଙ୍କୁ ଏକତ୍ର କରି ଖନ୍ଦାଖୋଳି, ସେଥିରେ କାଠ ରଖି କିରୋସିନି ଢ଼ାଳି, ନିଆଁରେ ଫିଙ୍ଗି ଦିଆଯାଉଥିଲା । ଏହିପରି ମୃତକମାନଙ୍କ ଗଦା ଭିତରୁ ଜଣେ ଜୀବନ୍ମୃତ ପଶ୍ଚିମାଯାତ୍ରୀ ଜୀବନଲାଭ କରିଥିଲେ । ମୁକ୍ତାର ରାମଚନ୍ଦ୍ର ଦାସ ଯେଉଁ ଛାତ୍ରାବାସ କରିଥିଲେ ତାହାର ନାମ ଥିଲା ବ୍ରାହ୍ମଣ ସମିତି ଛାତ୍ରାବାସ । ‘ପ୍ରଜାପ୍ରତିନିଧି ସଭା’ରେ ରାମଚନ୍ଦ୍ର ଦାସ ଭାଷଣ ଦେଇଥିଲେ ଯେ ବିଭିନ୍ନ ସଂପ୍ରଦାୟର ଶ୍ରେଷ୍ଠତା ପ୍ରତିପାଦ ନୁହେଁ ବରଂ ଦେଶର ସର୍ବବିଧ ଉନ୍ନତିପାଇଁ ଦୃଢ଼ ସଂଗଠନ ଲୋଡା । ମୁକ୍ତାର ରାମଚନ୍ଦ୍ର ଓକିଲାତି କରିବା ସମୟରେ ଜଗବନ୍ଧୁ ସିଂହ ଓ ଗୋପବନ୍ଧୁଙ୍କ ଶପଥ କରାଇଥିଲେ ଯେ  ଯାହା ପକ୍ଷରେ ‘ସତ୍ୟ’ ଥିବ ସେ ଯେମିତି ତା ପକ୍ଷନେଇ ଓକିଲାତି କରନ୍ତି ।  ବାରିପଦାରେ ଓକିଲାତି କରୁଥିବା ସମୟରେ ରାଜ୍ୟ ଓକିଲ ହେଲେ ହେଁ ଡାକବଙ୍ଗଳା ଚୌକିଦାର ସପକ୍ଷରେ ବିନାଫିସ୍‌ରେ ଗୋପବନ୍ଧୁ ମକଦ୍ଦମା ଲଢ଼ି ତାକୁ ନ୍ୟାୟ ପ୍ରଦାନ କରିଥିଲେ । ଉତ୍କଳ ସମ୍ମିଳନୀର ପ୍ରାରମ୍ଭରେ ମୁକ୍ତାର ରାମଚନ୍ଦ୍ର ଦାସ ଓ ମଧୁସୂଦନ ଦାସ ଉଭୟଙ୍କର ନିଷ୍ଠା ଓ ପ୍ରେରଣା ରହିଥିଲା ।

### ଅନେକ ଅନୁଭବରେ ଧନୀ ଗୋପବନ୍ଧୁ

କଲିକତାକୁ ପାଠ ପଢ଼ିବାକୁ ଯିବା ପୂର୍ବରୁ ପୁରୀରେ ସେ ସମାଜ ସେବାର ଆଦୀସ୍ୱର ଶୁଣିଥିଲେ । କଲିକତାରେ ସେ ଦେଶପ୍ରେମର ଅନ୍ୟଏକ ଉଗ୍ରରୂପ ଦେଖିଲେ । ଯେଉଁ ପତ୍ରକତ୍ରିକା ପଠନ ସେ ମୁକ୍ତାର ରାମଚନ୍ଦ୍ର ଦାସଙ୍କ ଘରୁ ଆରମ୍ଭ କରିଥିଲେ କଲିକତାରେ ତାହା ଆହୁରି ବ୍ୟାପକ ହେଲା । ୧୯୦୬ରେ ଓକିଲାତି ପାସ୍ କରିବାପରେ ୧୯୦୮ ଓ ୧୯୦୯ରେ ସେ ପୁରୀରେ ଓକିଲାତି କରିଥିଲେ। ତାପରେ ଗୋପାଳଚନ୍ଦ୍ର ପ୍ରହରାଜଙ୍କ ଆଗ୍ରହ ଫଳରେ ସେ ମୟୂରଭଂଜରେ

ଓକିଲାତି କରିବାକୁ ଯାଇଥିଲେ । ସେ ସମୟରେ ମୟୂରଭଂଜ ସ୍ୱତନ୍ତ୍ର ରାଜ୍ୟଥିଲା । ୧୯୧୦ ଜାନୁୟାରୀ ୧୦ ତାରିଖରେ ଗୋପବନ୍ଧୁ ବାରିପଦା ପୌର ସଭାର ଭାଇସ୍ ଚେୟାରମ୍ୟାନ ହେଲେ । ରାଜା ଶ୍ରୀରାମଚନ୍ଦ୍ର ଭଂଜ ଦେଓଙ୍କ ଦ୍ୱାରା ଗଠିତ ରାଜ୍ୟପରିଷଦ ବା ବିଧାନ ସଭାରେ ସେ ଆଇନ୍ ପରାମର୍ଶଦାତା ରୂପେ ନିଯୁକ୍ତ ହେଲେ । ମୟୂରଭଂଜ ବିଧାନ ସଭାରେ ସେ ଅସ୍ତ୍ରନିୟନ୍ତ୍ରଣ ନିୟମାବଳୀ ଉପରେ ନିଜର ମତ ରଖିଥିଲେ । ଆଦିବାସୀମାନେ ନିଜର ଆବଶ୍ୟକତା ପାଇଁ ଅସ୍ତ୍ର ରଖନ୍ତି, ହିଂସା ପାଇଁ ନୁହେଁ ବୋଲି ସେ ବୁଝାଇ ପାରିଥିଲେ । ମକଦ୍ଦମାପାଇଁ କୋର୍ଟ ଫି ଦେବା ସାଧାରଣ ଜନତା ପକ୍ଷେ ସମ୍ଭବ ନୁହେଁ ବୋଲି ଯୁକ୍ତି କରିଥିଲେ ହେଁ ତାଙ୍କ ଯୁକ୍ତି ଗ୍ରହଣଯୋଗ୍ୟ ହୋଇ ନ ଥିଲା । ୧୯୧୦ ଏପ୍ରିଲ ୬ ତାରିଖରେ ସେ ପ୍ରାଥମିକ ଶିକ୍ଷାକୁ ବାଧ୍ୟତା ମୂଳକ ଓ ଅବୈତନିକ କରିବା ପାଇଁ ବକ୍ତୃତା ଦେଇଥିଲେ । ଜଳ ଜମି ଜଂଗଲ ଆମର ପ୍ରାକୃତିକ ସମ୍ବଳ ମାତ୍ର ମାନବ ସମ୍ବଳ ତାଠାରୁ ଗୁରୁତ୍ୱପୂର୍ଣ୍ଣ ବୋଲି ତାଙ୍କର ମତଥିଲା । ସେତେବେଳେ ସେ 'ଭାରତୀୟ ରାଜା ଓ ରାଜକୁମାର' ଶୀର୍ଷକ ପ୍ରବନ୍ଧ ଲେଖି ଆଳସ୍ୟ, ଆମୋଦ ଓ ଅସାବଧାନତା ଭାରତୀୟ ରାଜାମାନଙ୍କର ଦୁର୍ବଳ ଦିଗବୋଲି ପ୍ରମାଣ କରିଥିଲେ ।

ନଅଙ୍କ ଦୁର୍ଭିକ୍ଷ ପରେ ଦେଶୀୟ ରାଜ୍ୟ ମୟୂରଭଂଜକୁ ବଂଗୀୟ ସଂସ୍କୃତିରୁ ଦୂରରେ ରଖିବାର ପ୍ରୟାସ ସେ କରିଥିଲେ । ଫକୀର ମୋହନ, ରାଧାନାଥ, ଗୌରୀଶଙ୍କର, ମଧୁସୂଦନ, ବିଶ୍ୱନାଥ ଓ ଗଂଗାଧରଙ୍କ ଭଳି ସଚେତନ ଲେଖକ ଗୋଷ୍ଠୀ ଓଡ଼ିଆ ଭାଷା ଉପରେ ଆକ୍ରମଣର ଜବାବ ଦେବାକୁ ଲେଖନୀ ଚାଳନା କରୁଥିଲେ । ଗୋପବନ୍ଧୁ ଛାତ୍ର ସମାଜ ସହିତ ସଂପୃକ୍ତ ହେଲେ । ସ୍ୱେଚ୍ଛାସେବା ରାଜନୀତି ଓ ସାହିତ୍ୟକୁ ନେଇ ତାଙ୍କର ବ୍ୟକ୍ତିତ୍ୱ ବେଶ୍ ପ୍ରଭାବଶାଳୀ ଥିଲା । ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓଙ୍କର ଗୋପବନ୍ଧୁଙ୍କ ଉପରେ ଆସ୍ଥା ଓ ବିଶ୍ୱାସ ଥିଲା । ସେ ରାଜ୍ୟପାଣ୍ଠିରୁ ଅଯଥାଶ୍ରମ ନିର୍ମାଣ ଓ ଦରିଦ୍ର ପିଲାଙ୍କୁ ଶିକ୍ଷା ଦେବାର ବନ୍ଦୋବସ୍ତ କରିଥିଲେ । ରୂପଦେଖି  ଭର୍ଣ୍ଣାକୁଲାର ସ୍କୁଲରେ ତାଙ୍କୁ ପାଠ ପଢ଼ାଇଥିବା ଗୁରୁ ସଦାଶିବ ମିଶ୍ରଙ୍କୁ ସେ ଅନାଥାଶ୍ରମର ପରିଚାଳକ କରିବାପାଇଁ ପତ୍ର ଦେଲେ । ନିଃସନ୍ତାନ ସଦାଶିବ ମିଶ୍ର ଏହି ପଦକୁ ଆନନ୍ଦରେ ଗ୍ରହଣ କରିଦେଲେ । ବାରିପଦାରେ ଗୋପବନ୍ଧୁ ଏକ ସାହିତ୍ୟିକ ପରିବେଶ ସୃଷ୍ଟି କରିପାରିଥିଲେ । ଫଳରେ ଗୋଦାବରୀଶଙ୍କ ଭଳି କଲିକତାରେ ପାଠ ପଢୁଥିବା ଯୁବକମାନେ ମଧ୍ୟ ପଥମଧ୍ୟରେ ବାରିପଦାକୁ ଟାଣି ହୋଇ ଆସୁଥିଲେ ।

୧୯୧୦ ମେ' ମାସରେ ରାଜା ଶ୍ରୀରାମଚନ୍ଦ୍ର ଭଂଜ ଦେଇ ପୃଥିବୀ ଭ୍ରମରେ ବାହାରିଲେ । ରାଜ୍ୟର ସୁପରିଚାଳନା ପାଇଁ ସେ ପ୍ରତିନିଧି ସଭା ଓ ମନ୍ତ୍ରୀପରିଷଦ ମଧ୍ୟ ମନୋନୀତ କରିଥିଲେ । ଗୋପବନ୍ଧୁ ଏଥିପାଇଁ ଦୁଃଖିତ ଥିଲେ । ତାଙ୍କ ଲିଖିତ ବିଦାୟ କାଳୀନ ସଙ୍ଗୀତ  ରାଜାଙ୍କ ବିଦାୟ ସଭାରେ ଦୁଇଟି ଝିଅ ଗାନ କରି ପରିବେଶକୁ ଶୋକାଚ୍ଛନ୍ନ କରି ଦେଇଥିଲେ । ୧୯୧୮ ଜାନୁୟାରୀରେ ମହାରାଜା ପୃଥିବୀ ଭ୍ରମଣରୁ ଫେରିଲେ । ୧୯୧୨ ଫେବୃୟାରୀ ୨୨ରେ ନିଜ ଶାଳକଙ୍କ ସହିତ ଶିକାରକୁ ଯାଇଥିବା ମହାରାଜାଙ୍କୁ ଭାଲୁ ଭାବି ଶାଳକ ଗୁଳିକରି ମାରିଦେଲେ। ଏଭଳି ପରିସ୍ଥିତିରେ ଗୋପବନ୍ଧୁଙ୍କୁ ବାରିପଦା ଆଉ ଭଲ ଲାଗିଲା ନାହିଁ । ଯଦିଚ ବାରିପଦାରେ ଆୟ ଯଥେଷ୍ଟ ହେଉଥିଲା ଓ ସେଥିରୁ ବଡ଼ ଅଂଶରେ ସତ୍ୟବାଦୀ ସ୍କୁଲପାଇଁ ପଠାଇ ପାରୁଥିଲେ । ତେଣୁ ସେ ବାରିପଦାରୁ କଟକ ଓ  ସେଠାରୁ ସତ୍ୟବାଦୀ ଫେରିଥିଲେ । ୧୬/୬/୧୯୧୨ରେ ସେ ମୟୁରଭଂଜ ଷ୍ଟେଟ ସୁପରିନ୍‌ଟେଣ୍ଡେଣ୍ଟଙ୍କୁ ଚିଠି ଲେଖି ଛୁଟି ମାଗିଲେ। ଏକ ଗୁରୁତ୍ୱପୂର୍ଣ୍ଣ ମକଦ୍ଦମା ଚାଲୁଥିବାରୁ ତାଙ୍କୁ ଛୁଟି ମିଳିଲା ନାହିଁ । ତେଣୁ ସେ ଚାକିରୀରୁ ଇସ୍ତଫା ଦେଲେ ଓ ଯେତେଦିନ କାମକରିଥିଲେ ସେତେଦିନର ପ୍ରାପ୍ୟ ଦାବୀକଲେ । ଅଧାରୁ କାମ ଛାଡ଼ିଥିବାରୁ ପ୍ରାପ୍ୟ ମିଳିବ ନାହିଁ ବୋଲି ଜାଣି ସେ ମକଦ୍ଦମା ସରିବା ଯାଏ ବାରିପଦାରେ ରହିବାକୁ ଇଚ୍ଛା ମଧ୍ୟ କରିଥିଲେ ।

ଯିଏ ମଣିଷ ଗଢ଼ା କାରଖାନାର କାରିଗର ସେ ଓକିଲାତିରେ ବା ସନ୍ତୁଷ୍ଟ ରହିଥାଆନ୍ତେ କେମିତି ? କିନ୍ତୁ ଏଭଳି ଅନୁଭୂତି ତାଙ୍କୁ ଜୀବନରେ ବେଶ୍ ସାହାଯ୍ୟ କରିଥିଲା । ତେବେ ସେ କିଛିଦିନ ନୀଳଗିରିରେ ମେଧ ଶିକ୍ଷକତା କରିଥିଲେ, ସେଠାରେ ସେ ଶିକ୍ଷକମାନଙ୍କ ସହିତ ପ୍ରତ୍ୟେକ ସମସ୍ୟା ବିଷୟରେ ଆଲୋଚନା କରୁଥିଲେ । ପୁରାଣର ଚରିତ୍ରମାନଙ୍କୁ ଏହି ନୂତନ ଭାବେ ଉପସ୍ଥାପନ କରି ତହିଁରେ ତତ୍କାଳୀନ ସମୟର ଯୁକ୍ତିଯୁକ୍ତ ତଥ୍ୟ ପ୍ରକାଶ କରୁଥିଲେ । ଯେମିତି ରାମଚନ୍ଦ୍ର ତ୍ୟାଗର ପ୍ରତୀକ, କୃଷ୍ଣ ସାମଗ୍ରିକ ପୂର୍ଣ୍ଣତାର ପ୍ରତୀକ, ପିଲାଦିନେ ସବୁଠୁ ବେଶି ଦୁଷ୍ଟ । କୈଶୋରରେ ସବୁଠୁ ବଡ଼ ପ୍ରେମିକ, ମହାଭାରତର ସବୁଠୁ ବଡ଼ ଯୋଦ୍ଧା ଓ ରାଜନୀତି ସମାଜୀକ ଓ ଧର୍ମନୀତିର ଶ୍ରେଷ୍ଠ ବ୍ୟାଖ୍ୟାକାର ଗୀତାର ପ୍ରବକ୍ତା ଗୁରୁ, ବୁଦ୍ଧ ତ୍ୟାଗର ପ୍ରତୀକ ଭାରତର ବର୍ଣ୍ଣଶ୍ରମ ଧର୍ମର ଗୁରୁତ୍ୱ ସେ ଉପଲବ୍ଧି କରିଥିଲେ ଓ ''ପାଶ୍ଚାତ୍ୟ ଶିକ୍ଷା ଓ ଭାରତୀୟ ଜୀବନରେ ତାର ଉପାଦେଇଣ ପ୍ରବନ୍ଧରେ ଭୀଷ୍ମଙ୍କ ପ୍ରତିଜ୍ଞା, ରାମଙ୍କ ବନଗମନ, ସାବିତ୍ରୀଙ୍କ ନିଷ୍ଠା ।ଓ ଦଧିଚୀଙ୍କ ତ୍ୟାଗ ପ୍ରଭୃତିର ଉଦାହରଣ ଦେଇ ନିଜ ମନ୍ତବ୍ୟର ଯଥାର୍ଥତା ପ୍ରତିପାଦନ କରିଥିଲେ । ଚରିତ୍ରଂ ହି ପରଂବଳଂ, ଚାତଂ ଭବିଷ୍ୟାମି, ବୁଭୁକ୍ଷିତଂ କିଂ ନ କରୋତି ପାପଂ, ପ୍ରବୃତ୍ତିରେଷା ଭୂତାନାଂ, ନିବୃତ୍ତିସ୍ତୁ ମହାଫଳା ଭଳି ଅନେକ ସଂସ୍କୃତ ବାକ୍ୟ ସେ ବାରମ୍ବାର ପ୍ରୟୋଗ କରୁଥିଲେ ଯାହା ତାଙ୍କର ପରଂପରାନୁରାଗର ନିଦର୍ଶନ ।

**ଶିକ୍ଷକ ଭାବରେ ଗୋପବନ୍ଧୁ –**

ଶିକ୍ଷା ସଂପର୍କରେ ଗୋପବନ୍ଧୁଙ୍କର ନିର୍ଦ୍ଦିଷ୍ଟ ବକ୍ତବ୍ୟ ଥିଲା । ସେ ଜାଣିଥିଲେ ଯେ ଶିକ୍ଷା ହିଁ ଦେଶକୁ ଅଜ୍ଞାନତା, ରୋଗ ଓ ଅଭାବରୁ ମୁକ୍ତି ଦେବାକୁ ସମର୍ଥ । ତେଣୁ ଶିକ୍ଷକ ଭାବରେ ସେ ସତ୍ୟବାଦୀ ବନ ବିଦ୍ୟାଳୟକୁ ଗଢ଼ିଥିଲେ ଓ ସେଠାରେ ଯେଉଁମାନଙ୍କୁ ଶିକ୍ଷକ ଭାବେ ଗ୍ରହଣ କରିଥିଲେ ପ୍ରତ୍ୟେକ ଥିଲେ ଉଚ୍ଚ ଶିକ୍ଷିତ, ବ୍ୟକ୍ତିତ୍ୱ ସଂପନ୍ନ, ସ୍ୱଦେଶାନୁରାଗୀ ତଥା ତ୍ୟାଗ ମନୋଭାବ ସଂପନ୍ନ । ଛାତ୍ର ଜୀବନରେ ଆଦର୍ଶ ଓ ଶୃଙ୍ଖଳାକୁ ସେ ଉଚ୍ଚସ୍ଥାନ ଦେଉଥିଲେ । ପିଲାଙ୍କର ଛୋଟ ରୋଟତ୍ରୁଟି ଦେଖି ରାଗରେ ଅର୍ଗଶର୍ମା ମଧ ହେଉଥିଲେ । ସତ୍ୟବାଦୀ ସ୍କୁଲରେ ପ୍ରତିବର୍ଷ ହରିହର ଦାସ (ଆଚାର୍ଯ୍ୟ ନୁହଁନ୍ତି)ଙ୍କ ସ୍ମୃତିଚାରଣ ସଭା ପାର୍ବଣରେ ଅନୁଷ୍ଠିତ ହୋଇଥାଏ । ସେଠାରେ ସେ ଶିକ୍ଷା ପ୍ରସାର ଓ କୁସଂସ୍କାର ନିରାକରଣ ଉପରେ ଗୁରୁତ୍ୱ ଦେଇଥାଆନ୍ତି । ଶିକ୍ଷିତ ଯୁବକମାନେ ଚାକିରୀ କରି ପରମୁଖାପେକ୍ଷୀ ନ ହେବାକୁ ସେ ବାରମ୍ବାର ଉଦ୍‌ବୋଧନ ଦେଉଥିଲେ । ଯଦି ସ୍ୱାଧୀନ ଚେତନା ଗ୍ରସ୍ତ ହୁଏ ତେବେ ଉତ୍ସାହ ନଷ୍ଟ ହୋଇଯିବ । ଶ୍ରୀରାମଚନ୍ଦ୍ରପୁରର ଭର୍ଣ୍ଣାକୁଲାର ସ୍କୁଲକୁ ୧୨ଟଙ୍କା ଅଠଅଣା ସରକାରୀ ଗ୍ରାଣ୍ଟ ଦେଇ ଏମ୍.ଇ. ସ୍କୁଲ କରିବାର ପ୍ରଚେଷ୍ଟା ହୋଇଥିଲା । ସେତେବେଳେ କବି ମଧୁସୂଦନ ରାଓ ଥିଲେ ସ୍କୁଲ ସମୂହର ଇନ୍‌ସପେକ୍ଟର (୧୯୦୭) ଏଥିରେ ଗୋପବନ୍ଧୁ ରାଜି ହୋଇଗଲେ । ୧୯୦୯ କୁମାର ପୂର୍ଣ୍ଣିମାରେ ସତ୍ୟବାଦୀ ମଧ ଇଂରାଜୀ ବିଦ୍ୟାଳୟର ଶୁଭ ଦିଆଗଲା । ନୀଳକଣ୍ଠ ବି.ଏ. ପାସ୍ କରିସାରି ସେହି ଉତ୍ସବକୁ ଆସିଥିଲେ । ଶଗଡ଼େ ଇଟା ଓ ଗୋଟିଏ ମାପ ଫିତା ନେଇ ବକୁଳ ଛୁରିଅନା ଜଙ୍ଗଲ ଭିତରେ ସ୍କୁଲର ଶୁଭଦିଆଯାଇଥିଲା । । ୧୯୧୧ରେ ଏମ୍.ଏ. ପାସ୍‌କରି ନୀଳକଣ୍ଠ ସେହି ସ୍କୁଲରେ ରହିଲେ । ୧୯୧୨ରେ ଏକାଡ଼େମୀ ସ୍କୁଲରୁ ଚାକିରୀ ଛାଡ଼ି ହରିହର ଦାଶ ଆସିଲେ । ୧୯୧୪ରେ ଗୋଦାବରୀଶ ମିଶ୍ର ଓ ୧୯୧୫ରେ କୃପାସିନ୍ଧୁ ସତ୍ୟବାଦୀ ଆସିଲେ । ପେସ୍କାରୀ କାମ ଛାଡି ଆସିଲେ ରାମଚନ୍ଦ୍ର ରଥ । ୧୯୧୨ରେ ସତ୍ୟବାଦୀ ସ୍କୁଲର ଚାଳଘର ପୋଡ଼ିଗଲା । ସେ ସମୟରେ ସେ ଘରେ କେତେକ ଉପଯୋଗୀ ଆସବାବ ପତ୍ର, ପାଠ୍ୟ ସରଂଜାମ ସହିତ ଭଲ ପାଠାଗାରଟିଏ ଥିଲା ତାହା ସପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଗଲା । ଅଳ୍ପ ଦିନପରେ ବାତ୍ୟା ଆସି ଦରପୋଡ଼ା କାନ୍ଥଗୁଡିକ ତଳେ କଚାଡ଼ି ଦେଲା । ଖବର ପାଇଁ ବାରିପଦାରୁ ଗୋପବନ୍ଧୁ ଧାଇଁ ଆସିଲେ । ଅନ୍ୟମାନଙ୍କ ଭଳି ସେ ଦୁଃଖରେ ଅଧୀର ହେଲେ ନାହିଁ ବରଂ ଉନ୍ମୁକ୍ତ ପୟରେ ଶିକ୍ଷାଦାନ ହେବାର ବିରଳ ସୁଯୋଗ ଭାବି ଅନ୍ୟମାନଙ୍କୁ ଉଦ୍‌ବୁଦ୍ଧ କଲେ, ଏଥିପାଇଁ ବିଭିନ୍ନ ଅଞ୍ଚଳରୁ ସହାନୁଭୂତି ମିଳିଲା । ଚାଳଘର ନୁହେଁ ବରଂ କୋଠାଘର ଖୁବ୍ ଶୀଘ୍ର ହେବାର ଆଶା ମଧ୍ୟ ଦିଶିଲା ।

୧୯୧୪ରେ ଏହି ସ୍କୁଲ କଲିକତା ବିଶ୍ୱବିଦ୍ୟାଳୟର ସ୍ୱୀକୃତିପାଉ ବୋଲି ଦରଖାସ୍ତ ଦିଆଗଲା ମାତ୍ର ତାହା ଅହେତୁକ ବିଳମ୍ବ ହେଲା । ସତ୍ୟବାଦୀ ମନ୍ଦିର କମିଟିର ସଦସ୍ୟମାନେ ସ୍କୁଲକୁ ଜମିପଟା ଦେବାରେ ଅସୁବିଧା କରିଥିଲେ ।

ସରକାରୀ ସାହାଯ୍ୟ ହୁଏତ ସ୍କୁଲର ସ୍ଥିରତା ବଜାୟ ରଖିପାରି ଥାଆନ୍ତି ମାତ୍ର ସରକାରୀ ସାହାଯ୍ୟ ଗ୍ରହଣ କଲେ ନିର୍ଦ୍ଦିଷ୍ଟ ଚୁକ୍ତି ଅନୁସାରେ ଛାତ୍ରମାନଙ୍କଠାରୁ ଦରମା ଆଦାୟ କରିବାକୁ ହେବ ଓ ଶିକ୍ଷକଙ୍କୁ ନିର୍ଦ୍ଦିଷ୍ଟ ଦରମା ଦେବାକୁ ପଡ଼ିବ । ଫଳରେ ସ୍କୁଲଟି ନିର୍ଦ୍ଦିଷ୍ଟ ନୀତିଠାରୁ ଦୂରେଇ ଯିବ । ୧୯୧୪ ନଭେମ୍ବର ୨୫ ତାରିଖରେ ବର୍ଷକ ପାଇଁ ଅସ୍ଥାୟୀ ଭାବେ ବିଶ୍ୱବିଦ୍ୟାଳୟ ସ୍ୱୀକୃତି ମିଳିଲା । ବିଳମ୍ବ ହେବାରୁ ମ୍ୟାଟ୍ରିକ ପରୀକ୍ଷାର୍ଥୀମାନେ ଅନ୍ୟ ସ୍ୱୀକୃତିପ୍ରାପ୍ତ ସ୍କୁଲରେ ପରୀକ୍ଷା ଦେଲେ ଓ ସମସ୍ତେ କୃତକାର୍ଯ୍ୟ ମଧ୍ୟ ହୋଇଥିଲେ । ପରେ ଶିକ୍ଷାଦାନ ସନ୍ତୋଷ ଜନକ ବୋଲି ଖବର ପାଇ ବିଶ୍ୱବିଦ୍ୟାଳୟ ତାର ସ୍ୱୀକୃତିର ସୀମା ବଢ଼ାଇ ଦେଇଥିଲେ । ପରେ ଅବଶ୍ୟ ଏହା ସ୍ଥାୟୀ ହୋଇଥିଲା ମାତ୍ର ସତ୍ୟବାଦୀ ସ୍କୁଲ ଯେଉଁ ଲକ୍ଷ୍ୟ ନେଇ ଗଢ଼ା ହୋଇଥିଲା ତାହା ପୂର୍ଣ୍ଣ ହୋଇପାରିଲା ନାହିଁ ।

ସତ୍ୟବାଦୀ ସ୍କୁଲର ସ୍ୱାତନ୍ତ୍ର୍ୟ ଥିଲା ଯେ ଏହି ସ୍କୁଲରେ ସମୟ ନିର୍ଘଣ୍ଟ ଉପରେ ଜୋର ଦିଆଯାଉଥିଲା । ଛାତ୍ରମାନଙ୍କ ସହିତ ଶିକ୍ଷକମାନଙ୍କର ସଂପର୍କ ଥିଲା ଖୁବ୍ ଅନ୍ତରଙ୍ଗ, ପରାମର୍ଶ, ଦଣ୍ଡ ଓ ଉଦାହରଣ ସାହାଯ୍ୟରେ ସେମାନଙ୍କୁ ଶିକ୍ଷାଦିଆଯାଉଥିଲା । ଥରେ ପାଠ୍ୟକ୍ରମରେ ଥିବା ମଧୁରାଓଙ୍କ  ଯୁଦ୍ଧଦେବ ପ୍ରବନ୍ଧ ପଢ଼ି ଦୁଇଜଣ ଛାତ୍ର ସନ୍ୟାସୀ ହେବେ ବୋଲି ସ୍କୁଲ ଛାଡ଼ି ଚାଲିଗଲେ । ସେମାନଙ୍କୁ ବାସୁଦେବ ମହାପାତ୍ର ପୁନର୍ବାର ସ୍କୁଲକୁ ଫେରାଇ ଆଣିଲେ । ଗୋପବନ୍ଧୁ ସେମାନଙ୍କୁ ଗଳ୍ପ ଛଳରେ ନୀତିଶିକ୍ଷା ଦେଇଥିଲେ । ଜଣେ ଖାମିଦର ଦୁଇଜଣ ମୂଲିଆ ଅଛନ୍ତି । ଜଣେ କାମ ନକରି ଖାଲି ତା ମାଲିକର ପ୍ରଶଂସା କରୁଛି ଆଉ ଜଣେ ନିରବରେ କାମ କରିଚାଲିଛି । ସନ୍ଧ୍ୟାବେଳକୁ ମାଲିକ କାହାକୁ ପ୍ରଶଂସା କରିବେ? ସମସ୍ତେ କହିଲେ ତରବରେ ପରିଶ୍ରମ କରୁଥିବା ମୂଲିଆକୁ ଗୋପବନ୍ଧୁ ଏଠାରେ କର୍ମର ଗୁରୁତ୍ୱ ପିଲାଙ୍କୁ ବୁଝାଇଥିଲେ । ଜୀବନଠୁ ମଧ ନିଷ୍କାମ କର୍ମ ଯୋଗ ହିଁ ଈଶ୍ୱରଙ୍କର ପ୍ରକୃତ ଉପାସନା ବୋଲି ଗ୍ରହଣ କରିଦେଇଥିଲେ । ମିତବ୍ୟୟିତା ଉପରେ ବିଦ୍ୟାଳୟରେ ଗୁରୁତ୍ୱ ଦିଆଯାଉଥିଲା । ତେଣୁ ହିସାବ ରଖିବା ଥିଲା ଆଉ ଏକ ଭଲ ଅଭ୍ୟାସ । ଏଥି ସହିତ ବଜାର ଖାଦ୍ୟ ନ ଖାଇବାକୁ ମଧ ଛାତ୍ରମାନଙ୍କୁ ଶିକ୍ଷା ଦିଆ ଯାଇଥିଲା । ସକାଳ ୧୦ଟାରୁ  ଅପରାହ୍ଣ ୪ଟା ପର୍ଯ୍ୟନ୍ତ ଛାତ୍ରବାସର ଚାବି ପରିଚାଳକଙ୍କ ପାଖରେ ରହୁଥିଲା । ତେଣୁ କୌଣସି ବିଦ୍ୟାର୍ଥୀ ଅସମୟରେ ବିଶ୍ରାମ ନେବାକୁ ଛାତ୍ରାବାସ ଯାଇପାରୁ ନ ଥିଲେ । ବ୍ୟାୟାମ ଓ ପ୍ରାର୍ଥନା ଉପରେ ମଧ ଗୁରୁତ୍ୱ ଦିଆଯାଉଥିଲା । ଏଥିସହିତ ତର୍କ ପ୍ରତିଯୋଗିତାରେ ପ୍ରତ୍ୟେକ ନିଜ ନିଜମତ ସ୍ପଷ୍ଟ ଭାବରେ କହିବାର ସୁଯୋଗ ପାଉଥିଲେ । ସାହିତ୍ୟିକ କାର୍ଯ୍ୟ କଳାପର ସଂକେତ ନେଇ 'ବାଣୀ' ନାମକ ପତ୍ରିକା ୧୦ମ ଶ୍ରେଣୀ ଛାତ୍ରମାନଙ୍କ ଦ୍ୱାରା ପ୍ରକାଶିତ ହେଇଥିଲା । ସଂକୀର୍ଣ୍ଣ ଧର୍ମ ପରାୟଣତା ବିରୁଦ୍ଧରେ ସଂଗ୍ରାମ ପାଇଁ ସେ ଛାତ୍ରମାନଙ୍କୁ ଉଦାର ନୈତିକତା ଧର୍ମରେ ଦୀକ୍ଷିତ କରିଥିଲେ । ସ୍କୁଲର ସଂପାଦକ ଥିବାବେଳେ ମଧ ପିଲାଙ୍କୁ ପାଠ ପଢ଼ାଇବାରେ ଥିଲା ତାଙ୍କର ଆନନ୍ଦ ।

ଏହି ମଣିଷଗଢ଼ା କାରଖାନା କିନ୍ତୁ ଦୀର୍ଘସ୍ଥାୟୀ ହୋଇପାରିଲା ନାହିଁ । ଗୋଦାବରୀଶ ଥିଲେ ସତ୍ୟବାଦୀ ବିଦ୍ୟାଳୟର ସର୍ବାପେକ୍ଷା ଉଚ୍ଚଶିକ୍ଷିତ ଶିକ୍ଷକ । ଏମ୍.ଏରେ ପ୍ରଥମ ଶ୍ରେଣୀ ପାଇ ସେ କଲିକତାରୁ ଫେରିଲେ । ବି.ଟି. ଟ୍ରେନିଂ ମଧ ତାଙ୍କର ଥିଲା । ସେ ଚାହିଁଲେ ସତ୍ୟବାଦୀର ପ୍ରଧାନ ଶିକ୍ଷକ ହେବେ । ଭଲ ଚାକିରୀ ପାଇଁ ସେ ଖୋର୍ଦ୍ଧା ହାଇସ୍କୁଲକୁ ଦରଖାସ୍ତ ମଧ୍ୟ କରିଥିଲେ । ଏକଥା ଗୋପବନ୍ଧୁଙ୍କୁ ବେଶ୍ ଆଘାତ ଦେଇଥିଲା । ସ୍ଥିର ହେଲା ପ୍ରତି ତିନି ବର୍ଷରେ ଥରେ ପ୍ରଧାନ ଶିକ୍ଷକ ବଦଳିବେ । କୃପାସିନ୍ଧୁ, ଗୋଦାବରୀଶ ଓ ନୀଳକଣ୍ଠଙ୍କୁ ଏହିଭଳି ସ୍କୁଲ ସହିତ ସଂପୃକ୍ତ କରି ରଖାଗଲା । ଗୋଦାବରୀଶ ପ୍ରଧାନ ଶିକ୍ଷକ ହେବା ପରେ ନୀଳକଣ୍ଠଙ୍କୁ ବୋର୍ଡିଂ ଛାଡ଼ି ଗାଁରୁ ଯା'ଆସ କରିବାକୁ କୁହାଗଲା । ନୀଳକଣ୍ଠ

କଲିକତା ଯାଇ Oriya-com comparative Philology ବଢ଼ାଇଲେ ପଢ଼ାଇଲେ କଲିକତା ବିଶ୍ୱବିଦ୍ୟାଳୟରେ । ୩ ମାସ ପରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେବାରୁ କଲିକତା ଛାଡ଼ି ସେ ସମ୍ବଲପୁର ଆସିଲେ । ପିଲାଙ୍କୁ ମଣିଷ କରିବା ସହିତ କଂଗ୍ରେସର ପ୍ରସାର ଓ ଖବରକାଗଜ ଛପା ଇତ୍ୟାଦିରେ ମନ ଦେଲେ । ଗାନ୍ଧି ପୁରୀ ଆସିବାବେଳକୁ ସେ ପୁଣି ସତ୍ୟବାଦୀ ଆସିଲେ ଓ ଓଡ଼ିଆ ପଢ଼ାଇଲେ । ସ୍କୁଲପ୍ରତି ଗୋପବନ୍ଧୁଙ୍କର ପୂର୍ବର ମମତା ତୁଟି ଯାଇଥିଲା । ୧୯୧୯ରେ ଗୋପବନ୍ଧୁଙ୍କ ପ୍ରେରଣାରେ ଗୋଦାବରୀଶ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ ପାଇଁ ଚକ୍ରଧରପୁର ଗଲେ ଓ କୃପାସିନ୍ଧୁ ମିଦିନାପୁରର ବାହାଡ଼ାଗୋଡାରେ ହାଇସ୍କୁଲ ଗଢ଼ିବାକୁ ଗଲେ ।

ଗୋଦାବରୀଶ ନିଜର ସ୍ମୃତି କଥାରେ ତାଳ ମଞ୍ଜି ଓ ଗବମଞ୍ଜି ପ୍ରସଂଗ ଉତ୍‌ଥାପନ କରିଛନ୍ତି । ସତ୍ୟବାଦୀ ସ୍କୁଲ ଗବମଞ୍ଜି ଭଳି ହୁହୁ ହୋଇ ବଢ଼ିଲା ଓ ସାଙ୍ଗେ ସାଙ୍ଗେ ବୁମା ହୋଇଗଲା । କାହାରି ମନ କାହା ସହିତ ମିଳିଲା ନାହିଁ । ହରିହରଙ୍କୁ ଆଚାର୍ଯ୍ୟ ପଦ ପ୍ରଦାନ କରିବା ପରେ ମଧ୍ୟ ତାଙ୍କ ବ୍ୟକ୍ତିତ୍ୱରେ ଅନୁଷ୍ଠାନ ଚଳାଇବାର ସାମର୍ଥ୍ୟନ ଥିଲା । କଥା କହି କାମ କରାଇନେବା କଳା ମଧ୍ୟ ତାଙ୍କ ନିକଟରେ ନ ଥିଲା । ତେଣୁ କ୍ଲାସ ଖାଲି ପଡୁଥିଲା । ମେସ୍‌ର ପଇସା ବାକୀ ରହୁଥିଲା । କ୍ରମେ ସ୍କୁଲ ଚଳାଇବା ସମ୍ଭବ ହେଲା ନାହିଁ । ସ୍ପଷ୍ଟବାଦୀ ନୀଳକଣ୍ଠ ତେଣୁ ଗୋଦାବରୀଶଙ୍କୁ କହୁଥିଲେ ହରିଭାଇନା ଗୋରୁ ଆଉ ଗୋପବନ୍ଧୁ ଅଂଧ । ହରିଭାଇନା ଅର୍ଥାତ୍ ଆଚାର୍ଯ୍ୟ ହରିହର ଗୋରୁଭଳି ସାଧାରଣ ଓ ସହିଷ୍ଣୁ । ଏକଥାଟି ଗୋଦାବରୀଶ ଗ୍ରହଣ କରୁଥିଲେ ମାତ୍ର ଗୋପବନ୍ଧୁଙ୍କୁ ଅଂଧ କହିବା ସେ ବରଦାସ୍ତ କରୁ ନ ଥିଲେ ।

ଏହିଭଳି ସତ୍ୟବାଦୀର ବନ ବିଦ୍ୟାଳୟ ଅକାଳରେ ଭାଙ୍ଗିଗଲା । ସ୍ୱଳ୍ପ ସମୟ ଭିତରେ କିନ୍ତୁ ଏହି ବିଦ୍ୟାଳୟ ଏତେ ସୁନାମ ଅର୍ଜନ କରିଥିଲା ଯେ ଏହାକୁ ଓଡ଼ିଶାର ନାଳନ୍ଦା କୁହାଯାଉଥିଲା । ସତ୍ୟବାଦୀ ସ୍କୁଲରେ ପାଠପଢ଼ି ମଣିଷ ହୋଇଥିବା ବହୁ ଜ୍ଞାନୀ ଗୁଣୀ ବିଦ୍ୱାନ ଦେଶ ତଥା ସମାଜ ପାଇଁ ଉପଯୋଗୀ ହୋଇ ପାରିଥିଲେ ।

**କ୍ରୋଧୀ ତଥା ପ୍ରତ୍ୟୁତ୍ପନ୍ନମତି ଶିକ୍ଷକ ଗୋପବନ୍ଧୁ**

ଶିକ୍ଷକତା ଥିଲା ଗୋପବନ୍ଧୁଙ୍କର ଜୀବନାଦର୍ଶ । ଜୀବିକାରୁ ତାହା ଜୀବନରେ ରୂପାନ୍ତରିତ ହୋଇଯାଇଥିଲା । ସତ୍ୟବାଦୀରେ ନୀଳକଣ୍ଠ ସ୍କୁଲ ଓ ହଷ୍ଟେଲର ସୁପରିନ୍‌ଟେଣ୍ଡେଣ୍ଟ ଥିବାବେଳେ ପ୍ୟାରୀମୋହନ ଏକାଡ଼େମୀରୁ ଆସିଥିବା ହରିହର ଦାସ ଥିଲେ ହେଡ୍‌ମାଷ୍ଟର । ଇନ୍‌ସପେକ୍ଟର Mecomb ୧୯୧୩ ସ୍କୁଲ ପରିଦର୍ଶନରେ ଆସିଥିଲେ । ହେଡ଼ମାଷ୍ଟରଙ୍କ ଠାରୁ ଅଧିକ ଉଚ୍ଚଶିକ୍ଷିତ କ୍ଷମତାସଂପନ୍ନ ବ୍ୟକ୍ତି କିଭଳି ହଷ୍ଟେଲ ସୁପରିନ୍‌ଟେଣ୍ଡେଣ୍ଟ ହେବେ ବୋଲି ସେ ପ୍ରଶ୍ନ ଉଠାଇଥିଲେ । ଗୋପବନ୍ଧୁ ଏସବୁ ଶୁଣିବା ପରେ ସେହିଦିନ ସନ୍ଧ୍ୟାବେଳେ ସଭାକରି ସେହି ସଭାରେ ହରିହରଙ୍କୁ 'ଆଚାର୍ଯ୍ୟ' ଉପାଧି ପ୍ରଦାନ କଲେ । ସେ ହେଲେ ସ୍କୁଲର ଆଚାର୍ଯ୍ୟ । ନୀଳକଣ୍ଠ ପ୍ରଧାନ ଶିକ୍ଷକ ରହିଲେ । ସତ୍ୟବାଦୀ ସ୍କୁଲର ଦୁଇଜଣ ଛାତ୍ର 'ବୁଦ୍ଧଦେବ' ପ୍ରବନ୍ଧ ପଢ଼ିବାପରେ ସନ୍ୟାସ ନେବାକୁ ସ୍କୁଲ ଛାଡିଥିଲେ ଓ ଗୋପବନ୍ଧୁ ସେମାନଙ୍କୁ କିଭଳି ଉପଦେଶ ଦେଇଥିଲେ, ଏହା ପୂର୍ବରୁ ଆଲୋଚିତ ହୋଇଛି । ସ୍କୁଲ ଘର ଫୋଡି ଯିବା ପରେ ମଧ୍ୟ ସେ ଧୈର୍ଯ୍ୟହରା ନ ହୋଇ ପୁନର୍ବାର ସ୍କୁଲ ଗଢ଼ିବାର ପଣ କରିଥିଲେ ।

ଜନ୍ମ ଦିନରେ ହରିହର ଗୋପବନ୍ଧୁଙ୍କ ପାଇଁ ରଣପୁରୀ ସରୁ ଲୁଗା ଆଣିଥିଲେ । ତରୁଣମାନଙ୍କର ସୂକ୍ଷ୍ମ ମିଲ ଧୋତି ପ୍ରତି ଆସକ୍ତି ମଧ୍ୟ ଥିଲା । ଗୋପବନ୍ଧୁଙ୍କ ପରିଧାନ ଦେଖି ସ୍କୁଲରେ ଏଭଳି ସୂକ୍ଷ୍ମ ଧୋତି ପିନ୍ଧିବାକୁ କେହି ସାହସ କରୁ ନ ଥିଲେ । ସେ ସୂକ୍ଷ୍ମଧୋତି ଗୋପବନ୍ଧୁ ପିନ୍ଧି ନ ଥିଲେ । ଏପରି କି ଆଚାର୍ଯ୍ୟ ମହାସୟ ବୋର୍ଡ଼ିଂ ଘରେ ଶୋଇଥିବା ସମୟରେ ବର୍ଷା ରାତିରେ କାହା କାନ୍ଦ ଶୁଣି ଦେଖିଥିଲେ ଯେ ଗୋପବନ୍ଧୁ କାନ୍ଦୁଥିଲେ। କାରଣ ଥିଲା ଯେ ବର୍ଷାରାତିରେ ବଢ଼ି ଅଞ୍ଚଳର ଲୋକେ କିଭଳି ଥିବେ ?

ଥରେ ଗୋରା ଇନ୍ସପେକ୍ଟର ସ୍କୁଲ ପରିଦର୍ଶନରେ ଆସିଥିଲେ ପିଲାମାନେ ନଡିଆ ପତ୍ର ଛପାରେ ତଳେ ବସୁଥିଲେ । ଡ଼େସ୍କ ଅଳ୍ପ ଥିଲା । ବେଞ୍ଚ କିଛି ମାଗି ଆଣି ଡେସ୍କ ଭଳି ପକାଇ ଦିଆଯାଇଥିଲା । ସାହେବଙ୍କୁ ତାହା ପସନ୍ଦ ହୋଇ ନ ଥିଲା ତେଣୁ ଚତୁର ହୋଇ ଗୋପବନ୍ଧୁ ମାଟି ଚଟାଣରେ ବେଞ୍ଚର ଆଗଗୋଡ଼ ଦୁଇଟି ଟିକେ ଟିକେ ପୋତି ବେଞ୍ଚକୁ ଡେସ୍କ ଭଳି କ୍ରମାଃନତ (ସ୍ଲୋପ୍) କରିଦେଇଥିଲେ । ବନ୍ୟା ଓ ବର୍ଷା ପରେ ମାଟିଘରେ ଚାଲୁଥିବା ଛାତ୍ରାବାସର ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲା । ଇନ୍ସପେକ୍ଟର କହିଲେ ଏଭଳି କାଦୁଅ ଘର ଛାତ୍ରମାନଙ୍କ ପାଇଁ ଅନୁପଯୁକ୍ତ । ପ୍ରତ୍ୟୁତ୍ପନ୍ନ ମତି ଗୋପବନ୍ଧୁ ସାଙ୍ଗେ ସାଙ୍ଗେ ଜବାବ ଦେଲେ 'That is for agriculture purpose' ଅର୍ଥାତ୍ ତାହା ଚାଷ ଉଦ୍ଦେଶ୍ୟରେ ରହିଛି । ଇନ୍ସପେକ୍ଟର ଇଂରେଜ ସାହେବ । ସେ ଛାତ୍ରାବାସ କାହିଁକି କୋଠାଘରେ ନାହିଁ ବୋଲି ବାରମ୍ବାର ପ୍ରଶ୍ନ କଲେ । ଏଥର ଗୋପବନ୍ଧୁ ଉତ୍ତର ଦେଇଥିଲେ ଯେ ଓଡ଼ିଶାର ଲୋକେ ଗରିବ । ପାଠ ପଢ଼ିସାରି କେଉଁଠି କିରାଣୀ ଚାକିରୀ ହିଁ କରିବେ ଓ ଅତି ବେଶିରେ ମାସକୁ ତିରିଶ ଟଂକା ରୋଜଗାର କରିବେ । ଗାଁରେ ପୈତୃକ ଘରର ରକ୍ଷଣା ବେକ୍ଷଣା କରିବା ମଧ୍ୟ ସେମାନଙ୍କ ପକ୍ଷରେ କଷ୍ଟକର ହେବ । କୋଠାଘର ରହିବାରେ ଅଭ୍ୟସ୍ତ ହୋଇଗଲେ ସେମାନେ ଭବିଷ୍ୟତରେ ଅସନ୍ତୁଷ୍ଟ ହେବେ ଓ ନିଜର ଆବାଶ୍ୟକତା ପୂରଣପାଇଁ ଚୋରିମଧ୍ୟ କରିବେ । ଏ ଉତ୍ତରରେ ସାହେବ ସନ୍ତୁଷ୍ଟ ହୋଇଥିଲେ ।

ଗୋପବନ୍ଧୁଙ୍କ ପାଇଁ ଶିକ୍ଷା ଥିଲା ଜୀବନର ସର୍ବାଙ୍ଗୀନ ବିକାଶ । ସେ ଜାଣିଥିଲେ ପାଠକୁ ଡରି କିଛି ଛାତ୍ର ନାମ ବାହାନା କରି ଥାଆନ୍ତି । ସେ କହୁଥିଲେ କ୍ଲାସ ପଢ଼ା ଯେତିକି କଷ୍ଟ ନୁହେଁ, କାକରେ ରସୁଣ ଜାକି ଖରାରେ ଠିଆ ହୋଇ ଜର କରାଇ ଅନୁପସ୍ଥିତ ରହିବା ତାଠୁଁ କଷ୍ଟକର ।

ସଂଗୀତ ଶାସ୍ତ୍ର ପ୍ରବୀଣ ଦୃଷ୍ଟି ଶକ୍ତିହୀନ ଅପନ୍ନ ପରିଚ୍ଛାଙ୍କୁ ସେ ପାରଳାଖେମୁଣ୍ଡି ରାଜାଙ୍କଠାରୁ ୩ମାସ ପାଇଁ ଉଧାରରେ ଆଣିଥିଲେ କାରଣ ସେ ଚାହୁଁଥିଲେ ଯେ ପିଲାମାନେ ସଂଗୀତ ଶିଖନ୍ତୁ ଜୀବନ ଓ ଈଶ୍ୱରଙ୍କ ସହିତ ଏକାତ୍ମ ହେବା ସଂଗୀତ ମାଧମରେ ହିଁ ସମ୍ଭବ ବୋଲି ସେ ବୁଝିଥିଲେ । ସେହିପରି ବେନୁ ମାଧବ ଆତ୍ମରୀ ନାମକୁ ବିଜ୍ଞାନ ଶିକ୍ଷକଙ୍କ ସହିତ ପୂର୍ବ ନିର୍ଦ୍ଧାରିତ ଦିନରେ ପୁରୀ ଯାଇ ନ ପାରିବାରୁ ସେ ଗୋପବନ୍ଧୁଙ୍କୁ ମିଛୁଆ ବୋଲି କହିଥିଲେ । ଏହା ପିଲାମାନଙ୍କୁ ବାଧିଥିଲା ଓ ସେମାନେ ଆତ୍ମରୀ (ବିଜ୍ଞାନ ଶିକ୍ଷକ)ଙ୍କ ଘରେ ନିଆଁ ଲଗାଇ ଦେଲେ । ନିଆଁ ଲାଗିବା ଦେଖି ମଧ୍ୟ ଆତ୍ମରୀ ନିଜ ପଢ଼ାସ୍ଥାନରୁ ଉଠିଲେ ନାହିଁ । ଫଳରେ ସାର୍ମାନେ ଓ ପିଲାମାନେ ମିଶି ନିଆଁ ଲିଭାଇଥିଲେ । ଜଣେ ପିଲାର ଚାରିତ୍ରିକ ସ୍ଖଳନ ଦେଖି ତାକୁ ସେ ସ୍କୁଲରୁ ବାସନ୍ଦ କରିଥିଲେ । ସେ ପିଲା ଅପମାନରେ ଆତ୍ମହତ୍ୟା କରିଥିଲା । ଏକଥା ନେଇ ସ୍କୁଲର ସଂପାଦକ ଓ ହେଡ଼ମାଷ୍ଟରଙ୍କ ବିରୁଦ୍ଧରେ ଗିରଫ ପରଓ୍ୱାନା ଆସିଥିଲା । ବେନୁମାଧବ ଆତ୍ମରୀଙ୍କ ଘର ଜଳାଇ ଦେଇଥିବା ପିଲାଙ୍କୁ ଗୋପବନ୍ଧୁ ବିରକ୍ତ ହୋଇଥିଲେ କାରଣ ସେ ନିଜେ ସମୟ ଦେଇ ନିଜର କଥା ରକ୍ଷା କରିପାରି ନ ଥିଲେ ।  ଆତ୍ମହତ୍ୟା କରିଥିବା ପିଲାପାଇଁ ସମନ ଆସିଥିବାରୁ ଗୋପବନ୍ଧୁ କ୍ରୋଧରେ ଅଗ୍ନିଶର୍ମା ହୋଇଥିଲେ । ପରେ କଲେକ୍ଟର ମହାଶୟ ଆସି ଗୋପବନ୍ଧୁଙ୍କ ସହିତ ପୋଲିସ ବିଭାଗର ମିଳାମିଶା କରାଇଥିଲେ । ଜୀବନରେ ଅନେକ ପଦପଦବୀ ଲାଭ କରିଥିଲେ ହେଁ କୌଣସି ପଦବୀ ନେଇ ସେ ବ୍ୟକ୍ତିଗତ ସ୍ୱାର୍ଥ ହାସଲ କରି ନାହାନ୍ତି । ବଂଗୀୟ ପତ୍ର ପତ୍ରିକାମାନେ ସତ୍ୟବାଦୀ ବନବିଦ୍ୟାଳୟ ସଂପର୍କରେ ଦେଇଥିବା ବକ୍ତବ୍ୟ ଏହିପରି – ''ଗୋପବନ୍ଧୁଙ୍କ ଚେଷ୍ଟା ଯୋଗୁ ଏହି ବିଦ୍ୟାଳୟ ପ୍ରତିଷ୍ଠିତ ହୋଇଛି । ଗୋପବନ୍ଧୁ, ନୀଳକଣ୍ଠ ଯେପରି କି ପୁନାର ଗୋଖଲେ, ପରାଞ୍ଜଲେ ଓ ବଂଗର ବିଦ୍ୟାସାଗର । ଗୋପବନ୍ଧୁ ଉତ୍କଳପାଇଁ କେବଳ ରକ୍ତପାତ କରୁନାହାନ୍ତି, ସେ ତିଳ ତିଳ କରି ନିଜର ଜୀବନପାତ କରିଚାଲିଛନ୍ତି ।'' (ଯୁଗାନ୍ତକାରୀ ସତ୍ୟବାଦୀ ଗୁରୁକୁଳ – ବିକ୍ରମ ଦାସ – ପୃ. ୨୮୬)

**ଉତ୍କଳ ସମ୍ମିଳନୀ ଓ ଗୋପବନ୍ଧୁ –**

୧୯୦୩ ମସିହାରେ ଓଡ଼ିଶାର ଜାତୀୟ ଜୀବନକୁ ନୂତନ ଦିଶା ଦେବାପାଇଁ ଉତ୍କଳ ସମ୍ମିଳନୀର ପ୍ରାଣ ପ୍ରତିଷ୍ଠା ହୋଇଥିଲା । ବିଚ୍ଛିନ୍ନାଞ୍ଚଳର ଏକତ୍ରୀ କରଣ, ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଆମାନଙ୍କର ସହଭାଗିତାକୁ ଏହି ଅନୁଷ୍ଠାନ ଗୁରୁତ୍ୱ ଦେଇଥିଲା । ଉତ୍କଳ ଗୌରବ ମଧୁସୂଦନ ସେଥିପାଇଁ ଲେଖିଥିଲେ –

“ ଏହିସମ୍ମିଳନୀ ଜାତି ପ୍ରାଣସିନ୍ଧୁ, କୋଟି ପ୍ରାଣବିନ୍ଦୁ ଧରେ
ତୋର ପ୍ରାଣବିନ୍ଦୁ ମିଶାଇ ଦେ ଭାଇ ହେଇଁପଡ଼ି ସିନ୍ଧୁନୀରେ ।”

୧୯୦୩ ସମ୍ମିଳନୀ ପାରଳାଖେମୁଣ୍ଡିଠାରେ ଆହୂତ ହୋଇଥିଲା । ଗୋପବନ୍ଧୁ ସେତେବେଳେ ଥିଲେ ଛାତ୍ର ଓ ଆଗ୍ରହରେ ସମ୍ମିଳନୀର ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଏଠାରେ ମଧ ସେ ବୟସ୍କ ଅନୁଭୂତିସଂପନ୍ନ ନେତୃବର୍ଗଙ୍କ ନିକଟରେ ନିଜର ସ୍ୱଷ୍ଟ ମତ ରଖିଥିଲେ । ମଧ୍ୟପ୍ରଦେଶ ଓ ବେରାର ସହିତ ଓଡ଼ିଆମାନେ ମିଶି ରହିଲେ ନିଜ ନିଜର ମୌଳିକତା ବଜାୟ ରଖି ପାରିବେ ବୋଲି ସେ ଯୁକ୍ତି କରିଥିଲେ ଯାହା ଆମେ ପୂର୍ବରୁ ଆଲୋଚନା କରିଛେ । ୧୯୦୪ରେ ଉତ୍କଳ ସମ୍ମିଳନୀ କଟକଠାରେ ଆହୂତ ହୋଇଥିଲା । ଗୋପବନ୍ଧୁ ନିଜର କେତେକ ବଂଗାଳୀ ବନ୍ଧୁଙ୍କୁ ଧରି କଲିକତାରୁ ଏହି ସମ୍ମିଳନୀରେ ଯୋଗ ଦେବାକୁ ଆସିଥିଲେ । ମଧୁସୂଦନ ଦାସ ବଂଗୀୟ ଛାତ୍ରମାନଙ୍କୁ ସମ୍ମିଳନୀ ଅଂଚଳକୁ ଛାଡ଼ିବାକୁ ରାଜି ହେଲେ ନାହିଁ ଯଦିଚ ସେମାନଙ୍କ ପାଖରେ ସମ୍ମିଳନୀ ବୁଲି ଦେଖିବାର ପାସ୍ ଥିଲା । ଏହାର ପ୍ରତିବାଦରେ ଗୋପବନ୍ଧୁ ନିଜେ ମଧ ସମ୍ମିଳନୀ ଅଞ୍ଚଳକୁ ଗଲେ ନାହିଁ । ନିଜକୁ ମିଳିଥିବା ଟୋପି ଫେରାଇ ଦେଇ କୁଳବୃଦ୍ଧ ମଧୁସୂଦନଙ୍କୁ ଚିଠିଟିଏ ଲେଖି ଏଭଳି ଆଚରଣ ତାଙ୍କର ଏକଦେଶ ଦର୍ଶିତା ବୋଲି ଉଲେଖ କରିଥିଲେ । ମଧୁସୂଦନ ଏ ଚିଠି ପାଇବା ପରେ ଭୁବନାନନ୍ଦ ଦାସଙ୍କ ଘରେ ରହୁଥିବା ଗୋପବନ୍ଧୁଙ୍କ ନିକଟକୁ ଯାଇ ତାଙ୍କ ସହିତ କଥାବାର୍ତ୍ତା କରିଥିଲେ ।

୧୯୧୮ରେ ଉତ୍କଳ ସମ୍ମିଳନୀ କଟକରେ ହେବାର ସ୍ଥିର ହେଲା । କଟକର ବିଭିନ୍ନ ସ୍କୁଲ କଲେଜର ଛାତ୍ରମାନେ ସ୍ୱେଚ୍ଛାସେବୀ ହେବାକୁ ମନା କରିଦେଲେ । ତେଣୁ ସତ୍ୟବାଦୀରୁ ପଣ୍ଡିତ ନୀଳକଣ୍ଠ, ଗୋଦାବରୀଶ ଓ ଗୋପବନ୍ଧୁ ପିଲାମାନଙ୍କୁ ନେଇ ସମ୍ମିଳନୀରେ ସ୍ୱେଚ୍ଛାସେବକର ଦାୟିତ୍ୱ ସଂପାଦନ ପାଇଁ ଆସିଲେ । ମଧୁବାବୁ ପିଲାଙ୍କୁ ଦେଖି ଆନନ୍ଦିତ ହେଲେ । ସେମାନଙ୍କୁ ମୁଖ୍ୟଫାଟକ ପାଖରେ ଜଗିବାର ଦାୟିତ୍ୱ ଦିଆଗଲା । ବିଶିଷ୍ଟ କବି ଗଂଗାଧର ବେହେର ସମ୍ମିଳନୀ ଦେଖିବାକୁ ଆସିଥିଲେ । ପିଲାମାନେ ତାଙ୍କୁ ବାଟ ଛାଡ଼ିଲେ ନାହିଁ । ମଧୁବାବୁ ଇତ୍ୟାଦି ପିଲାଙ୍କୁ ଗଂଗାଧରଙ୍କ ସହିତ ପରିଚୟ କରାଇଦେଲେ । ପିଲାଏ ତାଙ୍କୁ ପ୍ରଣାମ କଲେ ମାତ୍ର ଭିତରକୁ ଛାଡ଼ିଲେନି । ତାଙ୍କ ପାଇଁ ବିଶିଷ୍ଟ ଅତିଥି ଟିକଟ ଆସିବାପରେ ଗଂଗାଧର ସମ୍ମିଳନୀ ମଣ୍ଡପକୁ ଗଲେ । ମଧୁବାବୁ ଏଥିପାଇଁ ଗୋପବନ୍ଧୁଙ୍କୁ ଧନ୍ୟବାଦ ଦେଇ କହିଥିଲେ – “Gopabandhu, your boys are fire.” ସେଠାରେ ମଧୁବାବୁ ନେପୋଲିୟନଙ୍କର ଜଣେ ପ୍ରହରୀର ବିଶ୍ୱସ୍ତତା ସଂପର୍କରେ ଉଦାହରଣ ଦେଇଥିଲେ । ସେ ଗୋପବନ୍ଧୁଙ୍କୁ ଉତ୍କଳ ସମ୍ମିଳନୀ ମଞ୍ଚରୁ ଭାଷଣ ଦେବାକୁ ଅନୁରୋଧ କରିଥିଲେ । ଗୋପବନ୍ଧୁ ବିଚ୍ଛିନ୍ନାଞ୍ଚଳର ଦୂରବସ୍ଥା କଥା କହି କାନ୍ଦି ପକାଇଲେ । ଏଥିସହିତ ସେ ବ୍ରିଟିଶ ସରକାରଙ୍କୁ ତୀବ୍ର ନିର୍ଭୀକ ସମାଲୋଚନା କରିଥିଲେ । ୧୯୨୦ ବେଳକୁ ସେ ଜାତୀୟ କଂଗ୍ରେସରେ ବିଧିବଦ୍ଧ ଭାବେ ଯୋଗ ଦେଇଥିଲେ ।

ମଧୁବାବୁ ଜାଣିଥିଲେ ଯେ ଗୋପବନ୍ଧୁ ଆଉ ଗୋପ୍ୟ ହୋଇ ରହିପାରିବେ ନାହିଁ କାରଣ ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ସ୍ରୋତରେ ଓଡ଼ିଶାର ପ୍ରାଣସ୍ରୋତ ମିଶାଇବା ଲାଗି ସେ ଯେଉଁ ଉଦ୍ୟମ କରୁଥିଲେ ତାହା ତାଙ୍କ ବ୍ୟକ୍ତିତ୍ୱକୁ ସ୍ୱତନ୍ତ୍ର ଦୀପ୍ତି ପ୍ରଦାନ କରିଥିଲା । ୧୯୧୯ ଏପିଲ ୧୯ ତାରିଖରେ କଟକ ମ୍ୟୁନିସିପାଲ୍‌ଟି ପଡ଼ିଆରେ ଉତ୍କଳ ସମ୍ମିଳନୀର

୧୪ଶ ଅଧିବେଶନ ହୋଇଥିଲା । ଗୋପବନ୍ଧୁ ହୋଇଥିଲେ ସମ୍ମିଳନୀର ସଭାପତି । ତାଙ୍କର ମତଥିଲା ଓଡ଼ିଶାର ଜାତୀୟ ଚେତନା ଭାରତୀୟ ଜାତୀୟ ଚେତନାର ପରିପୂରକ । ସେ କହୁଥିଲେ ସଭାପତି ନାୟକ ନୁହେଁ ସେବକ ମାତ୍ର । ତାଙ୍କ ଭାଷାରେ ''ମୁଁ ଏହି ପୁଣ୍ୟ ଜାତୀୟ ପୀଠର ପୂଜକମାତ୍ର'', ତାଙ୍କ ମତରେ ଉତ୍କଳ ସମ୍ମିଳନୀ ପ୍ରତ୍ୟେକ ଓଡ଼ିଆର । ସେ ମୃତ ବା ଜୀବିତ ହୋଇପାରନ୍ତି । ଯେଉଁମାନେ ଜନ୍ମ ହୋଇ ନାହାନ୍ତି ଉତ୍କଳ ସମ୍ମିଳନୀ ମଧ୍ୟ ସେମାନଙ୍କର । 'ଏତେଦିନ ଭିତରେ ଉତ୍କଳ ସମ୍ମିଳନୀ କ'ଣ କରିଛଇ ?'' ଏ ଭଳି ପ୍ରଶ୍ନର ଉତ୍ତରରେ ଗୋପବନ୍ଧୁ କହୁଥିଲେ ଯେ ସମ୍ମିଳନୀ ସମବାୟ ଋଣ ସମିତି ବା ଯୌଥ ଭଣ୍ଡାର ନୁହେଁ ଯେ ଏତିକି ଅର୍ଥ ଲଗାଇ କେତେ ଲାଭ ପାଇଲା ତାର ହିସାବ କରିହେବ । ସମ୍ମିଳନୀର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନିରୂପିତ ହୋଇ ପାରିନାହିଁ ବୋଲି ତାର କାର୍ଯ୍ୟ ଆଶାନୁରୂପ ହୋଇ ପାରିନାହିଁ । ଏହି ସମ୍ମିଳନୀରେ ମତଭେଦ ରହିବ । ଭଂଗାଗଢ଼ା ରହିବ । ମାତ୍ର ବ୍ୟଙ୍ଗ ବିଦ୍ରୂପ ଓ କଟାକ୍ଷ ଜାତୀୟ କଲ୍ୟାଣର ବାଧକ ହୋଇଯିବ । ଜାତୀୟ ଆତ୍ମା ରାଜନୀତିକ ବା ଅନ୍ୟ କୌଣସି ବାହ୍ୟଚାପରେ ସହଜେ ଲୋପ ପାଏ ନାହିଁ । ଜାତିର ସର୍ବାଙ୍ଗୀନ ଉନ୍ନତିପାଇଁ ସାମ୍ୟ ମୈତ୍ରୀ ଓ ସ୍ୱାଧୀନତା ଲୋପ । ସ୍ୱାର୍ଥତ୍ୟାଗ ଏହାର ମୂଳଭିତ୍ତି । ଏହାର ଲକ୍ଷ୍ୟ ପୂର୍ଣ୍ଣପ୍ରାଣ ମାନବିକତା, ଗୋପବନ୍ଧୁ ଭାଗବତ ଧର୍ମର ବିଶ୍ୱାସ କରୁଥିଲେ ବୋଲି ପୂର୍ବରୁ କୁହାଯାଇଛି । ଉତ୍କଳ ସମ୍ମିଳନୀର ଏହି ବିପୁଳ ସମ୍ଭାବନାକୁ ନେଇ ସେ ଭାଗବତର ବାଣୀ ସ୍ମରଣ କରୁଥିଲେ –

> ''ଦୁର୍ଗମ ପଥ ଏ ଭଜନ
> ଭୟେ ଭଜନ୍ତି ଯୋଗୀଜନ ।''

'ଉତ୍କଳ ସମ୍ମିଳନୀ'ରେ କିଏ ଓଡ଼ିଆ ? ବୋଲି ସଭାପତି ଅଭିଭାଷଣରେ ଗୋପବନ୍ଧୁ କହିଥିଲେ – ''× × × ଓଡ଼ିଶା ସଂକୀର୍ଣ୍ଣତାରେ ଆକ୍ରାନ୍ତ ନୁହେଁ । ଓଡ଼ିଶାର ନଦୀକୁ 'ମହାନଦୀ' ମୁହାଯାଏ, ଯାହାର ଅର୍ଥ ବିରାଟ ନଦୀ ଓଡ଼ିଶାର ସମୁଦ୍ରକୁ 'ମହୋଦଧି' କୁହାଯାଏ, ଯାହାର ଅର୍ଥ ଏକ ବିରାଟ ସମୁଦ୍ର । ଓଡ଼ିଶାର ପର୍ବତକୁ 'ମହେନ୍ଦ୍ର' କୁହାଯାଏ ଯାହାର ଅର୍ଥ ମହାନ୍ ପର୍ବତ । ଓଡ଼ିଶାର ଏହି ଗଛକୁ 'କଳ୍ପବୃକ୍ଷ' କୁହାଯାଏ, ଯାହାର ଅର୍ଥ ପୂର୍ଣ୍ଣତାର ବୃକ୍ଷ, ଓଡ଼ିଶାର ଠାକୁରଙ୍କୁ 'ଜଗନ୍ନାଥ' କୁହାଯାଏ, ଯେକି ଜଗତର ନାଥ । ଓଡ଼ିଶାର ଶ୍ମଶାନକୁ ସ୍ୱର୍ଗଦ୍ୱାର କୁହାଯାଏ ଯାହାର ଅର୍ଥ ସ୍ୱର୍ଗକୁ ବାଟ । ଓଡ଼ିଆମାନେ ସର୍ବତ୍ର ମହାନଦୀକୁ ଦେଖି ଥାଆନ୍ତି । ଏହି ସମ୍ମିଳନୀ ଭାରତୀୟ ଜାତୀୟ ଆନ୍ଦୋଳନର ଏକ ଅଂଶ ଅଟେ । ଆମର ବ୍ୟକ୍ତି ସତ୍ତାର ସଂରକ୍ଷଣ ପାଇଁ ଆମକୁ ଜାତୀୟତାବାଦର ମୂଳଦୁଆକୁ ଏବଂ ସାଧାରଣ ଜନତାକୁ ସୁରକ୍ଷିତ ରଖିବାକୁ ପଡ଼ିବ'' – ପଣ୍ଡିତ ଗୋପବନ୍ଧୁ ଦାସ – ଇ. ଡଃ ଶ୍ରୀରାମ ଚନ୍ଦ୍ର ଦାଶ, ଅନୁବାଦ – ମମତା କିଶୋର ପୃ. ୧୧୦–୧୧୧ (ଆମ ବଂଧୁ ସାହିପୀଲିର)

**ଜାତୀୟ ଜୀବନର ବିକାଶ ପାଇଁ ଗୋପବନ୍ଧୁଙ୍କ ଚିନ୍ତାଧାରା –**

ଗୋପବନ୍ଧୁ ସେବା, ସହଭାଗିତା ଓ ସ୍ୱାଧୀନତା ଉପରେ ବିଶ୍ୱାସ ରଖିଥିଲେ । ତେଣୁ ସେ ମଣିଷର ମନ ପରିବର୍ତ୍ତନ ହୋଇପାରେ ବୋଲି ଆସ୍ଥା ପ୍ରକଟ କରିଥିଲେ । ସୁଆଣ୍ଡୋରୁ ସତ୍ୟବାଦୀ ମାତ୍ର ପାଞ୍ଚମାଇଲ ବାଟ । ହରିହର ଓ ଗୋପବନ୍ଧୁ ଚାଲି ଚାଲି ଆସୁଥିବା ବେଳେ ବରାଳ ଗ୍ରାମରେ କଳିଗୋଳ ଲାଗିଥିଲା । ସେଠାରେ ତିନିଘଣ୍ଟା ଅଟକି ସେ ସମସ୍ତ ସମସ୍ୟା ସମାଧାନ କରିଥିଲେ । ଭୋକ ହେବାରୁ ମୁଢ଼ି ମାଗି ଖାଇଥିଲେ । ପୁଣି ବିଲରେ ସାଆନ୍ତ ଓ ହଳିଆଙ୍କ ଭିତରେ ଚାଲିଥିବା କଳିଗୋଳ ତୁଟାଇବାକୁ ତାଙ୍କୁ ଦୁଇ ଘଣ୍ଟା ଲାଗିଥିଲା । ପୁଣି ଭଟ୍ଟପୁରରେ ଦୁଇଟି ପରିବାରର କଳି ଭାଙ୍ଗିବାକୁ ତାଙ୍କୁ ଘଣ୍ଟାଏ ଲାଗିଥିଲା । ସେ ସନ୍ଧ୍ୟାବେଳେ ସତ୍ୟବାଦୀରେ ପହଞ୍ଚିଥିଲେ ।

ନିମ୍ନବର୍ଗର ମଣିଷମାନଙ୍କୁ ସେ ସ୍ନେହ କରୁଥିଲେ । ପଂକ୍ତି ଭୋଜନରେ ଖାଇବା ବେଳେ ଚଳୁ କରୁ ନ ଥିଲେ। ଛାତ୍ରାବାସରେ ଗୋସେଇ ପାଇଁ ସେ ପିଲାଙ୍କୁ ପ୍ରେରଣା ଦେଉଥିଲେ । ଛାତ୍ରାବାସରେ ଗାଇଥିଲେ । ହାଲିଆ ବଳଦର କଷ୍ଟତାଙ୍କୁ ବାଧୁଥିଲା । ଗାଇମାନଙ୍କୁ କଂସେଇଖାନା ନେବା ଅମାନବୀୟ କ୍ରୁରତା ବୋଲି ସେ ମତ ଦେଉଥିଲେ । ବାଉରୀ ସାହିରେ ନିଶାପାଣି ପାଇଁ ଝଗଡ଼ା ହେଉଥିବାବେଳେ ଗୋପବନ୍ଧୁ ସେଠାରେ ପହଞ୍ଚିଥିଲେ । ୧୯୧୫ରେ ସତ୍ୟବାଦୀ ବିଦ୍ୟାଳୟରେ ସେ 'ଦୟା' ସଂପର୍କରେ ଏକ ଭାଷଣ ଦେଇଥିଲେ । ଦୟାମୟଙ୍କ ଅନନ୍ତ ଦୟାରେ ଆମେ ଜୀବନଧାରଣ କରିଛୁ । ଜୀବନକୁ ବିସ୍ତୀର୍ଣ୍ଣ କରିବାକୁ ହେଲେ ଜନ ସେବା ହିଁ ଈଶ୍ୱର ସେବା ଓ ଜୀବେଦୟା ହିଁ ବିଧାତାର ପୂଜା ବୋଲି ବୁଝିବାକୁ ପଡ଼ିବ । ତାଙ୍କ ବ୍ୟକ୍ତିତ୍ୱରେ ଧର୍ମ ଓ କର୍ମର ସମନ୍ୱୟ ହୋଇଥିଲା । ଦେଶପ୍ରୀତି ସହିତ ମାନବ ସେବା ଥିଲା ତାଙ୍କର ଧ୍ୟେୟ ।

ଚରିତ୍ର ସଂପର୍କରେ ତାଙ୍କର ଦୃଷ୍ଟି ଭଙ୍ଗୀ ଥିଲା ଅତ୍ୟନ୍ତ ସ୍ୱଷ୍ଟ । 'ଚରିତ୍ରଂ ହିଁ ପରଂ ବଳଂ' କଥାରେ ସେ ବିଶ୍ୱାସ କରୁଥିଲେ । ''ଅନ୍ୟଠାରୁ ଯେଉଁଭଳି ବ୍ୟବହାର ଆଶା କରୁଛ ଅନ୍ୟକୁ ସେହିଭଳି ବ୍ୟବହାର କର'' ବୋଲି ସେ ଉପଦେଶ ଦେବା ସହିତ ଆଚରଣରେ ମଧ ଦେଖାଇ ଦେଉଥିଲେ । ଉତ୍କଳୀୟମାନଙ୍କୁ ଜାତୀୟତାର ସ୍ରୋତରେ ସାମିଲ କରିବାର ଉଦ୍ୟମ ସହିତ, ଉତ୍କଳର ପ୍ରାଚୀନ ବୈଶିଷ୍ଟ୍ୟର ସୁରକ୍ଷା ପାଇଁ ସେ ଗୁରୁତ୍ୱ ଦେଉଥିଲେ । ଓଡ଼ିଆ ଶିକ୍ଷା ପାଣ୍ଠି ଗଠନ, ଓଡ଼ିଶାର ସ୍ୱାତନ୍ତ୍ର୍ୟ ପ୍ରାଚୀନ ଭାଗବତ ଘରର ପୁନରୁଦ୍ଧାର, ବିଭିନ୍ନ କୌଳିକ ବୃତ୍ତିର ସମ୍ମାନ ଓ ସୁରକ୍ଷା, ଶିକ୍ଷା ଓ ସଂଗଠନ ଉପରେ ଗୁରୁତ୍ୱ, ଅବିଶ୍ରାନ୍ତ ଶ୍ରମ ଓ ଉତ୍ସାହ ପାଇଁ ତାଙ୍କର ଏହି ପ୍ରାଣ ନିଗିଡ଼ା ଆଗ୍ରହ ଅନେକ ଯୁବକଙ୍କୁ ତ୍ୟାଗର ମନ୍ତ୍ରରେ ଦୀକ୍ଷିତ କରିପାରିଥିଲା । କଂଗ୍ରେସ ସହିତ ଉତ୍କଳ ସମ୍ମିଳନିର ମିଶ୍ରଣ ପାଇଁ ସେ ପ୍ରୟାସ କରିଥିଲେ । ଗାନ୍ଧିଙ୍କ ଆଗମନ ପୂର୍ବରୁ ଭାରତୀୟ ଜାତୀୟ କଂଗ୍ରେସ ବୁଦ୍ଧିଜୀବୀମାନଙ୍କର ସଂଗଠନ ଥିଲା । ମାତ୍ର ଅସହଯୋଗ ଆନ୍ଦୋଳନ ପରେ ଏହା ସାର୍ବଜନୀନ ଅନୁଷ୍ଠାନରେ ପରିଣତ ହୋଇଥିଲା ।

**ଗୋପବନ୍ଧୁଙ୍କ ଜୀବନରେ କେତେକ ସ୍ମରଣୀୟ ଘଟଣା**

ଛାତ୍ର ଜୀବନର ଉଦ୍ଦେଶ୍ୟ ସଂପର୍କରେ ତାଙ୍କର ବକ୍ତବ୍ୟ ପୂର୍ବରୁ ଆଲୋଚିତ ହୋଇଛି । ୧୯୧୩ ଜାନୁୟାରୀ ମାସରେ ସେ ସତ୍ୟବାଦୀ ସ୍କୁଲରେ  ପୋପ୍, ଆବ୍ରାହମଲିଙ୍କନ ଓ ନେପୋଲିୟନଙ୍କ ଉଦାହରଣ ଦେଉଥିଲେ । 'ଦୟା' ସଂପର୍କରେ ତୋଙ୍କର ଭାଷଣରେ ଆମେ ଧର୍ମ କର୍ମ ଓ ଦେଶପ୍ରୀତିର ସମୟର ସହିତ ଦୟାମୟଙ୍କ କରୁଣାର ସଂଗମ ଦେଖିବାକୁ ପାଉ । ଗୋପବନ୍ଧୁଙ୍କ ମତରେ ବ୍ୟକ୍ତିର ସ୍ୱାତନ୍ତ୍ର ସାମାଜିକ ଭିତ୍ତିରେ ହିଁ ଫୁଟିଉଠେ । ପ୍ରତ୍ୟେକ ନିଜକୁ ପ୍ରଥମେ ମନୁଷ୍ୟ, ତାପରେ ଭାରତୀୟ ଓ ଶେଷରେ ଓଡ଼ିଆ ମନେ କରିବା ଉଚିତ୍ । ସତ୍ୟବାଦୀ ସ୍କୁଲରେ ଜନ୍ମାଷ୍ଟମୀ, ଗଣେଷ ଚତୁର୍ଥୀ ଓ ଶ୍ରୀପଞ୍ଚମୀ ପ୍ରଭୃତି ପାରଂପରିକ ଉତ୍ସବ ନିଷ୍ଠାର ସହିତ ପାଳିତ ହେଉଥିଲେ ହେଁ ସେଥିରେ ଧର୍ମାନ୍ଧତା ନ ଥିଲା ବରଂ ସାମାଜିକ ସଦ୍‌ଭାବ ପ୍ରତିଷ୍ଠା ଥିଲା ଉତ୍ସବମାନଙ୍କର ମୂଳ ଉଦ୍ଦେଶ୍ୟ । ଉତ୍କଳ ସମ୍ମିଳନୀର ସଭାପତି ଭାବେ ସେ ନିଜକୁ ନାୟକ ନୁହେଁ ବରଂ ସେବକ ଭାବରେ ଉପସ୍ଥାପିତ କରିଥିଲେ । ଏହି ପୁଣ୍ୟ ଜାତୀୟ ପୀଠର ପୂଜକ ହେବାରେ ଗୌରବ ଅଛି, ଏହାଥିଲା ତାଙ୍କର ବକ୍ତବ୍ୟ ।

ବର୍ଷା ଓ ବନ୍ୟା ସମୟରେ ଭାର୍ଗବୀ ଓ କୁଶଭଦ୍ରାର କୂଳବର୍ତ୍ତୀ ଅଞ୍ଚଳ, କଟକ, ଅଳି କେନ୍ଦ୍ରପଡ଼ା ଅଞ୍ଚଳର ଅବସ୍ଥା ଥିଲା ଶୋଚନୀୟ । ବନ୍ୟାପରେ ଆସିଲା ହଇଜା, ସେ ସ୍ଥାନରେ ନୀଳକଣ୍ଠ ହୋମିଓପ୍ୟାଥି ନେଇ ବାଣ୍ଟନ୍ତି । ଡ଼ଙ୍ଗାରେ ଯାଇ ଓଦାଦେହ, ଜ୍ୱର, ମୁଣ୍ଡବଥା ନେଇ ଗୋପବନ୍ଧୁ କଟେ ପାଆନ୍ତି । ପାଣି କାଦୁଅ ସନ୍ତ ସନ୍ତିଆ ଦୁର୍ଗନ୍ଧ ଅଞ୍ଚଳକୁ ତାଙ୍କୁ ପ୍ରତ୍ୟହ ଯିବାକୁ ହୁଏ । ଭୃତ୍ୟ ରାମା ଏଥିପାଇଁ ତାଙ୍କୁ ବାରଣ କରେ । ସେ କହନ୍ତି ''ରାମା, ତୁ ବୁଝୁନୋଉଁ । ଏ ଦେହଟା

କ'ଣ ମୁଁ ? ଏଇଟା ମୋ ବାହନ, ଯେମିତି ଗୋଟାଏ ଘୋଡା । ଯାକୁ ମତେ ଭଗବାନ ଦେଇଛନ୍ତି କାମ କରେଇବି ବୋଲି । ତାକୁ ତୁଚ୍ଛାଟାରେ ସୁଖିରେ ପୋଷୁଥିବି କାହିଁକି ? କାମକରି ନ ପାରିଲେ ସେ ବଳେ ଅଚଳ ହୋଇଯିବ –''

( ହେ ସାଥି, ହେ ସାରଥି – ପୃ.– ୧୨୨–୧୨୩)

## ପାରିବାରିକ ଜୀବନର ଗୋପବନ୍ଧୁ –

ଗୋପବନ୍ଧୁଙ୍କୁ ମାତ୍ର ୨୮ ବର୍ଷ ବୟସରେ ତାଙ୍କର ପତ୍ନୀ ମୋତି ଦେବୀଙ୍କର ଦେହାନ୍ତ ହୋଇଥିଲା । ତେଣୁ ବନ୍ଧୁମାନେ ତାଙ୍କୁ ପୁନର୍ବିବାହ ପାଇଁ ପ୍ରବର୍ତ୍ତାଇଥିଲେ । ଓଡ଼ିଶା ସହିତ ମେଦିନୀପୁର ସିଂହଭୂମି ପ୍ରଭୃତି ମିଶିବା ପାଇଁ ଉତ୍କଳ ସମ୍ମିଳନୀରେ ଗୋପବନ୍ଧୁ ନିଜର ମତ ପ୍ରକାଶ କରିଥିଲେ । ତେଣୁ ବନ୍ଧୁମାନେ ସେ ବୁଝିବାପାଇଁ କହିଥିଲେ ଯେ ମେଦିନୀପୁରର ଓଡ଼ିଆ ଓକିଲ ରାଧାନାଥ ପତିଙ୍କ କନ୍ୟାକୁ ଯଦି ଗୋପବନ୍ଧୁ ବିବାହ କରନ୍ତି ତେବେ ସିଂହଭୂମି ଅଞ୍ଚଳ ସହିତ ପାରିବାରିକ ସଂପର୍କ ପ୍ରତିଷ୍ଠା ହୋଇପାରିବ । ଏକଥା ଗୋପବନ୍ଧୁ ଗ୍ରହଣ କରି ନ ଥିଲେ । ତାଙ୍କର ଯୁକ୍ତି ଥିଲା ଯେ ଯଦି ତାଙ୍କର ମୃତ୍ୟୁ ହୋଇ ଥାଆନ୍ତା ତେବେ କ'ଣ ତାଙ୍କ ପତ୍ନୀ ପୁନର୍ବାର ବିବାହ କରିଥାଆନ୍ତେ ? ନିଜର ଦୁଇ କନ୍ୟାଙ୍କୁ ସତ୍‌ପାତ୍ରରେ ଦାନ କରିବାକୁ ସେ ଆଗ୍ରହୀ ଥିଲେ । ପୁରୀରେ ଗୋପବନ୍ଧୁ ହେରା ଗୋହିରୀ ସାହିରେ ରହୁଥିବା ବେଳେ ବିରିପଟି ଗ୍ରାମର ରତ୍ନାକର ପତି ରେଭେନ୍‌ସାରେ ବି.ଏ. ପରୀକ୍ଷା ଦେଉଥାଆନ୍ତି ବାସୁଦେବ ମହାପାତ୍ର ତାଙ୍କୁ ନେଇ ଘରକୁ ଯାଇଥିଲେ । ସେତେବେଳେ ଝିଅ ଦିହେଁ ଶାଗ ବାଛୁଥିଲେ, ବଡ଼ସିନ ସାରଙ୍ଗିଣା ପାଇଁ ସେ ରତ୍ନାକରଙ୍କୁ ବାଛିଥିଲେ । ଗୋପବନ୍ଧୁ ରତ୍ନାକରଙ୍କୁ ପଚାରିଥିଲେ ତୁମର ଜୋତା କାହିଁ ? ରତ୍ନାକର କହିଥିଲେ ଯେ ସେ ଜୋତା ପିନ୍ଧନ୍ତି ନାହିଁ ଓ ତାଙ୍କର ମାତ୍ର ଦିଖଣ୍ଡି କୁର୍ତ୍ତା ଅଛି । ଗୋପବନ୍ଧୁଙ୍କ ପ୍ରଶ୍ନ ଥିଲା ''ଜୋତାପିନ୍ଧନି, ବି.ଏ ପରୀକ୍ଷା ଦେବ ?'' ରତ୍ନାକରଙ୍କ ଉତ୍ତର ''ବି.ଏ. ପଢ଼ିଲେ ଜୋତା ପିନ୍ଧିବାର କୌଣସି ବାଧ ବାଧକତା ନାହିଁ ।'' ଏହାପରେ ଗୋପବନ୍ଧୁ ତାଙ୍କୁ Lititarianism ବା ହିତବାଦ ନୀତି ସଂପର୍କରେ ପ୍ରଶ୍ନ କରିଥିଲେ ଓ ଖୁବ୍, ଭଲ ଇଂରାଜୀରେ ରତ୍ନାକର ତାର ଉତ୍ତର ଦେଇଥିଲେ । ପରେ ରତ୍ନାକର କଲିକତା ବିଶ୍ୱବିଦ୍ୟାଳୟରେ ଦର୍ଶନ ଶାସ୍ତ୍ରରେ ଏମ.ଏ. କଲେ । ପୂଜାଛୁଟିରେ ଆଚାର୍ଯ୍ୟ ମହାଶୟ ବିବାହ ପ୍ରସ୍ତାବ ନେଇ ବିରିବାଟି ଗଲେ । ରତ୍ନାକର ଅଭାବୀ ତଥା ଜଂଜାଳଗ୍ରସ୍ତ ଥିଲେ । ତେଣୁ ସେ ଗୋପବନ୍ଧୁଙ୍କ ଝିଅକୁ ବିବାହ କରିବାକୁ ରାଜି ହୋଇ ନ ଥିଲେ । ଘର ଦେଖିବାକୁ ଆଚାର୍ଯ୍ୟ ମହାଶୟ ଯିବା କଥା ଗୋପବନ୍ଧୁ ପସନ୍ଦ କରି ନ ଥିଲେ । ପିଲା ପସନ୍ଦ ହେବାପରେ ଘର ଦେଖା ଅର୍ଥହୀନ ବୋଲି ସେ ଭାବୁଥିଲେ । ବାଜା ରୋଷଣି ବିନା ଓ ଯୌତୁକ ନ ଥାଇ ବିଭାଘର ହେଲା, ସାନଝିଅ କେତକୀ ପୁରୀଜିଲ୍ଲା ବୀରପ୍ରତାପ ପୁରର ନାରାୟଣ ମିଶ୍ରଙ୍କୁ ବିବାହ କରିଥିଲେ । ଏହି ବିବାହରେ ଆଡ଼ମ୍ବରପୂର୍ଣ୍ଣ ଭୋଜି ହୋଇଥିଲା । ରତ୍ନାକର ପତି ରେଭେନ୍‌ସାରେ ଅଧ୍ୟାପନା କଲେ ଓ ରହିଲେ । ରତ୍ନାକରଙ୍କ ପଡୋଶୀଙ୍କ ଶରୀର ଅସୁସ୍ଥ ଥିବାବେଳେ ଗୋପବନ୍ଧୁ ତାଙ୍କୁ ଦେଖିବାକୁ କଟକ ଆସିଥିଲେ ହେଁ ପାଖ ଘରେ ଝିଅ ତାଙ୍କୁ ଭାବୁଥିବା ବେଳେ ତାଙ୍କୁ ଦେଖିବାକୁ ଯାଇ ନ ଥିଲେ। କିନ୍ତୁ ମେଧାବୀ ଜାମାତା ତାଙ୍କର ପ୍ରିୟ ଥିଲେ ।

## ସାହିତ୍ୟ ସୃଷ୍ଟି ଓ ଗୋପବନ୍ଧୁ –

ଏକଥା ସତ ଯେ ଗୋପବନ୍ଧୁଙ୍କର ଲକ୍ଷ୍ୟ ଥିଲା ସମାଜ ଓ ଦେଶର ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ ଓ ସାହିତ୍ୟ ଥିଲା ତାର ମାର୍ଗ ମାତ୍ର । ସେ ପିଲାଦିନରୁ ଭାଗବତ ଦ୍ୱାରା ଅନୁପ୍ରେରିତ ଥିଲେ । ସଂସ୍କୃତ ସାହିତ୍ୟ ସହିତ ମଧ ସେ ପରିଚିତ ଥିଲେ । ତେଣୁ ସମଗ୍ର ଜୀବନ ସେ ସାହିତ୍ୟ ସାଧନା କରିଛନ୍ତି ଯଦିଚ ଏଥିରେ କ୍ରମିକତା ପରିଦୃଷ୍ଟ ହୁଏ ନାହିଁ । ତାଙ୍କର ରଚନାଗୁଡିକ ହେଉଛି ବନ୍ଦୀର ଆତ୍ମକଥା, ଧର୍ମପଦ, ଗୋ ମାହାତ୍ମ୍ୟ, ନଚକେତା ଉପାଖ୍ୟାନ, କାରା କବିତା ପ୍ରଭୃତି ।

ଏତଦ୍‌ବ୍ୟତୀତ ସେ ଓଡ଼ିଆ ଗଦ୍ୟକୁ ନୂତନ ଦୀପ୍ତି ପ୍ରଦାନ କରିଥିଲେ । ତାଙ୍କର 'ସମାଜ'ର ସଂପାଦକୀୟ ଗୁଡିକ ଗଦ୍ୟସାହିତ୍ୟ ଗୋଟିଏ ଗୋଟିଏ ପ୍ରତିନିଧି ମୂଳକ ଉଦାହରଣ 'ବନ୍ଦୀର ଆତ୍ମକଥା'ରେ ତାଙ୍କର ଉକ୍ତି –

ଭାରତେ ଉତ୍କଳ ମହାପୁଣ୍ୟଧାମ, ଭାରତ ପାଞ୍ଜିରେ ନ ଥିଲା ତା ନାମ ।
ସାହସ, ସାହିତ୍ୟ ଧନ ମାନବଳେ, ଉତ୍କଳର ନାମ ସମସ୍ତଙ୍କ ତଳେ ।
ଭାରତଜାତୀୟ ମହା ସମ୍ମିଳନେ, ନ ବସେ ଉତ୍କଳ ସ୍ୱତନ୍ତ୍ର ଆସନେ।
ତେଣୁ ଜଗନ୍ନାଥ କରୁଣା ନିଧାନ, କରୁଣା କଟାକ୍ଷେ କଲେ ଅବଧାନ।
ଅସହ ଯୋଗର ପବିତ୍ର ସରିତ, ଉତ୍କଳର ବକ୍ଷେ ହେଲା ପ୍ରବାହିତ।
ଗାନ୍ଧି ଭଗୀରଥ ନିଜ ପୁଣ୍ୟବଳେ, ଆଣିଲେ ଅସଂଗ ଜାହ୍ନବୀ ଉତ୍କଳେ ।
× × ×
ନ ଅଟକେ କାମ ନେତାର ଅଭାବେ, ଧର୍ମ ନାବ ଚଳେ ଧର୍ମର ପ୍ରଭାବେ ।
ବିଶେଷେ ଉତ୍କଳେ ନାହିଁ ପ୍ରୟୋଜନ, ଉତ୍କଳର ନେତା ନିଜେ ନାରାୟଣ ।

ଗୋପବନ୍ଧୁ ଗାନ୍ଧିଙ୍କର ଆହ୍ୱାନ ଓଡ଼ିଶାରେ ପ୍ରଚାର କରୁଥିବାରୁ ତାଙ୍କୁ ବନ୍ଦୀ କରାଯାଇଛି । ଯେଉଁ ସମୟରେ ଜାତିର ନେତୃତ୍ୱ ପରାହତ ସେ ସମୟରେ ଏତାଦୃଶ କବିତାର ଅହ୍ୱାନୀ ଶକ୍ତି ଅବଶ୍ୟ ଗୁରୁତ୍ୱପୂର୍ଣ୍ଣ । ଛାତ୍ର ଅବସ୍ଥାରେ ଗୋପବନ୍ଧୁ 'ଶିବରାତ୍ରି' ଭଳି ଉଚ୍ଚମାନର କବିତା ରଚନା କରିଥିଲେ ।

''ଦୂର ଦେବାଳୟେ ଯିବା ନାହିଁ ପ୍ରୟୋଜନ
ନିଜ ଅଭ୍ୟନ୍ତରେ ଦେଖ ଫେଡିଣ ନୟନ
ରାତ୍ରିକର ଉଜାଗରେ କିସ୍ ପ୍ରୟୋଜନ
ନିଦ୍ରା– ବିମୋହିତ ମୋର ସମଗ୍ର ଜୀବନ
ସମଗ୍ର ଜୀବନ କର ଏକ ଶିବରାତ୍ରି
ଅନ୍ଧାରେ ନହୁଡ଼ ପଥ ହେ ସରଗ ଯାତ୍ରୀ ।'' – ''ହେ ସାଥି, ହେ ସାରଥିର''

ଲେଖକ ପ୍ର. ନିତ୍ୟାନନ୍ଦ ଶତପଥୀଙ୍କ ଭାଷାରେ, ଏହା କ'ଣ ଜଣେ ସାମାନ୍ୟ ଛାତ୍ର ଗୋପବନ୍ଧୁର ମର୍ମବାଣୀ ? ଏଇ ଛାତ୍ର ଭିତରେ ଏହା କ'ଣ ଏକ ମହାପୁରୁଷର ପ୍ରତୀକ୍ଷା ନୁହେଁ ? ନୁହେଁ ଏକ ବିପୁଳ ଜାତି ପ୍ରାଣର ବଜ୍ର ଘୋଷଣା ? କେଉଁଠି ଲୁଚି ଲୁଚି ସଙ୍କୁଚିତ ହୋଇ ଏଇ ସରଳ ମଣିଷ ଭିତରେ ସେ ଲୋଡୁଛି ଆତ୍ମପ୍ରକାଶ ।

(ହେ ସାଥି, ହେ ସାରଥି–ପୃ ୨୭)

ରେଳ ଉପରେ ଚିଲିକା ଦର୍ଶନ ଭଳି କବିତାରୁ ଆମେ ତାଙ୍କର ଉତ୍କଳ ପ୍ରାଣତାର ପରିଚୟ ପାଇଥାଉ । ଓଡ଼ିଶା ଇତିହାସର ଗୁରୁତ୍ୱପୂର୍ଣ୍ଣ ଘଟଣାକୁ ସେ ଅବଲୋକନ କରିଛନ୍ତି । ତତ୍‌କାଳୀନ ଓଡ଼ିଶାର କଷ୍ଟ ଦେଖି କାରୁଣ୍ୟରେ ଅଧିର ହୋଇଛନ୍ତି । ସବୁ ଉତ୍କଳୀୟଙ୍କୁ ସେ ଭାଇ ଭଉଣୀ ସମ୍ବୋଧନ କରିଛନ୍ତି ଓ ସେମାନଙ୍କର ଗୋପବନ୍ଧୁଙ୍କ ପ୍ରତି ଥିବା ଆନ୍ତରିକତାକୁ ଗ୍ରହଣ କରି ନିଜର ମନ କଥା ସେମାନଙ୍କୁ କହିଛନ୍ତି – ପୁଣି କେବେ ଅଭିମାନରେ କହିଛନ୍ତି –

ପୁଣ୍ୟ ଦେଶମାଟି ପୁଣ୍ୟ ଦେବାଳୟ ଉଦ୍ଧରିବା ପାଇଁ କଲେ ତନୁକ୍ଷଣ
ମାନବ ଜୀବନ ହୁଅଇ ସଫଳ, ଏ ମହାଦୀକ୍ଷା କି ବୁଝିବ ଉତ୍କଳ ।

ପ୍ରକୃତ ଯୋଗ୍ୟ ସନ୍ତାନ ପୁରାତନ ଐତିହ୍ୟର ପୁନରୁଦ୍ଧାର କରିଥାଏ । ଏହା ହିଁ ସମୟର ଆବଶ୍ୟକତା । ଗୋପବନ୍ଧୁଙ୍କର ଶତାଧିକ ସମାଜ ସଂପାଦକୀୟ ତାଙ୍କ ବ୍ୟକ୍ତିତ୍ୱର ପରିଚାୟକ । ୧୦/୬/୨୨ରେ ସଂପାଦକୀୟରେ ସେ 'ଛାତ୍ରମାନଙ୍କ ପ୍ରତି'' ଯାହା ଲେଖିଥିଲେ ତାହା ଏଠାରେ ଉଦ୍ଧାର କରାଯାଉଛି – '' × × × ଛାତ୍ରମାନଙ୍କର ଓଡ଼ିଶା ପ୍ରତି କର୍ତ୍ତବ୍ୟ ଅଛି । ସମସ୍ତ ପ୍ରକାର ଦୁଃଖ କଷ୍ଟ ସହି ସେମାନେ ଏ କର୍ତ୍ତବ୍ୟ ପାଳନ କରିବା ।ଉଚିତ । କେବଳ ରାଜନୈତିକ ଅଧିକାର ଲାଭ ସକାଶେ ଯେ ମୁଁ ଏ ଆନ୍ଦୋଳନରେ ଯୋଗ ଦେଇଛି ତାହା ନୁହେଁ । ଏହାଦ୍ୱାରା ଓଡ଼ିଶାର ନିରନ୍ନ ଲୋକଙ୍କୁ ଅନ୍ନଦେବା ଓ ଓଡ଼ିଶାର ଦରିଦ୍ରତା ଦୂର କରିବା ମୋର ଉଦ୍ଦେଶ୍ୟ । ଏହା ହିଁ ହୋଇ ପାରିଲେ ମୋର ଚରମ ସନ୍ତୋଷ । ଯେଉଁ ଜାତିର ତ୍ୟାଗ ନାହିଁ ସେ ଜାତିର ଅସ୍ତିତ୍ୱ ନାହିଁ । ମୋର ଶେଷ ଅନୁରୋଧ ଓଡ଼ିଶାର ଭାଇ ଭଉଣୀମାନେ ଗ୍ରାମେ ଗ୍ରାମେ ଘରେ ଘରେ ବସି ଅରଟ ଚଳାନ୍ତୁ । ଏତିକି ନ ହୋଇ ପାରିଲେ ବନ୍ଦୀ ଶାଳାରେ ମୋ ଦୁଃଖର ସୀମା ରହିବ ନାହିଁ ××× ।''

(ଗୋପବନ୍ଧୁ ଚୟନିକା – ସଂକଳନ – ପ୍ରୀତିଶ ଆଚାର୍ଯ୍ୟ N.B.T.- ପୃ-୯୨)

ବ୍ୟାସକବି ଫକୀର ମୋହନ ସତ୍ୟବାଦୀ ଗୁରୁକୁଳର କାର୍ଯ୍ୟରେ ଅଭିଭୂତ ହୋଇ ଲେଖିଥିଲେ –

''ସଦାଶିବ ନୀଳକଣ୍ଠ ସତତ ସନ୍ୟାସୀ, ଜଗତ ମଂଗଳେ ଗୋପବନ୍ଧୁ ବ୍ରଜବାସୀ
ଗୋଦାବରୀ ଉପକୂଳ ନିୟତ ଉର୍ବର, କୃପାମୟ କୃପାସିନ୍ଧୁ ଜନହିତକର
କାର୍ଯ୍ୟ ସାଧନରେ ଅବତୀର୍ଣ୍ଣ ଧରାଧାମେ, ସମବେତ ଏମାନେ ତ ସତ୍ୟବାଦୀ ଗ୍ରାମେ
ଜ୍ଞାନ ରାଶି ପବିତ୍ରତା ଉତ୍ତପ୍ରେତ ଠୁଳ, ଉଦ୍ଧରିବେ ଭଗୀରଥ ସମାନରେ କୁଳ ।''

ଗୋପବନ୍ଧୁଙ୍କର ବ୍ୟକ୍ତିଗତ ସହାୟକ ରାମ ବାରିକ ଗୋପବନ୍ଧୁଙ୍କଠାରୁ ସବୁ ଝଞ୍ଜେବେଳେ ଶୁଣି ଶୁଣି ମନେ ରଖିଥିବା ଗୀତ ପଦକ ହେଉଛି –

''ଯେତେବେଳେ ଯାହା ଲୋଡୁଛି ହେ ପିତା
ସେତେବେଳେ ତାହା ଦେଉଛ
ଯେତେବେଳେ ଯାହା କହିଛି ହେ ପିତା
ସେତେବେଳେ ତାହା ଶୁଣୁଛ ।''

(ଯୁଗାନ୍ତକାରୀ ସତ୍ୟବାଦୀ ଗୁରୁକୁଳ – ବିକ୍ରମ ଦାସ, ପୃ-୧୫୦)

ଏହି ଗୀତ ପଦକୁ ଗୋପବନ୍ଧୁଙ୍କର ଜୀବନ ପ୍ରତି ଦୃଷ୍ଟିଭଙ୍ଗୀ ଜଣାଯାଏ ।

**ପତ୍ରିକା ସଂପାଦନା ଓ ଗୋପବନ୍ଧୁ –**

ନିଜର ମାନସିକ ଅବେଗର ପ୍ରକାଶ କରିବା, ସମଧର୍ମାମାନଙ୍କୁ ଏକତ୍ର କରିବା ଓ ସମମନୋଭାବାପନ୍ନ ବ୍ୟକ୍ତିମାନଙ୍କୁ ନୂତନ ଭାବରେ ଚିନ୍ତା କରିବାର ସୁଯୋଗ ଦେବା ଥିଲା ଗୋପବନ୍ଧୁଙ୍କର ଉଦ୍ଦେଶ୍ୟ । ସତ୍ୟବାଦୀ ସ୍କୁଲ ଛାତ୍ରାବାସରୁ

'ବୀରା' ନାମକ ମାସିକ ଦ୍ୱିଭାଷୀ ପତ୍ରିକା ପ୍ରକାଶିତ ହେଉଥିଲା । ସିଧାସଳଖ ସ୍କୁଲ ସହିତ ସଂପୃକ୍ତ ନ ହୋଇ ମଧ୍ୟ ଶିକ୍ଷକମାନଙ୍କ ସହଯୋଗରେ 'ସତ୍ୟବାଦୀ' ଶୀର୍ଷକ ପତ୍ରିକା ୧୯୧୫ରୁ ପ୍ରକାଶିତ ହୋଇ ଶିକ୍ଷା ସାହିତ୍ୟ, ଭାଷା ଓ ଲିପି ସଂସ୍କାର, ଇତିହାସ ପ୍ରାଚୀନ ଓଡ଼ିଆ ସାହିତ୍ୟର ଆଲୋଚନା ପ୍ରଭୃତିକୁ ଲୋକଲୋଚନକୁ ଆଣିଥିଲା ଓ ଏହା ଗୋଟିଏ ବହୁପାଠୀ ଉଦାରଚେତା ଲେଖକ ଗୋଷ୍ଠୀ ସୃଷ୍ଟି କରିଥିଲା ।

ଏହି 'ସତ୍ୟବାଦୀ' ପତ୍ରିକାରେ 'ସମାଜ' ସଂପର୍କୀୟ ବିଜ୍ଞପ୍ତି ଓ ଅଗ୍ରୀମ ବାର୍ଷିକ ମୂଲ୍ୟ ଦେଢ଼ଟଙ୍କା ରହିବ ବୋଲି ।ପ୍ରକାଶିତ ହୋଇଥିଲା । ୪/୧୦/୧୯୧୯ ଆଶ୍ୱିନ ଶୁକ୍ଳ ଦଶମୀ ଦଶହରାଦିନ ସାପ୍ତାହିକ ସମାଜ ପ୍ରଥମେ ଆତ୍ମପ୍ରକାଶ ।କରିଥିଲା । ଏହାର ପ୍ରତିଷ୍ଠାତା ଓ ପ୍ରଥମ ସଂପାଦକ ଥିଲେ ଗୋପବନ୍ଧୁ ଦାସ, ୧୮/୧୦/୧୯ରେ ସେ ଦୁର୍ଭିକ୍ଷ ସଂପର୍କରେ ଯେଉଁ ସଂପାଦକୀୟ ଲେଖିଥିଲେ ତହିଁରୁ କିଛି ଅଂଶ –

× × × ଯେଉଁମାନେ ମୁଠାଏ ମୁଠାଏ ଚାଉଳ ପାଉଛନ୍ତି ସେମାନେ ପାଇବା ମାତ୍ରେ ଅତି ବିକଳରେ ପୋଷେ କଞ୍ଚା ଚାଉଳ ଗିଳିପକାଉଛନ୍ତି । ସେମାନଙ୍କ ମଧ୍ୟରୁ ପ୍ରତି ସପ୍ତାହରେ କେତେ ମରି ଯାଉଛନ୍ତି । କେତେ ରୋଗରେ ପଡ଼ି ଚାଉଳ ଦେବାକୁ ଆସି ପାରୁ ନାହାନ୍ତି ।

× × × ମୂଲିଆଙ୍କ କଥା କହିଲେ ନସରେ । ମୂଲ ମିଳୁନାହିଁ × × × କିଣିଖିଆଙ୍କ କଷ୍ଟ ଅକଥନୀୟ । ହାତରେ ପଇସା ଥାଇ ଲୋକେ ତିନି ଚାରିଦିନ ଖାଡ଼ା ଉପାସ ରହି ଯାଉଛନ୍ତି × × × ।'' (ଗୋପବନ୍ଧୁ ଚୟନିକା – ପୃ ୨୧୩)

ବ୍ରହ୍ମପୁରରୁ ପ୍ରକାଶିତ 'ଆଶା' (ସଂପାଦକ ଶଶିଭୂଷଣ ରଥ)ରେ ଗୋପବନ୍ଧୁଙ୍କ ଆଦର୍ଶର ପ୍ରତିଧ୍ୱନି ଶୁଭିଥିଲା ।ଓ ଦୁର୍ଭିକ୍ଷ ସମୟର ସବିଶେଷ ବିବରଣୀ 'ଆଶା'ରେ ପ୍ରକାଶିତ ହୋଇ ଉଚ୍ଚପଦାଧିକାରୀ ମାନଙ୍କର ଦୃଷ୍ଟିକଟୁ ହୋଇଥିଲଶ । ଯେତେବେଳେ ଗ୍ରୀଣ୍ଟି ସାହେବ ଭୋରରେ ଅନାହାର ମୃତ୍ୟୁ ଖବର ଚାପି ଦେଲେ, ସେତେବେଳ ଗୋପବନ୍ଧୁ ସାହସର ସହିତ ବଂଗୀୟ ଦୈନିକ ଖବର କାଗଜର ପ୍ରତିନିଧିଙ୍କୁ ଡଭାର ଦେଇ  ପ୍ରକୃତ ପରିସ୍ଥିତି ଅନୁଧ୍ୟାନ କରାଇଥିଲେ । ତେଣୁ ଖବରକାଗଜ ଓ ପତ୍ରପତ୍ରିକା ଯେ ଜାତିୟ ଜୀବନର ଧାରକ କଉକ, ନିୟନ୍ତ୍ରକ ତଥା ଜାତୀୟ ବିବେକ ରକ୍ଷକ ଏକଥା ଗୋପବନ୍ଧୁ ବିଶ୍ୱାସ କରୁଥିଲେ ।

**କାରଣ୍ୟ ଓ ସହାନୁଭୂତିର ପ୍ରତୀକ ଗୋପବନ୍ଧୁ –**

ଓଡ଼ିଶାର ଦୁଃଖୀ ଦରିଦ୍ର ନିରନ୍ନ ତଥା ରୋଗୀମାନଙ୍କ ପାଇଁ ଗୋପବନ୍ଧୁଙ୍କର ପ୍ରାଣ କାନ୍ଦୁଥିଲା । ତାଙ୍କର ପୋଷାକରେ ଓଡ଼ିଶାର ଦାରିଦ୍ର୍ୟ ପ୍ରତିବିମ୍ବିତ ହେଉଥିଲା । ଜନସେବା ହିଁ ଈଶ୍ୱର ସେବା ଏଥିରେ ସେ ବିଶ୍ୱାସ କରୁଥିଲେ ଓ ତାହାକୁ ନିଜ ଜୀବନରେ ପ୍ରୟୋଗ କରୁଥିଲେ । ମଧୁସୂଦନ ଦାସଙ୍କ ଠାରୁ ଉତ୍କଳ ସମ୍ମିଳନୀ ମଞ୍ଚରେ କିଛି ଭାଷଣ ଦେବାର ସୁଯୋଗ ପାଇ ସେ ଓଡ଼ିଶାର ବିଛିନ୍ନାଞ୍ଚଳର ଦୁରବସ୍ଥା କଥା କହି କାନ୍ଦି ପକାଇଥିଲେ । ଓଡ଼ିଶାର ବନ୍ୟା ବାତ୍ୟା ଆଦି ପ୍ରାକୃତିକ ବିପର୍ଯ୍ୟୟ ପ୍ରତି ବିଦେଶୀ ସରକାର ଉଦାସୀନ ଥିଲେ । ୧୮୬୬ର ନଅଙ୍କ ଓଡ଼ିଶାର ମେରୁଦଣ୍ଡ ଭାଙ୍ଗି ଦେଉଥିଲା । ୧୯୦୭ରେ ବ୍ରାହ୍ମଣୀ ଓ ଖରସ୍ରୋତାରେ ବଢ଼ିବେଳେ ଗୋପବନ୍ଧୁ ୟଙ୍ଗ ଉତ୍କଳ ଆସୋସିଏସନ ବଢ଼ି ବନ୍ୟାଦୁର୍ଗତିଙ୍କ ସେବା କରିଥିଲେ ବିଟ୍ରିଶପାର୍ଲାମେଣ୍ଟର ସଭ୍ୟ ନେଭିରେସନଙ୍କୁ ସେ କଂକାଳସାର ମଣିଷଙ୍କୁ ଦେଖାଇ, ତାଙ୍କର ସହାନୁଭୂତି ଲାଭ କରିଥିଲେ ମାତ୍ର ଛୋଟ ଲାଟ ପ୍ରେଂଜର ସାହେବ ସେହି ଦୁରବସ୍ଥା ଦେଖି ତରଳି ନ ଥିଲେ ।

୧୯୧୧-୧୨ ବନ୍ୟାରେ ଭାର୍ଗବୀ ଓ ଦୟାର ଘାଇ ଭାଙ୍ଗିଲା । ୧୯୧୮ରେ ଚିଲିକା ଭିତରେ ପାରିକୁଦ ଓ ମାଲୁଦରେ ଦୁର୍ଭିକ୍ଷ ପଡିଥିଲା । ବିହାର ଓଡ଼ିଶା କାଉନ୍‌ସିଲ ସଦସ୍ୟ ଭାବରେ ଗୋପବନ୍ଧୁ ଏଥିପାଇଁ ସାହାଯ୍ୟ ବ୍ୟବସ୍ଥା କରାଇଥିଲେ । ୧୯୧୯ରେ ଭାର୍ଗବୀ, କୁଶଭଦ୍ରା, ଆଳି କଟକ ଓ କେନ୍ଦ୍ରପଡ଼ାରେ ବନ୍ୟା ହେଲା । ପୁରୀ ଜିଲ୍ଲାର ଡଭାର ଅଞ୍ଚଳରେ ବଡ଼ ବଡ଼ ଚାଷୀ ସୁଦ୍ଧା ଅନ୍ୟ ବାଡ଼ିରୁ ଚୋରିକରି ଧରାପଡ଼ି ଜେଲ ଯିବାକୁ ଆଗଭର ହେଉଥିଲେ କାରଣ ଜେଲ୍‌ରେ ଖାଇବାକୁ ଅନ୍ତତଃ ମିଳିବ । ଦୀର୍ଘଦିନ ଅନାହାର ପରେ ଖାଦ୍ୟ କାଇ ଅନେକ ବଡ଼ ଚାଷୀ ପ୍ରାଣ ହରାଇଥିଲେ । ସ୍ତ୍ରୀ ଲୋକମାନଙ୍କ ପିଉଳଖଣ୍ଡୁ, ଖୁଦ କାଣ୍ଡିଆ କୁଣ୍ଡା ଓ ମୁଠି ଶାଗନେଇ ଗୋପବନ୍ଧୁ ତତ୍‌କାଳୀନ କମିଶନର ଗୃର୍ଣ୍ଣସା ହେବାକୁ ଦେଖାଇଥିଲେ ଓ କଲିକତାର ଦୈନିକ ବଂଗଳା କାଗଜର ପ୍ରତିନିଧିଙ୍କୁ ସେସବୁ ଅଞ୍ଚଳରେ  ବୁଲାର ପ୍ରକୃତ ପରିସ୍ଥିତି ବୁଝାଇଥିଲେ । ଦୁର୍ଭିକ୍ଷର ଚିତ୍ର କାନଭାସରେ ଚିତ୍ରଣ କରି ଉତ୍କଳ ସମ୍ମିଳନୀର ପୁରୀ ଅଧିବେଶନରେ ସେ ଦେଖାଇଥିଲେ (୧୯୧୯ ଡିସେମ୍ବର ୨୬ରେ) । ପୁଣି ବିହାର ଓଡ଼ିଶା କାଉନ୍‌ସିଲରେ ଦେକାଇ ସଭ୍ୟମାନଙ୍କର ସହାନୁଭୂତି ଉଦ୍ରେକ କରିବାର ପ୍ରୟାସ କରିଥିଲେ ।

ସମାଜ, ଆଶା (ଶଶିଭୂଷଣ ରଥ) ପ୍ରଭୃତି ଖବର କାଗଜରେ ଦୁର୍ଭିକ୍ଷର ସମ୍ବାଦ ବାହାରିଛି । ପୁରୀର ବଂଗାଳୀ ଜିଲ୍ଲାପାଳ ଜାଣିଥାଆନ୍ତି ଘଟଣା ସତ୍ୟ ମାତ୍ର କମିଶନର ଗୃର୍ଣ୍ଣି ସାହେବଙ୍କ ଭୟରେ ନିରବ ଥାଆନ୍ତି । ଡଭାର ଯାଇଥିବା ସବ୍‌ଡେପୁଟି କଲେକ୍ଟର ମଧ୍ୟ ଭୟଭୀତ ହୋଇଥାଆନ୍ତି । ବିହାର ଓଡ଼ିଶାର ଲାଟସାହେବ ଏଡ୍ୱୋର୍ଡ ଗେଟ ଡଭାର ଯିବାକୁ ଚାହିଁଲେ । ଗୃର୍ଣ୍ଣିସାହେବ ଲାଟଙ୍କ ପରିଦର୍ଶନ କାର୍ଯ୍ୟକ୍ରମ ସଂପର୍କରେ ଗୋପବନ୍ଧୁଙ୍କୁ ଜାଣିବାକୁ ଦେଲେ ନାହିଁ । ସଚେତନ ଭାବରେ ପ୍ରୋଗ୍ରାମ ଡ଼େରିରେ ପହଞ୍ଚାଇଥିଲେ । ମାଜିଷ୍ଟ୍ରେଟଙ୍କ ଆଗ୍ରହ ଫଳରେ ଲାଟଙ୍କ ସହିତ ବହୁକଷ୍ଟରେ ଗୋପବନ୍ଧୁ ଦେଖା କଲେ । ଲାଟ୍‌ଙ୍କୁ ଗୃର୍ଣ୍ଣି ସାହେବ ପେଟରା ଦେଖାଇ ତହିଁରେ ଭୂଲ୍ୟବାନ ଦ୍ରବ୍ୟ ଥିବା କଥା ବୁଝାଉଥିଲେ । ଗୋପବନ୍ଧୁ ପେଟରା ଖୋଲି ଚିରାକନାରେ ଭଂଗାବାସନ ଲାଟଙ୍କୁ ଦେଖାଇଲେ । ବିଶିଷ୍ଟ ଚାଷୀ ସିଦ୍ଧି ବରାଳଙ୍କ ସ୍ତ୍ରୀ ମୁଠିଶାଗ ଓ ଖୁଦ ରାନ୍ଧୁଥିବାର ଦୃଶ୍ୟ ମଧ ଲାଟ୍ ନିଜେ ଦେଖିଲେ । ସେ ମନ୍ତବ୍ୟ ଦେଲେ " What aught to have been done has not been done ।"

୧୨/୪/୧୯୨୦ରେ ଗୋପବନ୍ଧୁ ଦୁର୍ଭିକ୍ଷର କଥା କହିବାକୁ ସ୍ୱତନ୍ତ୍ର ଭାବରେ ପାଟଣା ସଭା ଆୟୋଜନ କରିଥିଲେ । ସେଠାରେ ସେ ଗୋଟିଏ ଗ୍ରାମର ୪୧୧ ଜଣ ଲୋକଙ୍କ ଭିତରୁ ୪୭ ଜଣ ମୃତ, ୬୧ ଜଣ ଘର ଛାଡିଛନ୍ତି, ୧୦୮ ଜଣ ନାହାନ୍ତି ଓ ୧୧ ଜଣ ଶିଶୁ ଜନ୍ମ ହୋଇ ମରିଥିବାର ହିସାବ ଦେଇଥିଲେ । ବିହାର ଓ ଓଡ଼ିଶା ପଡୋଶୀ । ତେଣୁ ଓଡ଼ିଶାର ଦୁର୍ଦ୍ଦିନରେ ବିହାର (ପାଟଣା)ରୁ ସାହାଯ୍ୟ ମଧ ଆସିଥିଲା ।

ଗୋପବନ୍ଧୁଙ୍କର ମହାତ୍ମାଙ୍କ ସହିତ ସୁ-ସଂପର୍କ ଥିଲା । ମହାତ୍ମାଗାନ୍ଧି ଗୋପବନ୍ଧୁଙ୍କ ଅନୁରୋଧରେ ଠକ୍‌କର ବାପାଙ୍କୁ ଦୁର୍ଭିକ୍ଷରେ ସାହାଯ୍ୟ କରିବାକୁ ପଠାଇଥିଲେ । ସେ ୧୯୨୦ ଜୁନ୍‌ରେ ଆସି ଜୁଲାଇରେ ଫେରିଗଲେ । ତାଙ୍କର ବିବରଣୀରେ ସେ ୨୨ଟି ମୁର୍ଦ୍ଦାର ଦେଖିଥିବା କଥା ଉଲ୍ଲେଖ କରିଥିଲେ । ଅନେକ ଲୋକଙ୍କର ରିଲିଫ୍ ଚୂଡ଼ା ଦେବାର ଶକ୍ତି ମଧ ନ ଥିଲା । ସରକାରୀ ଚାକିରିଆମାନଙ୍କ ଦାୟିତ୍ୱ ହୀନତାକୁ ସେ ମୁଖ୍ୟତଃ ଦୋଷ ଦେଇଥିଲେ । ସରକାରଙ୍କ ମତଥିଲା ଲୋକମରିବା ପରେ କମିଶନ ବସାଇବା ମଲା ଘୋଡାର ଟାଂକ ଗଣିବା ସହିତ ସମାନ ।

ଗୋପବନ୍ଧୁ ହୃଦୟର ସହିତ ପ୍ରତ୍ୟେକ ଓଡ଼ିଆଙ୍କୁ ଆପଣାର ମଣୁଥିଲେ । ତେଣୁ ଶରୀରର ଅସୁସ୍ଥତାକୁ ଭ୍ରୂକ୍ଷେପ ନକରି ସେ ନିଜର ସେବା କର୍ମରେ ବ୍ୟାପୃତ ରହିଥିଲେ । ତାଙ୍କର ଏତାଦୃଶ କର୍ମ ତାଙ୍କର ସହକର୍ମୀ ତଥା ଅନୁରାଗୀମାନଙ୍କୁ ମଧ ପ୍ରଭାବିତ କରିଥିଲା ।

ଆଧୁନିକ ମନୋଭାବ ଓ ଯୁକ୍ତିଶୀଳତା ଥିଲା ଗୋପବନ୍ଧୁଙ୍କ ଚରିତ୍ରର ଦୃଢ଼ତା । ସେ ପରୀକ୍ଷା ନ କରି କୌଣସି କଥା ଗ୍ରହଣ କରୁ ନ ଥିଲେ । ଥରେ ଯାହା ଗ୍ରହଣ କରୁଥିଲେ ସମଗ୍ର ଜୀବନ ତହିଁରେ ତିଷ୍ଠି ରହିବାର ସାଧନା କରୁଥିଲେ, ପ୍ରତ୍ୟୁତ୍ପନ୍ନ ମତିତା ତାଙ୍କର ଚାରିତ୍ରିକ ଦୃଢ଼ତାକୁ ଆହୁରି କମନୀୟ କରିଥିଲା । ସେ ବିଟ୍ରିଶ ସାହେବଙ୍କୁ ସ୍କୁଲ ସଂପର୍କରେ କିଛି ତଥ୍ୟ ପ୍ରଦାନ କରିବା ହେଉ ବା ସ୍କୁଲପାଇଁ ସରକାରୀ ଗ୍ରାଣ୍ଟ ଦେବା ବିପକ୍ଷରେ ହେଉ । ଏହି ବ୍ୟକ୍ତିତ୍ୱ ମଧ୍ୟରେ ପରିହାସ ପ୍ରିୟତା ମଧ ରହିଥିଲା । ଘସି ଓ ଛେନା ପ୍ରସଙ୍ଗରେ ଆମେ ଏହାର ଉଦାହରଣ ପାଇଥାଉ । ଧର୍ମପ୍ରତି ତାଙ୍କର ଦୃଷ୍ଟିକୋଣ ଥିଲା ଅତ୍ୟନ୍ତ ଉଦାର । ଭାରତୀୟ ଜାତୀୟ ଆନ୍ଦୋଳନରେ ଓଡ଼ିଶାର ଯୋଗଦାନ ପାଇଁ ସେ ନିରନ୍ତର ପ୍ରଚେଷ୍ଟା କରିଥିଲେ । ସେ ଥିଲେ ସୁବକ୍ତା । ଶ୍ରୋତାମାତ୍ରେ ତାଙ୍କ ଭାଷଣ ଶୁଣି ପ୍ରଭାବିତ ତଥା ମନ୍ତ୍ରମୁଗ୍ଧ ହୋଇ ଯାଉଥିଲେ ।

ଏହି ପ୍ରଣମ୍ୟ ପୁରୁଷଙ୍କୁ ଓଡ଼ିଆ ଜାତି ଢ଼େର ଅପମାନିତ କରିଥିଲା । ତାଙ୍କ ନାମରେ ବହୁ ମିଥ୍ୟା ଆରୋପ ମଧ୍ୟ ଆସିଥିଲା । ମାତ୍ର ସେ ଅଟଳ ରହିଥିଲେ । ଶେଷ ପର୍ଯ୍ୟନ୍ତ ଅଶ୍ରୁଢ଼ାଳି ସେ ଉତ୍କଳର ସର୍ବାଙ୍ଗୀନ ମଙ୍ଗଳ କାମନା କରୁଥିଲେ । ୧୭/୬/୧୯୨୮ରେ ମାତ୍ର ୫୧ ବର୍ଷ ବୟସରେ ତାଙ୍କର ଜୀବନ ଦୀପ ନିର୍ବାପିତ ହୋଇଗଲା ।

'ସମାଜ' ଏକ କ୍ରାନ୍ତି ! ଏକ ଚେତନା ପର୍ଯ୍ୟନ୍ତ ଆମର ପାଠ୍ୟକ୍ରମର ଅନ୍ତର୍ଭୂକ୍ତ ଥିବାରୁ ଏ ଆଲୋଚନାକୁ ଏଠାରୁ ସ୍ଥଗିତ ରଖାଯାଉଛି । ଉତ୍କଳମଣି ଯେ ଯଥାର୍ଥରେ ଓଡ଼ିଶାର ପ୍ରାଣପୁରୁଷ ଏହା ଓଡ଼ିଆମାତ୍ରେ ହୃଦୟଙ୍ଗମ କରି ପାରିଲେ ହିଁ ତାଙ୍କ ଜୀବନୀ 'ହେ ସାଥି ! ହେ ସାରଥି', ରଚନାର ଉଦ୍ଦେଶ୍ୟ ସଫଳ ହୋଇ ପାରିବ ।

**ଦୀର୍ଘ ପ୍ରଶ୍ନୋତ୍ତର**

୧. ଗୋପବନ୍ଧୁଙ୍କର ବାଲ୍ୟ ଜୀବନ ସଂପର୍କରେ ବିଶେଷ ଆଲୋଚନା କର ।

୨. ତାଙ୍କର ବିବାହ ଓ ପରିବାର ସଂପର୍କରେ ବ୍ୟାପକ ବିଚାର କର ।

୩. କେଉଁ ପରିସ୍ଥିତିରେ ସେ ବାରିପଦାରେ ଓକିଲାତି କଲେ ଓ ସେଠାରେ ତାଙ୍କର କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କର ।

୪. ସତ୍ୟବାଦୀ ସ୍କୁଲର ବୈଶିଷ୍ଟ୍ୟ ସଂପର୍କରେ ବିଚାର ଆଲୋଚନା କର ।

୫. ସତ୍ୟବାଦୀର ପଞ୍ଚସଖା କିଏ ଓ ଏମାନେ କିଭଳି ପରସ୍ପର ସହିତ ସଂପୃକ୍ତ ହୋଇଥିଲେ।

୬. ଧର୍ମ ଓ ଈଶ୍ୱର ବିଶ୍ୱାସ ସହିତ ସେ କିଭଳି ରାଜନୀତିର ସଂଯୋଗ କରିଥିଲେ ।

୭. ଶିକ୍ଷକ ଭାବରେ ଗୋପବନ୍ଧୁଙ୍କର ଅବଦାନ ଉଲ୍ଲେଖ କର ।

୮. ତାଙ୍କର ଜୀବନ ଓ ଜଗତପ୍ରତି ଦୃଷ୍ଟି କୋଣ କିଭଳି ଥିଲା ପଠିତାଂଶ ଅବଲମ୍ବନରେ ଆଲୋଚନା କର ।

୯. ସମାଜକୁ ଏକ କ୍ରାନ୍ତି ଏକ ଚେତନା ବୋଲି କହିବାର ଅର୍ଥ କ'ଣ ?

୧୦. ବନ୍ୟା ବାତ୍ୟା ପ୍ରପୀଡିତ ଓଡ଼ିଆ ମାନଙ୍କ ପାଇଁ ଗୋପବନ୍ଧୁଙ୍କ ଅବଦାନ କ'ଣ ଥିଲା ?

୧୧. ଶିକ୍ଷା ସଂପର୍କରେ ତାଙ୍କର ଦୃଷ୍ଟିକୋଣ କିଭଳି ସ୍ୱତନ୍ତ୍ର ଥିଲା ବିଚାର କର ।

## ସଂକ୍ଷିପ୍ତ ପ୍ରଶ୍ନୋତ୍ତର

୧. ଗୋପବନ୍ଧୁଙ୍କର ଜନ୍ମ, ପରିବାର ଓ ଭାଇଭଉଣୀଙ୍କ ବିଷୟରେ ଲେଖ ।

୨. କାହିଁକି ସେ ଶୀଘ୍ର ବିବାହ କଲେ ?

୩. କାହିଁକି କେଉଁ ପରିସ୍ଥିତିରେ ସେ କଲିକତା ଗଲେ ?

୪. କଲିକତାର ରହଣି କିଭଳି ତାଙ୍କ ବ୍ୟକ୍ତିତ୍ୱକୁ ପ୍ରଭାବିତ କରିଥିଲା ?

୫. ତାଙ୍କୁ ସବୁଠାରୁ ବେଶି ପ୍ରଭାବିତ କରିଥିବା ବ୍ୟକ୍ତି କିଏ ଓ ତାଙ୍କର ବୈଶିଷ୍ଟ୍ୟ କ'ଣ ?

୬. ବ୍ରାହ୍ମଣ ସମିତି ଓ ୟଙ୍ଗ ଉତ୍କଳ ଆସୋସିଏସନ ସଂପର୍କରେ ସଂକ୍ଷିପ୍ତ ଉତ୍ତର ଲେଖ ?

୭. ମଧୁସୂଦନ ଦାସଙ୍କ ସହିତ ସେ କିଭଳି ସଂପୃକ୍ତ ହେଲେ ?

୮. ଉତ୍କଳ ସମ୍ମିଳନୀ ଓ ଭାରତୀୟ ଜାତୀୟ କଂଗ୍ରେସର ସଂପୃକ୍ତ ବିଷୟରେ ଲେଖ ?

୯. ବାରିପଦାରେ ଓକିଲାତି ସମୟର ଗୁରୁତ୍ୱପୂର୍ଣ୍ଣ ଘଟଣା କ'ଣ ଥିଲା ?

୧୦. କେଉଁ ପରିସ୍ଥିତିରେ ସେ ବାରିପଦା ଛାଡ଼ିଲେ ?

୧୧. 'ସତ୍ୟବାଦୀ' ପତ୍ରିକା କେବେ ଓ କେଉଁ ଆଦର୍ଶ ନେଇ ପ୍ରକାଶିତ ହୋଇଥିଲା ?

୧୨. ରାଦାନାଥ ଓ ଫକୀର ମୋହନଙ୍କ ସହିତ ତାଙ୍କ ସଂପର୍କ ବିଷୟରେ ଲେଖ ?

୧୩. ବିହାର ଓଡ଼ିଶା ବିଧାନ ସଭାରେ ସେ କ'ଣ କରିଥିଲେ ?

୧୪. ଲାଟ୍‌ଙ୍କୁ ସେ ଡଭାରରେ କ'ଣ ଦେଖାଇଥିଲେ ?

୧୫. ଭାଗବତ ତାଙ୍କୁ କିଭଳି ପ୍ରଭାବିତ କରିଥିଲା ?

୧୬. ଠକ୍‌କର ବାପା କେଉଁ ପରିସ୍ଥିତିରେ ଓଡ଼ିଶା ଆସିଥିଲେ ?

୧୭. ଠକ୍‌କର ବାପା ଓଡ଼ିଶାର ସ୍ଥିତି ଅନୁଧ୍ୟାନ କରି କି ରିପୋର୍ଟ ଦେଇଥିଲେ ?

୧୮. କେଉଁଭଳି ସେ ନିଜର ଜ୍ୟେଷ୍ଠାକନ୍ୟା ପାଇଁ ଜାମାତା ନିର୍ବାଚନ କରିଥିଲେ ?

୧୯. ତାଙ୍କର ଜ୍ୟେଷ୍ଠ ଜାମାତା କିଏ ଓ ସେ ଗୋପବନ୍ଧୁଙ୍କ ପ୍ରଶ୍ନର କି ଉତ୍ତର ଦେଇଥିଲେ ?

୨୦. ଅପନ୍ନ ପରିଚ୍ଛାଙ୍କୁ ସେ କେଉଁ ପରିସ୍ଥିତିରେ କେଉଁଠାରୁ ସତ୍ୟବାଦୀ ଆଣିଥିଲେ ?

୨୧. କେଉଁ ପରିସ୍ଥିତିରେ ତାଙ୍କର ପ୍ରଥମା ପତ୍ନୀଙ୍କର ବିୟୋଗ ହୋଇଥିଲା ?

୨୨. ଦ୍ୱିତୀୟ ବିବାହ ପାଇଁ ବନ୍ଧୁମାନେ କେଉଁ ଉପାୟରେ ତାଙ୍କୁ ପ୍ରବର୍ତ୍ତାଇଥିଲେ ?

୨୩. ମଧୁରାଓଙ୍କ 'ବୁଦ୍ଧ ଦେବ' ପ୍ରବନ୍ଧ ପଢ଼ି ସନ୍ୟାସ ଦେବାକୁ ସ୍ଥିର କରିଥିବା ଛାତ୍ରମାନଙ୍କୁ ସେ କିଭଳି ବୁଝାଇଥିଲେ ?

୨୪. ବେନୁମାଧବ ଆଚାରୀଙ୍କ ଉପରେ ପିଲାମାନେ କାହିଁକି ବିରକ୍ତ ହୋଇଥିଲେ ।

୨୫. ନୀଳକଣ୍ଠ କାହିଁକି ସତ୍ୟବାଦୀ ସ୍କୁଲକୁ 'ଗବମର୍ଣ୍ଟି' ଆଖ୍ୟା ଦେଇଥିଲେ ?

୨୬. କେଉଁ ପରିସ୍ଥିତିରେ ହରିହର ଦାସଙ୍କୁ ଆଚାର୍ଯ୍ୟ ଉପାଧି ଦିଆଯାଇଥିଲା ?

୨୭. ସତ୍ୟବାଦୀ ସ୍କୁଲର ଚାଳଘର ପୋଡ଼ି ଯିବାପରେ ଗୋପବନ୍ଧୁ କ'ଣ କହିଥିଲେ ?

୨୮. ସାନ ଝିଅ କେତକୀ କାହାକୁ ବିବାହ କରିଥିଲେ ?

୨୯. ଗୋପବନ୍ଧୁ ନୀଳଗିରିରେ ଶିକ୍ଷକତା କରୁଥିବା ସମୟର ଅନୁଭୂତି ସଂକ୍ଷେପରେ ଲେଖ ?

୩୦. 'କର୍ତ୍ତବ୍ୟବୋଧିନୀ ସମିତି' କାହିଁକି ଗଠିତ ହୋଇଥିଲା ?

୩୧. ଓଡ଼ିଶା କେଉଁ ପ୍ରଦେଶ ସହିତ ମିଶି ରହିବ ଉଚିତ ବୋଲି ଗୋପବନ୍ଧୁଙ୍କର ମତ ଥିଲା ?

୩୨. କ'ଣ ପାଇଁ ଗୋପବନ୍ଧୁ କଟକର ଉତ୍କଳ ସମ୍ମିଳନୀକୁ ଗଲେ ନାହିଁ ?

୩୩. ନିଜର ପ୍ରତିବାଦ ସେ କିଭଳି ଉତ୍କଳ ଗୌରବ ମଧୁସୂଦନଙ୍କୁ ଜଣାଇଥିଲେ ?

୩୪. କାଙ୍କଣଗରୁ ସଂପର୍କୀୟ କବିତାର ବକ୍ତବ୍ୟ କ'ଣ ଥିଲା ?

୩୫. ବି.ଏ. ଫେଲ ହୋଇ ପୁନର୍ବାର ପରୀକ୍ଷା ଦେବା ପର୍ଯ୍ୟନ୍ତ ସେ କାହାର ଗୃହ ଶିକ୍ଷକ ଥିଲେ ?

୩୬. ଉତ୍କଳ ସମ୍ମିଳନୀ କେବେ ଆରମ୍ଭ ହୋଇଥିଲା ? ସେତେବେଳକୁ ଗୋପବନ୍ଧୁ କ'ଣ କରୁଥିଲେ ?

୩୭. କ'ଣ ପାଇଁ କିଏ ତାଙ୍କର ସ୍କଲାରସିପ୍ କାଟି ଦେଇଥିଲେ ?

୩୮. କାହା ସହିତ ଗୋପାବନ୍ଧୁଙ୍କର ସଖ୍ୟକୁ 'ବାର୍ଦ୍ଧକ୍ୟ ଓ ତରୁଣ୍ୟର ମିଳନ' ବୋଲି କୁହାଯାଇଛି ?

୩୯. ଗୁଣ୍ଡିଚାବେଳେ ପୁରୀରେ କିଭଳି ସ୍ୱେଚ୍ଛାସେବୀମାନେ କାର୍ଯ୍ୟ କରୁଥିଲେ ?

୪୦. ପୁରୀରେ ଗୋପବନ୍ଧୁ ଯେଉଁ ଆଲୋଚନା ଚକ୍ର ଗଢ଼ିଥିଲେ ତାରନାମ କ'ଣ ?

–୦–

# ଏମ୍.ଏ. ଓଡ଼ିଆ ପାଠ୍ୟକ୍ରମ

## ସପ୍ତମ ପତ୍ର

## ତୃତୀୟ ୟୁନିଟ୍

## ଗାନ୍ଧି ମଣିଷ

**ସଂଘମିତ୍ରା ମିଶ୍ର**

ଏକାଙ୍କୀ ଜାତିର ପିତା । ତାଙ୍କ ବିଷୟରେ ସମଗ୍ର ଭାରତୀୟ ସାହିତ୍ୟରେ ଅନେକ କିଛି ଲେଖାଯାଇଛି ଓ ଯାଉଛି । ବିଂଶ ଶତାବ୍ଦୀର ଝସେ ହେଉଛନ୍ତି ସର୍ବାଧିକ ଲୋକପ୍ରିୟ ବ୍ୟକ୍ତି । ରାଜନୀତି, ଅର୍ଥନୀତି, ସମାଜ ବ୍ୟବସ୍ଥା, ପାରିବାରିକ ଜୀବନ, ଆଧ୍ୟାତ୍ମିକ ଜୀବନ ତଥା ନିଜ ଜୀବନରେ ସତ୍ୟକୁ ପରୀକ୍ଷା କରି ପ୍ରତିନିଧିରୁ ପ୍ରତୀକ ପାଲଟିଥିବା ଏହି ମଣିଷଟି ସାଧାରଣ ହୋଇ ମଧ୍ୟ ଅସାଧାରଣ । ତାଙ୍କର ବୈଶିଷ୍ଟ୍ୟ ତାଙ୍କ ଚାଲିଚଳଣ, କଥାବାର୍ତ୍ତା, ଖାଦ୍ୟ ଅଭ୍ୟାସ ସର୍ବୋପରି ତାଙ୍କର ଜୀବନ-ଦୃଷ୍ଟି । ଏହି ମୋହନ ଦାସ କରମଚାନ୍ଦ ଗାନ୍ଧିଙ୍କୁ ନେଇ ଭାରତ ପରଂପରାରେ କଥା ସାହିତ୍ୟ, ପ୍ରବନ୍ଧ, ନାଟକ ସହିତ ଅଗଣିତ କବିତା ସୃଷ୍ଟି ହୋଇଛି । ଏପରି କି ଭାରତୀୟମାନେ ଗାନ୍ଧିଙ୍କୁ ଜାଣିବା ପୂର୍ବରୁ ବିଦେଶରେ ସେ ଆଦୃତ ହୋଇଛନ୍ତି । ଦକ୍ଷିଣ ଆଫ୍ରିକାରେ ଥିବା ସମୟରେ ତାଙ୍କର ଜୀବନୀ ରଚନା କରିଛନ୍ତି ଡୋକ୍ ନାମକ ଭଦ୍ରବ୍ୟକ୍ତି । ଓଡ଼ିଶାରେ ମଧ୍ୟ ଗାନ୍ଧିଜୀଙ୍କୁ ନେଇ ଭାବପ୍ରବଣତାର ଅନ୍ତ ନାହିଁ । ବିଶ୍ୱସାହିତ୍ୟର ଲିଓ ଟଲଷ୍ଟୟ, ରୋମାରୋଲାଁ, ଲୁଇଫିସର, ଡୋକ, ହେନେରୀ ପୋଇକ୍ ପ୍ରଭୃତି ଗାନ୍ଧିଙ୍କ ଅସାଧାରଣ ଜୀବନ ଗାଥା ନିଜ ନିଜ ଦୃଷ୍ଟି କୋଣରୁ ବ୍ୟାଖ୍ୟା କରିଛନ୍ତି । 'ଗାନ୍ଧି ଚଳଚିତ୍ରର ନିର୍ମାଣ ରିଚାର୍ଡ ଆଟେନ୍‌ବରୋ ଓ ଗାନ୍ଧି ଭୂମିକାରେ ଅଭିନୟ କରୁଥିବା ଅଭିନେତା ବେନ୍ କିନ୍‌ସଲେ ଆମର ସ୍ୱତନ୍ତ୍ର ଶ୍ରଦ୍ଧା ତଥା ସମ୍ମାନର ପାତ୍ର । ବେନ୍ କିନ୍‌ସଲେ ଗାନ୍ଧି ଭୂମିକା ଗ୍ରହଣ କରିବା ପୂର୍ବରୁ ଗାନ୍ଧି ଭାବରେ ଆବିଷ୍ଟ ହୋଇ ରହିଥିଲେ ଓ ତାଙ୍କର ଅନ୍ତିମ ସମୟ ପର୍ଯ୍ୟନ୍ତ ନିରାମିଷ ଭୋଜନ କରୁଥିଲେ ଏବଂ ଅହିଂସା ଓ ବିଶ୍ୱପ୍ରେମରେ ଉଦ୍‌ବୁଦ୍ଧ ଥିଲେ ।

ବିନୋଇ ଭାବେ, କାକା କାଲେକର, ମହାଦେବ ଦେଶାଇ ଓ ଆଚାର୍ଯ୍ୟ କୃପାଳିନୀଙ୍କ ଭଳି ବିଶିଷ୍ଟ ଜନନାୟକଗଣ ଗାନ୍ଧିଙ୍କ ଜୀବନୀ ରଚନାକରିଛନ୍ତି । ଓଡ଼ିଶାରେ ଗାନ୍ଧି ଶତବାର୍ଷିକୀ (୧୯୬୯) ବର୍ଷ ଗାନ୍ଧି ସ୍ମାରକନିଧି ଆନୁକୂଲ୍ୟରେ ଗାନ୍ଧି ରଚନାବଳୀ ଅନୁଦିତ ହୋଇଛି ଯାହାର ମୁଖ୍ୟ ସଂପାଦନା କରିଛନ୍ତି ବିଶିଷ୍ଟ ଶିକ୍ଷାବିତ୍ ଡ଼ ପ୍ରଫେସର ଶାତ୍ରୁଘ୍ନନାଥ ମହାଶୟ । ଏପରି କି ଗାନ୍ଧି ସ୍ମାରକନିଧି ଆନୁକୂଲ୍ୟରେ ଆଶ୍ରମ ଭଜନାବଳୀ, ପିଲାଙ୍କପ୍ରତି ଗାନ୍ଧିଜୀ, ତରୁଣୀ କନ୍ୟାଙ୍କ ପ୍ରତି ଗାନ୍ଧିଜୀ, ଯୁବସମାଜ ପ୍ରତି ଗାନ୍ଧିଜୀ ଭଳି କ୍ଷୁଦ୍ର ପୁସ୍ତିକା ମାନ ପ୍ରସ୍ତୁତ ହୋଇ ଓଡ଼ିଶାର ଗାଁ ଗହଳିରେ ସେହି ସମୟରେ ବିତରିତ ହେଉଥିଲା । ଓଡ଼ିଶାରେ କ୍ଷମାଶୀଳ ନାୟକଙ୍କ ଗାନ୍ଧିପୁରାଣ, ଲାଲମୋହନ ପଟ୍ଟନାୟକଙ୍କର ଗାନ୍ଧିଚମ୍ପୂ, ମାୟାଧର ମାନସିଂହଙ୍କର ବାପୁତର୍ଗଣ (କବିତା), ଜାତୀୟ କବି ବୀରକିଶୋରଙ୍କର ଗାନ୍ଧିଙ୍କ ବିଲାତ ଯାତ୍ରା ଓ ମୋହନ ବଂଶୀ (କବିତା), ସୁରେନ୍ଦ୍ର ମହାନ୍ତିଙ୍କର ବାପୁ (ନାଟକ) ରାଧାମୋହନ ଗଡ଼ନାୟକଙ୍କର ବାପୁଜୀ, ପାବକ କାନୁନ୍‌ଗୋଙ୍କର ଗାନ୍ଧି ଓ ଓଡ଼ିଶା, ଅନନ୍ତ ପଟ୍ଟନାୟକଙ୍କର ତର୍ପଣ କରେ ଆଜି (କବିତା) ଚିତ୍ତରଂଜନ ଦାସଙ୍କର ଗାନ୍ଧି ଓ ଗୋପବନ୍ଧୁ, ଗୋପଳ ଚନ୍ଦ୍ର ମିଶ୍ରଙ୍କର ଗାନ୍ଧି ଓ ଟଲଷ୍ଟଲ, ଭାବଗ୍ରାହୀ ମିଶ୍ର (ଆଚାର୍ଯ୍ୟ ଭବାନନ୍ଦ)ଙ୍କର ଗାନ୍ଧି ବିଚାର, ଦେଶ ବିଦେଶରେ ଗାନ୍ଧି, ବିଭୁତି ପଟ୍ଟନାୟକଙ୍କର ମଣିଷ ଭିତରେ ମହାତ୍ମା, ଦାଶ ବେନ୍‌ହୁଇଙ୍କର ଗାନ୍ଧଇ କାହାଣୀ ପ୍ରଭୃତି ଆମକୁ ଆକୃଷ୍ଟ

କରିଥାଆନ୍ତି । ଏପରିକି ଚାରଣ  କବି ବାଞ୍ଛାନିଧି ମହାନ୍ତିଙ୍କ ରଚନାରେ  ଗାନ୍ଧି ବ୍ୟକ୍ତିତ୍ୱର ଆକଳନ ବେଶ୍ ଆକର୍ଷଣୀୟ । ଏମାନଙ୍କ ସହିତ ହରେକୃଷ୍ଣ ମହତାବ, ବିନୋଦ କାନୁନ୍‌ଗୋ, ଗୋଦାବରୀଶ ମିଶ୍ର, ଶରତ ମହାରଣା, ଗୋପବଂଧୁ ଚୌଧୁରୀ ଓ ରମାଦେବୀ ଚୌଧୁରୀ ପ୍ରଭୃତି ନିଜ ନିଜ ଆତ୍ମଜୀବନୀରେ  ଗାନ୍ଧିଙ୍କ ସଂପର୍କରେ ଆସିଥିବାର କଥା କହିଛନ୍ତି । ବାଲେଶ୍ୱରର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ରବୀନ୍ଦ୍ରମୋହନ ଦାସଙ୍କ ପତ୍ନୀ ଗୋଦାବରୀ ଦେବୀ ବାଲେଶ୍ୱର ଗସ୍ତରେ ଥିବାବେଳେ ଗାନ୍ଧିଙ୍କୁ ଓଡ଼ିଆରେ ଦସ୍ତଖତ କରିବା ଶିଖାଇଥିଲେ । ଆମର ଆଲୋଚ୍ୟ ପୁସ୍ତକ ଗାନ୍ଧି ମଣିଷର ଲେଖକ ହେଉଛନ୍ତି  ବିଶିଷ୍ଟ ପ୍ରାବନ୍ଧିକ ଢ ଶରତକୁମାର ମହାନ୍ତି । ତାଙ୍କର ଗାନ୍ଧିଙ୍କୁ ନେଇ ଅନ୍ୟ ଏକ ପୁସ୍ତକ ପ୍ରକାଶିତ  ଯାହାରନାମ ‘ଗାନ୍ଧି ପରିବାର’ । ଶରତ କୁମାର ମହାନ୍ତିଙ୍କ  ମତରେ ଯେଉଁମାନେ ଗାନ୍ଧିଙ୍କୁ  ବେଶି ଜାଣିଛନ୍ତି ଏ ପୁସ୍ତକ ସେମାନଙ୍କ ପାଇଁ ନୁହେଁ ବା ଯିଏ ଜମାଜାଣି ନାହାଁନ୍ତି ତାଙ୍କ ପାଇଁ ମଧ୍ୟ  ଉଦ୍ଦିଷ୍ଟ ନୁହେଁ । ଯେଉଁମାନେ ଗାନ୍ଧିଙ୍କୁ ଜାଣନ୍ତି ଓ ଅଧିକ ଜାଣିବାକୁ ଆଗ୍ରହ ରଖିଛନ୍ତି ‘ଗାନ୍ଧି ମଣିଷ’ ସେମାନଙ୍କ ପାଇଁ ଉର୍ଦ୍ଦିଷ୍ଟ ।

ଏଠାରେ ଉଲ୍ଲେଖ କରାଯିବା ଦରକାର ଯେ ମାୟାଧର ମାନସିଂହ ତାଙ୍କୁ –

“ବ୍ରାହ୍ମଣ ତୁମେ ଭଗବୀତ ତବ ଅୟୁତ ପ୍ରାଣ ଗହନ ବ୍ୟଥା
ପୁରୁଷୋତ୍ତମ ଜୀବନ ତୁମର ବିରାଟଜାତିର ମରମ କଥା ।” ବୋଲି କହିଛନ୍ତି ।

ଗଡ଼ନାୟକଙ୍କ ଭାଷାରେ –

“କୃଷ୍ଣ ଆମର ବୁଦ୍ଧ ଆମର ଖ୍ରୀଷ୍ଟ ଆମର ବାପୁଜୀ  ତୁମେ
ମୃତ୍ୟୁ ବିଜୟୀ ଜୀବନ ତୁମର ଆଦର ଅମର ମର୍ତ୍ତ୍ୟ ଭୂମେ ।”

କିଏ ତାଙ୍କୁ ବ୍ରାହ୍ମଣ ବା  ପୁରୁଷୋତ୍ତମ କହିବା ବେଳେ ଆଉ କିଏ କୃଷ୍ଣ ବୁଦ୍ଧ ଓ ଯୀଶୁ ବୋଲି କହି ତାଙ୍କ ତ୍ୟାଗ ଓ ଆତ୍ମବଳୀଦାନକୁ ମହନୀୟ କରିବାର ପ୍ରଚେଷ୍ଟା କରିଛନ୍ତି । ‘ଗାନ୍ଧିମଣିଷ’ ଏହି ଦୃଷ୍ଟିରୁ ଏକ ବ୍ୟତିକ୍ରମ, ଶରତ କୁମାର ମହାନ୍ତି ନିଜ ପୁସ୍ତକର ନାମ ରଖିଛନ୍ତି ‘ଗାନ୍ଧି ମଣିଷ’ । ଅର୍ଥାତ୍ ଗାନ୍ଧି ଈଶ୍ୱର ବା ମହାପୁରୁଷ ନୁହନ୍ତି । ସେ ଭଲ ମନ୍ଦର ତିଳତଣ୍ଡୁଳିତ ଏକ ମଣିଷମାତ୍ର ଯିଏ ନିଜ ଭୁଲରୁ ଶିଖିଛି ଓ ନିଜର ସାମର୍ଥ୍ୟକୁ ବିତରଣ କରିଦେଇଛି ଦେଶବାସୀଙ୍କୁ । ଭୁଲ ତ୍ରୁଟି ସହିତ ଆମେ ତାଙ୍କୁ ସ୍ୱୀକାରମଧ କରିଛେ । ଅନ୍ୟ ମହାପୁରୁଷଙ୍କ ଭଳି ନିଜକୁ ସେ କେବେ ସ୍ୱୟଂସଂପୂର୍ଣ୍ଣ କହିନାହାଁନ୍ତି । ଏହି ଅପୂର୍ଣ୍ଣତା ହିଁ ତାଙ୍କର ଗାନ୍ଧିପଣିଆ ଯେଉଁଥିପାଇଁ ଏକବିଂଶ ଶତାବ୍ଦୀରେ ମଧ ଗାନ୍ଧି ପ୍ରାସଂଗିକ ।

**ଲେଖକ ପରିଚୟ –**

ପ୍ରାବନ୍ଧିକ ଶରତ କୁମାର ମହାନ୍ତି ୧୯୩୮ ଜାନୁୟାରୀ ମାସ ୨୬ ତାରିଖରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ବୀରବର ମହାନ୍ତି ଓ ମାତାଙ୍କ ନାମ ଆଦରମଣି ମହାନ୍ତି । ବିରୂପା କୂଳର ଜରିଗଡ଼ାରେ ଜନ୍ମ ଏହି ମହାନ୍ ପ୍ରତିଭା ୧୯୫୩ରେ ରେଭେନ୍‌ସା କଲିଜିଏଟ୍ ସ୍କୁଲରୁ ମ୍ୟାଟ୍ରିକ୍ ପାସ୍ କରନ୍ତି । ୧୯୫୯ରେ ସେ ରେଭେନ୍‌ସା କଲେଜରୁ ଗଣିତରେ ସ୍ନାତକୋତ୍ତର ଶିକ୍ଷା ସମାପ୍ତ କରନ୍ତି । ୧୯୫୯ରେ  ତାଙ୍କର ଅଧ୍ୟାପକ ଜୀବନ ଆରମ୍ଭ ହୁଏ । ୧୯୬୪ରେ ସେ ଆରତୀ ମହାନ୍ତିଙ୍କୁ ବିବାହ କରନ୍ତି । ୧୯୫୯ରୁ ୧୯୯୬ ପର୍ଯ୍ୟନ୍ତ ପାରଳାଖେମୁଣ୍ଡି, ମହାରାଜା ପୂର୍ଣ୍ଣଚନ୍ଦ୍ର କଲେଜ ବାରିପଦା, ରେଭେନ୍‌ସା ବି.ଜେ.ବି. କଲେଜ ଓ ଖଲ୍ଲିକୋଟ କଲେଜରେ ଗଣିତ ଅଧ୍ୟାପକ ଭାବରେ କାର୍ଯ୍ୟ କରିଛନ୍ତି । Post UNICEF Assisted Science Education Project ଆନ୍ତର୍ଜାତିୟ ସଂସ୍ଥାର State  Institute of Educationରେ ସେ ବିଜ୍ଞାନ ଅଧ୍ୟାପକ ଭାବରେ କାର୍ଯ୍ୟ କରିଛନ୍ତି ଓ ଶିକ୍ଷା ବିଭାଗର ଡେପୁଟି ସେକ୍ରେଟାରୀ  ପଦ ମଧ୍ୟ ମଣ୍ଡନ କରିଛନ୍ତି । Private college Affairsର D.D.P.I. +2 Boardର Vice President, ପରେ

ଭଦ୍ରକ କଲେଜର Grade 1 ପ୍ରିନ୍ସପାଲ ଓ ୧୯୯୬ରେ Staff Selection Boardର Member Secretary ଭାବେ ଅବସର ଗ୍ରହଣକରିଥିଲେ ।

ଦୀର୍ଘ ୨ ବର୍ଷ ଗାନ୍ଧି ମଣିରେ ଗୋଟିଏ ଗୋଟିଏ ଅଂଶ ପ୍ରଜାତନ୍ତ୍ରରେ ଧାରାବାହିକ ଭାବରେ ପ୍ରକାଶିତ ହୋଇଥିଲା । ପରେ ୫ ବର୍ଷ ସମୟ ନେଇ ସେହି ଅଧ୍ୟାୟ ଗୁଡ଼ିକ ପରିବର୍ତ୍ତିତ ତଥା ପରିବର୍ଦ୍ଧିତ ହୋଇ 'ଗାନ୍ଧି ମରିଷ'ର ରୂପ ପରିଗ୍ରହ କରିଛି । ଶରତ ମହାନ୍ତିଙ୍କର ଏକମାତ୍ର କନ୍ୟା ମଧୁମିତା ମହାନ୍ତି ବର୍ତ୍ତମାନ ତାଙ୍କର ପୁସ୍ତକ ପ୍ରକାଶନ ସଂସ୍ଥା ସହିତ ଜଡ଼ିତ । ଶରତ କୁମାର ମହାନ୍ତିଙ୍କ ସଂପର୍କରେ ଅନେକ କଥା କୁହା ଯାଇପାରେ । ସେ ନିରବରେ ସଭାସମିତିରେ ନିଜର ଉପସ୍ଥିତି ଜାହିର କରନ୍ତି । କିନ୍ତୁ ସେ ନିଜ ଆଚରଣ ଓ ଉଚ୍ଚାରଣରେ ବେଶ୍ ଦୃଢ଼ । ଯେଉଁଥି ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ଓ ସାରଳା ପୁରସ୍କାର ଭଳି ମର୍ଯ୍ୟାଦାଜନକ ପୁରସ୍କାରକୁ ପ୍ରତ୍ୟାଖ୍ୟାନ କରି ନିଜ ପାଇଁ ଏକ ସ୍ୱତନ୍ତ୍ର ପରିଚିତ ସୃଷ୍ଟି କରିଛନ୍ତି । ଗାନ୍ଧି ମଣିଷ ୨୦୦୦ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରି ଓଡ଼ିଆ ଜୀବନୀ ସାହିତ୍ୟ ଧାରାରେ ଏକ ମୂଲ୍ୟବାନ୍ ସଂଯୋଜନ ପାଲଟି ଯାଇଛି । ଗାନ୍ଧିଜୀଙ୍କର ଛୋଟବଡ଼ ଅନେକ ଜୀବନୀ ସହଜଲବ୍ଧ ହୋଇଥିଲେ ହେଁ ଗାନ୍ଧି ମଣିଷର ମର୍ଯ୍ୟାଦା ସ୍ୱତନ୍ତ୍ର ।

**ଶରତ କୁମାର ମହାନ୍ତିଙ୍କର ସୃଷ୍ଟି ସମ୍ଭାର**

ସାଧାରଣତଃ ଲେଖକଟିଏ କବିତାରୁ ନିଜର ସ୍ରଷ୍ଟା ଜୀବନ ଆରମ୍ଭ କରିଥାଏ । ଶରତ କୁମାର ମହାନ୍ତି ଏ ଦୃଷ୍ଟିରୁ ଏକ ବିରଳ ବ୍ୟତିକ୍ରମ । ତାଙ୍କର ଆଦ୍ୟ ରଚନା ବିଜ୍ଞାନଦୃଷ୍ଟି ୧୯୬୧ରେ ରଚିତ । ଜାଁ ପଲ ସାର୍ତ୍ରେ (୧୯୭୩), ସକ୍ରେଟିସ୍ ଓ ପ୍ଲାଟୋ (୧୯୭୭), ଅସ୍ତିତ୍ୱବାଦର ମର୍ମକଥା (..), ଛତ୍ରପତି ବିବେକାନନ୍ଦ (୧୯୮୨), ସଂସ୍କୃତି ଅପସଂସ୍କୃତି (୧୯୮୪), ବୋଦାଙ୍କ ଦାଦାଗିରି ଓ ଅନ୍ୟାନ୍ୟ ପ୍ରବନ୍ଧ (୧୯୯୨) ଏଣୁ ତେଣୁ କିଛି (୧୯୯୨) ବିବର୍ତ୍ତନଶୀଳ ମଣିଷର ସଂଗ୍ରାମ (୧୯୯୫), କ୍ୟାରିୟରିଷ୍ଟଙ୍କ ସାହିତ୍ୟ ଚାଷ ପ୍ରସଂଗ (୧୯୯୬), ଶେଷ ଦଶକର ରଚନା (୧୯୯୯) ଗାନ୍ଧି ମଣିଷ (୨୦୦୦) ଆଧୁନିକତାର ରୂପରାଗ ବୁଦ୍ଧଂ ଶରଣଂ ଗଚ୍ଛାମି (୨୦୦୬) ପ୍ରଭୃତି ତାଙ୍କର ଉଲ୍ଲେଖ ଯୋଗ୍ୟ ସୃଷ୍ଟି । ସାର୍ତ୍ରେ, ସକ୍ରେଟିସ, ପ୍ଲାଟୋଙ୍କ ଭଳି ମହାନ୍ ଦ୍ରଷ୍ଟା ପୁରୁଷଙ୍କ ଜୀବନୀ ଓଡ଼ିଆ ପାଠକମାନଙ୍କୁ ଉପହାର ଦେଇଥିବା ଶରତ କୁମାର ମହାନ୍ତି 'ଗାନ୍ଧି ମଣିଷ' ଭଳି ଅନ୍ୟ ଏକ ବିପୁଳକାୟ ଜୀବନୀ ପାଠକମାନଙ୍କୁ ପ୍ରଦାନ କରିଛନ୍ତି ।

ବିଜ୍ଞାନ ଲେଖକ ଭାବରେ ସେ ସୂର୍ଯ୍ୟ ପରିବାର, ମହାନ୍ ବୈଜ୍ଞାନିକ ଉଦ୍ଭାବନ, ଭୂବିଜ୍ଞାନ ପରିଚୟ, ମହାଭାରତୀୟ ବିଜ୍ଞାନୀ, ଆଟମ୍‌ରୁ କ୍ୱାଣ୍ଟମ୍, ଭୂବିଜ୍ଞାନୀ ସହିତ ପୃଥିବୀ ପରିକ୍ରମା, ପୃଥିବୀ ଏବଂ ତାର ପ୍ରତିବେଶୀ, ଏକବିଂଶ ଶତାବ୍ଦୀର ନଷ୍ଟ ପରିବେଶ, ବିଚିତ୍ର ବ୍ରହ୍ମାଣ୍ଡ, ବିଜ୍ଞାନ ଦିଗନ୍ତ, ସୂର୍ଯ୍ୟରତୃତୀୟ ଗ୍ରହ ପ୍ରଭୃତି ରଚନା କରିଛନ୍ତି । ଶିଶୁ ଓ କିଶୋର ମାନଙ୍କ ପାଇଁ ସେ କ୍ଷୁଦ୍ର ଜୀବନୀପୁସ୍ତିକାମାନ ପ୍ରଣୟନ କରିଛନ୍ତି । ସେଗୁଡ଼ିକ ହେଉଛି ମହାତ୍ମାଗାନ୍ଧି (୧୯୯୬), ସୁଭାଷ ବୋଷ (୧୯୯୬), ଗୌତମ ବୁଦ୍ଧ (୧୯୯୬), ବିବେକାନନ୍ଦ (୧୯୯୭), ଜବାହରଲାଲ (୧୯୯୯) ଓ ରାଧାକ୍ରିଷ୍ଣ (୨୦୦୬) ଏତଦ୍ ବ୍ୟତୀତ ସେ ଆଣ୍ଡରସନ୍‌ଙ୍କ ପରୀ କାହାଣୀ, ଗ୍ରୀକ୍ ପୁରାଣ ଗପ ଓ ଏସପ୍‌ଙ୍କ କାହାଣୀମାଳା ମଧ୍ୟ କିଶୋର ଉପଯୋଗୀ ସାହିତ୍ୟ ଭାବେ ସୃଷ୍ଟି କରିଛନ୍ତି ।

ଆମେ ଜାଣୁଁ ବିଂଶଶତାବ୍ଦୀ ଗଦ୍ୟର ଶତାବ୍ଦୀ । ଗଦ୍ୟ ଭାବଗମ୍ଭୀର ଓ ଯୁକ୍ତିସଂଗତ । ଏଥିରେ ବହୁ ପାଠିତା ସହିତ ଭାଷା ଉପରେଦକ୍ଷତା ସର୍ବାଦୌ ଆବଶ୍ୟକ । ଗଦ୍ୟ ରଚନାରେ ଲେଖକଙ୍କ ବ୍ୟକ୍ତିତ୍ୱ ପରୀକ୍ଷିତ ହୋଇଯାଏ ବୋଲି ପ୍ରାଚ୍ୟ ଆଳଙ୍କାରିକମାନେ ମତ ଦେଇଛନ୍ତି, ସେହି ଦୃଷ୍ଟିରୁ ଶରତକୁମାର ମହାନ୍ତିଙ୍କର ସ୍ୱତନ୍ତ୍ର ପରିଚୟ ରହିଛି । 'ଗାନ୍ଧିମଣିଷ'ର ପୃଷ୍ଠା ସଂଖ୍ୟା ୬୫୮ । ଏଣୁ ପାଠ୍ୟ କ୍ରମରେ 'ଭାରତରେ ପ୍ରଥମ ରାଜନୈତିକ ଅଭିଜ୍ଞତା' ଅଧ୍ୟାୟର ଶେଶ ପର୍ଯ୍ୟନ୍ତ

ଅର୍ଥାତ୍ ମୂଳରୁ ୧୦୬ ପୃଷ୍ଠା ମାତ୍ର ରଖା ଯାଇଛି । ଏହି ଅଧ୍ୟାୟମାନଙ୍କୁ ଆମେ ଗାନ୍ଧିଙ୍କର ବିବିଧ ଅନୁଭୂତି ସଂଗ୍ରହ ଓ ଭାରତର ସ୍ୱାଧୀନତା ଆନ୍ଦୋଳନରେ ନେତୃତ୍ୱ ନେବାପାଇଁ ତାଙ୍କର ପ୍ରସ୍ତୁତି ଭାବରେ ଗ୍ରହଣ କରିପାରିବା ।

ଏହି ପୁସ୍ତକଟିକୁ ସେ ପ୍ରଖ୍ୟାତ ସାହିତ୍ୟିକ ମହାପାତ୍ର ନୀଳମଣି ସାହୁଙ୍କୁ ଉତ୍ସର୍ଗ କରିଛନ୍ତି । ଉତ୍ସର୍ଗପତ୍ରରେ ତାଙ୍କର ଉକ୍ତି ଏହିଭଳି । ''୧୯୩୩ରେ ଭାରତର ଦୁଇ ମହାନ୍ ସନ୍ତାନ ରବୀନ୍ଦ୍ରନାଥ ଓ ରାଧାକ୍ରିଷ୍ଣନ୍ ଦୀର୍ଘ ଆଲୋଚନା ପରେ ଏକମତ ହୋଇଥିଲେ ଯେଗତ ଦୁଇଶହ ବର୍ଷ ଭିତରେ ମହାତ୍ମାଙ୍କ ପରି 'ସ୍ୱର୍ଗୀୟ ଅଗ୍ନି' ବହନ କରୁଥିବା ବ୍ୟକ୍ତି ଭାରତ ବର୍ଷରେଜନ୍ମ ହୋଇନାହାନ୍ତି । ବାପୁଙ୍କର ବାକି ପନ୍ଦର ବର୍ଷର ପରିପୂର୍ଣ୍ଣ ଜୀବନ ପ୍ରତି ଧ୍ୟାନ ଦେଇଥିଲେ ୧୯୪୮ରେ କବି ଓ ଦାର୍ଶନିକ ସିଦ୍ଧାନ୍ତ କରିଥାନ୍ତେ ଯେ ଦୁହେଁ କହିଥିବା ୨୦୦ ବର୍ଷ କାଳକୁ ବହୁ ଦୀର୍ଘାୟିତ କରିବାକୁ ହେବ । ଗାନ୍ଧିଜୀଙ୍କ ପରି ତୁଙ୍ଗ ବ୍ୟତିତ୍ୱ ଖୋଜିଲେ ଇତିହାସର ପୃଷ୍ଠା ଓଲଟାଇ ଆମେ ୨୫୦୦ ବର୍ଷ ପୂର୍ବର ବୁଦ୍ଧ ଦେବଙ୍କ ପାଖରେ ପହଞ୍ଚିବା ।''

ତାଙ୍କର ବକ୍ତବ୍ୟ ହେଉଛି ଯେ ଭାରତ ବାହାରେ ଗାନ୍ଧି ଓ ତାଙ୍କର ଚିନ୍ତାଧାରା ଅଧିକ ଚର୍ଚ୍ଚିତ । ଗାନ୍ଧିଙ୍କର ଚିନ୍ତା ଚେତନାକୁ ଭାରତଠାରୁ ତିବ୍ବତ, ସିଂହଳ, ଚୀନ, ଜାପାନ ଓ ୟୁରୋପରେ ଅଧିକ ଅନ୍ତର୍ଭେଦୀ ଦୃଷ୍ଟିରେ ଦେଖିଛନ୍ତି । ତେଣୁ ଶରତ କୁମାର ମହାନ୍ତି ମହାଶୟ ନିଜ ପୁସ୍ତକ 'ଗାନ୍ଧି ମଣିଷ'ର ମୁଖବନ୍ଧର ଶୀର୍ଷକ ରଖିଛନ୍ତି ''ସମୁଦ୍ର ବଂନ୍ଧେଇବା'' – ମାତ୍ର ତା ପୂର୍ବରୁ ସେ ଉଲ୍ଲେଖ କରିଛନ୍ତି (କ) ଏହି ପୁସ୍ତକ ଗାନ୍ଧିଙ୍କୁ ଜାଣିବାର ତୃଷା ବୃଦ୍ଧି କରିବ, (ଖ) ଗାନ୍ଧି ବ୍ରକ୍ତିତ୍ୱର ଅନନ୍ୟ ଦିଗ ପ୍ରତି ପାଠକ ଆକର୍ଷିତ ହେବ । ଏହି ଦିଗଗୁଡିକ ହେଲା (କ) ଗାନ୍ଧିଙ୍କୁ ସର୍ବତୋଭାବେ ଜାଣିଥିବା ମଣିଷ ନାହାନ୍ତି, (ଖ) ତାଙ୍କର ପ୍ରତିଷ୍ଠିତ ଆଶ୍ରମ ଆମ ପରଂପରାର ଆଶ୍ରମଠାରୁ ଭିନ୍ନ କାରଣ ସେଠି ଗୁରୁ ନିର୍ଦ୍ଦେଶ ଦିଅନ୍ତି ନାହିଁ ବରଂ ପ୍ରଥମେ କାର୍ଯ୍ୟ ଆରମ୍ଭ କରି ଉଦାହରଣ ସୃଷ୍ଟି କରନ୍ତି, (ଗ) ଯେ କୌଣସି କାର୍ଯ୍ୟ ଯେତେ କ୍ଷୁଦ୍ର ହେଲେ ହେଁ ତାକୁ ଆଗ୍ରହ ଓ ସମ୍ମାନର ସହିତ ସଂପାଦନ କରିବା ଗାନ୍ଧିଙ୍କ ଆଦର୍ଶ, (ଘ) ବ୍ୟକ୍ତିଗତ ସଂପତ୍ତି ଓ କ୍ଷମତା ଲାଳସାଠାରୁ ସଚେତନ ଦୂରତ୍ୱ ରକ୍ଷା କରିବା ଥିଲା ତାଙ୍କର ଉଦ୍ଦେଶ୍ୟ, (ଙ) ଯେ ପରର ପୀଡ଼ା ଜାଣେ ସେ ହିଁ ଯଥାର୍ଥରେ ବୈଷ୍ଣବ । ଗୁଜୁରାଟୀକବି ନରସିଂହ ମେହେଟ୍ଟାଙ୍କ ଭଜନ ''ବୈଷ୍ଣବ ଜନତୋ ତେତୋ କହିୟେ ଯେ ପୀର ପରାଇ ଜାଣେରେ'' ଦ୍ୱାରା ସେ ସମଗ୍ର ଜୀବନ ଉଦ୍‌ବୁଦ୍ଧ ଥିଲେ, ଶେଷରେ ଶରତ କୁମାର ମହାନ୍ତିଙ୍କ ବକ୍ତବ୍ୟ ହେଉଛି ଓଡ଼ିଶାର ଦାରିଦ୍ର୍ୟ ଦେଖି ସେ କଷ୍ଟପାଉଥିଲେ ଓ ଓଡ଼ିଶାକୁ ଜୀବନ କୁଳ ମଧ୍ୟରେ ସାତଥର ଆସିଥିଲେ ।

ଶେଶରେ ସମୁଦ୍ର ବନ୍ଧାଇବା ଯେଉଁଭଳି ଆୟାସସାଧ୍ୟ ତାହାହିଁ ସେ କହିଛନ୍ତି । ଗାନ୍ଧିଜୀ ଶରୀର ବଳରେ ନୁହେଁ ଆତ୍ମିକ ବଳରେ ବଳୀୟାନ ଥିଲେ । ସେ ଏକାଧାରରେ ଡରକୁଳା ଏବଂ ସାହସୀ ଥିଲେ, ସେ ଫକୀର ହେବାକୁ ବ୍ୟାକୁଳ ଥିଲେ ହେଁ ନିଜରଜିଦ୍ ଯୋଗୁଁ ଫକୀର ହେବା ତାଙ୍କ ପକ୍ଷରେ ସମ୍ଭବ ନ ଥିଲା । ସମଗ୍ର ଭାରତୀୟ ଜନତାଙ୍କ ଉପରେ ତାଙ୍କର ଅଖଣ୍ଡ ପ୍ରଭାବ ଥିଲା 'ଜାତିର ଜନକ' ବା 'ମହାତ୍ମା' ଭଳି ସମ୍ବୋଧନ ତାଙ୍କ ପାଇଁ କେହି ପ୍ରଦାନ କରିନାହିଁ । ଏହା ସ୍ୱତଃସ୍ଫୁରିତ ସ୍ୱାଭାବିକ ଭାବେ ଆସିଛି । ସେ ନିଜକୁ ଆଦର୍ଶ ମଣିବେ ବୋଲି କେବେ କହିନାହାନ୍ତି । ପୁଣି କହନ୍ତି ଯେ ସମୁଦ୍ର ବନ୍ଧାଇ ନ ପାରି ମୁଠାଏ ବାଲି ଆଣି କୂଳରେ ଛାଟିଦେଇ କହିବେ ଯେ ଏଇ ବନ୍ଧ ଉପରେ ଠିଆ ହୋଇ ସମୁଦ୍ର ଦେଖି କଳନା କରିହେବ । କେହି ତାଙ୍କୁ ମନୁ ଯାଜ୍ଞବଳକୀ ଓ ସକ୍ରେଟିସ୍‌ଙ୍କ ସହିତ ମଧ୍ୟ ତୁଳନା କରନ୍ତି । ଗାନ୍ଧି ମଣିଷ ପାଠକଲେ ଏହି ସମସ୍ତ ମନ୍ତବ୍ୟର ସାରକଥା ହୃଦବୋଧ ହେବ ।

**ଗାନ୍ଧିଜୀଙ୍କ ଜନ୍ମ ଓ ପିଲାଦିନ –**

(୧) ୧୮୬୯ ଅକ୍ଟୋବର ୨ ତାରିଖରେ ମୋହନ ଗୁଜୁରାଟର କାଥିଆବାଡ଼ସ୍ଥିତ ପୋରବନ୍ଦର ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ଅଧୁନା କାଥିଆବାଡ଼ ସୌରାଷ୍ଟ୍ରା ନାମରେ ପରିଚିତ । ତାଙ୍କର ପିତା କରମଚାନ୍ଦ ଗାନ୍ଧି ଓ ମାତା ଥିଲେ

ପୁତୁଳିବାଈ । ପୁତୁଳିବାଈ କରମଚାନ୍ଦଙ୍କର ୪ର୍ଥ ପତ୍ନୀ । ଏହି ପୁତୁଳିବାଈଙ୍କର ୪ର୍ଥ ସନ୍ତାନ ହେଲେ ମୋହନଦାସ କରମଚାନ୍ଦ ଗାନ୍ଧି । କର୍ଷନଦାସ ଲକ୍ଷ୍ମୀଦାସ, ଭଉଣୀ ରମ୍ଭା ଓ ମୋହନ ଦାସ, ଏହି ଚାରୋଟି ସନ୍ତାନଙ୍କୁ ନେଇ ତାଙ୍କ ପରିବାର ଗଢ଼ି ଉଠିଥିଲା । ବାପା କରମଚାନ୍ଦ ଗାନ୍ଧି ଥିଲେ ପୋରବନ୍ଦରରେ ଦେୱାନ । ସେ ନିର୍ଭୀକ ସଚ୍ଚୋଟ ତଥା କ୍ରୋଧୀ ଥିଲେ । ମାଆ ଥିଲେ ଭକ୍ତିମତୀ ସୁଶୀଳା ତଥା ପରିବାର ପାଇଁ ସମର୍ପିତା । ବାପାଙ୍କଠାରୁ ଗାନ୍ଧି ସାଧୁତା ଓ ମାଆଙ୍କଠାରୁ ସତ୍ୟନିଷ୍ଠାର ପ୍ରଥମ ପାଠ ଶିଖିଥିଲେ । ଜେଜେ ଉତ୍ତମଚାନ୍ଦ କାଥିଆବାଡ଼ର କରଦ ରାଜ୍ୟ ରାଜକୋଟ, ପୋରବନ୍ଦର ଓ ୱାକାନେରର ଦେୱାନ ଥିଲେ । ଜୁନାଗଡ଼ର ଦେୱାନ ଥିବା ସମୟରେ ଜୁନାଗଡ଼ର ନବାବଙ୍କୁ ଉତ୍ତମଚାନ୍ଦ ବାଁ ହାତରେ ସଲାମ କରିଥିଲେ । କାରଣ ଦର୍ଶାଇ ସେ କହିଥିଲେ ଯେ ତାଙ୍କର ଡାହାଣ ହାତଟି ପୋରବନ୍ଦର ରାଜାଙ୍କ ପାଇଁ ଉତ୍ସର୍ଗୀତ ।

୨. ଗାନ୍ଧିଙ୍କ ପିଲାଦିନର କେତୋଟି କଥା ଅବଶ୍ୟ ଅବତାରଣା କରାଯିବା ଦରକାର । ପିଲା ଦିନେ ଭଉଣୀ ରମ୍ଭା ତାଙ୍କୁ ଖୁଆଇ ଦେଉଥିଲେ । ଥରେ କୌଣସି ଏକ ଫୁଲ ଖାଇଦେଇ ତାଙ୍କ ପାଟି ଫୁଲି ଯାଇଥିଲା । ମନ୍ଦିର ଯାଇ ସେଠାରୁ ବିଷ୍ଣୁ ଓ ଲକ୍ଷ୍ମୀ ପ୍ରତିମାକୁ ଘରକୁ ଆଣି ଝୁଲାଇବାକୁ ମନ କରିଥିଲେ ସାତବର୍ଷ ବୟସର ମୋହନ । ମାତ୍ର ସେ ଧରାପଡ଼ି ଯାଇଥିଲେ ।

ସବୁ ପିଲାଙ୍କ ଭଳି ତାଲୁକ ସ୍କୁଲରୁ ପାଠ ସାରି ସେ କାଥିଆବାଡ଼ ସ୍କୁଲରେନାମ ଲେଖାଇଲେ ୧୮୮୦ ଅକ୍ଟୋବରରେ, ୧୮୮୭ରେ ମ୍ୟାଟ୍ରିକ୍ ପରୀକ୍ଷା ଦେଲେ । ସେ ସମୟରେ କାଥିଆବାଡ଼ ସ୍କୁଲ ବମ୍ବେ ବିଶ୍ୱବିଦ୍ୟାଳୟ ଅଧିନରେ ଥିଲା ଓ ସେହି ସ୍କୁଲର ନାମ ଥିଲା ୟାଇଫ୍ରେଡ୍ ସ୍କୁଲ । ଗାନ୍ଧି ପାଠପଢ଼ାର କୌଣସି କୃତିତ୍ୱ ପ୍ରଦର୍ଶନ କରିପାରି ନ ଥିଲେ । ଏପରିକି ପ୍ରଥମ ଛ ମାସର ୭୮ ଦିନ ପାଠପଢ଼ା ଦିନ ମଧ୍ୟରୁ ସେ ୫୬ ଦିନ ଅନୁପସ୍ଥିତ ରହିଥିଲେ । ଦ୍ୱିତୀୟ ଅର୍ଥାତ୍ ଶେଷ ଛଅମାସ ତାଙ୍କର ଉପସ୍ଥାନ ବଢ଼ିଲା ଓ ସେ ପରୀକ୍ଷାରେ ଶତକଡ଼ା ୬୩% ନମ୍ବର ରଖିଲେ । ସରଳତା ସତ୍ୟନିଷ୍ଠା ଓ ଆଚରଣ ପାଇଁ ସେ 'ଭେରିଗୁଡ୍' ପାଉଥିଲେ । ଗୁରୁଭକ୍ତି ଓ ସାରଲ୍ୟ ଥିଲା ତାଙ୍କର ଭୂଷଣ । ଥରେ ସ୍କୁଲ ଇନ୍ସପେକ୍ଟର ତାଙ୍କ ବିଦ୍ୟାଳୟ ପରିଦର୍ଶନରେ ଆସିଥିଲେ । ସେ ପିଲାଙ୍କୁ Kettle ବନାନ ଲେଖିବାକୁ କହିଲେ । ମୋହନ ଭୁଲ ଲେଖିଲେ ଓ ତାହା ସଂଶୋଧନ କରିଦେବାକୁ ଶିକ୍ଷକ ତାଙ୍କୁ ଠାରିଲେ । ମୋହନ ଦେଖିଲେ ଅନ୍ୟପିଲାମାନେ ସଂଶୋଧନ କରି ଦେଉଛନ୍ତି । ମାତ୍ର ସେ ନିଜ ଭୁଲ ସଂଶୋଧନ କଲେ ନାହିଁ । ଏଥିପାଇଁ ଶିକ୍ଷକ ପ୍ରଥମେ ବିରକ୍ତ ହୋଇଥିଲେ ହେଁ ପରେ ତାଙ୍କୁ ପ୍ରଶଂସା କରିଥିଲେ ।

୩. ମୋହନ ପାଠପଢ଼ିବା ଠାରୁ କ୍ରିକେଟ ଖେଳରେ ଅଧିକ ଆଗ୍ରହ ଦେଖାଉଥିଲେ, ନିଜ ଲୁଗାପଟା ନିଜେ ସଫା କରୁଥିଲେ ଓ ଗଛର ଯତ୍ନ ନେଉଥିଲେ । ସେ ବ୍ୟାୟାମ କ୍ଲାସକୁ ଯାଉନଥିଲେ । ତେଣୁ ପ୍ରଧାନ ଶିକ୍ଷକ ତାଙ୍କୁ ଜୋରିମାନା କରିଥିଲେ । କରମଚାନ୍ଦ କିନ୍ତୁ ପ୍ରଧାନଶିକ୍ଷକଙ୍କୁ ଲେଖିଲେ ଯେ ତାଙ୍କର ସେବା କରିବା ପାଇଁ ପୁଅ ମୋହନ ବ୍ୟାୟାମ କ୍ଲାସକୁ ଯାଇପାରୁ ନାହିଁ । ସେ ବିଦ୍ୟାଳୟରେ କେବେ ମଧ୍ୟ ବିଳମ୍ବରେ ପହଞ୍ଚୁ ନ ଥିଲେ । ଜଳଖିଆ ନ ହୋଇଥିଲେ ରାତିରୁ ବଳିଥିବା ଖାଦ୍ୟ ଖାଇ ସେ ସ୍କୁଲ ଯାଉଥିଲେ । ସ୍କୁଲ ସରିଲେ ଦଉଡ଼ି ଦଉଡ଼ି ଘରକୁ ଫେରୁଥିଲେ କାରଣ କିଏ ତାଙ୍କୁ ଡାକି ଗପିବ । ଖେଳିବାକୁ ଡ଼ାକିବ, ଏପରିକି ଥଟ୍ଟା ମଧ୍ୟ କରିପାରେ ।

ଏହି ସମୟରେ ମୋହନ ଦୁଇଟି ନାଟକ ଦେଖିଥିଲେ । ଗୋଟିଏ ହରିଶ୍ଚନ୍ଦ୍ର ଓ ଅନ୍ୟଟି ଶ୍ରବଣ କୁମାର । ହରିଶ୍ଚନ୍ଦ୍ରଙ୍କର ସତ୍ୟନିଷ୍ଠା ଓ ଶ୍ରବଣକୁମାରଙ୍କ ପିତୃ ଭକ୍ତି ତାଙ୍କୁ ଅଭିଭୁତ କରିଥିଲା । ପରବର୍ତ୍ତୀ କାଳରେ ଗାନ୍ଧିଜୀ ବରାବର କହିଛନ୍ତି ଯେ ସେ ପରିଣତ ବୟସରେ ମଧ୍ୟ ହରିଶ୍ଚନ୍ଦ୍ର ଓ ଶ୍ରବଣ କୁମାରନାଟକ ଦ୍ୱାରା ପ୍ରଭାବିତ । ଏତେ ସବୁ ମୂଲ୍ୟବୋଧ ପିଣ୍ଡି ଜୀବନଧାରାରେ ମଧ୍ୟ ଛନ୍ଦପତନ ହୋଇଥିଲା । ବାରବର୍ଷ ବୟସରେ ଉପନୀତ ହେବା ବେଳକୁ କିଶୋର ଗାନ୍ଧି ନିଜର

ଭାଇ ସହିତ ମିଶି ଧୂଆଁ ଟାଣିଲେ ଓ ଚାକର ପକେଟରୁ ଚୋରି ମଧ କଲେ । ଥରେ ବଡ଼ଭାଇ କର୍ଷନ ନିଜର ପୁରୁଣାବନ୍ଧୁ ମେହେତାବ ଠାରୁ ପଚିଶି ଟଙ୍କା କରଜ କରି ମଧ  ଶୁଝିପାରି ନ ଥାନ୍ତି । ସେଇ ଟଙ୍କା ଶୁଝିବା ପାଇଁ ମୋହନ ଭାଇଙ୍କର ସୁନା ବାହୁବନ୍ଧରୁ ଟିକିଏ ସୁନା ନେଇ ବିକି ଦେଲେ । ମାତ୍ର ଏଥିପାଇଁ ସେ ଖୁବ୍ ଅନୁତାପ କରି ବାପାଙ୍କୁ ଘଷି ଦେବା ବେଳେ ଚିଠିରେ ସବୁକଥା ଲେଖି ବାପାଙ୍କୁ ବଢ଼ାଇ ଦେଇଥିଲେ ।  ବାପା ଚିଠି ପଢ଼ି କାନ୍ଦିଲେ ଓ  ବୁଝିଗଲେ ଯେ ତାଙ୍କ ପୁଅ ଭବିଷ୍ୟତରେ ଏଭଳି କିଛି କରିବ ନାହିଁ ଯାହାକି ତାଙ୍କୁ ଅପମାନିତ କରିବ । ବାପାଙ୍କର ଏହି କ୍ଷମାଶୀଳା ଓ ଲୁହ ଯେ ଶୁଦ୍ଧ ଅହିଂସା ଏହା ମୋହନ ବୁଝିଗଲେ ।

### ୪. ବିବାହ ଓ ଦାମ୍ପତ୍ୟ ଜୀବନ

କର୍ଷନ ଦାସ ତାଙ୍କଠାରୁ ୫ କ୍ଲାସ ଉପରେ ଓ ଲକ୍ଷ୍ମୀଦାସ  ୨ କ୍ଲାସ ଉପରେ ପଢୁଥିଲେ । ସେମାନେ ଫେଲ୍ ହୋଇ ମୋହନଙ୍କ ସହିତ ପଢ଼ିଲେ । ୨ୟ ଷ୍ଟାଣ୍ଡାର୍ଡ଼ ସରି ନ ଥାଏ । ୧୩ ବର୍ଷରେ ମୋହନ ବିବାହ କଲେ ।  ଜଣେ ଭାଇ ଓ ଦାଦାପୁଅ ଭାଇ ଓ ଖର୍ଚ୍ଚ ବଞ୍ଚାଇବାକୁ ଏକାବେଳ ବିବାହ କରିଥିଲେ । ପୁଅ ବିଭାଘରକୁ ରାଜକୋଟରୁ ପୋରବନ୍ଧର ଘୋଡା ଗାଡ଼ିରେ ଆସୁଥିବା କରମଚାନ୍ଦ ଘୋଡାରୁ ପଡ଼ି ହାତ ଭାଂଗି ଯାଇଥିଲା । ମୋହନଙ୍କ ସହିତ ଯେଉଁ କନ୍ୟାମାନଙ୍କର ବିଭାଘର ଲାଗୁଥିଲା ସେଠାର ନିର୍ବଂନ୍ଧ ହେବାପରେ କନ୍ୟାମନେ ମରି ଯାଉଥିଲେ । ତେଣୁ ପୋର ବନ୍ଦରର ବଣିକ କନ୍ୟା ସମବୟସୀ କସ୍ତୁରବାଙ୍କୁ ଗାନ୍ଧି ବିବାହ କଲେ । ବିବାହପରେ ମୋହନ ଭାବିଲେ ଯେ ତାଙ୍କ କଥା ମାନିବାକୁ ଜଣେ କେହି ଆସିଗଲା । ତେଣୁ ସେ  ସ୍ତ୍ରୀଙ୍କ ଉପରେ କର୍ତ୍ତୃତ୍ୱ  ଜାହିର କରୁଥିଲେ । ତାଙ୍କୁ ସନ୍ଦେହ ମଧ୍ୟ କରୁଥିଲେ, କସ୍ତୁରବା ମଧ ବାରମ୍ବାର ଏଭଳି ପରିସ୍ଥିତିରେ ବାପ ଘରକୁ ଚାଲିଯାଉଥିଲେ ।

ଗାନ୍ଧି ପରବର୍ତ୍ତୀ କାଳରେ ବାରମ୍ବାର ଦାମ୍ପତ୍ୟ ଜୀବନରେ ବୁଝାମଣାର ଗୁରୁତ୍ୱ କଥା କହିବା ସମୟରେ ଏହି ଉପରୋକ୍ତ ଘଟଣାର ଉଲ୍ଲେଖ କରିଛନ୍ତି । କସ୍ତୁରବା ଗର୍ଭବତୀ ଥିବା ସମୟରେ ପିତା କରମଚାନ୍ଦଙ୍କର ଶାରିରୀକ ଅସୁସ୍ଥତା ବଢ଼ିଗଲା । ଗାନ୍ଧିଜୀ  ପତ୍ନୀଙ୍କ  ନିକଟରେ ଥିବା ସମୟରେ ତାଙ୍କ ପିତାଙ୍କର ମୃତ୍ୟୁ ହେଲା । ଏଥିପାଇଁ  ଗାନ୍ଧି ଜୀବନସାରା ଅନୁତାପ କରିଛନ୍ତି ଓ କାମନାକୁ ଜୟ କରିବାକୁ ପ୍ରୟାସ କରିଛନ୍ତି ।

### ୫. ବନ୍ଧୁ ଶେଖ୍ ମେହେତାବ

ମୋହନ ଗୁଜୁରାଟର ନୈଷ୍ଠିକ ବୈଷ୍ଣବ ପରିବାରର ସନ୍ତାନ, ମାତ୍ର ବଡ଼ଭାଇ କର୍ଷନଙ୍କ ସାଙ୍ଗ ଶେଖ୍ ମେହେତାବ୍ ତାଙ୍କୁ ଗୋଟିଏ ସମୟରେ ଖୁବ୍ ପ୍ରଭାବିତ କରିଥିଲେ । ଗାନ୍ଧିଙ୍କୁ ସେ ବୁଝାଇ ଦେଇଥିଲେ ଯେ ଇଂରୋଜମାନେ ମାଂସ ଖାଇ ବଳୁଆ ହୋଇଛନ୍ତି ଓ ଦୋଶାସନ କରୁଛନ୍ତି । ମୋହନ ଯଦି ମାଂସ ଖାଇ ବଳୁଆ ହେବେ ତେବେ ଇଂରୋଜମାନଙ୍କ ସହିତ ଲଢ଼ି ପାରିବେ । ଛେଳିମାଂସ ତରକାରୀ ଓ ପାଉଁରୁଟି ଖାଇବା ସ୍ୱାସ୍ଥ୍ୟକର ବୋଲି ତାଙ୍କୁ ମେହେତାବ ଧାରଣା ଦେଥିଲେ । ଗୋଟିଏ ବର୍ଷରେ ସେ ଛଅଥର ମାଂସ ଖାଇଥିଲେ । ମାଂସ ରାନ୍ଧିବା ପାଇଁ ନଈକୂଳର ବଂଗଳା ଠିକ୍ ହୋଇଥିଲା । ମାଂସ ଖାଇବାକୁ ମୋହନଙ୍କର ଆଗ୍ରହ ମଧ ହୋଇଥିଲା ମାତ୍ର ସେ ନିଜ ପେଟଭିତରେ ଛେଳିର ମେଁ ମେଁ ସ୍ୱର ଶୁଣି ବିବ୍ରତ ହୋଇ ପଡ଼ିଥିଲେ । ଏପରି କି ମେହେତାବ ତାଙ୍କୁ ଜୋର କରି ବେଶ୍ୟାବାଡିକୁ ମଧ ନେଇ ଯାଇଥିଲା । ବାପା ମାଆଙ୍କୁ ଲୁଚାଇ ମାଂସ ଖାଉଥିବା ମୋହନ, ଯିଏ କି ବାପା ମାଆଙ୍କ ମୃତ୍ୟୁପରେ ଖୋଲାଖୋଲି ମାଂସ ଖାଇବାକୁ ମନସ୍ଥ କରିଥିଲେ, ସେ ସଂକଳ୍ପ ତାଙ୍କର ଭାଂଗିଗଲା । ଦକ୍ଷିଣ ଆଫ୍ରିକା ଯିବା ପର୍ଯ୍ୟନ୍ତ ମେହେତାବ ସହିତ ତାଙ୍କର ସଂପର୍କ ଥିଲା । ମେହେତାବଙ୍କ ପତ୍ନୀ ଓ ଶାଶୁ ଗାନ୍ଧିଙ୍କ ପ୍ରଭାବରେ ନିଷ୍କ୍ରିୟ ପ୍ରତିରୋଧ ଆନ୍ଦୋଳନରେ ମିଶି କାରାବରଣ କରିଥିଲେ । ଲେଖକଙ୍କ ଭାଷାରେ ଗାନ୍ଧିଙ୍କ ସରଳ ପ୍ରେମପୂର୍ଣ୍ଣ ସଦିଚ୍ଛା ମେହେତାବକୁ ସୁଧାରି ପାରିଥିଲା ।

ପ୍ରକୃତ ବନ୍ଧୁ ଯେ ବ୍ୟକ୍ତିତ୍ୱକୁ ସୁଧାରି ପାରେ ଗାନ୍ଧି ଚରିତ୍ର ତାର ଏକ ଉଦାହରଣ । ପାପକୁ ଉସ୍ନ କରୁଥିବା ଗାନ୍ଧି ଯେ ପାପୀ ପ୍ରତି ସହାନୁଭୂତିଶୀଳ ଥିଲେ ଓ ତାକୁ ଦୀର୍ଘଦିନ ପ୍ରଭାବିତ କରି ତା ମଧ୍ୟରେ ମନୁଷ୍ୟତାର ବୀଜ ବପନ କରିଥିଲେ ଏହା ଭାବିଲେ ତାଙ୍କ ବ୍ୟକ୍ତିତ୍ୱର ଗଭୀରତା ଓ ଉଚ୍ଚତା ଜଣାପଡ଼ିଯାଏ ।

**ବିଲାତ ଯାତ୍ରାର ଆୟୋଜନ –**

ଆମେ ଜାଣିଛେ ଗାନ୍ଧି ଭଲଛାତ୍ର ନ ଥିଲେ । ମାତ୍ର ୪୦% ରଖି ସେ ମ୍ୟାଟ୍ରିକ ପାସ୍ କରିଥିଲେ । ଡାକ୍ତରୀ ପଢ଼ିବାକୁ ସେ ଇଚ୍ଛା କରୁଥିଲେ କାରଣ ସେଥିରେ ମଣିଷର ଶବ କାଟିବାକୁ ପଡ଼ିଥାଏ ବୋଲି ବଡ଼ଭାଇ ମନା କଲେ । ତାଙ୍କର ପାରିବାରିକ ବନ୍ଧୁ ମାଉଜୀଡ଼ାଭେ କହିଲେ ସେ ବିଲାତ ଯାଇ ବାରିଷ୍ଟରୀ ପଢୁ କାରଣ ତାଙ୍କ ପୁଅ ମଧ୍ୟ ବିଲାତରୁ ବାରିଷ୍ଟରୀ ପଢ଼ି ଫେରିବା ପରେ ଖୁବ୍ ପଇସା ରୋଜଗାର କରୁଥିଲେ । ମୋହନଙ୍କୁ ବିଲାତ ପଠାଇବାକୁ ମାଆ ପୁତୁଳି ବାଈଙ୍କର ଇଚ୍ଛା ନ ଥିଲା । ତାଙ୍କର ଭୟଥିଲା ଯେ ବିଲାତରେ ମୋହନ ବିଲାତି ହୋଇ ମାଛ ମାଂସ ଖାଇବ । ଅଲାଜୁକ ପୋଷାକ ପିନ୍ଧିବ ଓ ଧୂଆଁ ଖାଇବ । ପିତୃହୀନ ମୋହନଙ୍କ ଆଗ୍ରହ ଦେଖି ମାଆ ତାଙ୍କୁ ଦାଦାଙ୍କ ପାଖକୁ ପଠାଇଲେ ଅନୁମତିପାଇଁ । ଦାଦା ପୁନର୍ବାର ତାଙ୍କୁ ମାଆଙ୍କ ଅନୁମତି ଲୋଡା କହି ଫେରାଇ ଦେଲେ । ମାଆଙ୍କ ପାଖରେ ବିଦେଶ ଯିବାକୁ ଗେହ୍ଲାପୁଅ ମୋହନ ରୀତିମତ ଅଳିକଲେ । ଜୈନ ସନ୍ୟାସୀ ବେଚାରଜୀଙ୍କ ପରାମର୍ଶ ନେଇ ମାଆ ତାଙ୍କୁ ଦେହ ଛୁଆଁଇ ଶପଥ କରାଇଥିଲେ ଯେ ସେ ମଦ ମାଂସ ଓ ନାରୀଙ୍କୁ ସ୍ପର୍ଶ କରିବ ନାହିଁ । ଗାନ୍ଧି ନିଜ ମାଆଙ୍କ ପାଖରେ କରିଥିବା ଶପଥ ରକ୍ଷା କରିଥିଲେ ।

ତାପରେ ଆସିଲା ଖର୍ଚ୍ଚ ବ୍ୟବସ୍ଥା । ତିନି ବର୍ଷ ପାଇଁ ବିଲାତରେ ପଢ଼ିବା ଖର୍ଚ୍ଚ ଥିଲା ସେ ସମୟରେ ଅନ୍ୟୁନ ପାଞ୍ଚହଜାର ଟଙ୍କା । ମାଆ ନିଜର ଗହଣା ବିକ୍ରି କରିବାକୁ ଚାହୁଁଥିଲେ ମାତ୍ର ବଡ଼ଭାଇ ମନା କଲେ ଓ ନିଜେ ସେ ଦାୟିତ୍ୱ ନେଲେ । ମଧୁବୈଶ୍ୟ ସଂପ୍ରଦାୟର ମୁଖିଆଙ୍କୁ ଭାଇଙ୍କ ବିଦେଶ ଯାତ୍ରା ସଂପର୍କରେ ସନ୍ତୋଷ ଜନକ ଉତ୍ତର ଦେବାକୁ ହେଲା । ମାତ୍ର ମଧୁବୈଶ୍ୟ ସଂପ୍ରଦାୟ ଅଡ଼ି ବସିଲେ । ମୋହନ ଅବଶ୍ୟ ଜାତିରୁ ବାସନ୍ଦ ହେବେ । ତାଙ୍କୁ ଯିଏ ସାହାଯ୍ୟ କରିବ, ଏପରିକି ବିଦାୟ ଦେବାକୁ ଜାହାଜର ଡକ୍‌ଯାଏ ଯିବ ସେ ମଧ୍ୟ ଏକ ଟଙ୍କା ଚାରିଅଣା ଜୋରିମାନା ଦେବ । ମୋହନଙ୍କ ଶଳା ତାଙ୍କୁ କିଛି ସାହାଯ୍ୟ କରିବାକୁ କଥା ଦେଇ ମଧ୍ୟ ଏପରିସ୍ଥିତିରେ ଓହରିଗଲେ । କେବଳ ଭାଇ ଲକ୍ଷ୍ମୀଦାସ ନିର୍ଭୟ ରହିଲେ । ୧୮୮୮ ଜୁଲାଇ ୨୫ ତାରିଖରେ 'କାଥିଆବାଡ଼ ଟାଇମ୍‌ସ' ଖବର କାଗଜ ଓ ଗୁଜୁରାଟୀ ମାସିକ ପତ୍ରିକା 'ଗୁଜୁରାଟ ଶାଳପତ୍ର'ରେ ମୋହନଙ୍କର ବିଦେଶଯାତ୍ରା ସମ୍ବାଦ ବାହାରିଲା । ଏଥିପାଇଁ ତାଙ୍କ ସ୍କୁଲ ତରଫରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ସେ ସମ୍ବର୍ଦ୍ଧନାର ଉତ୍ତର ପାଇଁ ଲେଖିନେଇଥିବା ଭାଷଣଟି ଠିକ୍ ଭାବେ ପଢ଼ିପାରିଲେ ନାହିଁ । ତାଙ୍କ ପାଟି ଖନି ବାଜିଗଲା । ସେତେବେଳେକୁ ତାଙ୍କର ବଡ଼ ପୁଅ ହରିଲାଲ ଜନ୍ମ ହୋଇ ସାରିଥାଏ । ୧୮୮୮ ସେପ୍ଟେମ୍ବର ୪ ତାରିଖରେ ସେ ବମ୍ବେରୁ ଜାହାଜରେ ଲଣ୍ଡନ ଯାତ୍ରା କଲେ ଓ ୧୮୮୮ ଅକ୍ଟୋବର ୨୫ ତାରିଖରେ ଲଣ୍ଡନରେ ପହଞ୍ଚିଲେ । ଜାହାଜରେ ତାଙ୍କର ଜୁନାଗଡ଼ର ଆଡ଼ଭୋକେଟ୍ ମିଷ୍ଟମଜୁମଦାରଙ୍କ ସହିତ ପରିଚୟ ହୋଇଥିଲା । ଲାଜ ଓ ଭୟରେ ଆମିଷ ଭୋଜନପାଇଁ ମନା କରି ନପାରି କଷ୍ଟ ପାଉଥିବା ମୋହନ ମଜୁମଦାରଙ୍କ ସହାୟତାରେ ନିରାମିଷ ଭୋଜନର ବ୍ୟବସ୍ଥା କରିପାରିଲେ । ଜାହାଜର ଖୋଲାମେଲା ଜୀବନ ଓ ଭୀମକାନ୍ତ ପ୍ରାକୃତିକ ଦୃଶ୍ୟ ମୋହନଙ୍କୁ ଅଭିଭୁତ କରିଥିଲା ।

**ବିଦେଶରେ ପ୍ରାଥମିକ ଦିନ ସବୁ-**

ଲଣ୍ଡନରେ ପହଞ୍ଚିବା ପୂର୍ବରୁ ତାଙ୍କୁ ପରିଚିତ ମଣିମୋନେ ବୁଝାଇଥିଲେ ଯେ ଶୀତପ୍ରଧାନ ଦେଶରେ ମାଛମାଂସ ଖାଇବା ଏକ ଆବଶ୍ୟକତା । ମୋହନ କିନ୍ତୁ ବମ୍ବେର ଗ୍ରୀଷ୍ମରେ ପିନ୍ଧିବାକୁ ତିଆରି କରିଥିବା କୋର୍ଟ ଲଣ୍ଡନରେ ପିନ୍ଧିଲେ । ସେ ଜଣାଇ ଦେବାକୁ ଚାହୁଁଥିଲେ ଯେ ମଣିଷ ଶୀତ ଗ୍ରୀଷ୍ମର ଅଧିନ ନୁହେଁ ଶୀତ ବା ଗ୍ରୀଷ୍ମ ମଣିଷର ଅଧିନ । ଜାହାଜରେ ମିଷ୍ଟର ମଜୁମଦାର ତାଙ୍କୁ ବେଥହାମଙ୍କର Theory of Utility ପୁସ୍ତକ ପଢ଼ାଇଥିଲେ । ଉଦ୍ଦେଶ୍ୟ ଥିଲା ଆମିଷ ଖାଇବାର ଆବଶ୍ୟକତା ମୋହନ ବୁଝନ୍ତୁ । କିନ୍ତୁ ମୋହନ ସେ ସବୁ ବିଝିବାକୁ ଚାହିଁ ନ ଥିଲେ । ଲଣ୍ଡନରେ ପହଞ୍ଚିବା ପୂର୍ବରୁ ସେ ଭାରତୀୟ ଦାଦାଭାଇ ନାରୋଜୀ, କ୍ରିକେଟ ଖେଳାଳୀ ରଣଜିତ ସିଂହ, ଡକ୍ଟର ମେହେଟା ଓ ଶ୍ରୀଯୁକ୍ତ ଗୁପ୍ତାଙ୍କ ପାଖକୁ ଚିଠି ଲେଖି ନିଜର ଲଣ୍ଡନ ଆସିବା ସମ୍ବାଦ ଜଣାଇଥିଲେ । ଲଣ୍ଡନରେ ସେ ପ୍ରଥମେ ଲିଫ୍ଟ ଦେଖିଲେ । ଡଃ ମେହେଟ୍ଟା ଗାନ୍ଧି ପରିବାରର ବଂଧୁ । ତାଙ୍କୁ ସେ ହୋଟେଲ ଭିକ୍ଟୋରିଆରେ ଭେଟିଲେ । ସାଙ୍ଗରେ ଥିଲେ ଅବଦୁଲ ମାଜିଦ୍ । ମାନ୍ଧି କୌତୂହଳବଶତଃ ଡଃ ମେହେଟ୍ଟାଙ୍କ ପରଲଗା ଟୋପିକୁ ଆଉଁଷି ଦେଲେ । ଓଲଟା ଭାବେ ଆଉଁଷି ଥିବାରୁ ମେହେଟ୍ଟା ବିରକ୍ତ ହେଲେ ଓ ଲଣ୍ଡନରେ ଚଳିବା ପାଇଁ କେତେକ ଆବଶ୍ୟକୀୟ ଉପଦେଶ ଦେଲେ । କାହା ଜିନିଷ ଛୁଇଁବନି । ବଡ଼ ପାଟିରେ କଥା କହିବନି ବା କାହାକୁ ସାର୍ ବୋଲି ସମ୍ବୋଧନ କରିବନି । ଏସବୁ ଉପଦେଶକୁ ଗ୍ରହଣକରି ମୋହନ ମାତ୍ର ୩ ଦିନ ହୋଟେଲ ଭିକ୍ଟୋରିଆରେ କଟାଇଥିଲେ । ତାପରେ ଖର୍ଚ୍ଚ ଉପରେ ଅଂକୁଶ ଲଗାଇବାକୁ ମାଜିଦ ଓ ମୋହନ ଜଣେ ଇଂରାଜୀ ପରିବାରର ଅତିଥି (Paying guest) ହୋଇ ରହିଲେ । ସେଠାରେ ନିରାମିଷ ଭୋଜନ ପାଇଁ ସେ ଗୃହକର୍ତ୍ତ୍ରୀଙ୍କ ମୁଣ୍ଡ ବ୍ୟଥାର କାରଣ ପାଲଟିଗଲେ । ଲଣ୍ଡନରେ ପ୍ରଥମେ ଫିଟ୍‌ଫାଟ୍ ସାହେବ ହେବାକୁ ଆଗ୍ରହ କରି ସେ ନୂଆ ସୁଟ୍ ସିଲେଇ କଲେ । ସନ୍ଧ୍ୟାରେ ପିନ୍ଧିବାକୁ ସ୍ୱତନ୍ତ୍ର ସୁଟ୍ ତିଆରିକଲେ । ଉଚ୍ଚାଟୋପି ପିନ୍ଧିଲେ । ସାହେବୀ ନାଚ ଶିକ୍ଷା ସହିତ ଭାଉଲିନ୍ ଶିକ୍ଷା ମଧ୍ୟ ଆରମ୍ଭ ହେଲା, ଏଥି ସହିତ ଇଂରାଜୀ ଓ ଫରାସୀ ଭାଷା ଶିକ୍ଷା ମଧ୍ୟ ଆରମ୍ଭ ହେଲା । ହୋଟେଲରେ ଥିବା ସମୟରେ ଜଣେ ବୟସ୍କ ମହିଳାଙ୍କ ସହିତ ତାଙ୍କର ପରିଚୟ ହୋଇଥିଲା । ସେ ମୋହନଙ୍କୁ ନିଜ ଘରକୁ ନିମନ୍ତ୍ରଣ କଲେ ଓ ନିଜର ତରୁଣୀ କନ୍ୟାଙ୍କ ସହିତ ଆତ୍ମୀୟତା ବଢ଼ାଇବାର ସୁଯୋଗ ମଧ୍ୟ ସୃଷ୍ଟି କଲେ । ମୋହନ ଚିଠି ଲେଖି ସେ ବିବାହିତ ବୋଲି କହି ସେଠାରୁ ଓହରି ଆସିଲେ । ଭାଷଣ କଳା ଶିକ୍ଷା କରିବା ପାଇଁ ସେ ଆଲେକଜାଣ୍ଡର ମେହରାଇଲ ବେଲଙ୍କର Standard Elocutionist ପୁସ୍ତକ ପାଠକରି ଭାଷର ଦେବା ଅଭ୍ୟାସ କରୁଥିଲ, ସେଠାରେ କବି ନାରାୟଣ ହେମଚନ୍ଦ୍ରଙ୍କ ସହିତ ତାଙ୍କର ବନ୍ଧୁତା ହେଲା । ଏହି କବି ଦେବେନ୍ଦ୍ର ନାଥ ଠାକୁରଙ୍କର ରଚନାମାନ ଅନୁବାଦ କରୁଥିଲେ । ସେ ଥିଲେ ଖୁବ ସରଳ ଓ ଅମାୟିକ । ଗାନ୍ଧିଜୀଙ୍କ ସହିତ ତାଙ୍କର ଆତ୍ମୀୟତା ବୃଦ୍ଧି ପାଇବାର ମୁଖ୍ୟ କାରଣ ହେଲା ସେ ଥିଲେ ସଂପୂର୍ଣ୍ଣ ନିରମିଷାଶୀ ।

**ଲଣ୍ଡନରେ ସମଧର୍ମା ବଂଧୁ ସୃଷ୍ଟି ଓ ବାରିଷ୍ଟରୀ ଶିକ୍ଷା**

ଜାହାଜରେ ମିଷ୍ଟର ମଜୁମଦାର ଓ ପ୍ରାରମ୍ଭିକ ଦିନ ମାନଙ୍କର କବି ନାରାୟଣ ହେମଚନ୍ଦ୍ରଙ୍କ ସହିତ ବନ୍ଧୁତା ମୋହନଙ୍କ ପାଇଁ ଖୁବ୍ ଉପଯୋଗୀ ଥିଲା । କବି ହେମଚନ୍ଦ୍ର ମହାଶୟ ତାଙ୍କୁ ଲଣ୍ଡନର ପାଂରିଗଂଟନ୍ ଷ୍ଟ୍ରୀଟ୍‌ରେ ଥିବା ନିରାମିଷ ହୋଟେଲର ସନ୍ଧାନ ଦେଇଥିଲେ । ସେ ହେନେରି ସଲ୍‌ଟଙ୍କର 'ନିରାମିଷ ଭୋଜନ ସପକ୍ଷରେ' ପୁସ୍ତକ ପାଠକରି ପ୍ରଭାବିତ ହେଲେ । ସେହି ନିରାମିଷ ହୋଟେଲକୁ ଖାଇବାକୁ ଆସୁଥିବା ବ୍ୟକ୍ତିମାନଙ୍କୁ ନେଇ ଗାନ୍ଧି ନିରାମିଷାଶୀ କ୍ଲବ ଗଠନ କଲେ ଓ ନିଜେ ତାର ସଂପାଦକ ହେଲେ । ଏହି କ୍ଲବ ତରଫରୁ The vegetarian ଖବର କାଗଜ ସଂପାଦନା କଲେ । ଡକ୍ଟର ଓଲଡ୍ ଫିଲ୍ଡ଼ ନାମକ ବ୍ୟକ୍ତି ହେଲେ ଏହି କ୍ଲବର ସଭାପତି । ଏହି ସମୟରେ ସେ Eduin Arnoldଙ୍କର ଭଗବତ୍ ଗୀତାର ଇଂରାଜୀ ଅନୁବାଦ ପାଠ କରି ପ୍ରଭାବିତ ହୋଇଥିଲେ ।

ମୋହନ ପ୍ରଥମେ ଇଂରାଜୀ ଭାଷାକୁ ଆୟତ୍ତ କରିବା ପାଇଁ ଇଂରାଜୀ ଖବର କାଗଜ ପଢ଼ିଲେ । ଇଂରାଜୀ ଭାଷା ଶିକ୍ଷା ସଂପର୍କରେ ତାଙ୍କର ଯୁକ୍ତିଥିଲା ଯେ ଦେଶ ବିଦେଶର ଖବର ଜାଣିବାକୁ ଜ୍ଞାନବୃଦ୍ଧି କରିବାପାଇଁ ଓ ଭାଷାଜ୍ଞାନ ବଢ଼ାଇବା ପାଇଁ ଇଂରାଜୀ ପଢ଼ିବା ଲୋଡ଼ା । ମାତ୍ର ମାତୃଭାଷା ନ ଜାଣି ଇଂରାଜୀରେ ଦକ୍ଷ ହୋଇଥିବା ବ୍ୟକ୍ତି ସଂପୂର୍ଣ୍ଣ ଆତ୍ମକୈନ୍ଦ୍ରିକ ହୋଇଯିବ । ସେ ଚାହିଁଥିଲେ ଯେ ଆମ ଭାଷାରେ ଆମେ ଭାବ ବିନିମୟ କରିବା ଦରକାର । ଇଂରେଜମାନଙ୍କୁ ତଡ଼ିବାର ଚେଷ୍ଟା କରୁଥିବା ଭାରତୀୟମାନେ ପାଶ୍ଚାତ୍ୟ ସଭ୍ୟତାର ଅନ୍ଧ ଅନୁକରଣ କରିବା କଥାକୁ ସେ ସମର୍ଥନ କରୁ ନ ଥିଲେ । ଇଂରାଜୀ ପ୍ରତି ମୋହକୁ ସେ ପିଲାଦିନୁଁ ଭଲ ପାଉନଥିଲେ କାରଣ ଭୁଲଇଂରାଜୀରେ କହି ଜଣେ ପ୍ରଶଂସା ପାଉଥିବା ବେଳେ ଠିକ୍ ଗୁଜୁରାଟୀରେ କହି ଦଣ୍ଡ ପାଇବା କଥାର ସେ ବିଦ୍ରୋହ କରିଥିଲେ । ପ୍ରଥମେ ଗାନ୍ଧି ମାଆ ସ୍ତ୍ରୀ ଓ ଘରକଥା ମନେ ପକାଇ କାନ୍ଦୁଥିଲେ । ପରେ ସ୍ୱାସ୍ଥ୍ୟରକ୍ଷା ଓ ଖାଦ୍ୟ ଗ୍ରହଣ ଉପରେ ଗୁରୁତ୍ୱ ଦେଲେ । ଲଣ୍ଡନରେ ସେ ସମୟରେ କ୍ରିୟାଶୀଳଥିବା ଭାରତୀୟ ଛାତ୍ରସଂଘର ସଭାମାନଙ୍କରେ ସେ ଉପସ୍ଥିତ ରହୁଥିଲେ । ସୁରଦାସଙ୍କ ରଚନାର ଗୁରୁତ୍ୱପୂର୍ଣ୍ଣ ପଦ 'ନିର୍ବଳ କେବଳରାମ' ଦ୍ୱାରା ସେ ଗଭୀର ଭାବେ ଅନୁପ୍ରାଣିତ ହୋଇଥିଲେ । Eduin Arnoldଙ୍କର Light of Asia' ଗ୍ରନ୍ଥ ମଧ୍ୟ ତାଙ୍କୁ ବେଶ୍ ପ୍ରଵାବିତ କରିଥିଲା । ଲଣ୍ଡନରେ ସେ ଆଇନ୍ ବହି କିଣି ପଢ଼ିଛନ୍ତି । ମ୍ୟାଟ୍ରିକ ପରୀକ୍ଷା ଦେବାପାଇଁ ଲାଟିନ ପଢ଼ିଲେ ସିନା ପ୍ରଥମ ଥର ସେ ଅକୃତକାର୍ଯ୍ୟ ହେଲେ । ପରେ ୨ୟ ତର ପୀକ୍ଷା ଦେଇ ୧୮୯୦ରେ ସେ ପାସ୍ କରିଥିଲେ । ୧୮୯୧ରେ ସେ ଆଇନ୍ ପରୀକ୍ଷାରେ ପାସ୍ କଲେ ଓ ସେହିବର୍ଷ ଜୁନ୍ ମାସ ୧୧ ତାରିଖରେ ବାରିଷ୍ଟର ହେବାର ଅନୁମତି ମଧ୍ୟ ପ୍ରାପ୍ତ ହେଲେ । ତା'ପରଦିନ ଅର୍ଥାତ୍ ୧୮୯୧ ଜୁନ୍ ୧୨ରେ ସେ ଭାରତ ଫେରିଲେ ।

### ଧର୍ମ ସଂପର୍କରେ ତାଙ୍କର ମତ –

ରାଜକୋଟରେ ଥିବା ସମୟରୁ ସେ ହିନ୍ଦୁ, ଜୈନ, ବୌଦ୍ଧ ଓ ଇସ୍‌ଲାମ ଧର୍ମ ସଂପର୍କରେ ଆଲୋଚନା କରୁଥିଲେ । ପ୍ରତ୍ୟେକ ଧର୍ମର ଭଲ ଓ ମନ୍ଦ ଦିଗ ସଂପର୍କରେ ସେ ଅବଗତ ଥିଲେ । ଖ୍ରୀଷ୍ଟ ଧର୍ମର ପ୍ରେମ ଓ ଅହିଂସା ତାଙ୍କୁ ପ୍ରଭାବିତ କରିଥିଲା ମାତ୍ର ଖ୍ରୀଷ୍ଟୟ ମିସନାରୀମାନେ ତାଙ୍କୁ ଭଲ ଲାଗୁ ନ ଥିଲେ । ଜୈନ ଧର୍ମର ଅହିଂସା ଓ ବୌଦ୍ଧ ଧର୍ମର ତ୍ୟାଗ ଓ ସହିଷ୍ଣୁତା ଦ୍ୱାରା ସେ ପ୍ରଭାବିତ ହୋଇଥିଲେ । ତାଙ୍କର ଯୁକ୍ତି ଥିଲା ''ଯଦି ପ୍ରତ୍ୟେକ ଧର୍ମରେ ତ୍ରୁଟି ରହିଛି ତେବେ ଜଣେ ନିଜର ଧର୍ମ ତ୍ୟାଗ କରିବ କାହିଁକି ?'' ସେ ଥିଓସୋଫିକାଲ ସୋସାଇଟି ବା ବ୍ରହ୍ମ ବିଦ୍ୟା ସମିତି ସଂପର୍କରେ ଆନିବେସାନ୍ତଙ୍କ ପୁସ୍ତକମାନ ପଢ଼ିଥିଲେ । ତେଣୁ ଭାରତ ଫେରିବା ପୂର୍ବରୁ ତାଙ୍କର ବହୁ ପଠନ ଲିପ୍‌ସା ଚରିତାର୍ଥ ହେବାକୁ ବାଟ ଖୋଜୁଥିଲା । ବିଶିଷ୍ଟ ଦାର୍ଶନିକ କାର୍ଲାଇଲଙ୍କର Hero & Heroworship ଗ୍ରନ୍ଥ ସେ ପଢ଼ିଲେ । ଆଲ୍ଲାଙ୍କ ଦୂରତ ମହମ୍ମଦ ଯେ ସର୍ବକାଳୀନ ନାୟକ ଏହା ତାଙ୍କର ହୃଦବୋଧ ହୋଇଥିଲା । ଗାନ୍ଧିଙ୍କ ପାଇଁ ଧର୍ମଥିଲା ଆଚରଣ ଶୁଦ୍ଧି, ଉଚ୍ଚବିଚାର, ତଥାକଥିତ ଧର୍ମୀୟ ସଂକୀର୍ଣ୍ଣତାରୁ ଊର୍ଦ୍ଧ୍ୱ ଏକ ଦିବ୍ୟମାନବୀୟ ଚେତନା । ତେଣୁ ସେ ନିମ୍ନବର୍ଗର ବ୍ୟକ୍ତିମାନଙ୍କୁ 'ହରିଜନ' ବା ହରିଙ୍କ ପ୍ରିୟ ମଣିଷ ଭାବେ ଆଖ୍ୟାୟିତ କରିଥିଲେ ।

### ବମ୍ବେରେ ପହଞ୍ଚିବା ପରେ

ବମ୍ବେରେ ପହଞ୍ଚିବା ପରେ ସେ ଜାଣିଲେ ଯେ ତାଙ୍କ ମାଆଙ୍କର ଦେହାନ୍ତ ହୋଇସାରିଛି । ପରୀକ୍ଷା ଥିବାରୁ ଭାଇମାନେ ଏ ଦୁଃସମ୍ବାଦ ତାଙ୍କଠାରୁ ଦୂରେଇ ରଖିଥିଲେ । ବାରିଷ୍ଟର ମୋହନ ଦାସଙ୍କୁ ରାଜକୋଟରେ ବାରିଷ୍ଟରୀ କରିବାର ସୁଯୋଗ ନଥିଲା । ତେଣୁ ଭାଇ ତାଙ୍କୁ ବମ୍ବେ ପଠାଇଦେଲେ । ଭାରତୀୟ ଆଇନ୍ ସହିତ ଭାଇ ପରିଚିତ ହେବା ଲୋଡା ବୋଲି ଲକ୍ଷ୍ମୀଦାସ ଚାହୁଁଥିଲେ । ମାତ୍ର ୬ ମାସ ଭିତରେ ମୋହନଙ୍କୁ ମାତ୍ର ଗୋଟିଏ କେସ୍ ଜୁଟିଥିଲା । ସେ ଠିକ୍ ଭାବରେ ଜବାବସୁଆହ କରିପାରିଲେନି, ଥଙ୍ଗେଇଲେ । ତେଣୁ କେଶ୍‌ଟି ଅନ୍ୟ ଓକିଲ ପାଖକୁ ଚାଲିଗଲା, ସେ ସମୟରେ ବମ୍ବେର

ପଲଟିକାଲ୍ ଏଜେଣ୍ଟ ମୋହନଙ୍କୁ ଚିହ୍ନିଥିଲେ ଓ ମୋହନ ନିଜ ଭାଇଙ୍କୁ ପୋରବନ୍ଦରର ଦେୱାନ କରି ଦେବାକୁ ପଲ୍‌ଟିକାଲ ଏଜେଣ୍ଟଙ୍କୁ ଅନୁରୋଧ କରିଥିଲ, ଉତ୍ତରରେ ସେ ମୋହନଙ୍କୁ ଗାଳି ଦେଲେ । ମୋହନ ବୁଝିଗଲେ ଯେ ପୂର୍ବ ପରିଚୟର ସୁଯୋଗ ନେଇ ଏଭଳି ଅନୁରୋଧ କରିବା ଅନୁଚିତ ।

## ପ୍ରାଥମିକ ଜୀବନର ବିଫଳତା ଓ ଦକ୍ଷିଣ ଆଫ୍ରିକା ଯାତ୍ରା

ଲଣ୍ଡନରୁ ଫେରି ମୋହନ ବାରିଷ୍ଟରୀ କଲେ ସିନା ୨ ବର୍ଷଭିତରେ ବିଶେଷ ଉନ୍ନତି କରିପାରିଲେନି । ବଡ଼ଭାଇ ଭାବିଥିଲେ ସେ ରୋଜଗାର କଲେ ଘରର ବୋଝ ଏପରିକି ଆଜିଯାଏ ଭାଇ ସମ୍ଭାଳିଥିବା ମୋହନଙ୍କ ସ୍ତ୍ରୀ ଓ ପିଲାଙ୍କ ଭାର ସମ୍ଭାଳିବେ । ମାତ୍ର ମୋହନଙ୍କ ଅପାରଗତା ତାଙ୍କୁ ବ୍ୟଥିତ କରିଥିଲା । ମୋହନ ମଧ୍ୟ ସେ ପରିବେଶରୁ କୌଣସି ମତେ ଓହରି ଯିବାକୁ ଚାହୁଁଥିଲେ । ଏହି ସମୟରେ ତାଙ୍କୁ ଈଶ୍ୱର ପ୍ରେରିତ ଭଳି ମିଳିଗଲେ ଦାଦା ଅବଦୁଲ୍ଲା । ସେ କାଥିଆବାଡ଼ର ଏକ ମୁସଲିମ ପ୍ରତିଷ୍ଠାନର ମାଲିକ । ଦକ୍ଷିଣ ଆଫ୍ରିକାରେ ତାଙ୍କର ବ୍ୟବସାୟ ଥାଏ । ସେଠାରେ ତାଙ୍କର ମୋକଦ୍ଦମା ମଧ୍ୟ ଚାଲିଥାଏ । ସେହି ମୋକଦ୍ଦମା ଚଳାଇବା ପାଇଁ ଜଣେ ଏଭଳି ବାରିଷ୍ଟର ସେ ଖୋଜୁଥିଲେ ଯିଏ ଗୁଜୁରାଟୀ ଜାଣିଥିବ ଓ ଦକ୍ଷିର ଆଫ୍ରିକାର କୋର୍ଟରେ ଠିକ୍ ଭାବେ ତାଙ୍କର ବିଷୟକୁ ପେଶ୍ କରିପାରିବ । ଏଥିପାଇଁ ସେ ମୋହନଙ୍କୁ ବାଛିଥିଲେ । ଏହିଭଳି ଏକ ସୁଯୋଗର ଅପେକ୍ଷାରେ ଥିବା ମୋହନ ତାଙ୍କ କଥାରେ ରାଜି ହୋଇଗଲେ । ଅବଦୁଲ୍ଲାଙ୍କ ସହିତ ଯିବାକୁ ରାଜି ହେବାପରେ ମୋହନ ଆକାଉଣ୍ଟ ଶିଖିଲେ ।

## ଦକ୍ଷିଣ ଆଫ୍ରିକାର ତତ୍‌କାଳୀନ ଅବସ୍ଥା

ଅବଦୁଲ୍ଲାଙ୍କ ନିମନ୍ତ୍ରଣ କ୍ରମେ ବାରିଷ୍ଟର ମୋହନଙ୍କୁ ନାଟାଲ ଓ କେପ୍‌କଲୋନି ୧୮୪୫ରୁ ଇଂରୋଜ ମାନଙ୍କ ଅଧିକାରରେ ଥିଲା । ଟ୍ରାନ୍‌ସଭାଲ ଓ ଅରେଂଜ ଫ୍ରିଷ୍ଟେଟ ଡଚ୍‌ମାନଙ୍କ ଅଧିନରେ ଥିଲା । ନାଟାଲରେ ନେଟିଭ ବା ସ୍ଥାନୀୟ ଅଧିବାସୀଙ୍କ ସଂଖ୍ୟା ୪ ଲକ୍ଷ ହୋଇଥିବା ସମୟରେ ଗୋରା ଲୋକଙ୍କ ସଂଖ୍ୟା ୫୦ ହଜାର ଓ ଭାରତୀୟଙ୍କ ସଂଖ୍ୟା ଥିଲା ୫୧ ହଜାର ।

ଏହି ଭାରତୀୟମାନଙ୍କୁ ଶାସକମାନେ ଈର୍ଷା କରୁଥିଲେ କାରଣ ଭାରତୀୟମାନେ ଥିଲେ ପରିଶ୍ରମୀ, ବୁଦ୍ଧିମାନ ଓ ସଚ୍ଚୋଟ । କୃଷି ଓ ବ୍ୟବସାୟରେ ସେ ବ୍ରିଟଶମାନଙ୍କ ସହିତ ପ୍ରତିଦ୍ୱନ୍ଦିତା କରିବାକୁ କ୍ଷମଥିଲେ । ମାତ୍ର ସେମାନେ ଥିଲେ ଅପରିଷ୍କାର ଓ ସମସ୍ତ ଅପମାନକୁ ସହଜରେ ହଜମ କରିଦେଉଥିଲେ, ଭାରତୀୟମାନଙ୍କ ଉପରେ ଅଂକୁଶ ଲଗାଇବାକୁ ଦକ୍ଷିର ଆଫ୍ରିକାରେ ସେମାନଙ୍କ ଉପରେ ଚଡ଼ା ଟିକସ୍ ବସାଯାଇଥିଲା ଏପରିକି ୫ ବର୍ଷ ଚୁକ୍ତିବଦ୍ଧ ଶ୍ରମିକ ଭାବେ ରହିବା ପରେ ଯଦି ଅଧିକ ୨ ବର୍ଷ ରହନ୍ତି ତେବେ ଟିକସ୍ ଭାର ଅତ୍ୟଧିକ ବଢ଼ାଇ ଦିଆଯାଉଥିଲା । ଫଳରେ ସେମାନେ ଆଉ ଦେଶକୁ ଫେରି ପାରୁ ନ ଥିଲେ କାରଣ ଟିକସ୍ ଦେଇ ସାରିବା ପରେ ସେମାନଙ୍କର ଆଉ କିଛି ସଂଚୟ ରହୁନଥିଲା । ସାଧାରଣତଃ ଭାରତୀୟମାନେ ଥିଲେ ଚୁକ୍ତିବଦ୍ଧ ଶ୍ରମିକ ବା ଦାସ, ଧନୀ ହୋଇଥିଲେ ଖୁବ୍ ଅଳ୍ପ ଲୋକ । ସେହି ଧନୀମାନଙ୍କ ମଧ୍ୟରୁ ଦାଦା ଅବଦୁଲ୍ଲା ଥିଲେ ଜଣେ, ଯାହାଙ୍କ ପାଇଁ ଗାନ୍ଧି ଦକ୍ଷିଣ ଆଫ୍ରିକା ଆସିଥିଲେ । ଗାନ୍ଧି ବୁଝିପାରିଲେ ଯେ ସଂଖ୍ୟାଗରିଷ୍ଠ ଶ୍ରମିକମାନଙ୍କ ଦୁର୍ଦ୍ଦଶା ସଂପର୍କରେ ଧନୀ ଭାରତୀୟମାନେ ମୁଣ୍ଡ ଖେଳାନ୍ତି ନାହିଁ ।

## ବମ୍ବେରୁ ଦକ୍ଷିଣ ଆଫ୍ରିକା –

ବମ୍ବେରୁ ଜାହାଜ ଚଢ଼ିବାବେଳଠାରୁ ଗାନ୍ଧିଙ୍କ ଜୀବନରେ ଅଘଟଣମାନ ଆରମ୍ଭ ହୋଇଥିଲା । ପ୍ରଥମ ଶ୍ରେଣୀରେ ତାଙ୍କ ପାଇଁ ସିଟ୍ ନଥିଲା । ତଥାପି ସମ୍ମାନର ସହିତ ସେ ଯାତ୍ରା ଆରମ୍ଭ କରିଥିଲେ । ସେ ଜାହାଜର ଚିଫ୍ ଅଫିସରଙ୍କ କ୍ୟାବିନ୍‌ରେତାଙ୍କ ସହିତ ଅରାମରେ ଯାତ୍ରା କଲେ । ଚିଫ ଅଫିସରଙ୍କ ସହିତ ଚେସ୍‌ଖେଳି ମୋହନ ବାରମ୍ବାର ହାରୁଥିଲେ ।

ସେହି ଅଫିସର ଜାଞ୍ଜିବାର ବନ୍ଦରରେ ମୋହନଙ୍କୁ ସାଙ୍ଗରେ ନେଇ ବୁଲିଗଲେ ଓ ଗଳିଭିତରେ ଏକ ନିଗ୍ରୋ ଯୁବତୀ ପାଖରେ ତାଙ୍କୁ ଛାଡିଦେଇ ଚାଲି ଆସିଲେ । କୌଣସିମତେ ସେହି ଯୁବତୀ ଠାରୁ ମୁକୁଳି ଜାହାଜାପାଖକୁ ନ ଆସି ମୋହନ ସପ୍ତାହଟିଏ ଗୋଟିଏ ହୋଟେଲରେ ରହିଲେ । ବମ୍ବେ ଛାଡ଼ିବାର ଦେଢ଼ମାସପରେ ଜାହାଜ ଡରବାନ୍‌ରେ ପହଞ୍ଚିଲେ । ଦକ୍ଷିଣ ଆଫ୍ରିକା ଯାଇଥିବା ପ୍ରଥମ ଉଚ୍ଚଶିକ୍ଷିତ  ଭାରତୀୟ ଯୁବକ ମୋହନଙ୍କୁ ସେଦିନ ଦାଦା ଅବଦୁଲ୍ଲା ନିଜେ ଉପସ୍ଥିତ ରହି ସ୍ୱାଗତ କରିଥିଲେ । ଅବଦୁଲ୍ଲା ତାଙ୍କୁ ଦକ୍ଷିଣ ଆଫ୍ରିକାର ଭାରତୀୟମାନଙ୍କ କଥା ଯାହା ବୁଝାଇଥିଲେ, ତାହା ଥିଲା ଏହିପରି । ବଣିକମାନେ ପ୍ରଥମ ଶ୍ରେଣୀଭୁକ୍ତ । ଏମାନେ ସାଧାରଣତଃ ଥିଲେ ମୁସଲମାନ । ଦ୍ୱିତୀୟ ସ୍ଥାନରେ ଥାଆନ୍ତି ପାର୍ଶୀ  କିରାଣୀ, ତୃତୀୟ ସ୍ଥାନ ହିନ୍ଦୁ କିରାଣୀଙ୍କର । ଚତୁର୍ଥ  ଶ୍ରେଣୀରେ ଥିଲେ ମୂଲିଆ ଫେରିବାଲା ଓ ଚୁକ୍ତିବଦ୍ଧ ଶ୍ରମିକ । ଏମାନେ 'ସ୍ୱାମୀ' ନାମରେ ପରିଚିତ । ଏମାନେ ଅଧିକାଂଶ  ତାମିଲ ଓ 'ସ୍ୱାମୀ' ସେମାନଙ୍କର ସାଂଗିଆ, ୟୁରୋପୀୟମାନେ 'ସ୍ୱାମୀ' ମାନଙ୍କୁ ମଣିଷରେ ଗଣୁ ନଥିଲେ । ଭାରତୀୟ ମୁସଲମାନ ନିଜକୁ ଆରବ ଅଧିବାସୀ ଓ ପାର୍ଶୀନିଜକୁ ପାରସ୍ୟ ଅଧିବାସୀ କହୁଥିଲେ। ଶ୍ରେଣୀଭେଦ  ନିର୍ବିଶେଷରେ ଗୋରାମାନେ ଭାରତୀୟଙ୍କୁ  'କୁଲି' କହୁଥିଲେ ଓ ହେଇଜ୍ଞାନ କରୁଥିଲେ । ମୋହନ ହେଲେ ଭାରତର ପ୍ରଥମ କୁଲି ବାରିଷ୍ଟ ।

ପ୍ରଥମେ କୋର୍ଟକୁ ବୁଲିଯାଇ ମୋହନ ନିଜର ପଗଡ଼ି ପାଇଁ ବିଚାରପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।  ବିଚାରପତି ମୋହନଙ୍କୁ ପଗଡ଼ି ଉତ୍ତାରିବାକୁ ନିର୍ଦ୍ଦେଶ ଦେଲେ ହେଁ ମୋହନ ତାହା ମାନିଲେ ନାହିଁ ଓ କୋର୍ଟ ଛାଡ଼ି ଚାଲି ଆସିଲେ । ଏତିକରେ କଥା ଶେଷ ହେଲା ନାହିଁ । ଭାରତୀୟ ପାଇଁ ପଗଡ଼ି ପିନ୍ଧିବା ଏକ ସମ୍ମାନ  । ଏହା ଆପତ୍ତିଜନକ  ନୁହେଁ ବୋଲି ମୋହନ ନାଟାଲ ଖବର କାଗଜକୁ ଚିଠି ଲେଖିଲେ । ତେଣୁ ସେ ଗଣ୍ଡଗୋଳିଆ, ବିବାଦସ୍ପଦ ବ୍ୟକ୍ତିଭାବରେ ଚର୍ଚ୍ଚିତ ମଧ୍ୟ ହେଲେ । ପୂର୍ବରୁ ବିବାଦଠାରୁ ନିର୍ଦ୍ଦିଷ୍ଟ ଦୂରତ୍ୱ ରକ୍ଷାକରି ଚାଲିଥିବା ସରଳ ମୋହନ ଦକ୍ଷିଣ ଆଫ୍ରିକାରେ ପହଞ୍ଚିବା ପରେ ବିବାଦରେ ଜଡ଼ିତ ହୋଇଗଲେ । ପଗଡ଼ି ପିନ୍ଧି ନ ପାରିଲେ ଇଂରେଜମାନଙ୍କ ଭଳିଟୋପି ପିନ୍ଧିପାରିବେ କି ? ବୋଲି ସେ ପ୍ରଶ୍ନ କରିଥିଲେ ବିଚାରପତିଙ୍କୁ । କିନ୍ତୁ ଟୋପି ତାଙ୍କୁ ମାନବନି ଓ ସେ ହୋଟେଲ ବୟ ଭଳି ଦିଶିବେ ବୋଲି ଦାଦା ଅବଦୁଲ୍ଲା ଘୋର ଆପତ୍ତି କରିଥିଲେ ।

**ଟ୍ରେନ୍ ଯାତ୍ରା ଓ ଅନେକ ଅଘଟଣ –**

ଦକ୍ଷିଣ ଆଫ୍ରିକାରେ ମୋହନ ପ୍ରାରମ୍ଭରୁ ଯେଉଁଭଳି ଚର୍ଚ୍ଚିତ ହେଲେ ତାହା ହୁଏତ ତାଙ୍କର ନେତୃତ୍ୱଗୁଣର ବିକାଶ ପାଇଁ ପ୍ରଥମ ପଦକ୍ଷେପ ଥିଲା । ନାଟାଲର ରାଜଧାନୀ  ମରିସ୍‌ବର୍ଗରେ ସେ ପ୍ରଥମ ଶ୍ରେଣୀ ଟିକେଟ କିଣି ଟ୍ରେନ୍‌ରେ ଚଢ଼ିଲେ । ପ୍ରଥମ ଶ୍ରେଣୀର ଯାତ୍ରୀ ସାହେବ ଦେଖିଲେ ଜଣେ କଳା ମଣିଷ ତାଙ୍କର ସହଯାତ୍ରୀ । ତେଣୁ ସେ ତାଙ୍କୁ ତୃତୀୟ ଶ୍ରେଣୀ ଡ଼ବାକୁ ଯିବାକୁ ନିର୍ଦ୍ଦେଶ ଦେଲେ । ପ୍ରଥମ ଶ୍ରେଣୀର ଟିକେଟ ଗାନ୍ଧିଙ୍କ ପାଖରେ ଥିଲେ ମଧ୍ୟ ପୋଲିସ ତାଙ୍କ ଜିନିଷପତ୍ର ପ୍ଲାଟଫର୍ମକୁ ଫିଙ୍ଗିଦେଲା । ଶୀତରେ ଥରି ଥରି ମୋହନ  ମରିସବର୍ଗ ଷ୍ଟେସନରେ ରାତି କଟାଇଲେ ।  ପ୍ରଚଣ୍ଡ ଶୀତ ଭିତରେ ମଧ୍ୟ ତାଙ୍କ ଦେହରେ ଅପମାନ ଓ ପ୍ରତିରୋଧର ଲାଗ୍ ବହୁଥିଲା । ସେ ଫେରିଯିବେ ନାଁ ଦକ୍ଷିଣ ଆଫ୍ରିକାର ରହି ସାଧାରଣ  କଳାଲୋକଙ୍କର ମର୍ଯ୍ୟାଦା ଓ ଅଧିକାର ପାଇଁ ସଂଗ୍ରାମ କରିବେ ? ଦକ୍ଷିଣ ଆଫ୍ରିକାର ପରିସ୍ଥିତି  ବଦଳାଇବା କେତେ କଷ୍ଟକର ତାହା ମୋହନ ଜାଣିପାରୁଥିଲେ ହେଁ ସେ ସ୍ଥିର କଲେ ଦକ୍ଷିଣ ଆଫ୍ରିକାରେ ରହିବେ । ବହୁତ ବର୍ଷ ପରେ ସେବାଶ୍ରମ ଆଶ୍ରମରେ ଜଣେ ଆମେରିକାନ୍ ପାଦ୍ରୀଙ୍କ ପ୍ରଶ୍ନର ଉତ୍ତରରେ ଗାନ୍ଧି କହିଥିଲେ ଯେ ମରିସବର୍ଗ ଷ୍ଟେସନରେ ଯାହା ଘଟିଥିଲା ତାହାହିଁ ଥିଲା ତାଙ୍କ ଜୀବନର ପ୍ରଥମ ସୃଜନାତ୍ମକ ଅନୁଭୂତି । ସକ୍ରିୟ ଅହିଂସା ଆଡ଼କୁ ତାହାଥିଲା ମୋହନଙ୍କର ପ୍ରଥମ ପଦକ୍ଷେପ ।

ମୋହନ ପରବର୍ତ୍ତୀ ଟ୍ରେନ୍ ଧରି ପ୍ରିଟୋରିରେ ଯିବା ପୂର୍ବରୁ ତାଙ୍କ ଉପରେ ହୋଇଥିବା ଅବିଚାର ସଂପର୍କରେ ଏକ ଦୀର୍ଘ ତାରବାର୍ତ୍ତା ଯୋଗେ ରେଳ ବିଭାଗର ଜେନେରାଲ ମ୍ୟାନେଜରଙ୍କ ପାଖୁ ଜଣାଇଦେଲେ ମାତ୍ର ନେଜେରାଲଙ୍କ ରାୟଥିଲା ଯେ ତାଙ୍କ ଅଫିସରମାନେ ଉଚିତ୍ ପଦକ୍ଷେପ ନେଇଛନ୍ତି, ପରଦିନ ଟ୍ରେନ୍ ଧରି ସେ ଚାର୍ଲସ ଟାଉନ୍‌ରେ ପହଞ୍ଚିଲେ । ଚାର୍ଲସ ଟାଉନ୍‌ରୁ ଟ୍ରେନ ବଦଳାଇ ଜୋହାନ୍‌ସବର୍ଗ ଓ ସେଠାରୁ ଆଉ ଗୋଟିଏ ଟ୍ରେନ୍‌ରେ ପ୍ରିଟୋରିୟା ଯିବାର ବ୍ୟବସ୍ଥା ଥାଏ । ଚାର୍ଲସଟାଉନ୍‌ରୁ ଜୋହାନ୍‌ସବର୍ଗ ଅଳ୍ପ ବାଟ । ତେଣୁ ଗୋଟିଏ ମାତ୍ର କୋଚ୍‌ରେ ଯାତ୍ରୀମାନେ ଥାଆନ୍ତି । ସେହି କୋଚ୍ ଦାୟିତ୍ୱରେ ଥିବା ବ୍ୟକ୍ତି (ଲିଡର) ମୋହନଙ୍କୁ କୋଚ୍ ଭିତରକୁ ଛାଡିଲା ନାହିଁ । ସେ ନିଜେ କୋଚ୍ ଭିତରେ ବସି କୋଚ୍ ବାହାରେ ଥିବା ତା ସିଟ୍‌ଟି ମୋହନଙ୍କ ପାଇଁ ଛାଡି ଦେଲେ । ମୋହନ ଏ ଅପମାନ ସହିଗଲେ । କିଛି ସମୟ ପରେ ଲିଡରର ସିଗାରେଟ ଖାଇବାକୁ ଇଚ୍ଛା ହେଲା ଓ ସେ ନିଜ ସିଟ୍‌କୁ ଫେରିଆସି ମୋହନଙ୍କୁ ତଳେ ବସିବାକୁ ନିର୍ଦ୍ଦେଶ ଦେଲା । ମୋହନ ତାର ନିର୍ଦ୍ଦେଶ ମାନିଲେ ନାହିଁ । ତେଣୁ ସେ ମୋହନଙ୍କୁ ପିଟିଲା ଓ ତାଙ୍କ ବାହୁ ଧରି ତଳେ ଘୋଷାରିଲା । ଏହା ଅନ୍ୟଯାତ୍ରୀମାନଙ୍କ ପକ୍ଷରେ ଅସହ୍ୟ ଥିଲା । ସେମାନେ ପ୍ରତିବାଦ କଲେ ଓ କଳାଲୋକ ସହିତ କୋଚ୍‌ରେ ବସିବା ସେମାନଙ୍କ ପକ୍ଷରେ ଅସୁବିଧାଜନକ ନୁହେଁ ବୋ ଲି କହିଲେ । ଟିକେଟ କିଣିଥିବା ଜଣେ ଯାତ୍ରୀଙ୍କୁ ଏପରି ମାରପିଟକରିବା ଅନ୍ୟାୟ ବୋଲି ସେମାନେ କହିବାରୁ ଲିଡ଼ର ଗାନ୍ଧିଙ୍କୁ ଛାଡ଼ିଦେଲା । ସମସ୍ତ ଘଟଣା ଜଣାଇ ମୋହନ କୋଚ୍‌ର ଏଜେଣ୍ଟଙ୍କୁ ଦରଖାସ୍ତ ଦେଲେ ଓ ଲିଡ଼ରର ଦୁର୍ବ୍ୟବହାରର ଯେପ ରି ପୁନରାବୃତ୍ତି ନ ହୁଏ ତାହା ପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ କଲେ । ଏଜେଣ୍ଟ ତାଙ୍କୁ ଆଶ୍ୱାସନା ଦେଲେ ଯେ ଆଉ ଜଣେ ଲିଡ଼ର ଜୋହାନ୍‌ସବର୍ଗ ଯିବ ଓ ତାଙ୍କର କୌଣସି ଅସୁବିଧା ହେବ ନାହିଁ । ତାଙ୍କ ପ୍ରତି ଅମାନୁଷିକ ବ୍ୟବହାର କରିଥିବା ଲିଡର ପ୍ରତି କୌଣସି ଅଭିଯୋଗ କଲେ ନାହିଁ କାରଣ ସେ ବୁଝିଥିଲେ ଯେ ଲିଡ଼ର ଏକ ମଣିଷ ନୁହେଁ, ଏକ ମନୋବୃତ୍ତି । ମଣିଷଟିଏ ବଦଳିଲେ ମନୋବୃତ୍ତି ବଦଳିବା ସମ୍ଭବ ନୁହେଁ ।

ଷ୍ଟାଣ୍ଡରଟନ୍‌ରେ ମୋହନଙ୍କୁ ଭେଟିବାକୁ ଆସିଥିବା ଭାରତୀୟମାନେ ତାଙ୍କଠାରୁ ଟ୍ରେନ୍ ଯାତ୍ରାର ଅଭିଜ୍ଞତା ଶୁଣି ଦୁଃଖିତ ହେଲେ । ସେ ରାତିଟି ଷ୍ଟାଣ୍ଡଟନ୍‌ର ଏକ ହୋଟେଲରେ ରହିବାପାଇଁ ଇଚ୍ଛା କରି ମୋହନ ହୋଟେଲ ମ୍ୟାନେଜରଙ୍କୁ ଗୋଟିଏ ରୁମ୍ ଦେବାକୁ ଅନୁରୋଧ କଲେ । ମ୍ୟାନେଜର ତାଙ୍କୁ ଗାରେଡେଇ ଚାହିଁଲେ ଓ କୋଠରୀଟିଏ ଦେବାକୁ ମନାକରିଦେଲେ । ଅବଦୁଲ୍ଲାଙ୍କର ସହଯୋଗୀ ଅବଦୁଲ ଘନି ଏକଥା ଶୁଣି ହସିଲେ । ମୋହନ ଜାଣି ନଥିଲେ ଯେ କଳାଲୋକମାନଙ୍କୁ ହୋଟେଲରେ ରହିବାକୁ ସ୍ଥାନ ମିଳେନି । ମୋହନଙ୍କ ଭଳି ଲୋକ ଯେ ନାନା ଅପମାନ ସହି ଦକ୍ଷିଣ ଆଫ୍ରିକାରେ ରହି ପାରିବ ଏକଥା ଘନି ବିଶ୍ୱାସ କରୁ ନଥିଲେ । ଘନିଙ୍କଠାରୁ ସେ ଖବର ପାଇଲେ ଯେ ନାଟାଲ ତୁଳନାରେ ଟ୍ରାନ୍‌ସଭାଲରେ ଗୋରାକଳା ଭେଦ ଆହୁରିତୀବ୍ର । ରାତିକ ଭିତରେ ରେଳ ନିୟମାବଳୀ ପାଠକରିବା ପରେ ଗୋରାକଳା ଭେଦ ନେଇ ଟିକେଟ ଦେବା ନ ଦେବାର କୌଣସି ନିଲାମ ସେ ପାଇଲେ ନାହିଁ । ଟ୍ରାନ୍‌ସଭାଲରୁ ପ୍ରିଟୋରିୟା ମାତ୍ର ୩୭ ମାଇଲ ବାଟ । ମୋହନ ପୁନର୍ବାର ୧ମ ଶ୍ରେଣୀରେ ଯିବାକୁ ଚାହିଁଲେ । ଷ୍ଟେସନମାଷ୍ଟରଙ୍କୁ ବାରିଷ୍ଟର ମୋହନ ନିଜର ପରିଚୟ ଦେଇ ୧ମ ଶ୍ରେଣିର ଟିକେଟ ମାଗିଲେ । ଷ୍ଟେସନମାଷ୍ଟର କହିଲେ ଯେ ସେ ୧ମ ଶ୍ରେଣୀ ଟିକେଟ ତାଙ୍କୁ ଦେବେ ମାତ୍ର ମଝିରେ ଯଦି କେହି ତାଙ୍କୁ ୩ୟ ଶ୍ରେଣୀ ଯିବାକୁ କହନ୍ତି ସେ ବିନାଦ୍ୱିଧାରେ ଚାଲିଯିବେ ନଚେତ୍ କଳାଲୋକଙ୍କୁ ୧ମ ଶ୍ରେଣୀ ଟିକେଟ ଦେଇଥିବା ଅଭିଯୋଗରେ ଷ୍ଟେସନ ମାଷ୍ଟରଙ୍କୁ ହଇରାଣ ହେବାକୁ ପଡ଼ିପାରେ ।

ମୋହନଙ୍କୁ ଷ୍ଟେସନମାଷ୍ଟର ୧ମ ଶ୍ରେଣୀ ଟିକେଟ ଦେଇଥିବାରୁ ଘନି ମଧ୍ୟ ଆଶ୍ଚର୍ଯ୍ୟ ହୋଇଥିଲେ । ମୋହନ ଫାଷ୍ଟକ୍ଲାସ ଡବାରେ ବସିଲେ । ଷ୍ଟେସନଗାର୍ଡ ସେଠାକୁ ଆସି ତାଙ୍କୁ ତିନୋଟି ଆଂଗୁଠି ଦେଖାଇଲେ । ଅର୍ଥ, ତୁମର ସ୍ଥାନ

ଏଠି ନୁହେଁ ୩ୟ ଶ୍ରେଣୀରେ । ମୋହନ ଆପତ୍ତି କରିବାରୁ ଅନ୍ୟ ପ୍ରଥମ ଶ୍ରେଣୀ ଯାତ୍ରୀମାନେ ପ୍ରତିବାଦ କଲେ । ଯଦି ଯାତ୍ରୀଙ୍କ ପାଖରେ ପ୍ରଥମ ଶ୍ରେଣୀର ଟିକେଟ ଅଛି, ସେ ପ୍ରଥମ ଶ୍ରେଣୀରେ ନ ଯିବେ କାହିଁକି ?

ଗାର୍ଡ ଏକଥା ଶୁଣି ଅଶ୍ୱସ୍ତି ପ୍ରକାଶ କଲେ । ଯଦି ଗୋରା ଲୋକମାନ କଳା ଲୋକଙ୍କ ପାଖରେ ବସି ଯିବାରେ ଲଜ୍ଜା ଅନୁଭବ କରୁ ନାହାଁନ୍ତି ତେବେ ସେ ପାଟି କରିବା କ'ଣ ଲୋଡ଼ା ? ଏହିଭଳି ପରିସ୍ଥିତିର ସମ୍ମୁଖୀନ ହେବା ଭିତରେ ମୋହନଙ୍କ ମନରେ ଅନେକ କଥା ଖେଳୁଥିଲା । ସେ ଦକ୍ଷିର ଆଫ୍ରିକାରେ ରହିବେ । କଳା ଲୋକଙ୍କ ସ ବାର୍ଥ ରକ୍ଷାପାଇଁ କାମ କରିବେ । ଏଥିପାଇଁ ରେଳ ନିୟମାବଳୀପାଠ ଠାରୁ ଆରମ୍ଭ କରି ଯାହା ଯାହା କରିବାକୁ ପଡିବ ସେ କରିବେ । କଳାଲୋକଙ୍କ ଉପର ହେଉଥିବା ଅତ୍ୟାଚାର ସଂପର୍କରେ ସେ ସରକାର ତଥା ଉଚ୍ଚବର୍ଗର ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବେ । କଳା ଲୋକମାନଙ୍କ ମନରେ ଆତ୍ମବିଶ୍ୱସର ବୀଜବପନ କରିବେ ଓ ସେମାନଙ୍କୁ ନିଜ ନିଜର ସ୍ୱାର୍ଥପାଇଁ ଏକାଠି ସ୍ୱର ଉତ୍ତୋଳନ କରିବାକୁ ପରାମର୍ଶ ଦେବେ । ସେହି ଅନୁସାରେ ସେ ନିଜର କର୍ମପନ୍ଥା ସ୍ଥିର କରିଥିଲେ । ଏହାକୁ ଆମେ ଗାନ୍ଧିଙ୍କର ରାଜନୀତି ବୋଲି କହିପାରିବା ।

ଲେଖକ ଶରତ କୁମାର ମହାନ୍ତି ମତରେ ... ... ସମାଜ ଗଢ଼ା ହେବାଦିନୁ ମଣିଷ ରାଜନୀତି କରି ଆସୁଛି । ମାତ୍ର ଏକ ନୂତନ ପ୍ରସ୍ଥ ଗ୍ରହଣ କରିବା ପାଇଁ ରାଜନୀତିକୁ ମୋହନଙ୍କ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥିଲା । ତାଙ୍କ ରାଜନୀତି ଆଧାତ୍ମିକତା ଉପରେ ପ୍ରତିଷ୍ଠିତ କହିଲେ ଯଥେଷ୍ଟ ହେବନାହିଁ । ଗାନ୍ଧିଜୀଙ୍କ ପାଇଁ ଆଧାତ୍ମିକତା ଓ ରାଜନୀତି ଅଭିନ୍ନ ଥିଲା । ଦକ୍ଷିଣ ଆଫ୍ରିକା ଆସିବା ପର୍ଯ୍ୟନ୍ତ ମୋହନ କେବେ ସ୍ୱପ୍ନରେ ଭାବି ନ ଥିଲେ ଯେ ଦିନେ ସେ ଜନ ଆନ୍ଦୋଳନ ସୃଷ୍ଟି କରିବେ, ତା'ର ନେତୃତ୍ୱ ନେବେ ।'' (ଗାନ୍ଧି ମଣିଷ ପୃ.୬୦)

**ଗାନ୍ଧି ଜୀବନର ନୂତନ ପ୍ରସ୍ଥ –**

ଦକ୍ଷିଣ ଆଫ୍ରିକାରେ ରହି କଳାଲୋକଙ୍କ ସମ୍ମାନପାଇଁ କାମ କରିବାର ସଂକଳ୍ପ ଭିତରୁ ଜଣେ ନେତା ଆତ୍ମପ୍ରକାଶ କରୁଥିଲେ । ସେ ସରଳ ଓ ଭୀରୁ ନ ଥିଲେ ଥିଲେ ଅଧାତ୍ମବାଦୀ ନିର୍ଭୀକ ଓ ଆତ୍ମବିଶ୍ୱାସୀ ମଣିଷ । ଦକ୍ଷିଣ ଆଫ୍ରିକାରେ ଦୀର୍ଘ ଦିନ ବସବାସ କରି ନିଜର ଆତ୍ମବିଶ୍ୱାସକୁ ଭୁଲି କୌଣସିମତେ ଜୀବିକାର୍ଜନ ଓ ଜୀବନ ଧାରଣ କରୁଥିବା ଭାରତୀୟ ମାନଙ୍କୁ ସେ ଏକାଠି କରିବା ପାଇଁ ନାନା ଉପାୟ ଅବଲମ୍ବନ କଲେ । ସେ ପ୍ରଥମେ ଭାରତୀୟମାନଙ୍କର ଏକ ସଭା ଡାକିଲେ । ସେଠାରେ ସମବେତ ମଣିଷମାନଙ୍କୁ ସେ ଅନୁରୋଧ କଲେ ଯେ ସେମାନେ ନିଜ ନିଜ ବ୍ୟବସାୟରେ ସାଧୁତା ଅବଲମ୍ବନ କରନ୍ତୁ । ହିନ୍ଦୁ ମୁସଲମାନ ବା ଖ୍ରୀଷ୍ଟିୟାନ ଭାବରେ ପରିଚିତ ନ ହୋଇ ଭାରତୀୟଭାବେ ପରିଚିତ ହୁଅନ୍ତୁ । ପରିଷ୍କାର ରହନ୍ତୁ । ସଂଘ ଗଢ଼ନ୍ତୁ ଓ ଇଂରାଜୀ ଶିଖନ୍ତୁ । ସେ ଇଂରାଜୀ ଶିଖାଇବାକୁ ମଧ୍ୟ ସମୟ ଦେବେ । ତାଙ୍କଦ୍ୱାରା ।ସମବେତ ଜନତା ପ୍ରଭାବିତ ହେଲେ, ଫଳସ୍ୱରୂପ ଭାରତୀୟମାନେ ୧ମ ଓ ୨ୟ ଶ୍ରେଣୀରେ ଯାଇ ପାରିବେ ମାତ୍ର ପୋଷାକ ପତ୍ର ଠିକ୍ ଥିବା ଲୋଡ଼ା ବୋଲି ସରକାରଙ୍କର କୋହଳ ମନୋଭାବ ପ୍ରକାଶ ପାଇଲା । ଏପରିକି ରାତି ୯ଟା ପରେ ଭାରତୀୟମାନେ ପଦାକୁ ବାହାରି ପାରିବେ ନାହିଁ ବୋଲି ଯେଉଁ କଟକଣା ଥିଲା ତାହା ମଧ୍ୟ ଉଠାଇ ଦିଆଗଲା । କିନ୍ତୁ ଏହି ଠିକ୍ଠାକ୍ ପୋଷାକ କିଭଳି ଓ ଏହା କାହାକୁ ଠିକ୍ଠାକ୍ ଲାଗୁଥିବା ଉଚିତ ସେ ବିଷୟରେ ସଠିକ୍ ଭାବରେ କିଛି କୁହାଗଲା ନାହିଁ ।

ଗାନ୍ଧିଜୀ ଯେଉଁ ଅବଦୁଲ୍ଲାଙ୍କ କେଶ୍ ଲଢ଼ିବାକୁ ଭାରତରୁ ଆସିଥିଲେ ସେ କେସ୍ ପଢ଼ିଲେ । ଆଟର୍ଣ୍ଣିଙ୍କଠାରୁ ସେ ସଂପର୍କରେ ବୁଝିଲେ । ମଧ୍ୟସ୍ଥତା କରି ସେ କେଶ୍ର ସମାଧାନ ମଧ୍ୟ କଲେ । ୨୦ ବର୍ଷ ବାରିଷ୍ଟରୀ କରିବା ଭିତରେ ଗାନ୍ଧି ଶହ ଶହ କେଶ୍ କୋର୍ଟ ବାହାରେ ଆପୋଷ ସମାଧାନା କରିଛନ୍ତି । ଆଟର୍ଣ୍ଣି ଗାନ୍ଧିଙ୍କ ବ୍ୟକ୍ତିତ୍ୱରେ ପ୍ରଭାବିତ ହୋଇ ତାଙ୍କୁ

ଖ୍ରୀଷ୍ଟଧର୍ମ ଗ୍ରହଣ କରିବାକୁ ପ୍ରଭାବିତ କଲେ ଓ ଚର୍ଚ୍ଚ ମଧ୍ୟ ନେଲେ । ତାଙ୍କ ବେକର ତୁଳସୀମାଳି ଦେଖି କୋର୍ଟସ ସାହେବ ଆତଂକିତ ହେଲେ । ଗାନ୍ଧିଜୀଙ୍କ ଉତ୍ତରଥିଲା ଯେ ଏହା କୌଣସି ଧର୍ମର ସଂକେତ ନୁହେଁ ବରଂ ତାଙ୍କ ଜନନୀଙ୍କର ଆଶୀର୍ବାଦ । ଗଲା ଛିଣ୍ଡିଗଲା ପରେ ଆଉ ନୂଆ ମାଳି ପିନ୍ଧିବେ ନାହିଁ । ଏହି ସମୟରେ ଗାନ୍ଧି ସେଲ୍ସଙ୍କ ଦ୍ୱାରା ଅନୁଦିତ କୋରାନ୍ ସଂପର୍କୀୟ ପୁସ୍ତକ Kingdom of God is within you' ପାଠକରି ପ୍ରଭାବିତ ହୋଇଥିଲେ ଓ ନିଜର ମାନସିକତା ଜଣାଇ ରାୟଚାନ୍ଦ ଭାଇଙ୍କ ପାଖକୁ ପତ୍ର ଲେଖିଥିଲେ, ଏହି ସମୟରେ ୮୦ ଖଣ୍ଡ ଧର୍ମ ପୁସ୍ତକ ସହିତ ସେ ନିତ୍ସେଙ୍କର 'ଦାନସ୍ୱେକଜରାକୁଷ୍ଟା' ପଢ଼ି ପ୍ରଭାବିତ ହୋଇଛନ୍ତି ।

**ଘର ବାହୁଡା କାଳର ଅଘଟଣ –**

ପ୍ରିଟୋରିୟାରେ ୧ ବର୍ଷ ରହିବା ଭିତରେ ଗାନ୍ଧି ଓକିଲାତିରେ ସୁନାମ ଅର୍ଜନ କରିଥିଲେ । ଅବଦୁଲ୍ଲାଙ୍କ କେଶ୍ ମଧ୍ୟ ତୁଟିଯାଇଥିଲା । ଫେରିବା ସମୟର ସମ୍ବର୍ଦ୍ଧନା ସଭାରେ ସେ ଖବରକାଗଜ ଦେଖିଲେ ଯେ ନାଟାଲରେ ବିଦାନ ସଭା ନିର୍ବାଚନ ହେବ ଓ ସେଥିରେ ଭାରତୀୟମାନେ ଭୋଟ ଦେଇପାରିବେ ନାହିଁ । ଆଫ୍ରିକାରେ ଥିବା ଭାରତୀୟମାନେ ରାଜନୀତି ସଂପର୍କରେ ସଚେତନ ନଥିଲେ । ମାତ୍ର ୨୫୦ ଭାରତୀୟଙ୍କର ଭୋଟ ଦେବାର ଅଧିକାର ଥିଲା । ଯେଉଁ ସଂପତ୍ତି ଓ କର ପ୍ରଦାନର ପରିମାଣ ଉପରେ ଭିତ୍ତିକରି ଭାରତୀୟମାନେ ନାଗରିକ ଅଧିକାର ପାଇଥିଲେ ସେତକ ସମୂଳେ ବନ୍ଦ ହୋଇଯିବାର ଥିଲା । ଏହାର ପ୍ରତିରୋଧ କରିବାପାଇଁ ବିଦୟ ସମ୍ବର୍ଦ୍ଧନା ସଭାରେ ଏକତ୍ରିତ ହୋଇଥିବା ବ୍ୟକ୍ତିମାନଙ୍କୁ ମୋହନ ଆହ୍ୱାନ ଦେଲେ । ଏଥିପାଇଁ ସମସ୍ତେ ମୋହନଙ୍କୁ ଦକ୍ଷିର ଆଫ୍ରିକାରେ ଆଉ କିଛି ଦିନ ରହିବାକୁ ଅନୁରୋଧ କଲେ । ମାସେ ରହିବାକୁ ସମ୍ମତ ହୋଇଥିବା ମୋହନ ୨୦ ବର୍ଷ ଦକ୍ଷିଣ ଆଫ୍ରିକାରେ ଅଟକିଗଲେ । ୨୦ ବର୍ଷ କାଳ ଦକ୍ଷିଣ ଆଫ୍ରିକାରେ ଅର୍ଜନ କରିଥିବା ଅନୁଭୂତି ନେଇ ଭାରତ ଫେରିଥିବା ମୋହନ ଭାରତୀୟ ରାଜନୀତିରେ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୋଇଥିଲେ ।

ସେହି ବିଦାୟ ସମ୍ବର୍ଦ୍ଧନା ସଭା ପ୍ରସ୍ତାବିତ ବିଲ୍ ବିରୁଦ୍ଧରେ କାର୍ଯ୍ୟକାରୀ କମିଟି ଗଢ଼ିବାରେ ଶେଷ ହେଲା । ଏହି କାର୍ଯ୍ୟ ପାଇଁ ବାରିଷ୍ଟର ମୋହନ କୌଣସି ଅର୍ଥ ଗ୍ରହଣ କରିବେ ନାହିଁ ବୋଲି ସ୍ପଷ୍ଟ କରିଦେଲେ । ଭାରତୀୟମାନେ ଉଚ୍ଚ ନୀଚ ଜାତି ଭେଦ, ହିନ୍ଦୁ ମୁସଲମାନ ଧର୍ମଭେଦ, ମାଡ୍ରାସୀ ଗୁଜୁରାଟୀ ପ୍ରାଦେଶିକ ଭେଦ ଭୁଲି, ଭାରତୀୟତାର ମନ୍ତ୍ରରେ ଉଦ୍ବୁଦ୍ଧ ହୋଇ ଏକଜୁଟ ହେଲେ । ଭାରତୀୟ ସ୍ୱେଚ୍ଛାସେବୀଙ୍କ ତାଲିକା ତିଆରି ହେଲା ।

**ନାଟାଲରେ ପ୍ରସ୍ତୁତିର ପ୍ରଥମ ପାଦ**

୧୮୯୪ ମେ' ମାସ ଶେଷ ଆଡ଼କୁ ଦାଦା ଅବଦୁଲ୍ଲାଙ୍କ ଘରେ ବୈଠକ ହେଲା । ଜୁନ୍ ମାସ ସାରା ସଭାସମିତି କରିବା, ଦରଖାସ୍ତ ଲେଖିବା ଓ ଅଫିସରମାନଙ୍କୁ ଭେଟିବା କାର୍ଯ୍ୟ ଚାଲିଲା ନାଟାଲର ଆଟର୍ଣ୍ଣି ଜେନେରାଲ ହାରି ଏସ୍କୋମ୍ବ ମୋହନଙ୍କୁ ସହଯୋଗ କଲେ । ମୋହନ ଏସ୍କୋମ୍ବଙ୍କ ଘରପାଖରେ ଦାଦା ଅବଦୁଲ୍ଲାଙ୍କ ଘରଭଡ଼ା ନେଇ ରହିଲେ । ତାଙ୍କୁ ସାହାଯ୍ୟ କଲେ ଲଣ୍ଡନରେ ଅବସ୍ଥାନ କରୁଥିବା ନେତା ଦାଦାଭାଇ ନାରେଜୀ ଯେ କି ପ୍ରଥମେ ମମ୍ବେରେ ଥିଲେ ଗଣିତ ଅଧ୍ୟାପକ । ପରେ ଲଣ୍ଡନରେ ବାଣିଜ୍ୟ ରାଜନୀତି ଓ ଶେଷରେ ସେ ବ୍ରିଟିଶ୍ ପାର୍ଲାମେଣ୍ଟରେ ଏକମାତ୍ର ଭାରତୀୟ ପ୍ରତିନିଧି ଭାବରେ କୃତିତ୍ୱ ଅର୍ଜନ କରିଥିଲେ । ସେହି ନାଉରଜୀ ହିଁ ଭାରତର ସ୍ୱାଧୀନତା ଆନ୍ଦୋଳନର ମୂଳଦୁଆ ପକାଇଥିଲେ ଓ ଦେଶ ସ୍ୱାଧୀନ ହେବାପରେ ଗଣିତ ଅଧ୍ୟାପନା କ୍ଷେତ୍ରକୁ ଫେରିଯିବାକୁ ଚାହୁଁଥିଲେ କାରଣ ସେ ନିଜ ଲିଖିତ Calculus ପୁସ୍ତକଟିକୁ ସଂପୂର୍ଣ୍ଣ କରିପାରୁ ନ ଥିଲେ । ନାଟାଲରେ ଗାନ୍ଧିଙ୍କୁ ସହାୟତା କରୁଥିଲେ ଏସ୍କୋମ୍ବ । ଲଣ୍ଡନରେ ନାଓରଜୀ ଓ ଅର୍ଥ ବ୍ୟବସ୍ଥା କରୁଥାଆନ୍ତି ପ୍ରତିଷ୍ଠିତ ବ୍ୟବସାୟୀ ଦାଦା ଅବଦୁଲ୍ଲା ।

୧୮୯୪ ଜୁନ୍ ୨୮ ତାରିଖରେ ୨୪ଟି ଅନୁଚ୍ଛେଦରେ ବିନ୍ୟସ୍ତ ଏକ ଦରଖାସ୍ତ ଗାନ୍ଧି ନାଟାଲ ବିଧାନସଭା ଉଦ୍ଦେଶ୍ୟରେ ପ୍ରେରଣ କରିଥିଲେ । ଏଥିରେ ୫୦୦ ଭାରତୀୟଙ୍କ ଦସ୍ତଖତ ଥିଲା । ଦରଖାସ୍ତଟି ଥିଲା ସୁଚିନ୍ତିତ, ତ୍ରୁଟିଶୂନ୍ୟ ଓ ନିରପେକ୍ଷ । ସବୁ ଖବରକାଗଜ ଓ ସରକାରୀ ଦପ୍ତରକୁ ଏହି ଦରଖାସ୍ତର କପି ପଠାଗଲା ଓ ପ୍ରଧାନମନ୍ତ୍ରୀଙ୍କ ପାଖକୁ ଟେଲିଗ୍ରାମ ମଧ୍ୟ ଗଲା । ଏହି ବ୍ୟାପାର ଏତେ ଚର୍ଚ୍ଚା ହେଲା ଯେ ବିଲ୍‌ର ଆଲୋଚନା ଘୁଞ୍ଚାଇ ଦିଆଗଲା । ମାତ୍ର ପରବର୍ତ୍ତୀ ସମୟରେ କୌଣସି ପୂର୍ବ ସୂଚନା ନ ଦେଇ ବିଲ୍‌ଟି ପାସ୍ ହୋଇଗଲା । ମୋହନ ପୁନର୍ବାରନାଟଲବାସୀ ଭାରତୀୟଙ୍କ ଦସ୍ତଖତରେ ତତ୍‌କାଳୀନ ବ୍ରିଟିଶ ସେକ୍ରେଟାରୀ ଲର୍ଡ ରିପନ୍‌ଙ୍କ ପାକକୁ ପଠାଇଲେ ଓ ଏହାର ନକଲ ଭାରତୀୟ ସମ୍ବାଦ ପତ୍ରମାନଙ୍କରେ ପ୍ରକାଶିତ ହେଲା । ଲଣ୍ଡନର Times ଖବରକାଗଜ ଭାରତୀୟମାନଙ୍କର ଯୁକ୍ତିକୁ ଉଚିତ୍ ଯୁକ୍ତି ବୋଲି ମତ ଦେଲେ । ନାଟାଲର ସୁପ୍ରିମ୍‌କୋର୍ଟରେ ମୋହନ ବାରିଷ୍ଟରୀ କରିବେ ବୋଲି ଦରଖାସ୍ତ ଦେଲେ । ଏହା କୁଲି ବାରିଷ୍ଟରର ଦୁଃସାହସ ଭାବେ ଆଲୋଚିତ ହେଲା । ସର୍ତ୍ତ ରହିଲା ଯେ ମୋହନ ପଗଡ଼ି କାଢ଼ିବା ପରେ କୋର୍ଟକୁ ଯିବେ ।

ନାଟାଲରେ ବାରିଷ୍ଟରୀ କରି ମୋହନ ସନ୍ତୁଷ୍ଟ ନ ଥିଲେ । ସେ ଚାହୁଁଥିଲେ ସେଠି ଥିବା ଭାରତୀୟ ମାନଙ୍କୁ ଏକାଠି କରିବେ । ତେଣୁ ପରବର୍ତ୍ତୀ କାର୍ଯ୍ୟକ୍ରମ ଭାବେ ସେ ଆହୁରି ସତର୍କତାର ସହିତ ନାଟାଲରେ ପ୍ରଭାବ ବିସ୍ତର କଲେ ।

**ନାଟାଲ ଭାରତୀୟ କଂଗ୍ରେସରଜନ୍ମ**

ନାଟାଲବାସୀ ଭାରତୀୟଙ୍କୁ ଗୋଟିଏ ଛତାତଳ ଏକତ୍ର କରିବାକୁ ଯାଇ ନାଟାଲ ଭାରତୀୟ କଂଗ୍ରେସ ୨୨/୮/୧୮୯୪ରେ ଗଠିତ ହେଲା । ଅବଦୁଲ୍ଲାଙ୍କ ଘରେ ଏହାର ପ୍ରଥମ ସଭା ହେଲା । ପୂର୍ବରୁ ଏହି କଂଗ୍ରେସରନିୟମାବଳୀ ନିଜେ ମୋହନ ପ୍ରସ୍ତୁତ କରିଥିଲେ । ଯେତେବେଳେ ଭାରତୀୟ ଜାତୀୟ କଂଗ୍ରେସ ଗଠିତ ହେଲା ଏହି ସମ୍ବିଧାନ ଅନୁସରଣରେ ତାର ନିୟମାବଳୀ ପ୍ରସ୍ତୁତ ହୋଇଥିଲା । ଦକ୍ଷିଣ ଆଫ୍ରିକାବାସୀ ଭାରତୀୟମାନଙ୍କୁ ଭାରତୀୟମାନେ ଭୋଗୁଥିବା ସମସ୍ୟା ସଂପର୍କରେ ଅବଗତ କରାଇବା ଥିଲା ଏହି ନବଗଠିତ କଂଗ୍ରେସର ଉଦ୍ଦେଶ୍ୟ । ଅନ୍ୟୁନ ୫ ସିଲିଂ ଚାନ୍ଦା ସମସ୍ତେ ଦେବେ କାରଣ ତାହା ଫଳରେ ସମସ୍ତେ ଅନୁଷ୍ଠାନକୁ ଆପଣାର ମଣିବେ । ଗାନ୍ଧି ଉଚ୍ଚବର୍ଗର ଭାରତୀୟମାନଙ୍କର ଦାନ ମଧ୍ୟ ଗ୍ରହଣକରୁଥିଲେ । ଏହି ଦାନ ଓ ଚାନ୍ଦା କାମକୁ ସହଜ କରିବା ପାଇଁ ବର୍ଷକୁ ଥରେ ସର୍ବନିମ୍ନ ୩ ପାଉଣ୍ଡ ଦେୟ ସ୍ଥିର କରାଗଲା, ଦକ୍ଷିଣ ଆଫ୍ରିକାର ଗୋରା ଲୋକଙ୍କୁ ଭାରତୀୟ ସମସ୍ୟା ପ୍ରତି ସଚେତନ କରାଇବାକୁ ମୋହନ ଦୁଇଟି ପ୍ରଚାରପତ୍ର ପ୍ରସ୍ତୁତ କଲେ ‘‘An appeal to every Briton in South Afric ଓ The Indian Franchise - an appeal.’’. ଏହି ପ୍ରଚାରପତ୍ର ପଢ଼ି ଅନେକ ଗୋରା ଲୋକ ଭାରତୀୟମାନଙ୍କ ପ୍ରତି ସହାନୁଭୂତିଶୀଳ ହୋଇଥିଲେ ।

ପୂର୍ବରୁ ନାଟାଲରେ ରହି ଶ୍ରମିକ କାର୍ଯ୍ୟ କରୁଥିବା ଚୁକ୍ତବଦ୍ଧ ଶ୍ରମିକମାନେ ବହୁତ ଟ୍ୟାକ୍‌ସ ଦେଉଥିଲେ ପାଲା ସଂପର୍କରେ ନାଟାଲ ଭାରତୀ କଂଗ୍ରେସ ସ୍ୱର ଉତ୍ତୋଳନ କଲା ।

ଏଠାରେ ତାମିଲ ଚୁକ୍ତିବଦ୍ଧ ଶ୍ରମିକ ବାଲସୁନ୍ଦରମ୍ ଘଟଣାଟି ଉଲ୍ଲେଖନୀୟ । ବାଲସୁନ୍ଦରମ୍ ଯେଉଁଠି କାମ କରୁଥିଲା, ମାଲିକଙ୍କର ଆଘାତରେ ସେ ରକ୍ତାକ୍ତ ହୋଇଥିଲା ଓ ତାର ଦାନ୍ତ ଭାଂଗିଯାଇଥିଲା । ଗାନ୍ଧି ଏହି ଅତ୍ୟାଚାରକୁ ଗୁରୁତ୍ୱର ସହିତ ଗ୍ରହଣ କରି ପ୍ରଥମେ ବାଲସୁନ୍ଦରମକୁ ଡାକ୍ତରଙ୍କ ପାଖକୁ ନେଇ ଚିକିତ୍ସା କରାଇଲେ ଓ ପର ମାଜିଷ୍ଟ୍ରେଟଙ୍କ ପାଖକୁ ନେଲେ । ମାଜିଷ୍ଟ୍ରେଟ ତାର ମାଲିକଙ୍କ ପାଖୁ ସମନ୍ ପଠାଇବାକୁ ରାଜି ହୋଇଥିଲେ ମାତ୍ର ମୋହନ ତାକୁ ଚୁକ୍ତିରୁ ମୁକ୍ତ କରାଇଲେ ଓ ଅନ୍ୟ ଜଣେ ଦୟାଳ ଇଂରେଜ ପରିବାରରେ ରଖାଇଲେ । ଏହା ଶ୍ରମିକମାନଙ୍କ ମଧ୍ୟରେ ଆନନ୍ଦ ସୃଷ୍ଟି କରିଥିଲା । ମାଲିକକୁ ଅପମାନିତ କରିବାକୁ ମୋହନ ଚାହିଁଲେ ନାହିଁ ।

ଗାନ୍ଧିଙ୍କ ମତରେ ସେବା ଓ ଆଧ୍ୟାତ୍ମିକତା ଭାରତୀୟମାନଙ୍କ ପାଇଁ ଶକ୍ତିବର୍ଦ୍ଧକ ଟନିକ୍ ସଦୃଶ । ସେବା ସରଳତା ଓ ବିଶ୍ୱାସ ଦ୍ୱାରା ଖ୍ରୀଷ୍ଟ ଭାବରେ ଅନୁପ୍ରାଣିତ ହୋଇ ସେ ନାନାବିଧ ଧର୍ମର ତୁଳନାତ୍ମକ ବିଚାର କଲେ । ଭାରତୀୟମାନଙ୍କୁ କିଞ୍ଚିତ ଉଦ୍‌ବୁଦ୍ଧ କରିବା ପରେ ମୋହନ ଛୁଟି କଟାଇବାକୁ ଗୁଜୁରାଟ ଯିବାକୁ ଇଚ୍ଛା ପ୍ରକାଶ କଲେ ।

୧୯୮୬ରେ ସେ କଲିକତା ଜାହାଜରେ ଚଢ଼ିଲେ ଓ ଇଂରୋଜ ଅଫିସରଙ୍କ ସହିତ ଚେସ୍ ଖେଳିଲେ । ୨୪ ଦିନ ଜାହାଜରେକଟାଇବା ଭିତରେ ସେ ଜାହାଜରେ ତାମିଲ ଡାକ୍ତରଙ୍କ ଠାରୁ ତାମିଲ ଭାଷାଶିକ୍ଷା କରି ସଂଗ୍ରହକଲେ । ଉର୍ଦ୍ଦୁ ମୁନ୍‌ସୀଙ୍କଠାରୁ ଉର୍ଦ୍ଦୁ ଶିଖିଲେ । ଏହାର ଅର୍ଥ ସେ ସମୟକୁ ଉପଯୁକ୍ତ ବିନିଯୋଗ କଲେ ଓ ସ୍ଥାନୀୟ ଭାଷାଶିକ୍ଷା ଯେ ସ୍ଥାନୀୟ ବ୍ୟକ୍ତିଙ୍କ ସହିତ ଭାବବିନିମୟର ସହାୟକ ଏହା ସେ ଉପଲବ୍ଧ କରିଥିଲେ । ହୁଗୁଳିରେ ଜାହାଜରୁ ଓହ୍ଲାଇ ସେ ଟ୍ରେନ୍‌ରେ ବମ୍ବେ ଗଲେ । ଜେଟରେ ଆଲାହାବାଦରେ ଓହ୍ଲାଇ 'ପାୟାନିୟର' ସଂପାଦକଙ୍କୁ ଭେଟିଲେ । ପାୟୋନିୟରରେ ମୋହନଙ୍କର ଦକ୍ଷିଣ ଆଫ୍ରିକାର କଦର୍ଯ୍ୟ ଅନୁଭୂତି ସଂପର୍କୀୟ ଲେଖା ପ୍ରକାଶିତ ହେଲା । ରଏଟର ଖବରକାଗଜ ଏହି ଲେଖାର ସାରାଂଶ ନାଟାଲ ପଠାଇ ଦେଲେ । ଫଳରେ ଗାନ୍ଧିଙ୍କ ଅନୁଭବରୁ ଭାରତୀୟମାନେ ଦକ୍ଷିର ଆଫ୍ରିକାରେ ଥିବା ସେମାନଙ୍କ ଆତ୍ମୀୟମାନଙ୍କର ଦୁଃଖ ଦୈନ୍ୟ ବିଷୟରେ ଖବର ପାଇଲେ ଓ ସେ ସଂପର୍କରେ ଅଧିକ ଜାଣିବାର ଆଗ୍ରହ ପ୍ରକାଶ କଲେ । ସକଳ ଅଶ୍ୱସ୍ତିକର ଅନୁଭବସତ୍ତ୍ୱେ ସେ ପର୍ଯ୍ୟନ୍ତ ମୋହନ ଥିଲେ ବ୍ରିଟିଶ ଶାସନର ଏକାନ୍ତ ଅନୁଗତ ପ୍ରଜା । ବିଦେଶୀମାନଙ୍କ ବିପକ୍ଷରେ କିନ୍ତୁ ଟିପ୍‌ପଣୀ ଦେଇ ଚର୍ଚ୍ଚିତ ହେବାକୁ ସେ ଚାହୁଁ ନ ଥିଲେ ବରଂ ଭାରତୀୟମାନଙ୍କୁ ସମ୍ମାନର ସହିତ ଏକତ୍ର ହୋଇ ନିଜର ସ୍ୱାର୍ଥ ଓ ସମ୍ମାନ ପାଇଁ ଲଢ଼େଇ କରିବାକୁ ସେମାନଙ୍କୁ ପ୍ରଭାବିତ କରୁଥିଲେ ।

**ବମ୍ବେରେ ପ୍ରବେଶ ଓ ପରିସ୍ଥିତିର ଚାପ**

ମୋହନ ବମ୍ବେରେ ପହଞ୍ଚିବା ବେଳକୁ ବମ୍ବେରେ ପ୍ଲେଗ ରୋଗ ବ୍ୟାପିଥାଏ । ତେଣୁ ମୋହନ ବମ୍ବେର ସାଧାରଣ ଲୋକଙ୍କ ପାଖରେ ଅନ୍ୟୁନ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବାକୁ ପ୍ରୟସ କଲେ । ବସ୍ତିର ପାଇଖାନା ସଫାର ଦାୟିତ୍ୱ ନିଜେ ନେଇ ସେ ଅନୁଭବ କଲେ ଯେ ଦରିଦ୍ର ଲୋକଙ୍କ ପରିବାରରେ ପରିଷ୍କାର ପରିଚ୍ଛନ୍ନତା ଅଧିକ ଓ ସ୍ୱଚ୍ଛଳ ବର୍ଗ ଅଧିକ ଅପରିଷ୍କାର । ରାଜକୋଟରେ ସେ ପହଞ୍ଚିବା ବେଳକୁ ରାଣୀ ଭିକ୍ଟୋରିୟାଙ୍କର ଭାରମଣ୍ଡ ଜୁବିଲି ଉତ୍ସବ ପାଳିତ ହେଉଥାଏ । ବ୍ରିଟିଶଙ୍କ ବିଶ୍ୱସ୍ତ ପ୍ରଜା ଭାବରେ ମୋହନ ରାଜକୋଟର ସ୍କୁଲ ପିଲାଙ୍କୁ God save the queen ପ୍ରାର୍ଥନା ଗୀତ ଶିଖାଇଥିଲେ । ୧୯୨୪ରେ ଗାନ୍ଧିଙ୍କର ଆପେଣ୍ଡିସାଇଟିସ ରୋଗ ହେଲା । ଅତିକଷ୍ଟରେ ସେ ଅସ୍ତ୍ରୋପଚାର ପାଇଁ ରାଜି ହେଲେ । ଇଂଜେକ୍‌ସନ ନେଲେ ୩ ଦିନ ଭିତରେ ସୁସ୍ଥ ହେବେ ମାତ୍ର ଔଷଧ ଖାଇଲେ ୩ ସପ୍ତାହ ଲାଗିବ ସୁସ୍ଥ ହେବାକୁ । ସେ ଔଷଦ ଖାଇଲେ ଓ ୩ ସପ୍ତାହ ଡାକ୍ତରଖାନାରେ ରହିଲେ । ଦୀର୍ଘ ଦିନ ପରେ ଦେଶକୁ ଫେରି ମୋହନ ପିଲାଙ୍କ ସହିତ ଆନନ୍ଦ କଲେ ଓ ଦକ୍ଷିଣ ଆଫ୍ରିକାର ଅନୁଭବକୁ ନେଇ ବହି ଲେଖିଲେ । ପ୍ରଥମେ ଏହି ପୁସ୍ତକ Blue Pamphlet ବା ସବୁଜ ପୁସ୍ତିକା ନାମରେ ଦଶ ହଜାର କପି ଛପାହେଲା ଓ ବିତରିତ ହେଲା । ଏହି ଅନୁଭବ କରାଇବା ଲାଗି ସେ ବମ୍ବେରେ ସାଧାରଣସଭା କଲେ । ଏଥିରେ ଫିରୋଜଶାହ ମେହେଟ୍ଟା ତାଙ୍କୁ ସହଯୋଗ କଲେ । ଗୋଖଲେ ଓ ଲୋକମାନ୍ୟ ତିଳକଙ୍କ ସହଯୋଗରେ ମାଡ୍ରାସରେ ସଭା ହେଲା । କିନ୍ତୁ କଲିକତାରେ ସଭା ହୋଇପାରିଲା ନାହିଁ । ନାଟାଲରୁ ଟେଲିଗ୍ରାମ ଆସିଲା । ମୋହନ ନିଜର ପତ୍ନୀ କସ୍ତୁରବା, ୨ ପୁଅ ଓ ସଦ୍ୟ ବିଧବା ଭଉଣୀର ପୁଅକୁ ନେଇ ୧୮୯୬ ନଭେମ୍ବର ମାସ ୩୦ତାରିଖରେ ପୁନର୍ବାର ଦକ୍ଷିଣ ଆଫ୍ରିକା ଚାଲିଲେ,

ମାଡ୍ରାସ ସଭାରେ ଭାଷଣ ଦେଇ ଗାନ୍ଧି ଯୁକ୍ତି କରିଥିଲେ ଯେ ଦକ୍ଷିଣ ଆଫ୍ରିକାର ଭାରତୀୟମାନଙ୍କର ଆତ୍ମସମ୍ମାନ ଫେରାଇ ଆଣିବାକୁ ହେବ, ନଚେତ ଭାରତୀୟମାନଙ୍କର ଦକ୍ଷିଣ ଆଫ୍ରିକା ଯାତ୍ରା ବନ୍ଦ କରିବାକୁ ପଡ଼ିବ । ଏହି

ବକ୍ତୃତା ଦେବାର  ଅଳ୍ପଦିନ ପରେ ଭାରତୀୟମାନଙ୍କ ସମ୍ମାନ ରଖିବାର ଦାୟଦେଇ  ଗୋଲାମିଙ୍କୁ ପୁନର୍ବାର ଦକ୍ଷିଣ ଆଫ୍ରିକା ଯିବାକୁ ପଡ଼ିଥିଲା ।

**ଦକ୍ଷିଣ ଆଫ୍ରିକାରେ ସଂକଟ**

ଏକ ସମୟରେ ଗାନ୍ଧି ଓ ତାଙ୍କ ପରିବାକୁ ନେଇ ଶେଠ ଅବଦୁଲ୍ଲାଙ୍କ ଜାହାଜ ସହିତ ଅନ୍ୟ ଏକ ଜାହାଜ  ଦକ୍ଷିଣ ଆଫ୍ରିକା ବାହାରିଲେ । ପ୍ରାୟ ୮୦୦ ଯାତ୍ରୀ ଏଥିରେ  ଥିଲେ । ଦକ୍ଷିଣ ଆଫ୍ରିକାରେ ଖବର ପହଞ୍ଚିଲା କୁଲି  ବାରିଷ୍ଟର ଆଠଶହ ଲୋକକୁ ଧରି ଗଣ୍ଡଗୋଲ  କରିବାକୁ ଆସୁଛି । ସବୁଜ ପତ୍ରିକା ଖବର ପୂର୍ବରୁ ସେଠାରେ ପହଞ୍ଚିଲା । ତେଣୁ ଜାହାଜକୁ ଡରବାନ୍ ବନ୍ଦରକୁ  ୫ ଦିନଯାଏ ଛାଡ଼ି  ଦିଆଗଲା ନାହିଁ । ପ୍ଲେଗ ପାଇଁ ଅଟକିଛନ୍ତି ବୋଲି ୧୧ ଦିନ ଜାହାଜକୁ ଅଟକାଇ ଦିଆଗଲା । ଯାତ୍ରୀମାନଙ୍କର ପୁରୁଣା ଲୁଗାପଟା ପୋଡ଼ି ଦିଆଗଲା । କାର୍ବୋଲିକ ଏସିଡ୍ ପାଣିରେ ସମସ୍ତେ ଗାଧେଇଲେ । ବିଛଣା, ଦରି ବାଲଟି ମଧ୍ୟ ପୋଡାଗଲା । ୨୩ ଦିନପରେ ଜାହାଜ  ଡରବାନ୍‌କୁ ଆସିଲା ମାତ୍ର ମୋହନ ଓ ତାଙ୍କ ପରିବାରକୁ ସନ୍ଧ୍ୟାଯାଏ ସହର ଭିତରକୁ ଛାଡିଦିଆଗଲା ନାହିଁ । ଶେଠ ଅବଦୁଲ୍ଲାଙ୍କ ପରାମର୍ଶ ଦାତା ଲାଫଟନ କହିଲେ ଦିନ ଥାଉ ଥାଉ ଗାନ୍ଧି ସହର  ଭିତରକୁ ଯିବା ଭଲ ହେବ । କସ୍ତୁରବା ଓ  ପିଲାଏ ଜଣେ ବଂଧୁଙ୍କ ଘରକୁ ଗଲେ । ରାସ୍ତାରେ ଗୋରାଯୁବକମାନେ ମୋହନଙ୍କୁ ମାରିଲେ ଓ ପୋଲିସ ସୁପରିଣ୍ଟେଣ୍ଡେଣ୍ଟଙ୍କ ପତ୍ନୀ ଆସି ମୋହନଙ୍କୁ ମାଡରୁ ରକ୍ଷା କଲେ । ବଂଧୁ ଘରେ  ଜାହାଜର ଡାକ୍ତର ଆସି ତାଙ୍କୁ ଚିକିତ୍ସା କଲେ । ମୋହନ ପୋଲିସ ପୋଷାକ ପିନ୍ଧି ଲୋକଙ୍କୁ ଠକି ବାହାରକୁ ଚାଲିଗଲେ । ଗାନ୍ଧିଙ୍କ ଉପରେ ଏହି ଆକ୍ରମଣ ଖବର ବ୍ରିଟେନ୍‌ରୁ ଔପନିବେଶିକ ସେକ୍ରେଟାରୀ ପାଇଲେ । ଅଟର୍ଣ୍ଣି ଜେନେରାଲ ଦୁଃଖପ୍ରକାଶ କଲେ । ମାତ୍ର ଗାନ୍ଧିଜୀ  କାହା ବିରୁଦ୍ଧରେ  କିଛି  କହିଲେ ନାହିଁ ।

**ଦକ୍ଷିଣ ଆଫ୍ରିକାରେ ଗାନ୍ଧିଙ୍କ ପାରିବାରିକ ଜୀବନ**

କଣ୍ଟାଚାମୁଚ ଧରି ଖାଇବା ପାଇଁ  ଜାହାଜ ଚଢ଼ିବା ପୂର୍ବରୁ ଗାନ୍ଧିଜୀ ପିଲାମାନଙ୍କୁ ତାଲିମ ଦେଉଥିଲେ । କସ୍ତୁରବାଙ୍କୁ ପାର୍ଶୀଙ୍କ ଭଳି ପୋଷାକ ପିନ୍ଧିବାକୁ  ପ୍ରବର୍ତ୍ତାଇଥିଲେ ।  ପିଲାଏ ଟ୍ରାଇଜର କୋର୍ଟ ଜୋତା ମୋଜା ନିଶ୍ଚୟ ପିନ୍ଧିବେ । ଅଳ୍ପଦିନ ପରେ ଏ ଶୃଙ୍ଖଳା ସେ ପରିହାର କରିଥିଲେ ହେଁ ପିଲାଏ ସେଥିରେ ଅଭ୍ୟସ୍ତ ହୋଇଯାଇଥିଲେ । ଗାନ୍ଧି ପରିବାରରେ ଅଦାଲତର ମୋହରିର ଓ କିରାଣୀମାନେ  ରହୁଥିଲେ ।  ସମସ୍ତଙ୍କ ପାଇଁ ରାନ୍ଧିବା କସ୍ତୁରବାଙ୍କ  ପାଇଁ କଷ୍ଟକର ଥିଲା । ଶୀତ ରାତ୍ରିରେ ସମସ୍ତଙ୍କ ବିଛଣା ତଳେ ପରିସ୍ରାପାତ୍ର  ଥାଏ । ସେମାନେ ସେଥିରେ ପରିସ୍ରା କରିଥାଆନ୍ତି  ସକାଳୁ ସେ ସବୁ ହସ ହସ  ମୁହଁରେ ଉଠାଇ ଫିଙ୍ଗିଦେବାକୁ  କସ୍ତୁରବାଙ୍କୁ  ଗାନ୍ଧି ନିର୍ଦ୍ଦେଶ ଦେଇଥାଆନ୍ତି । ବା' ଥରେ କାଳୁଣ୍ଣ ମାଳୁଣ୍ଣ ହେବାରୁ ଗାନ୍ଧିଜୀ ତାଙ୍କୁ ଟାଣି ଟାଣି ଗେଟ୍ ପାଖକୁ ନେଇଗଲେ ଓ ସେ ରାତି ଥଣ୍ଡା କାକରରେ କସ୍ତୁରବା ପଦାରେ କଟାଇଲେ । ତାଙ୍କ ପରିବାରରେ ଛୁଆଁ ଅଛୁଆଁ ଭେଦଭାବ ନଥିଲା ଏପରିକି କସ୍ତୁରବାଙ୍କ କାନ୍ଦ ଦେଖି ସେ ଆହୁରି ଉତ୍ତେଜିତ ହୋଇଯାଉଥିଲେ ।

**ବୁଅର ଯୁଦ୍ଧ ଓ ଗାନ୍ଧିଙ୍କ  ମାନସିକତା**

ଦକ୍ଷିଣ ଆଫ୍ରିକାରେ ବାସକରୁଥିବା ଓଲନ୍ଦାଜ (ଡଚ)ମାନେ ବୁଅର ନାମରେ ପରିଚିତ ଥିଲେ । ଓଲନାଜ ଓ ଇଂରେଜମାନଙ୍କ ଭିତରେ ହୋଇଥିବା ଏହି ଯୁଦ୍ଧ ବୁଅର ଯୁଦ୍ଧଭାବେ ପରିଚିତ । ୧୮୯୯ରେ ଏହି ଯୁଦ୍ଧ ହୋଇଥିଲା । ସେ ସମୟରେ ଭାରତୀୟମାନେ ବ୍ରିଟିଶ ପ୍ରଜାଥିଲେ ତେଣୁ  ମୋହନ ଇଂରେଜମାନଙ୍କ ପକ୍ଷ ନେଲେ ଓ ଆହତମାନଙ୍କ ସେବା ଶୁଶ୍ରୁଷା କଲେ । କୋଲେନ ସାତ ସ୍ପିଅନ୍‌ଅପ୍ ପ୍ରଭୃତି  ସ୍ଥାନରେ ଯୁଦ୍ଧ ହୋଇଥିଲା । ବ୍ରିଟିଶ ସାମରିକ ଅଫିସର ଲିଓଜେଣ୍ଟ ରବର୍ଟସ ଯୁଦ୍ଧରେ ପ୍ରାଣ ହରାଇବା ସମ୍ବାଦ ପାଇ ମଧ୍ୟ ତାଙ୍କ ପିତା  ଫିଲଡ୍ ମାର୍ଶାଲ ଲର୍ଡ ରବର୍ଟସ ଅବିଚଳିତ ଭାବେ

ଯୁଦ୍ଧର ନେତୃତ୍ୱ ନେଉଥିବା ଦେଖି ଗାନ୍ଧିଜୀ ଚକିତ ହୋଇ ସେମାନଙ୍କୁ ପ୍ରଶଂସା କରିଛନ୍ତି । ରେଡ୍‌କ୍ରସର ବ୍ୟାଜ ଓ ଖାକି ପୋଷାକ କିଭଳି ଗୋରାକଳା ଭେଦ ଉର୍ଦ୍ଧ୍ୱରେ ମାନବସେବା ପାଇଁ ଆଗ୍ରହୀ କରାଇଥାଏ ସେ କଥା ଗାନ୍ଧିଜୀ ବାରମ୍ବାର କହିଛନ୍ତି । ଭାରତୀୟ ସ୍ୱେଚ୍ଛାସେବୀମାନେ ସ୍ପିଅନ୍‌ଅପ ଯୁଦ୍ଧରେ ୨୫ ମାଇଲ ବାଟ ଚାଲିଛନ୍ତି । ଆହତମାନଙ୍କର ଶୁଶ୍ରୁଷା କରି ପ୍ରଶଂସାରପାତ୍ର ହୋଇ ଯୁଦ୍ଧ ପଦକ ପାଇଛନ୍ତି ମାତ୍ର ବ୍ରିଟିଶ ମାନଙ୍କର ଭାରତୀୟଙ୍କ ପ୍ରତିଥିବା ମନୋଭାବ ବଦଳିନାହିଁ, ୧୯୦୧ରେ ରାଣୀ ଭିକ୍ଟୋରିୟା ଓ ରାୟଚାନ୍ଦ ଭାଇଙ୍କର ମୃତ୍ୟୁ ଗାନ୍ଧିଜୀଙ୍କୁ ବିଚଳିତ କରିଛି । ଭିକ୍ଟୋରିଆଙ୍କ ଶୋକସଭାରେ ସେ ରାଣୀଙ୍କ ଚିତ୍ର ଥିବା କାର୍ଡ ବଣ୍ଟନ କରିଛନ୍ତି । ୧୯୦୧ରେ ସେ ପୁନର୍ବାର ଦେଶକୁ ଫେରିବାର ନିଷ୍ପତ୍ତି ନେଇଛନ୍ତି ।

**ଭାରତବର୍ଷର ତତ୍‌କାଳୀନ ପରିବେଶରେ ଗାନ୍ଧି**

୧୯୦୧ରେ କଲିକତାରେ କଂଗ୍ରେସର ବାର୍ଷିକ ଅଧିବେଶନ ହେଇଥାଏ । ଫିରୋଜଶାହା ମେହେଟ୍ଟା ସ୍ୱତନ୍ତ୍ର ସୁସଜ୍ଜିତ ରେଳଡବାରେ ଅଧିବେଶନକୁ ଆସିଲେ । କଂଗ୍ରେସନେତାମାନେ ରାଜା ମହାରାଜାଙ୍କ ଭଳି ବ୍ୟବହାର ପାଇଥିଲେ ।ଓ କର୍ମୀମାନେ ମଧ୍ୟ ସ୍ୱେଚ୍ଛାସେବୀଙ୍କ ସେବା ଲୋଡୁଥିଲେ । ଏପରିକି ନିଜ କୋର୍ଟର ବୋତାମ ଦେବାକୁ ସେମାନଙ୍କୁ ସମୟ ନାହିଁ ବୋଲି କୁହାଯାଇଥିଲା । ବିଭିନ୍ନ ପ୍ରଦେଶର କଂଗ୍ରେସ କର୍ମୀଙ୍କର ରୋଷଇଘର ଅଲଗାଥିଲା ଓ ଛୁଆଁ ଅଛୁଆଁ ଭାବ ମଧ୍ୟ ପ୍ରବଳ ଥିଲା । କଂଗ୍ରେସର ଉପରଠାଉରିଆ ଢ଼ଙ୍ଗ ଗାନ୍ଧିଙ୍କୁ ଭଲ ଲାଗିନଥିଲା । ସେ ନିଜ ଚେଷ୍ଟାରେ କଂଗ୍ରେସ ସେକ୍ରେଟାରୀଙ୍କୁ କାମ ମାଗି ଶିଢ଼ି ଚଢ଼ି ସଜାଡ଼ି ରଖିବାର କାମ ପାଇଥିଲେ ।

ଅଧିବେଶନ ପରେ ସେ କଲିକତା କାଳୀମନ୍ଦିରକୁ ଯାଇଥିଲେ । ସେଠାର ପଶୁବଳି ଦେଖି ବିବ୍ରତ ଗାନ୍ଧି କହିଥିଲେ ଯଦି ମଣିଷ ଭିତରର ପଶୁତ୍ୱକୁ ବଳି ଦେବାକୁ ହେବ ତେବେ ନିରୀହ ଛେଳି ମେଣ୍ଢାଠାରୁ ବାଘ ବଳି ଦେବା ଦରକାର । ସେଠାରୁ ସେ ଚାଲି ଚାଲି ବେଲୁର୍‌ଗଲେ ମାତ୍ର ବିବେକାନନ୍ଦଙ୍କ ଶରୀର ଅସୁସ୍ଥ ଥିବାରୁ ଦେଖା ହୋଇପାରିଲାନି । ସେଠାରୁ ଶାନ୍ତି ନିକେତନ ଯାଇ ସେ ଦେବେନ୍ଦ୍ର ନାଥ ଠାକୁର ଅସୁସ୍ଥ ଥିବା ସମ୍ବାଦ ପାଇଥିଲେ । ରବିଠାକୁରଙ୍କ ସହିତ ଦୀର୍ଘ ୧୪ ବର୍ଷ ପରେ ଗାନ୍ଧିଙ୍କର ସାକ୍ଷାତ ହୋଇଥିଲା ଓ ପଶୁବଳିରେ ବିଚିତ୍ର ରବିଠାକୁର ରାଜଶ୍ରୀ ନାମକ ଉପନ୍ୟାସ ଓ ବିସର୍ଜନ ଶୀର୍ଷକ ନାଟକ ଲେଖିଥିବା ଜାଣି ଆନନ୍ଦିତ ହୋଇଥିଲେ ।

କଲିକତାର India clubରେ ଗାନ୍ଧି ଥିବା ସମୟରେ ଲର୍ଡ କର୍ଜନ ସେଠାରେ ଦରକାର କରିଥିଲେ । ଦେଶର ରାଜାମହାରାଜାମାନେ ପ୍ୟାଣ୍ଟ କୋର୍ଟ ବୁଟ ପିନ୍ଧି ସେ ସଭାକୁ ଆସିଥିଲେ । ଏସବୁ ସେମାନଙ୍କୁ ଭଲ ଲାଗୁଛି କି ? ପ୍ରଶ୍ନର ଉତ୍ତରରେ ଭାରତର ରାଜା ମହାରାଜାମାନେ କହିଥିଲେ ଯେ ସେମାନଙ୍କ ଭଲ ଲାଗିବା ନ ଲାଗିବା ଉପରେ କିଛି ନିର୍ଭର କରେ ନାହିଁ । ଏହି ସମୟରେ ବନରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ଭିତ୍ତିସ୍ଥାପନ ପାଇଁ ମାଲବ୍ୟଜୀ ଲର୍ଡ କର୍ଜନଙ୍କୁ ନିମନ୍ତ୍ରଣ କରିଥିଲେ ।

କଲିକତାରେ ଥିବାବେଳେ ଗାନ୍ଧି ଗୋଖଲେଙ୍କ ସହିତ ପରିଚିତ ହୋଇଥିଲେ । ଗୋଖଲେ ଥିଲେ କଲିକତା ମ୍ୟୁନିସିପାଲ୍‌ଟିର ଚେୟାରମ୍ୟାନ । ଗୋଖଲେ ତାଙ୍କୁ ସାର୍‌.ପି.ସି ରାୟ (ରସାୟନ ଅଧ୍ୟାପକ)ଙ୍କ ସହିତ ପରିଚିତ କରାଇ ଦେଇଥିଲେ । ପି.ସି.ରାୟ ବା ପ୍ରଫୁଲ୍ଲ ଚନ୍ଦ୍ର ରାୟଙ୍କ ବୈଶିଷ୍ଟ୍ୟ ଥିଲା ଯେ ସେ ସମୟରେ ପାଉଥିବା ଟ୮୦୦/- ଟଙ୍କା ଦରମାରୁ ନିଜ ପାଇଁ ମାତ୍ର ୪୦ ଟଙ୍କା ରଖି ବାକୀତକ ସାଧାରଣ ଲୋକଙ୍କୁ ଦାନ କରିଦେଉଥିଲେ । ଗୋଖଲେଙ୍କୁ ସେ ପାଦରେ ଚାଲି ଚାଲି କଲିକତା ବୁଲି ଲୋକଙ୍କ ଅଭାବ ଅସୁବିଧା ବୁଝିବାକୁ ଓ ନିଜର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାକୁ ପରାମର୍ଶ ଦେଉଥିଲେ ।

ସେ ବର୍ମାର ସୁବର୍ଣ୍ଣ ପାଗୋଡାରେ ମହମବତୀର ଜ୍ୱଳନ ଓ ମୂଷାଙ୍କ ଉତ୍ପାତ ଦେଖି ଅସନ୍ତୁଷ୍ଟ ହୋଇଥିଲେ । ବନାରସରେ ଆନିବେସାନ୍ତାଙ୍କୁ ଭେଟିବାକୁ ଟ୍ରେନ୍‌ରେ ୩ୟ ଶ୍ରେଣୀ ଡବାରେ ଯାତ୍ରା କଲେ । ତାଙ୍କର ଯୁକ୍ତିଥିଲା ଶିକ୍ଷିତ ଲୋକ ୩ୟ ଶ୍ରେଣୀରେ ଗଲେ ଅଶିକ୍ଷିତମାନେ ସାବଧାନ ହେବେ । ଶିକ୍ଷିତ ଲୋକ କର୍ତ୍ତୃପକ୍ଷଙ୍କ ଉପରେ ଚାପପକାଇ କୌଣସି ଅସୁବିଧାର ସମାଧାନ ମଧ୍ୟ କରିପାରିବେ । ବନାରସର କାଶୀ ବିଶ୍ୱନାଥ ପୀଠର ଭୋଗବିକ୍ରି ସ୍ଥାନର କୋଳାହଳ, ମାଛି ଓ ଫୁଲଗନ୍ଧର ଗନ୍ଧ, ପଣ୍ଡାଙ୍କ ଉପଦ୍ରବ ସବୁରେ ଅଂଶ ଲିଭାଇଛନ୍ତି । ବମ୍ବେରେ ସେ ଘରକଲେ । ଓକିଲାତି ଓ କଂଗ୍ରେସ କାମ ଏକାଠିକଲେ । ଜୀବନବୀମା ଏଜେଣ୍ଟଙ୍କୁ ୧୦୦୦୦/- ଦେଇ ଜୀବନବୀମା ମଧ୍ୟ କରାଇଥିଲେ ମାତ୍ର ପରକ୍ଷଣରେ ସେ ଜୀବନବୀମାର ଅସାରତା ବୁଝି ତହିଁରୁ ଓହରିଗଲେ । ୨ୟ ପୁଅକୁ ନିମୋନିଆ ଓ ଟାଇଫଏଡ୍ ବେଳେ ଅଣ୍ଡା ବା ଚିକେନ୍ ସୁପ୍ ନ ଦେଇ ପ୍ରାକୃତିକ ଚିକିତ୍ସା ଉପରେ ଭରସାକଲେ । ଏହି ସମୟରେ ତାଙ୍କୁ ପୁନର୍ବାର ଦକ୍ଷିଣ ଆଫ୍ରିକାରୁ ଡକରା ଆସିଲା, ବ୍ରିଟିଶ୍ ଚେମ୍ବରଲେନ୍ ଦକ୍ଷିଣ ଆଫ୍ରିକା ଆସିବାର ଥାଏ । ତାଙ୍କ ପାଖରେ ଭାରତୀୟମାନର ଦାବୀ ପେଶ୍ କରିବାକୁ ଗାନ୍ଧି ହିଁ ଏକମାତ୍ର ଉପଯୁକ୍ତ ଥିଲେ ।

### ଗାନ୍ଧିଙ୍କ ପରିହାସ ପ୍ରିୟତା ଓ ଜୀବନାନୁଭବ

ସାବରମତୀ ଆଶ୍ରମକୁ ଅନେକ ଆଶା ଓ ସଂକୋଚ ନେଇ କୋଡିଏ ବର୍ଷ ବୟସ୍କ ବିନୋବା ଗାନ୍ଧିଙ୍କ ସହିତ ପ୍ରଥମେ ସାକ୍ଷାତ ପାଇଁ ଯାଇଥାଆନ୍ତି । ସେ ଭୟ କରୁଥାଆନ୍ତି ଯେ ଗାନ୍ଧି ତାଙ୍କୁ କି ପ୍ରଶ୍ନ ପଚାରିବେ, କିନ୍ତୁ ଗାନ୍ଧି ତାଙ୍କୁ ପ୍ରଥମ ପ୍ରଶ୍ନ ପଚାରିଥିଲେ 'ତୁମକୁ ପରିବା କାଟି ଆସେ ?' ବିନୋବା ମୁଣ୍ଡ ହଲାଇ ନାହିଁ କଲେ ଓ ଗାନ୍ଧି ତାଙ୍କୁ ରୋଷେଇ ଘରକୁ ନେଇଯାଇ ନିଜେ ପରିବା କାଟି ତାଙ୍କୁ ଶିଖାଇ ଦେଲେ । ଲଣ୍ଡନରେ ମହାମହିମ ସମ୍ରାଟଙ୍କୁ ଭେଟିବାକୁ ଭାରତରେ ପ୍ରତିନିଧି ଭାବେ ଗାନ୍ଧି ଯାଇଥିଲେ । ସେଠାରୁ ଫେରିବା ପରେ ସାମ୍ବାଦିକ ମାନେ ପ୍ରଶ୍ନ କଲେ ''ଆପଣଙ୍କ ପୋଷାକପତ୍ର ଠିକ୍‌ଠାକ୍ ଥିଲାତ ?'' ଗାନ୍ଧିଜୀ ତତ୍‌କ୍ଷଣାତ୍ ଉତ୍ତର ଦେଲେ '' ଆମ ଦୁହିଁଙ୍କୁ ଯଥେଷ୍ଟ ହେଲା ଭଳି ପୋଷାକ ଏକା ସମ୍ରାଟଙ୍କ ଦେହରେ ଥିଲା ।'' ଏଭଳି ରସିକତା ଦୁର୍ବଳ ବା ଭୀତ ମଣିଷର ଆସିବା ସଂଭବ ନୁହେଁ । ଚର୍ଚ୍ଚିଲ ଗାନ୍ଧିଙ୍କୁ 'ଲଙ୍ଗଳା ଫକୀର' ବୋଲି କହୁଥିଲେ । ଗାନ୍ଧି ତାଙ୍କୁ ଚିଠି ଲେଖିଥିଲେ ଯେ ସେ ଫକୀର ହେବାକୁ ବ୍ୟାକୁଳ । ଏଥିପାଇଁ ସେ ଚେଷ୍ଟା ମଧ୍ୟ କରୁଛନ୍ତି ମାତ୍ର ହୋଇପାରି ନାହାଁନ୍ତି । କାରଣ ସେ ନିଜର ଜିଦ୍ ଛାଡିପାରି ନ ଥିଲେ । ସେହିପରି ନାଟାଲର ଭାରତୀୟମାନଙ୍କୁ ସେ ଇଂରାଜୀ ଶିଖାଇବେ ବୋଲି ଜବାବ୍ ଦେଇଥିଲେ ବା ମୁସଲମାନ ଓ ଖ୍ରୀଷ୍ଟିୟାନ ଧର୍ମର ଲୋକମାନଙ୍କୁ ବାରଣ କରିଥାଆନ୍ତି । ଏକଥା ଜାଣି ଗାନ୍ଧିଜୀ ଅନ୍ୟ ଜାତିର ପ୍ରତ୍ୟେକଙ୍କୁ ନିଜର ପୁଅଝିଅ ଭାବେ ଗ୍ରହଣ କରି ତାଙ୍କର ଏତାଦୃଶ ମନୋଭାବକୁ ଦୂର କରିଥିଲେ । ଓଡ଼ିଶା ଆସିଥିବା ସମୟରେ ଓଡ଼ିଶାର ଦାରିଦ୍ର୍ୟ ତାଙ୍କୁ ବ୍ୟଥିତ କରିଥିଲା । କଟକରେ ଚାରିବାଟିଆରେ ସୂର୍ଯ୍ୟ ଉଦୟ ଦେଖି ସେ ଆତ୍ମବିସ୍ମୃତ ହୋଇଥିଲେ । ପ୍ରଥମଥର ଲଣ୍ଡନ ଯିବା ସମୟରେ ସେ ସୁଏଜ କେନାଲ ଦେଖି ଆଶ୍ଚର୍ଯ୍ୟ ଅଭିଭୂତ ହୋଇଲେ । ମଣିଷ ଯେ ପ୍ରକୃତିର ପ୍ରତିଦ୍ୱନ୍ଦୀ ଏକଥା ତାଙ୍କ ମନକୁ ଆସିଥିଲା । ପିଲାମାନେ ଜାହାଜରେ ଚଢ଼ି ସମୁଦ୍ରକୁ ଡେଉଁଥିବା ଦେଖି ମଧ୍ୟ ସେ ଆଶ୍ଚର୍ଯ୍ୟାନ୍ୱିତ ହୋଇଥିଲେ ।

ତାଙ୍କର ଜୀବନର ଅନୁଭୂତି ହେଲା ଯେ ଜଣେ ଯେମିତି ଖାନା ଖାଇବାକୁ ସମୟ ବାହାର କରିପାରୁଛି ସେମିତି ବ୍ୟାୟାମପାଇଁ ସମୟ ବାହାର କରିପାରିବ । ଏହା ବ୍ୟକ୍ତିକୁ ସୁସ୍ଥ ରଖିବା ସହିତ ତାକୁ ଆତ୍ମବିଶ୍ୱାସୀ ଓ କର୍ମତତ୍ପର କରିପାରିବ । ଯେ କୌଣସି ସାଧାରଣ କାର୍ଯ୍ୟକୁ ଗୁରୁତ୍ୱର ସହିତ କରିବା ତାଙ୍କର ଜୀବନର ଏକ ଶିକ୍ଷଣୀୟ ଦିଗ । କିନ୍ତୁ ଯିଏ ତାଙ୍କୁ ଅଧିକ ଶ୍ରଦ୍ଧା କରେ ତାଙ୍କ ପ୍ରତି ସେ ନିଷ୍ଠୁର ହୁଅନ୍ତି । ଉଦାହରଣ ସ୍ୱରୂପ ନିଜ ପରିବାର ପ୍ରତି ସେ ଯଥେଷ୍ଟ ଧ୍ୟାନ ଦେଉନାହାନ୍ତି ଏପରିକି ଠିକ୍ ସମୟରେ ଔଷଧ ନ ଦେବା ଓ ପିଲାମାନଙ୍କର ଅଭିମାନର ଶରବ୍ୟ ହୋଇଛନ୍ତି । ସମୟ ଚେତନାତା ତାଙ୍କର ଜୀବନାଦର୍ଶ । ସେଥିପାଇଁ ତ ଜାହାଜରେ କଟାଇଥିବା ସମୟ ମଧ୍ୟରେ ସେ ତାମିଲ ଓ ଉର୍ଦ୍ଦୁ

ଶିଖିପାରିଥିଲେ । ଯେଉଁ ସ୍ଥାନକୁ ଯାଉଥିଲେ ସେ ସ୍ଥାନର ଭାଷା ଶିକ୍ଷାପାଇଁ ସେ ଆଗ୍ରହୀ ଥିଲେ କାରଣ ସେହି ଭାଷା ସାହାଯ୍ୟରେ ହିଁ ସେ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିପାରିବେ । (ଓଡ଼ିଶାରେ ବାଲେଶ୍ୱରର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ରବୀନ୍ଦ୍ର ମୋହନ ଦାସଙ୍କ ପତ୍ନୀ ଗୋଦାବରୀ ଦେବୀ ତାଙ୍କୁ ଓଡ଼ିଆ ଶିଖାଇଥିଲେ ।)

ମାତୃଭାଷା ସଂପର୍କରେ ତାଙ୍କର ଚିନ୍ତା ବେଶ୍ ଆକର୍ଷଣୀୟ । ସେ ନିଜର ମାତୃଭାଷା ଗୁଜୁରାଟୀ ସଂପର୍କରେ ଯାହା କହିଥିଲେ ତାହା ପ୍ରତ୍ୟେକ ପ୍ରାଦେଶିକ ଭାଷାପାଇଁ ପ୍ରଯୁଜ୍ୟ । ଗାନ୍ଧିଜୀ ଇଂରାଜୀ ଶିଖିଛନ୍ତି । ଛୋଟ ଛୋଟ ଆନ୍ତରିକତାପୂର୍ଣ୍ଣ ଶୈଳୀରେ ଲେଖିବା ଅଭ୍ୟାସ ମଧ କରିଛନ୍ତି କିନ୍ତୁ ଇଂରାଜୀ କବିତା ମୁଖସ୍ଥ କରିବା କଥାଟିକୁ ସେ ଗ୍ରହଣ କରି ପାରି ନ ଥିଲେ । ଆମେ ଦେଶ ବିଦେଶର ଖବର ଜ୍ଞାନ ବିଜ୍ଞାନ ବିଷୟ ଜାଣିବା ପାଇଁ ଇଂରାଜୀ ପଢ଼ିବା ଆବଶ୍ୟକ । ମାତ୍ର ଇଂରାଜୀ ମାତୃଭାଷାର ବିକଳ୍ପ ନୁହେଁ । ଯିଏ ମାତୃଭାଷାର ବିକଳ୍ପ ଭାବରେ ଇଂରାଜୀ ପଢ଼ନ୍ତି ସେମାନେ ଖୁବ୍ ସ୍ୱାର୍ଥପର ହୋଇ ଯାଆନ୍ତି, କାରଣ ନିଜ ସମୟର ବଂଚୁଥିବା ସାଧାରଣ ମଣିଷଙ୍କଠାରୁ ସେମାନେ ଦୂରକୁ ଚାଲିଯାଆନ୍ତି ଓ ବ୍ୟକ୍ତି ସ୍ୱାର୍ଥକୁ ହିଁ ଗୁରୁତ୍ୱ ଦିଅନ୍ତି । ଏକଥା ଗାନ୍ଧିଜୀ ବୁଝିଥିଲେ ମାତ୍ର ଆଜିପର୍ଯ୍ୟନ୍ତ ଆମେ ତାହା ବୁଝି ପାରିଲୁ ନାହିଁ ।

ପାରିବାରିକ ଜୀବନରେ ଶୃଙ୍ଖଳାକୁ ସେ ଗୁରୁତ୍ୱ ଦେଉଥିଲେ । ଅନ୍ୟର କିଛି କଷ୍ଟ ହୋଇପାରେ, ଏ କଥା ସେ ଭୁଲିଯାଉଥିଲେ । ମାତ୍ର ଛୋଟ ଛୋଟ କଥା ମନେଇ ନ ପାରିଲେ ସେ କ୍ରୋଧ ପ୍ରକାଶ କରୁଥିଲେ ଓ ଅନଶନ ଆରମ୍ଭ କରି ଦେଇଥିଲେ । ପରିବାରର ନୁହେଁ ବରଂ ଆଶ୍ରମରେ ମଧଏହି ଅନଶନକୁ ଆପଣାର ସେ ଅନେକ ଭିନ୍ନ ଚିନ୍ତାଧାରାର ମଣିଷମାନଙ୍କୁ ଏକାଠି କରିପାରିଥିଲେ । ଦେଶ ସେବା ତାଙ୍କର ବୃତ୍ତି ନୁହେଁ ବ୍ରତ ଥିଲା । ତେଣୁ ରାଜନେତା ଜଣେ ଇଚ୍ଛାକରି ଦରିଦ୍ର ରହିବା ଦରକାର ବୋଲି ସେ କହୁଥିଲେ ଓ ଅର୍ଥ ସଂଚୟ ଅନାବଶ୍ୟକ ବୋଲି ନିଜର ଜୀବନ ବୀମା ପଲିସି ମଧବନ୍ଦ କରି ଦେଇଥିଲେ ।

**ଗାନ୍ଧି ମଣିଷର ଭାଷା ଓ ଶୈଳୀ**

ଗାନ୍ଧି ମଣିଷ ରଚନାରେ ଶରତ କୁମାର ମହାନ୍ତି ମହୋଦୟ ବେଶ୍ ଆନ୍ତରିକତା ପ୍ରଦର୍ଶନ କରିଛନ୍ତି । ପ୍ରାରମ୍ଭରୁ 'ସମୁଦ୍ର ବନ୍ଧେଇବା' ଆମର ଦୃଷ୍ଟି ଆକର୍ଷଣ କରିଥାଏ । ପ୍ରମରୁ 'ବୈଷ୍ଣବ ଜନ' ଶବ୍ଦର ବ୍ୟାଖ୍ୟାକରି ଲେଖକ କୁହନ୍ତି '' ... ... ବାପୁଙ୍କ ଯୋଗୁଁ ଏହି ଭଜନଟି ସାରା ଭାରତ ବର୍ଷରେ ଆଦୃତ ହୋଇଛି । 'ହରିଜନ' ଶବ୍ଦଟି ବାପୁ ନରସିଂହ ମେହେଟ୍ଟାଙ୍କଠାରୁ ଆଣିଛନ୍ତି । 'ହରିଜନ' ଶବ୍ଦର ପ୍ରୟୋଗ କରିଥିବାରୁ ଆଜିକାର ନିମ୍ନ ଜାତି ଲୋକଙ୍କ ଭୋଟ ଲୋରୀଗାନ୍ଧୀଙ୍କୁ ସମାଲୋଚନା କରନ୍ତି । ସେମାନେ ବରଂନରସିଂହ ମେହେଟ୍ଟାଙ୍କୁ ଗାଦି ଦିଅନ୍ତୁ । (ଗାନ୍ଧି ମଣିଷ ପୃ୪) ପୁନର୍ବାର ୨୨ଆଜି ଯେତେବେଳେ ଭୌଗୋଳିକ ଦୂରତ୍ୱ କମିବା ସହିତ ତାଳ ରଖି ହୃଦୟର ଦୂରତ୍ୱ କମାଇବା ଜରୁରୀ ହୋଇ ପଡିଲୁ ସେତେବେଳେ ଜଣେ ମହାତ୍ମା ଆମପଟିଆ, ତୁମପଟିଆ ବା ସେମାନଙ୍କ ପଟିଆ ମେଲି ଜାଣିବାକୁ ଆମେ ଦାବୀ କରୁଛୁ । ମହାତ୍ମାଙ୍କୁ କାହା ପକ୍ଷରେ ରହିବା ଶୋଭା ପାଆନ୍ତା ! (ଗାନ୍ଧି ମଣିଷ ପୃ ୬-୭) ଐତିହାସିକ ଟ୍ରେନ୍‌ଯାତ୍ରା ଅଧ୍ୟାୟରେ'' ବାହାରର ଥଣ୍ଡା ଓ ଭିତରର ଉଷ୍ମତା ମିଶି ତାଙ୍କୁ ଆଉଟି ପକାଉ ଥାଆନ୍ତି । ସେ କ'ଣ ଦେଶକୁ ଫେରିଯିବେ ? କିମ୍ବା କୌଣସି ମତେ ବର୍ଷଟିଏ କଟାଇ ଫେରିବେ ? କିମ୍ବା କଳାଲୋକଙ୍କର ମର୍ଯ୍ୟାଦା ଓ ଅଧିକାର ପାଇଁ ଦକ୍ଷିଣ ଆଫ୍ରିକାରେ ରହି ସଂଗ୍ରାମ କରିବେ ? ଦକ୍ଷିର ଆଫ୍ରିକାର ପରିସ୍ଥିତି ବଦଳେଇବା କେତେ କଠିନ ବ୍ୟାପାର ସେ କଥା ମୋହନ ବାରି ପାରିଥିଲେ । ତଥାପି ସ୍ଥିରକଲେ, ସେ ଦକ୍ଷିଣ ଆଫ୍ରିକାରେ ରହିବେ । ଏଇ ସିଦ୍ଧାନ୍ତ ନେବା ମୁହୂର୍ତ୍ତରୁ ମୋହନଙ୍କ ଭିତରେ ଗୋଟିଏ ନୂତନ ବ୍ୟକ୍ତିତ୍ୱର ବୀଜ ଅଂକୁରିତ ହେଲା । ମହାତ୍ମାଗାନ୍ଧୀ! ''(ଗାନ୍ଧି ମଣିଷ ପୃ ୫୭) ଗାନ୍ଧି ଦକ୍ଷିଣ ଆଫ୍ରିକାରେ ଭାରତୀୟମାନଙ୍କୁ ବ୍ୟବସାୟରେ ସାଧୁତା ରକ୍ଷାପାଇଁ ଉପଦେଶ ଦେଇଛନ୍ତି । ଲେଖକଙ୍କ ଭାଷା'' X X ମୋହନଙ୍କ କହିବାର ମତଲବ ଭାରତୀୟଙ୍କର ସାଧୁତା, ଦେଶାତ୍ମବୋଧ ଓ ପରିଚ୍ଛନ୍ନତାର ପରିଚୟ ପାଇଲେ ବିଦେଶୀମାନେ ସେମାନଙ୍କୁ

ସମ୍ମାନ କରିବେ । ମର୍ଯ୍ୟାଦାଦେବେ, ବାପ୍‌ରେ ! କି କୂଟବୁଦ୍ଧି !! X X X ଗାନ୍ଧିଜୀଙ୍କର ଅନେକ ପ୍ରଶଂସକ ଓ ନିନ୍ଦୁକ କହନ୍ତି ଯେ ସେ ଜଣେ ପକ୍‌କା ବଣିଆ ! ବଣିଆଁଙ୍କୁ କିଏ ବୁଦ୍ଧିରେ ପାରିବରେ ବାବା ! ( ଗାନ୍ଧି ମଣିଷ ପୃ ୬୧) ସେହିଭଳି ଦକ୍ଷିଣ ଆଫ୍ରିକାରୁ ଫେରିବା ସମୟରେ ମୂଲ୍ୟବାନ ଗହଣାତକ ସାଂଗରେ ନ ଆଣିବାର ନିଷ୍ପତ୍ତି ସଂପର୍କରେ ଉଲ୍ଲେକ କରି ଲେଖକ ଖୁବ ମନଛୁଆଁ ଢ଼ଂଗରେ ଗାନ୍ଧି - ବ୍ୟକ୍ତିତ୍ୱର ଚିତ୍ର ଅଂକନ କରିଛନ୍ତି ।

ପ୍ରାବନ୍ଧିକ ଶରତ କୁମାର ମହାନ୍ତି ଗାନ୍ଧି ମଣିଚେ ଲେଖିବା ପଛରେ ତାଙ୍କର ବ୍ୟାପକ ପଠନ ଓ ଗଭୀର ଅନୁଶୀଳନର ଚିତ୍ର ପାଠକଙ୍କୁ ସ୍ପଷ୍ଟ ଭାବରେ ଦିଶେ । ପ୍ରଥମେ ସେ ଗାନ୍ଧି ବଳୁଆ କି ଦୁବଳ, ଭୀରୁ କି ସାହସୀ, ସୁନ୍ଦର କି ଅସୁନ୍ଦର ଏପଶ୍ନ ଉତ୍‌ଥାପନ କରିଛନ୍ତି । ତାଙ୍କର ମମତାଭରା ସଜଳ ଆଖି ଦୁଇଟି ହିଁ ତାଙ୍କର ସୌନ୍ଦର୍ଯ୍ୟ । ବ୍ରିଟିଶ ସରକାର ଆଗରେ ନିରସ୍ତ୍ର ହୋଇ ଦଣ୍ଡାୟମାନ ହେବା ତାଙ୍କର ସାହସ ଓ ବ୍ରିଟିଶ ମାନଙ୍କୁ ବିନାହିଂସା ଓ ରକ୍ତପାତରେ ହଟାଇ ଦେବା ତାଙ୍କର ବଳିଷ୍ଠ ତାର ନିଦର୍ଶନ । ସୁଭାଷ ବୋଷ କହୁଥିଲେ ଯେ ଗାନ୍ଧିଜୀଙ୍କ ଭଳି ପ୍ରଭାବଶାଳୀ ବ୍ୟକ୍ତି ଆଉ ନାହାଁନ୍ତି । ଦାଣ୍ଡୀଯାତ୍ରା ବେଳେ ଗାନ୍ଧିଙ୍କ ପଛରେ ପାଗଳ ଭଳି ଧାଉଁଥିବା ଜନତାଙ୍କୁ ଦେଖି ଏଲ୍‌ବା ଦ୍ୱୀପରୁ ମୁକ୍ତ ହୋଇ ଆସିଥିବା ନେପୋଲଲିୟନଙ୍କ ପଛରେ ଫରାସୀ ଜାତି ଧାଇଁଥିବା କଥା ମନେ ପକାଇଛନ୍ତି । ବାପୁଙ୍କ ଭିତରେ ବାପାଠାରୁ ମାଆର ରୂପଟି ଉଜ୍ଜ୍ୱଳ ଦିଶେ ବୋଲି ବିନୋବାଜୀଙ୍କ ମତ ସେ ଉଲ୍ଲେଖ କରିଛନ୍ତି । ଜିୟ ଗାନ୍ଧିଙ୍କୁ Mr. ଗାନ୍ଧି ଡାକୁଥିଲେ । ଗାନ୍ଧି ତାଙ୍କୁ 'କ୍ୱାୟଦେ ଆଜମ ଜିନ୍ନା' ବୋଲି ସମ୍ମାନର ସହିତ ସମ୍ବୋଧନ କରୁଥିଲେ । ଏହା ମଧ୍ୟ ଥିଲା ଗାନ୍ଧି ବ୍ୟକ୍ତିତ୍ୱର ଅନନ୍ୟତା । ଲେଖକଙ୍କ ଭାଷାରେ - ''ବିଶ୍ୱକବିଙ୍କର 'ଏକ୍‌ଲା ଚଲୋ' ଗୀତଟି ତାଙ୍କର ଅତ୍ୟନ୍ତ ପ୍ରିୟ X X X ଯଦି ସକ୍ରେଟିସଙ୍କୁ 'ଏକ୍‌ଲା ଚଲୋ' ଗୀତଟି ଜଣା ଥାଆନ୍ତା, ତେବେ ଲେଖକର ବିଶ୍ୱାସ, ଅନେକ ସମୟରେ ସେ ଏଥେନ୍‌ସର ରାସ୍ତାଘାଟରେ ଏଇ ଗୀତକୁ ଗୁଣୁ ଗୁଣୁ ଗାଇ ଚାଲିଥାଆନ୍ତେ । ନିଜର ଓ ନରବାସୀଙ୍କର ଆତ୍ମାର ଯତ୍ନ ନେବା ସଂକ୍ରେଟିସଙ୍କର କର୍ତ୍ତବ୍ୟଥିଲା ପ୍ଲେଟୋଙ୍କ ଭାଷାରେ ଘୁମେଇ ପଡ଼ିଥିବା ନଗରବାସୀଙ୍କୁ ସକ୍ରେଟିସ ଡାଆଁଶ ପରି କାମୁଡ଼ି ସେମାନଙ୍କ ତନ୍ଦ୍ରା ଭାଂଗୁଥିଲେ । ଏଇ ଦୁଇଟି କାମ ଭାରତବାସୀଙ୍କ ପାଇଁ ଗାନ୍ଧି କରୁଥିଲେ । ଡାଆଁଶ କାମୁଡ଼ାରେବିରକ୍ତ ହୋଇ ଏଥେନ୍‌ସବାସୀ ସକ୍ରେଟିସ୍‌ଙ୍କୁ ମାରିଲେ । ଆମେ ଗାନ୍ଧିଙ୍କୁ ମାରିଲୁ ।'' (ଗାନ୍ଧି ମଣିଷ ପୃ.୧୪)

ଏହିଭଳି ଭାଷା ପ୍ରୟୋଗ ଓ ଯୁକ୍ତି ଯୁକ୍ତ ଅତୀତର ଉଦ୍‌ଭାସନ କେବଳ ଶରତ କୁମାର ମହାନ୍ତିଙ୍କ ଭଳି ଲେଖକଙ୍କ ପକ୍ଷରେ ସମ୍ଭବ । କେବଳ ସେତିକି ନୁହେଁ ରାମାୟଣ ମହାଭାରତରୁ ଅନେକ କାହାଣୀ ମଧ୍ୟ ସେ ଏଥିରେ ଉଦ୍ଧାର କରିଛନ୍ତି । ଜବାହର କିଭଳି ଗାନ୍ଧିଙ୍କ ଦ୍ୱାରା ପ୍ରଭାବିତ ହୋଇଥିଲେ ତାର ଏକାଧିକ ଉଦାହରଣ ଏ ପୁସ୍ତକରେ ରହିଛି । ଥରେ କୌଣସି କାର୍ଯ୍ୟପାଇଁ ମନ ପ୍ରାଣ ଢ଼ାଳିଦେଲେ ତାହା କିଭଳି ସଂପନ୍ନ ହୁଏ ଓ ତାହା ସଦ୍‌ବୁଦ୍ଧି ପରିଚାଳିତ ହେଲେ କିଭଳି ଅଧିକ ପ୍ରଭାବଶାଳୀ ହୁଏ ଲେଖକ ଖୁବ୍ ସଚେତନ ଭାବରେ ତାହା ଏହି ପୁସ୍ତରେ ଉଲ୍ଲେଖ କରିଛନ୍ତି । ଏହି ପୁସ୍ତକରୁ ୧୦୬ ପୃଷ୍ଠା ମାତ୍ର ଆମର ପଠ୍ୟକ୍ରମର ଅନ୍ତର୍ଭୁକ୍ତ ।

ସୁଭାଷ ବୋଷ ଓ ଗାନ୍ଧିଙ୍କ ନୀତିରେ ଯଥେଷ୍ଟ ପାର୍ଥକ୍ୟ ଥିଲା । ମାତ୍ର ଗାନ୍ଧିଙ୍କଠାରୁ ବାଟଭାଂଗି ଚାଲିଯାଇଥିବା ସୁଭାଷ ରେଙ୍ଗୁନ୍ ରେଡ଼ିଓରୁ ତାଙ୍କୁ ସମ୍ବୋଧନ କରି ବାରମ୍ବାର 'ହେ ଜାତିର ଜନକ ଗାନ୍ଧି' ବୋଲଲି ସମ୍ବୋଧନ କରି ଭାଷର ଦେଇଥିଲେ । ଏଭାବକୁ ସମଗ୍ର ଭାରତ ବର୍ଷ ସ୍ୱତଃସ୍ଫୁର୍ତ୍ତ ଭାବେ ଗ୍ରହଣ କରି ନେଇଛି ।

ସେଇମିତି 'ମହାତ୍ମା' ସମ୍ବୋଧନ । ପ୍ରଥମେ କବିଗୁରୁ ରବୀନ୍ଦ୍ରନାଥ ୧୯୧୬ର ତାଙ୍କୁ ମହାତ୍ମା ବୋଲି ସମ୍ବୋଧନ କରିଥିଲେ । ସରାଜିନୀ ନାଇଡୁଙ୍କ ମର ୧୯୧୪ ବେଳକୁ ସେ ଲଣ୍ଡନରେ ଗାନ୍ଧିଙ୍କୁ ଭେଟିବା ବେଳକୁ ଏଡାକ ତାଙ୍କ କାନରେ ପଡ଼ିଛି । ମାତ୍ର ରବୀନ୍ଦ୍ରନାଥଙ୍କର ଏତାଦୃଶ ସମ୍ବୋଧନ ପରେ ତାହା ଗୃହୀତ ହୋଇ ଯାଇଛି ଦକ୍ଷିଣ ଆଫ୍ରିକାରୁ ଲଣ୍ଡନ ବାଟ ଦେଇ ଭାରତ ଫେରିବା ବେଳକୁ ତାଙ୍କ ଭିତରେ ମହାତ୍ମା ଭାବ ଅଂକୁରିତ ହୋଇସାରିଥିଲା । ତାଙ୍କର

ବାଲ୍ୟନାମ 'ମୋହନ' ବା 'ମୋହନିଆ'କୁ ସେ ସାର୍ଥକ କରିଛନ୍ତି । କାରଣ ସେ ତାଙ୍କର ବ୍ୟକ୍ତିତ୍ୱ ବଳରେ ଅନେକଙ୍କୁ ମୋହଗ୍ରସ୍ତ କରି ଦେଉଥିଲ ।

ପ୍ରତ୍ୟେକ ଧର୍ମର ଗ୍ରନ୍ଥ ସେ ପାଠ କରୁଥିଲେ ଓ ସବୁ ଧର୍ମରେ କିଛି କିଛି ଦୁର୍ବଳତା ଥିବା ଉପଲବ୍ଧି କରିଥିଲେ । ତେଣୁ ଯେଉଁମାନେ ତାଙ୍କୁ ନିର୍ଦ୍ଦିଷ୍ଟ ଧର୍ମ ନେବାକୁ ପ୍ରଭାବତ କରୁଥିଲେ ତାଙ୍କ ପାଇଁ ଗାନ୍ଧିଙ୍କର ଉତ୍ତର ଥିଲା ଯେ ଯଦି କୌଣି ଧର୍ମ ତ୍ରୁଟିଶୂନ୍ୟ ନୁହେଁ, ତେବେ ସେ ନିଜ ଧର୍ମ ଛାଡ଼ିବେ କାହିଁକି ? କିନ୍ତୁ ଅନ୍ୟ ଧର୍ମପ୍ରତି ତାଙ୍କର ଅସୂୟା ନ ଥିଲା ବରଂ ସମ୍ମାନ ଥିଲା । ଗାନ୍ଧିଙ୍କୁ କେହି 'ମହାତ୍ମା' ସମ୍ବୋଧନ କଲେ ସେ କହୁଥିଲେ 'ମହାତ୍ମାଙ୍କ ଦୁଃଖ ମହାତ୍ମାଙ୍କୁ ଦଶା' ଅର୍ଥାତ୍ ମହାତ୍ମା ହେବା ବେଶ୍ କ୍ଳେଶଦାୟକ କାରଣ ତାହାଦ୍ୱାରା ବ୍ୟକ୍ତିଗତ ଜୀବନ ପ୍ରଭାବିତ ହୁଏ ଓ ନାନା ଅଶାନ୍ତି ଘରକୁ ଆସେ ।

ଜାତିର ଜନକ ମହାତ୍ମାଗାନ୍ଧିଙ୍କ ଜୀବନୀର ଏହି ଅଂଶତକ ପାଠକଲେ ଜଣାଯାଏ ଯେ ଦକ୍ଷିଣ ଆଫ୍ରିକା ହିଁ ଗାନ୍ଧିଙ୍କୁ ରୀତିମତ ଗାନ୍ଧି ଭାବେ ଗଢ଼ି ଭାରତକୁ ପଠାଇଛି । ତା ନହେଲେ ସରଳ ଭୀରୁ ମୋହନ ସମଗ୍ର ଭାରତୀୟ ଜନତାର ନେତୃତ୍ୱ ଦେଇଥାଆନ୍ତେ କିପରି ? ଭାରତ ବର୍ଷର ପ୍ରଥମ ରାଜନୀତିକ ଅଭିଜ୍ଞତା ନିକଟରେ ଆମର ପାଠ୍ୟକ୍ରମ ଶେଷ ହୋଇଛି । ମାତ୍ର ଗାନ୍ଧି ମଣିଷ ପଠନ ଯେ ଆମ ବ୍ୟକ୍ତିତ୍ୱକୁ ଅବଶ୍ୟ ମାର୍ଜିତ କରିପାରିବ ଏହା ନିଃସନ୍ଦେହ ।

**ଗାନ୍ଧିଜୀଙ୍କୁ ପ୍ରଭାବିତ କରିଥିବା ବ୍ୟକ୍ତି ବିଶେଷ –**

ବାପାଙ୍କର କର୍ତ୍ତବ୍ୟ ନିଷ୍ଠା ଓ ମାଆଙ୍କର ଦୃଢ଼ ମନୋବଳ ତଥା ଈଶ୍ୱରବିଶ୍ୱାସ

ମାଉଜୀଭାଇ ଓ ବେଖୁରଜୀ ଜୈନ ସନ୍ୟାସୀ

Mr. ମଜୁମଦାନର (ଜାହାଜରେ ଯିବାବେଳେ ବନ୍ଧୁ) Henry Salt (ନିରାମିଷ ଭୋଜନସପକ୍ଷରେ)

ନାରାୟଣ ହେମଚନ୍ଦ୍ର (କବି ଅନୁବାଦକ)

ଦାଦା ଅବଦୁଲ୍ଲା (ଦକ୍ଷିଣ ଆଫ୍ରିକା ନେଇଥିବା ବ୍ୟବସାୟୀ)

ରାୟଚନ୍ଦଭାଇ – ବମ୍ବେର ଜଣେ ଜହୁରୀ, ହରା ନିଳା ମୋତିର ବ୍ୟବସାୟୀ ଈଶ୍ୱର ସାକ୍ଷାତ୍କାର ପାଇଁ ବ୍ୟାକୁଳ ଥିଲେ । ସେ ଥିଲେ ଶତବାଦିନୀ ଅର୍ଥାତ୍ ଏକ ସମୟରେ ଚେସ୍‌କେଳ, ଗଣିତର ପ୍ରଶ୍ନ ଉତ୍ତର, କବିତା ରଚନା ବାଦ୍ୟ ବଜାଇବା ଓ ଜଟିଳ ଗ୍ରନ୍ଥ ପଠନ । ଆଧାତ୍ମିକ ସଂକଟ କାଳରେ ଗାନ୍ଧି ରାୟଚାନ୍ଦ ଭାଇଙ୍କ ସହଯୋଗ ଲୋଡୁଥିଲେ ।

**ପୁସ୍ତକ –**

ଭଗବଦ୍‌ଗୀତା – Arnoldଙ୍କ ଅନୁବାଦ ଇଂରାଜୀ

ରସ୍କିନଙ୍କର– Into the last

ଟଲଷ୍ଟଲଙ୍କର–The kingdom of God within you

ମ୍ୟାକ୍ସମୁଲାରଙ୍କର –India, what each it teach us

Light of Asia - Arnold

Hero & Hero worshi - କାର୍ଲାଇଲ

ଉପନିଷଦ୍‌ର ଅନୁବାଦ (Theosuphical socity ଦ୍ୱାରା)

ବୁଦ୍ଧ ଓ ମହମ୍ମଦଙ୍କ ଜୀବନୀ

ବିବେକା ନନ୍ଦଙ୍କ ରାଜଯୋଗ

ପତଞ୍ଜଳିଙ୍କର ଯୋଗସୂତ୍ର

**ଦୀର୍ଘ ପ୍ରଶ୍ନ ଉତ୍ତର –**

୧. ଗାନ୍ଧିଜୀଙ୍କୁ ଜାତିର ଜନକ କହିବାର ତାତ୍ପର୍ଯ୍ୟ ପଠିତାଂଶ ଅବଲମ୍ବନରେ ଲେଖ ।

୨. ଗାନ୍ଧିଜୀଙ୍କ ପିଲାଦିନର ଏକ ଚିତ୍ର ପଠିତ ପୁସ୍ତକ ଅନୁସରଣରେ ପ୍ରସ୍ତୁତ କର ।

୩. କାହିଁକି ଓ କି ପରିସ୍ଥିତିରେ ଗାନ୍ଧି କ'ର ପାଇଁ ବିଦେଶ ଯାଇଥିଲେ ଆଲୋଚନା କର ।

୪. ବିଦେଶ ଭ୍ରମଣର ଅନୁଭୂତି ନେଇ ଗାନ୍ଧି କଣ କଲେ ?

୫. ପାଠପଢ଼ାଓ ବିବାହ କାଳୀନ ଅନୁଭୂତି ବର୍ଣ୍ଣନା କର ।

୬. କେଉଁ ପୁସ୍ତକ ଓ କେଉଁ ଦୃଶ୍ୟ ଦ୍ୱାରା ଗାନ୍ଧି ଅଧିକ ପ୍ରଭାବିତ ହୋଇଛନ୍ତି ?

୭. ସେ ଦକ୍ଷିଣ ଆଫ୍ରିକା କେଉଁ ପରିସ୍ଥିତିରେ ଗଲେ ଓ ସେଠାରେ କ'ଣ କଲେ ?

୮. ନାଟାଲ ଭାରତୀୟ କଂଗ୍ରେସ କ'ଣ ? ଏହା କେଉଁଠି କେଉଁ ଆଭିମୁଖ୍ୟ ନେଇ ପ୍ରତିଷ୍ଠିତ ହୋଇଥିଲା ?

୯. ଗାନ୍ଧିଙ୍କୁ ତତ୍‌କାଳୀନ ନେତୃବର୍ଗ କିଭଳି ଗ୍ରହଣ କରୁଥିଲେ ।

୧୦. ଭାରତ ଫେରିବା ପରେ ସେ କ'ଣ କଲେ ?

୧୧. Green palmplet କ'ଣ ? ଏହା କିଭଳି କାର୍ଯ୍ୟ କରିଥିଲା ?

୧୨. ଗାନ୍ଧିଙ୍କ ଜୀବନର ପ୍ରଥମ ସୃଜନାତ୍ମକ ଅନୁଭୂତି କ'ଣ ?

୧୩. କଲିକତା ଜାତୀୟ କଂଗ୍ରେସର ଗାନ୍ଧି କ'ଣ ଦେଖିଲେ ଓ କି କାର୍ଯ୍ୟ କଲେ ।

୧୪. ପଶୁବଳି ଓ ଜୀବେଦୟ ସଂପର୍କରେ ତାଙ୍କର ଅନୁଭବ ଉଦାହରଣ ସହିତ ବୁଝାଇ ଲେଖ ।

୧୫. ଦକ୍ଷିଣ ଆଫ୍ରିକାରେ ତାଙ୍କ ଘରକରଣା ସଂପର୍କରେ ନିବନ୍ଧ ଲେଖ ।

–୦–

# ଏମ୍. ଏ.

# ଓଡ଼ିଆ ପାଠ୍ୟକ୍ରମ

## ସପ୍ତମ ପତ୍ର

ୟୁନିଟ୍ -୧, ୨, ୩

ପ୍ରଫେସର ସଂଘମିତ୍ରା ମିଶ୍ର
ଡ. ଦେବାଶିଷ ପାତ୍ର

D D C E
Education for All

**ଦୂର-ନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟ**

ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର

ଭୁବନେଶ୍ୱର